# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୪/୨୦୧୮ (୨୦ ପୃଷ୍ଠା ) Sambalpur, Friday, September 14/ 2018 ★★

୧୪ଶ ଭାଗ ୨୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ ଦୂତୀ**

ଆସନ୍ତାବର୍ଷ ହେବାକୁଥିବା ଏସିଆନ ଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପର୍ଯ୍ୟନ୍ତ ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ।

୧୧

୧୪

**ମହିଳା ନିଜ ସୌନ୍ଦର୍ଯ୍ୟ ପାଇଁ ଗର୍ବ କରିବା ଉଚିତ: ଜାହ୍ନବୀ**

ପ୍ରତ୍ୟେକ ମହିଳା ନିଜ ସୌନ୍ଦର୍ଯ୍ୟ ପାଇଁ ଗର୍ବ ଅନୁଭବ କରିବା ଉଚିତ। ଏ ବାବଦରେ କୌଣସି ଅନୁଶୋଚନା କରିବା ଉଚିତ ନୁହେଁ ବୋଲି ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ପ୍ରକାଶ କରିଛନ୍ତି ।








# ଆଜି ନୂଆଁଖାଇ

**■ଉତ୍ସବମୁଖର ପଶ୍ଚିମ ଓଡ଼ିଶା**
**■ସମଲେଇ ମନ୍ଦିର ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ**

ସମ୍ବଲପୁର,୧୩।୯ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ବଡ଼ ତିହାର ନୂଆଁଖାଇ । ଶୁକ୍ରବାର ସକାଳ ପାଇଲେ ଇଷ୍ଟଦେବୀ ସମଲେଇଙ୍କଠାରେ ନବାନ୍ନ ଭୋଗ ଲାଗିବ । ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ରୀତିନୀତି ଓ ପରମ୍ପରା ସହ ପାଳିତ ହେବ । ତେଣୁ ପୁରପଲ୍ଲୀ ଉତ୍ସବ ମୁଖର ହୋଇଛି । ଘର ଛାଡ଼ି ବାହାରେ ରହୁଥିବା ପରିବାର ସଦସ୍ୟମାନେ ଘରକୁ ଫେରି ଆସିଛନ୍ତି । ଶେଷ ହୋଇଛି ସମସ୍ତ ପ୍ରସ୍ତୁତି । କେବଳ ଅପେକ୍ଷା ସେହି ଶୁଭ ମୁହୂର୍ତ୍ତକୁ ।

ଗୁରୁବାର ମଧ୍ୟାହ୍ନରେ ଇଷ୍ଟଦେବୀ ସମଲେଇଙ୍କ ସିନ୍ଦୂର ଅର୍ପଣ ନୀତି ଶେଷ ହୋଇଛି । ଏହାପରେ ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରାଯାଇଛି । ସକାଳ ୮ଟାରେ ୧୧୫ ଦେବଦେବୀଙ୍କୁ ସ୍ନାନ କରାଯାଇଥିଲା । ଏହାପରେ ମୂଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସିନ୍ଦୂର ଓ ଜଡାତେଲର ମିଶ୍ରଣ ପ୍ରସ୍ତୁତି କରିଥିଲେ । ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ । ଘଣ୍ଟ ଶଙ୍ଖ, ହରିବୋଲ ହୁଳହୁଳିରେ ଉଚ୍ଛୁଳି ପଡିଥିଲା ମନ୍ଦିର ପରିସର । କ୍ରମାନ୍ୱୟରେ ଦେବଦେବୀଙ୍କୁ ସିନ୍ଦୁର ଅର୍ପଣ କରି ପ୍ରଣିପାତ ହୋଇଥିଲେ ଶ୍ରଦ୍ଧାଳୁ । ଦେବେନ୍ଦ୍ର ରାୟ, ଗିରିଧାରୀ ରାୟ, ଶୁଭମ ରାୟ, ପ୍ରକାଶ ରାୟ, ଚିତ୍ତରଞ୍ଜନ ରାୟ, ପଙ୍କଜ ରାୟ ପ୍ରମୁଖ ଏହି କାର୍ଯ୍ୟ ପରିଚାଳନା କରିଥିଲେ ।

ଏଥିପାଇଁ ମନ୍ଦିର ପ୍ରବେଶ ଦ୍ୱାରରେ ଫୁଲ ଓ ଆଲୋକମାଳା ସଜ୍ଜିତ କରାଯାଇଛି । ବିଭିନ୍ନ ରଙ୍ଗିନ ଆଲୋକମାଳାରେ ମନ୍ଦିର ଝଟକୁଛି । ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୁଷଣ ପ୍ରସ୍ତୁତ କରାଯାଇଛି । ସନ୍ଧ୍ୟା ୬ଟାରେ ମୁଖ୍ୟ ପୂଜକ ରାୟଙ୍କ ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ପହଞ୍ଚିଛି । ସାରୁ ପତ୍ରରେ ଶାଗ ପ୍ରସ୍ତୁତ କରି ସମଲେଇଙ୍କୁ ଅର୍ପଣ କରିବା ବିଧି ରହିଛି । ଏତତ୍‌ବ୍ୟତୀତ ପଶ୍ଚିମ ଓଡିଶା ଅନ୍ତର୍ଗତ ବୌଦ୍ଧର ଭୈରବୀ, ନୂଆଁପଡା ଜିଲାର ଟାଙ୍ଗ୍ୱାଟ୍ କଣା ଭଇରା, ବରଗଡ଼ ଓ ଝାରସୁଗୁଡ଼ାର ସମଲେଇ, ସୁନ୍ଦରଗଡ଼ ଜିଲାର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ନୂଆଁଖାଇ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଛି ।

ଗାଁ ଓ ସହର ଛାଡି ଦୂରରେ ରହୁଥିବା ପରିବାରବର୍ଗ ଗୁରୁବାର ଆସି ପହଞ୍ଚିଛନ୍ତି । ତେଣୁ ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଅଟୋଷ୍ଟାଣ୍ଡ ଓ ରିକ୍ସାଷ୍ଟାଣ୍ଡରେ ଭିଡ ଲାଗି ରହିଛି । ସେହିପରି ଝାଡୁଆପଡା ବଡଦୁଆରେ ସ୍ଥିତ ଆରଣ୍ୟକ ମଞ୍ଚ, ନନ୍ଦପଡା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡବଜାର ସମଲେଶ୍ୱରୀ ମଣ୍ଡପ ନୂଆଁଖାଇ ଭେଟଘାଟ ଲାଗି ସଜ୍ଜା ହୋଇଛି । ସୁସଜ୍ଜିତ ମଞ୍ଚ କଳାକାର ଓ ଅତିଥିଙ୍କ ଅପେକ୍ଷାରେ ରହିଛି । ସକାଳୁ ରାତ୍ରି ପର୍ଯ୍ୟନ୍ତ ସହରର ମୁଖ୍ୟବଜାର ଗୋଲବଜାର,ମୁଦିପଡା ଛକ ନିକଟସ୍ଥ ପୁରୁଣା ବସ୍‌ଷ୍ଟାଣ୍ଡ, କମଳିବଜାର, ଫାର୍ମ ରୋଡ, ଭିଏସ୍‌ଏସ୍ ମାର୍ଗ,ଚାରଭାଟି ଛକ, ବୁଢ଼ାରଜା, ମ୍ୟୁନିସିପାଲିଟି ଦୈନିକ ବଜାର, ଅଇଁଠାପାଲି କାଇଁଶିର, ଭାଲୁପାଲି ଛକ, ଧନୁପାଲି ଛକ, ଗୋବିନ୍ଦତୋଲା ବଡବଜାର, ମୁଦିପଡା ହଟଲି, ଲକ୍ଷ୍ମୀ ଟକିଜ୍ ଛକ ନିକଟ, କଚେରି ଛକ, ରେମେଡ ପ୍ରଭୃତି ଅଞ୍ଚଳରେ ନୂଆଁଖାଇ ବଜାର ବସିଥିଲା । ମହିଳା ଓ ପୁରୁଷ, ବାଳିକା ବାଳକମାନେ ନୂଆଁବସ୍ତ୍ର କିଣିବାକୁ ଦୋକାନଗୁଡିକରେ ଭିଡ ଲଗାଇଥିବା ଦେଖିବାକୁ ମିଳିଥିଲା ।



ଗୁରୁବାର ସିନ୍ଦୂର ଅର୍ପଣ ନୀତି ପରେ ସମଲେଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି ।

# ୩୨୮ ପ୍ରକାର ଔଷଧ ନିଷିଦ୍ଧ

ନୂଆଦିଲ୍ଲୀ,୧୩।୯

କେନ୍ଦ୍ର ସରକାର ଉଭୟ ସ୍ୱଦେଶୀ ଓ ବିଦେଶୀ ଔଷଧ କମ୍ପାନୀଙ୍କୁ ଝଟକା ଦେଇଛନ୍ତି। ସାରିଡନ ଭଳି ଯନ୍ତ୍ରଣାନାଶକ ଔଷଧ ଠାରୁ ଆରମ୍ଭ କରି ସ୍କିନ କ୍ରିମ୍ ପେନ୍‌ଡ୍ରମ ସମେତ ଏକାଧିକ କମ୍ବିନେଶନର ୩୨୮ ପ୍ରକାର ଔଷଧକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷିଦ୍ଧ କରିଛନ୍ତି। ଅତ୍ୟଧିକ ରସାୟନରେ ପ୍ରସ୍ତୁତ ଏଭଳି ଔଷଧର ବ୍ୟବହାର ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁ ନ ଥିବାରୁ ଏଗୁଡିକୁ ନିଷିଦ୍ଧ କରାଗଲା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ଏଭଳି ଔଷଧର ଉତ୍ପାଦନ, ବିତରଣ ତଥା ବିକ୍ରିକୁ ତତ୍କାଳ ରୋକିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ହୋଇଥିବା ଔଷଧ ମଧ୍ୟରେ ଏକାଧିକ କଫ୍ ସିରଫ, ଥଣ୍ଡା, କାଶ ବ୍ୟତୀତ କିଛି ଆଣ୍ଟିବାୟୋଟିକ ଔଷଧ ସାମିଲ ହୋଇଛି। କେନ୍ଦ୍ର ସରକାର ୨୦୧୬ରେ ଏଭଳି ୩୫୦ ଔଷଧକୁ ନିଷିଦ୍ଧ ଘୋଷଣା କରିଥିଲେ। ଏଗୁଡିକୁ ଫିକ୍ସ ଡୋଜ୍ କମ୍ବିନେଶନ୍ସ(ଏଫଡିସି) ଔଷଧ କୁହାଯାଏ। ଫାର୍ମା କମ୍ପାନୀଙ୍କ ମଧ୍ୟରେ ଲାଗି ରହୁଥିବା ଝଗଡାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏହାର ସମୀକ୍ଷା କରିବାକୁ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ଟିକସ କାଟ**

**ଆଜିର ମନ୍ତବ୍ୟ**

"ବୈଜ୍ଞାନିକମାନେ କିଛି ଭିନ୍ନ ଚିନ୍ତା କରିବା ସହ ଲୋକଙ୍କ ହିତ ପାଇଁ ଗବେଷଣା ଜାରି ରଖିବା ଉଚିତ ।
– ହର୍ଷବର୍ଦ୍ଧନ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ଅଗଷ୍ଟରେ ଭାରତ ବିଦେଶରୁ ୪୫.୨୪ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଛି। ପୂର୍ବବର୍ଷ ସମାନ ସମୟ ତୁଳନାରେ ଏହା ୨୫. ୪୧% ଅଧିକ। -ବିଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ

**ନୂଆଁଖାଇ ଅଭିନନ୍ଦନ**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକା ପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

# ଦାମୋଦରଙ୍କ ଅଭିଯୋଗ ହାସ୍ୟାସ୍ପଦ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଅଭିଯୋଗ ନିଷ୍ଫଳ ଓ ହାସ୍ୟାସ୍ପଦ। ଦାମବାବୁ ସବୁବେଳେ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥାନ୍ତି। ସେ ଆଣୁଥିବା ଅଭିଯୋଗ ମୂଲ୍ୟହୀନ। ନୂଆଦିଲ୍ଲୀରୁ ଫେରିବା ପରେ ଗୁରୁବାର ନବୀନ ନିବାସଠାରେ ଗଣମାଧ୍ୟମକୁ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦାମଙ୍କ ବହିଷ୍କାର ହେବାର ଦିନକ ପରେ ମୁଖ୍ୟମନ୍ତ୍ରୀ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଦାମ ଏବଂ ପୂର୍ବରୁ ବିଜେଡିରୁ ବହିଷ୍କୃତ ନେତାମାନେ ଏକାଠିହୋଇ ଏକ ରାଜନୈତିକ ଦଳ ଗଠନ କରିବା ସମ୍ଭାବନା ରହିଛି । ଏହାଦ୍ୱାରା ବିଜେଡି ପ୍ରଭାବିତ ହେବ କି ଏକ ପ୍ରଶ୍ନର ଜବାବରେ ନବୀନ କହିଛନ୍ତି ଯେ, ଏହା ତାଙ୍କ ନିଜସ୍ୱ ବ୍ୟାପାର । ଏଭଳି ହେଲେ ମଧ୍ୟ ରାଜ୍ୟରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।



ନବୀନ ନିବାସଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଛନ୍ତି ନବୀନ ପଟ୍ଟନାୟକ ।

**ନୂଆଦଳ ଗଢ଼ିଲେ କୌଣସି ଫରକ ପଡ଼ିବ ନାହିଁ**

ନବୀନ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବାବେଳେ ଦାମ ରାଉତଙ୍କୁ ଦଳରୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦଳ ବିରୋଧୀ କାର୍ଯ୍ୟରେ ଦାମ ନିଜକୁ ନିୟୋଜିତ କରୁଥିବା ନେଇ ଜଗତ୍‌ସିଂହପୁର ଜିଲାର କେତେକ ବିଜେଡି ନେତା ନବୀନଙ୍କ ନିକଟରେ ଫେରାଦ ହୋଇଥିଲେ। ବାଲିକୁଦା-ଏରସମା ☞ପୃଷ୍ଠା-୪


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 13.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 53 | 97 | 107 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers







# ନୂଆଁଖାଇରେ ପାରମ୍ପରିକ ଡଙ୍ଗାପୂଜା

> ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ । ଏହି ପର୍ବ ଯେ କେବଳ ଏକ ପରମ୍ପରା, ତାହା ନୁହେଁ । ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ତଥା ଐତିହ୍ୟର ପ୍ରତୀକଭାବେ ବର୍ଷ ପରେ ବର୍ଷ ରହି ଆସିଛି । ଏହି ପର୍ବରୁ ବାରି ହୋଇପଡ଼େ ଅଞ୍ଚଳବାସୀଙ୍କ ଜୀବନଜୀବିକା । ଏକତା, ସଂହତି ଓ ଭାଇଚାରାର ବାର୍ତ୍ତା ଦେଇଥାଏ ନୂଆଁଖାଇ।

ପୁରାକାଳରୁ ବିଭିନ୍ନ ଶସ୍ୟକୁ ନେଇ ପୃଥିବୀର ବିଭିନ୍ନ ସ୍ଥାନରେ ନୂଆଁଖାଇର ଭିନ୍ନ ଭିନ୍ନ ପରମ୍ପରା ରହିଛି । ବିଭିନ୍ନ ଋତୁର ଶସ୍ୟ ଓ ଫଳକୁ ନିଜର ଇଷ୍ଟଦେବୀ ଦେବତା ଓ ପୂର୍ବପୁରୁଷଙ୍କୁ ଅର୍ପଣ କରିବାର ବିଧି ରହିଛି । ନବ ଉତ୍ପାଦିତ ଧାନରେ ପ୍ରସ୍ତୁତ ଚୁରାକୁଁଡାକୁ ଚାଷୀ ଯେମିତି ଆପଣାର ଜୀବନ ଜୀବିକା ସହ ଜଡିତ ଗୁହାଳ, ଚାଷଜମିକୁ ଅର୍ପଣ କରିଥାଏ । ସେହିପରି ପଶ୍ଚିମ ଓଡିଶାର ମତ୍ସ୍ୟଜୀବୀ ସମୁଦାୟରେ ଚୁରାକୁଁଡାର ଭୋଗ ଦେଇ ଡଙ୍ଗାପୂଜା କରିବାର ବିଧି ରହିଛି । ଏହି ଲୋକପର୍ବରେ ବିଭିନ୍ନ ସମ୍ପ୍ରଦାୟରେ ବିଭିନ୍ନ ବିଧି ରହିଥିବା ବେଳେ ମତ୍ସ୍ୟଜୀବୀ ସମ୍ପ୍ରଦାୟରେ ଏକ ନିଆରା ପରମ୍ପରା ଚଳି ଆସୁଛି ।

**ପର୍ବ ପ୍ରସ୍ତୁତି:** ନୂଆଁଖାଇର ଯଥେଷ୍ଟ ପୂର୍ବରୁ ମତ୍ସ୍ୟଜୀବୀ ପରିବାରରେ ଏଥିପାଇଁ ପ୍ରସ୍ତୁତି ଚାଲିଥାଏ । ନୂଆଁଖାଇର ପୂର୍ବରାତିରେ ପରିବାରର ମହିଳାମାନେ ସ୍ନାନଶୌଚ ହୋଇ ଜଳାଧାରରୁ ପାଣି ନେଇ ଆସନ୍ତି ଗରିଆରେ । ସେଇ ରାତି ସମୟରେ ନିର୍ଜନ ବେଳା ଠାବ କରି ପାଣିକୁ ଲଚାଇ ଜଳସ୍ରୋତରୁ ହିଁ ଆଣିଥାନ୍ତି। ଏହି ପାଣିରେ ହିଁ ଭୋଗରାଗ ପ୍ରସ୍ତୁତି ହୋଇଥାଏ । ଗାଁ କିମ୍ବା ସହରର ଇଷ୍ଟଦେବୀଙ୍କ ପାଖରେ ନୂଆଁ ଲାଗିଲେ ନିଜ ଘରର ଇଷ୍ଟଦେବୀଙ୍କ ପାଖରେ ନୂଆ ଲାଗେ । ତା'ପରେ ଡଙ୍ଗାପୂଜା କରନ୍ତି ପରିବାର ମୁଖ୍ୟ ପୁରୁଷ । ଏ ସମ୍ପର୍କରେ ସଂସ୍କୃତି ଗବେଷକ ପୁରୁଷୋତ୍ତମ ମିଶ୍ର କହନ୍ତି, ପଶ୍ଚିମ ଓଡିଶାରେ ମତ୍ସ୍ୟଜୀବୀମାନେ ନୂଆଁଧାନ ଚୁରାକୁଁଡା ପ୍ରସ୍ତୁତ କରି ଆସେଳି ବାସେଳି, ବହ୍ଲବୀ, ମାଣିକେଶ୍ୱରୀ, ଲଙ୍କେଶ୍ୱରୀଦେବୀଙ୍କୁ ଅର୍ପଣ କଲାପରେ ଡଙ୍ଗାପୂଜା କରି ନୂଆଁ ଖାଇଥାନ୍ତି । ଆଗତ ବିପଦ ଆପଦରୁ ରକ୍ଷା କରିବା ପାଇଁ ଡଙ୍ଗାର ଦୁଇମଙ୍ଗରେ ଅଧିଷ୍ଠିତ ଦେବୀଙ୍କୁ ନୂଆଁଖାଇ ଦିନ ପୂଜା କରାଯାଏ । ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହନ୍ତି, ପଶ୍ଚିମ ଓଡିଶା ନଦୀ ବହୁଳ ଅଞ୍ଚଳ । ଆଗରୁ ନଦୀପଥର ଯୋଗାଯୋଗର ଏକମାତ୍ର ମଧ୍ୟମ ଥିଲା । ତେଣୁ ପଶ୍ଚିମ ଓଡିଶାର ଜନଜୀବନ ଓ ସଂସ୍କୃତି ଉପରେ ମତ୍ସ୍ୟଜୀବୀ ସମୁଦାୟର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଯେହେତୁ ତାଙ୍କ ଜୀବିକା ଡଙ୍ଗା ସହିତ ଜଡିତ ସେଥିପାଇଁ ନୂଆଁଖାଇ ଦିନ ଡଙ୍ଗାକୁ ପୂଜା କରିବାର ନିଆରା ପରମ୍ପରା ରହିଛି ।

**ଜୀବିକା ସହ ବନ୍ଧା ପରମ୍ପରା:** ସବୁ ସମୁଦାୟରେ ନୂଆଖାଇର ପରମ୍ପରା ଜୀବିକା ସହ ବନ୍ଧା ହୋଇ ରହିଛି । ମତ୍ସ୍ୟଜୀବୀ ସମୁଦାୟରେ ତାଙ୍କ ଜୀବିକା ସହିତ ଡଙ୍ଗାର ସମ୍ପର୍କ ନିବିଡ । ଏହି ଡଙ୍ଗା ହିଁ ତାଙ୍କ ଜୀବନର ଆଧାର । ଡଙ୍ଗାରେ ସେମାନଙ୍କ ସମୁଦାୟର ଅନେକ ପରିବାର ମାଛମାରି ତାଙ୍କ ଗୁଜୁରାଣ ମେଣ୍ଟାନ୍ତି । ନୂଆଁଖାଇରେ ମତ୍ସ୍ୟଜୀବୀ ପରିବାର ମୁଖ୍ୟ ଇଷ୍ଟଦେବୀଙ୍କୁ ନୂଆ ଧାନରେ ପ୍ରସ୍ତୁତ ଚୁରାକୁଣ୍ଡା ଓ ଭୋଗରାଗ ଦେଇ ପୂଜା କରିବା ପରେ ତାଙ୍କ ଜୀବନ ଜୀବିକାର ଆଧାର ଡଙ୍ଗାକୁ ପୂଜା କରନ୍ତି।

ଡଙ୍ଗାର ଆଗ ମଙ୍ଗରେ ପୂଜା ଘେନନ୍ତି ଇଷ୍ଟଦେବୀ । କେତେକ ବର୍ଗରେ କେବଳ ନୂଆଁଧାନରେ ହିଁ ସମସ୍ତ ଭୋଗ ଖିରି ଓ ଚକୁଳି ପିଠା ଆଦି ପ୍ରସ୍ତୁତି ହୁଏ । ସେଇ ପରିବାରର ମହିଳାମାନେ ନୂଆଁଧାନକୁ ଢ଼ିଙ୍କିରେ କୁଟି ଚାଉଳ ପ୍ରସ୍ତୁତି କରିଥାନ୍ତି । ସେମାନେ ଆଉ ଭୋଗ ଭାବେ ଚୁରାକୁଁଡା ପ୍ରସ୍ତୁତ କରି ନ ଥାନ୍ତି। ଅବଗା ନୂଆଁଧାନର ଖିରି ପିଠାକୁ ଭୋଗ ଭାବେ ଇଷ୍ଟଦେବୀଙ୍କୁ ଅର୍ପଣ କଲାପରେ ପରିବାର ମୁଖ୍ୟ ଡଙ୍ଗାପୂଜା କରିଥାନ୍ତି । ଯେଉଁମାନେ ଚରାକୁଣ୍ଡା ପ୍ରସ୍ତୁତ କରିଥାନ୍ତି ସେମାନେ ଡଙ୍ଗାପୂଜାରେ ଇଷ୍ଟଦେବୀଙ୍କୁ ଚୁରାକୁଁଡା ସହ ଅନ୍ୟ ଭୋଗ ଦେଇଥାନ୍ତି।

ଡଙ୍ଗା ପୂଜାର ପ୍ରସ୍ତୁତି ପାଇଁ ସକାଳୁ ସକାଳୁ ଡଙ୍ଗାକୁ ଧୁଆଧୋଇ କରି ବାଲିରେ ରଗଡି ସଫା କରାଯାଇଥାଏ । ପୁଣି ଏହି ଡଙ୍ଗାର ମଙ୍ଗରେ ପଟୁଆ ସନ୍ଦୁର ଲଗାଯାଏ । ପଟୁଆ ସିନ୍ଦୂର ବୋଲିଥାନ୍ତି । ପଟୁଆ କହିଲେ ବଡଡଙ୍ଗା ଅର୍ଥରେ ବୁଝାଇଥାଏ। ଏହି ସିନ୍ଦୂର ହନୁମାନଙ୍କ ପାଖରେ ମଧ୍ୟ ବ୍ୟବହୃତ ହୋଇଥାଏ । ସିନ୍ଦୂର ଓ କଳା ଜଡାତେଲରେ ବୋଳି ଡଙ୍ଗାର ମଙ୍ଗରେ ଲଗାଯାଏ ।

ଜଣେ ବର୍ଷୀୟାନ ମତ୍ସ୍ୟଜୀବୀ ବେଣୁଧର ନାଏକ କହନ୍ତି, ଡଙ୍ଗାର ମଙ୍ଗରେ ସିନ୍ଦୂର ଓ କଳା ଲଗାଇବା ପରେ ଚୌରାଶୀ ଦେବୀଙ୍କୁ ପୂଜା କରି ଆଗ ମଙ୍ଗରେ ଭୋଗରାଗ ଦେଉ । ଆମେ କରମଙ୍ଗ (ପଛମଙ୍ଗ)ରେ ସମଲାଇ ଦେବୀଙ୍କୁ ଭୋଗରାଗ ଦେଇ ପୂଜା ଦେଇଥାଉ । ଆଉ ଜଣେ ମତ୍ସ୍ୟଜୀବୀ କେଦାର ପାଣ୍ଡେ କହନ୍ତି, ସମସ୍ତଙ୍କ ଘରେ ଥିବା ଦେବୀକୁଠିରେ ନୂଆଁ ଅର୍ପଣ କଲା ପରେ ଜୀବିକା ସହ ଜଡିତ ଡଙ୍ଗାକୁ ମତ୍ସ୍ୟଜୀବୀମାନେ ପୂଜା କରନ୍ତି । ସବୁ ବିପଦ ଆପଦରୁ ରକ୍ଷା କରିବା ପାଇଁ ବିଭିନ୍ନ ଇଷ୍ଟଦେବୀଙ୍କୁ ସୁମରଣା କରିଥାନ୍ତି। ଡଙ୍ଗାପୂଜା ପରେ ସାତ ବାହନୀଙ୍କୁ ସାତ ଆଞ୍ଜୁଳା, ଗଙ୍ଗାଦେବୀଙ୍କୁ ତିନି ଆଞ୍ଜୁଳା କରି ଲଙ୍କେଶ୍ୱରୀଙ୍କୁ ତିନି ଆଞ୍ଜୁଳା, ଜାଗତଜୁଗତଙ୍କୁ ତିନି ଆଞ୍ଜୁଳା ପାଣି ଟେକିବା ପରେ ସେଇ ଦେବୀଙ୍କ ପାଇଁ ଜଳଧାରରେ କ୍ଷୀର, ଫୁଲ ଓ ପଟୁଆସିନ୍ଦୂର ଅର୍ପଣ କରାଯାଏ ।

**ଆର ବଛରେ ଫେର ଭେଟଘାଟ :** ଡଙ୍ଗାପୂଜା ପରେ ପରିବାରର ବୟୋଜ୍ୟେଷ୍ଠ ମହିଳା/ପୁରୁଷ ଅନ୍ୟମାନଙ୍କୁ ସମସ୍ତଙ୍କୁ ନୂଆଁ ଦେବା ପରେ ଏକତ୍ରିତ ହୋଇ ସଭିଏଁ ନୂଆଁ ଖାଇଥାନ୍ତି । ଏହାପରେ ମାନ୍ୟ ଅନୁଯାୟୀ ଜୁହାର ଭେଟ ହୋଇଥାନ୍ତି । ଜୁହାର ଭେଟ ପରେ ନୂଆଁଖାଇ ପାଇଁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଅନ୍ନ ବ୍ୟଞ୍ଜନ ପରିବାରର ସମସ୍ତେ ଏକତ୍ରିତ ଭାବେ ଖାଇଥାନ୍ତି । ନିଜ ପରିବାରରେ ଖାଇବା ପରେ ପଡୋଶୀ ଓ ସମ୍ବନ୍ଧଙ୍କ ସହ ଭେଟଘାଟ ହୋଇଥାନ୍ତି।

ଏହି ନୂଆଁଖାଇର ଭେଟଘାଟ ପରେ ଜିଇଁଥିଲେ ଯାଇ ଆର ବଛରେ ଫେର ଭେଟଘାଟ । ଯାହା ମନ ଫଟାଫଟି ସେଇ ମୁହୂର୍ତ୍ତରେ ମେଣ୍ଟି ଯାଇଥାଏ । ଭାଇଭାଇର କାନ୍ଥ ହେଉ କି ବାଡ୍ରାଣ କଣ୍ଟାର ବାଡ ଭାଙ୍ଗିଥାଏ ଏହି ଲୋକପର୍ବ। ଏକତା ସୂତ୍ରରେ ବାନ୍ଧି ପଶ୍ଚିମ ଓଡିଶାର ଜନଜୀବନକୁ ଭାଇଚାରାର ଡୋରିରେ ଶକ୍ତ କରିଥାଏ ।

*ରିପୋର୍ଟ : ଆଦିତେଶ୍ୱର ମିଶ୍ର*



ଗୁରୁବାର ସମ୍ବଲପୁରରେ କାରିଗରମାନେ ସମଲେଶ୍ୱରୀଙ୍କ ଆଭୂଷଣ ସଫେଇ କରୁଛନ୍ତି ।






















^Ex-showroom price Odisha of TVS Sport KS Spoke BS IV Variant. Prices subject to change without prior notice. **5 year warranty without any additional charges.
##Finance at the sole discretion of the financer. Schemes cannot be clubbed. TVS Showrooms are open on all Sundays. T&C apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR:** Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042.




Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR
NEXA Raj Bhavan Road (NARAYANI MOTORS) Ph: 7381000102
NEXA Cyber City (JYOTE MOTORS) Ph: 8338033884
NEXA Twin City (SKY AUTOMOBILES) Ph: 9776497764/7064400101

BALASORE
NEXA Balasore Highway (JYOTE MOTORS) Ph: 8338033994

SAMBALPUR
NEXA Sambalpur Highway (ODYSSEY MOTORS) Ph: 8599039994

CUTTACK
NEXA Stadium Rd (JYOTE MOTORS) Ph: 8338033889

ROURKELA
NEXA Civil Town (ORBIT MOTORS) Ph: 8337900222, 7077727977



ଅଜ୍ଞଙ୍କୁ ବୁଝାଇବା ସହଜ, ବିଜ୍ଞଙ୍କୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ବିଶ୍ୱଜିତ୍
ପରିବାରବର୍ଗ



ଦୁଃଶାସନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୂର୍ଯ୍ୟମନ୍ଦିର ବୁଲିଲେ ଭିଏତ୍‌ନାମ ଯୁବ ପ୍ରତିନିଧି ଦଳ

**କୋଣାର୍କ, ୧୩।୯(ଡି.ଏନ୍.ଏ.)**

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଭାବବିନିମୟ କାର୍ଯ୍ୟକ୍ରମରେ ଭିଏତ୍‌ନାମ ଯୁବ ପ୍ରତିନିଧି ଦଳ ଗୁରୁବାର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ପ୍ରତିନିଧି ଦଳ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ଅଧିକାରୀ ନେରାଜ ଚନ୍ଦ୍ର ପୂଜାରୀ, ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ଅଧିକାରୀ ସଞ୍ଜୀବ ମଙ୍ଗରାଜ, ପୁରୀ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ପ୍ରବୀର ପ୍ରଧାନ, ଶୁଭେନ୍ଦୁ ସାହୁ, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍. ରାମକୃଷ୍ଣ, ସୁରକ୍ଷା ସମିତି ସଭାପତି ବାଦଲ ଦାଶ ଓ ନିର୍ମଳ ପ୍ରଧାନ ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିର ଏକତା ଓ ଅଖଣ୍ଡତା ବିଷୟରେ ପ୍ରତିନିଧି ଦଳକୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଖବରଦାତା ପ୍ରତାପ କାଣ୍ଡି ଓ ଶୁଭ୍ରାଂଶୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



## ୧୭% ଛାତ୍ରୀଛାତ୍ରଙ୍କ ପାଖରେ ନାହିଁ ଆଧାର

ଭୁବନେଶ୍ୱର, ୧୩।୯(ବ୍ୟୁରୋ)- ସ୍କୁଲ ଡିଷ୍ଟ୍ରିକ୍ଟ ମ୍ୟାନେଜମେଣ୍ଟ ଇନ୍‌ଫରମେଶନ ସିଷ୍ଟମ୍(ଏସ୍‌ଡିଏମ୍‌ଆଇଏସ୍)ର ୨୦୧୭-୧୮ ତଥ୍ୟ ଅନୁସାରେ ରାଜ୍ୟର ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ୧୭% ଛାତ୍ରୀଛାତ୍ରଙ୍କ ପାଖରେ ଆଧାର କାର୍ଡ ନାହିଁ। ୨୦୧୮-୧୯ ଶିକ୍ଷାବର୍ଷରେ ଏସ୍‌ଡିଏମ୍‌ଆଇଏସ୍‌ରେ ଆଧାର ଅପଗ୍ରେଡେଶନ ବେଳେ ଯେଉଁ ଛାତ୍ରୀଛାତ୍ରଙ୍କ ଆଧାର ନ ଥିବ ସେହି ସ୍କୁଲର ପ୍ରଧାନଶିକ୍ଷକ ପିଲାଙ୍କୁ ନେଇ ନିକଟ ଆଧାର କେନ୍ଦ୍ରରେ ନାମ ପଞ୍ଜୀକରଣ କରାଇବାକୁ ଓପେପା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଏଯାଏ ତାହା ସମ୍ପୂର୍ଣ୍ଣ ଭାବେ କରାଯାଇ ନାହିଁ। ଆସନ୍ତା ୨୦ ସୁଦ୍ଧା ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲର ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ସାରିବାକୁ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରାଧିକରଣ କର୍ତ୍ତୃପକ୍ଷ(ଓପେପା) ପକ୍ଷରୁ କୁହାଯାଇଛି। ଏ ନେଇ ଓପେପା ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର ନାହିଁ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ସହଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଧରି ନିକଟ ଆଧାର କେନ୍ଦ୍ରକୁ ଯାଇ ନାମ ପଞ୍ଜୀକରଣ କରିବେ। କେତେକ ବ୍ୟାଙ୍କ ଏବଂ ଡାକ ଘରେ ବର୍ତ୍ତମାନ ଆଧାର କେନ୍ଦ୍ର ଖୋଲିଛି। ଏହି ତାଲିକାକୁ ମଧ ନିର୍ଦ୍ଦେଶନାମା ସହିତ ଓପେପା ଅପ୍‌ଲୋଡ କରିଛି। ସ୍କୁଲ ଶିକ୍ଷକ ଏହି ତାଲିକାକୁ ଦେଖି ନିକଟ ବ୍ୟାଙ୍କ କିମ୍ବା ଡାକ ଘରକୁ ଯାଇ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜିକରଣ କରିବେ। ପରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ କରାଯାଇଥିବା ସମ୍ପର୍କରେ ପ୍ରଧାନଶିକ୍ଷକ ଉପସ୍ଥିତ ଅଧିକାରୀଙ୍କୁ ଲିଖିତ ଜଣାଇବେ। ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷାଧିକାରୀ ସ୍କୁଲରେ ଶତପ୍ରତିଶତ ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜୀକରଣ ନେଇ ଓପେପା ପାଖରେ ଘୋଷଣା ପତ୍ର ଦାଖଲ କରିବେ। ୨୨ ତାରିଖ ଭିତରେ ଏସ୍‌ଡିଏମ୍‌ଆଇଏସ୍ ସମସ୍ତ ଛାତ୍ରୀଛାତ୍ରଙ୍କ ଆଧାର ତଥ୍ୟ ଅପ୍‌ଲୋଡ କରିବାକୁ ନିର୍ଦ୍ଦେଶହୋଇଛି।

# ୧୫ରେ ମଧ୍ୟପ୍ରଦେଶ ଫେରିବ 'ସୁନ୍ଦରୀ'

**ବନ୍ତଳା, ୧୩।୯(ଡି.ଏନ.ଏ.)**



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କ ପାଇଁ ଆତଙ୍କ ସାଜିଥିବା ବାଘୁଣୀ ସୁନ୍ଦରୀକୁ ମଧ୍ୟପ୍ରଦେଶ ଫେରାଇ ଦିଆଯିବ। ଆସନ୍ତା ୧୫ ତାରିଖରେ ବାଘୁଣୀକୁ ଟ୍ରାଙ୍କୁଲାଇଜ ପାଇଁ ଟିମ୍ ଏଠାକୁ ଆସୁଥିବା ବନ ବିଭାଗ ଓ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଉତ୍ତ୍ୟକ୍ତ ଲୋକଙ୍କୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଟିକରପଡ଼ାରେ ଦେଖାଦେଇଥିବା ଉତ୍ତେଜନା ପରିସ୍ଥିତି ଗୁରୁବାର ଥମିଛି। ଏଥିସହ ସୁନ୍ଦରୀ ଆକ୍ରମଣରେ ପ୍ରାଣ ହରାଇଥିବା ହାତୀବାରି ଗ୍ରାମର କୈଳାସ ସାଇଅଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ତାଙ୍କ ପୁଅଙ୍କୁ ଚାକିରି ଦେବା, ଅଧିବାସୀଙ୍କ ଦାବି ପୂରଣ କରିବା, ପୋଡ଼ାଜଳା ଘଟଣାରେ ଗିରଫଦାରି ନ ହେବା ନେଇ ବନ ବିଭାଗ ନିର୍ଭର ପ୍ରତିଶ୍ରୁତି ଦେବା ଓ କ୍ଷମା ମାଗିବା ପରେ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ।

ପ୍ରକାଶ ଯେ, ବାଘୁଣୀକୁ ନେଇ ସାତକୋଶିଆ ଅଧିବାସୀଙ୍କ ମଧ୍ୟରେ ଥିବା ଅସନ୍ତୋଷ ବୁଧବାର ମହିଳାଙ୍କ ମୃତ୍ୟୁ ଘଟଣା ପରେ ବିସ୍ଫୋରକ ରୂପ ନେଇଥିଲା। ଗୁରୁବାର ସକାଳେ ମଧ ଉତ୍ତେଜନା ଜାରି ରହିଥିଲା। ପରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଏସ୍‌ପି ଯଦୁନାଥ ହାଂସଦା, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସହିତ ୬ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଡିଏଫ୍‌ଓ ନ ଆସିଲେ କୌଣସି ସମାଧାନ ହେବ ନାହିଁ କି ମୃତଦେହ ଛଡ଼ାଯିବ ନାହିଁ ବୋଲି ଅଧିବାସୀମାନେ ଅଡ଼ି ବସିଥିଲେ। ଅପରାହ୍ନ ୪ଟା ୩୦ରେ ଡିଏଫ୍‌ଓ ଏସ୍‌ଏମ୍‌ଡିଟି ରହମାନ, ଏସିଏଫ୍ ଶୁଭେନ୍ଦୁ ବେହେରା, ରାଜକିଶୋର ସ୍ୱାଇଁ ପମ୍ପାସର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସାତକୋଶିଆ ପ୍ରଜା ସୁରକ୍ଷା ସମିତି ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ସାତକୋଶିଆ ଅଧିବାସୀଙ୍କ ଦାବିଗୁଡ଼ିକ ଉପରେ ଆଲୋଚନା ପାଇଁ ପ୍ରଶାସନ ଦେଇଥିବା ପୂର୍ବ ପ୍ରତିଶ୍ରୁତି ରକ୍ଷା କରାଯାଇ ପାରି ନ ଥିବାରୁ ଏସ୍‌ପି ଓ ଡିଏଫ୍‌ଓ ଦୁଃଖ ପ୍ରକାଶ ସହିତ କ୍ଷମା ମାଗିଥିଲେ। ଏହାପରେ ଘଟଣାର ସମାଧାନ ପାଇଁ ଅଧିବାସୀମାନେ ପ୍ରସ୍ତୁତ ହୋଇଯାଇଥିଲେ। ଉପସ୍ଥିତ ଅଧିକାରୀମାନେ ମୃତା ମହିଳାଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ, ଶୁଦ୍ଧିକ୍ରିୟା ପାଇଁ ୪୦ ହଜାର ଓ ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଦିଆଯିବା, ଅଧିକ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇବା, ସୁନ୍ଦରୀକୁ ଫେରାଇ ଦେବା, ଅଧିବାସୀଙ୍କୁ ବାଘ ଦାଉରୁ ସୁରକ୍ଷା ଦେବାକୁ ୧୦୦ ପୋଲିସ ଓ ବନ ବିଭାଗର ୫୦ କର୍ମଚାରୀ ବ୍ୟବସ୍ଥା କରାଯିବା, ଆସନ୍ତା ୧୫ରୁ ୨୨ ତାରିଖ ମଧ୍ୟରେ ଜିଲାପାଳଙ୍କ ପ୍ରକୋଷ୍ଠରେ ସମିତିର ୨୦ଜଣ ପ୍ରତିନିଧି ଉପସ୍ଥିତ ରହି ସେମାନଙ୍କ ଦାବି ଉପରେ ଆଲୋଚନା କରିବେ ବୋଲି ଅଧିକାରୀମାନେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ଦେଇଥିଲେ। ଶେଷ ଖବର ସୁଦ୍ଧା ଅନୁଗୋଳରୁ ଏକ ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୁଣାକୋଟ ଯାଉଥିବା ଜଣାପଡ଼ିଛି।


## Classified

real estate

**SALE**

Book duplex (ready to move) Tankapani road, near BJEM-2 school, Ranga bazar. Cost- 55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Balianta. Owner: 9437033320. D-64308

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Homestead, gharabari, yellowzone land 9000 sqft. (222 decml) 80ft. frontage to 60ft. road & 100 mtrs away from 200ft. road, 4kms. from KIIMS Medical College for sale at Mouza Sunderpur, Bhubaneswar. Contact: 9437095996. D-64149

ମୋର ନିଜସ୍ୱ ସ୍ଥିତିବାନ plot ଜାମୁକୋଳି ମୌଜାରେ 4270 sqft. ସୁନ୍ଦରପଦା ଜଟଣୀ ରୋଡ Lingaraj Railway Stationଠାରୁ 7km. ବିକ୍ରିହେବ। 9238896887, 8249821200. D-62126

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁରାସ୍ତାର ସୁବିଧାଥାଇ ଘରବାରି plot ମିଳୁଛି। 9861812258. D-64315

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି plot ମିଳୁଅଛି। 9778556265. D-64313

healthcare

All type of massage and good therapy full body massage Sai herbal spa. 7609005923. D-64202

Opening newly ayurvedic full body massage ladies, gents. 7609923705, 7438851534. D-38529

**AFFIDAVIT**

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଟକଙ୍କ ସମ୍ମୁଖରେ କରିଥିବା ସତ୍ୟପାଠ ଅନୁଯାୟୀ ମୁଁ ମୋ ସାଙ୍ଗିଆକୁ ସାହୁ ରୁ ସାମନ୍ତରାୟକୁ ପରିବର୍ତ୍ତନ କରିଛି। ଏଣିକି, ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ପ୍ରଫୁଲ୍ଲ କୁମାର ସାମନ୍ତରାୟ ଭାବେ ପରିଚିତ ହେବି। ଧ-୮୩୫୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



**ସାନଭି**
ରଗଡିସାହି, ଢେଙ୍କାନାଳ

ତୋର ଚଲାପଥ କୁସୁମିତ ହେଉ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ମା, ବାବା, ମାମା, ପିଉସା, ପଉସୀ, ଅଜା, ଆଈ, ମାମୁ, ମାଉସୀ, ଦିଦି, ଭାଇ ଓ ପରିବାରବର୍ଗ। ଧ-୬୨୦୪୧

### ଜନ୍ମଦିନ ଶୁଭେଚ୍ଛା



(ଓମ୍)
**ଯଶୋଧନ ମହାରଣା**
ପୋଖରୀ ଗାଁ

ବାବା ତୋରି ଚଲାପଥ କୁସୁମିତ ହେଉ। ବାବା ପିଙ୍ଗଳେଶ୍ୱର ତୋତେ କୋଟି ପରମାୟୁ ଦିଅନ୍ତୁ। ଶୁଭେଚ୍ଛା ସହ: ଅଜା, ଆଈ, ବାବା, ମମି, ମାମୁ, ମାଇଁ, ମଉସା, ମାଉସୀ, ଗୁଗୁ, ଶୁଭମ୍, ପାପାଲୀ, ବୁଢା ଭାଇ, ଟିକି ଭାଇ, ଲିପୁ ନାନୀ। ଧ-୮୩୪୮


## ସାପ କାମୁଡ଼ାରେ ଶିଶୁ ମୃତ

**ବସ୍ତା, ୧୩।୯(ସ୍ୱ.ପ୍ର.):** ବସ୍ତା ଥାନା ଭେଲୋରା ଗ୍ରାମର ସୀମାଲ ମୁର୍ମୁଙ୍କ ୫ ବର୍ଷର ପୁଅ ସୁନାରାମ ବୁଧବାର ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୨/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରମାମଣୀ ବେହେରା**
ସ୍ୱା-ଶ୍ରୀଦାଶରଥି ବେହେରା
ପ୍ଲଟ ନଂ-୧୫୮, ନୂଆପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୮।୧୯୫୪
ତିରୋଧାନ: ୧୪।୦୯।୨୦୧୪

ବୋଉ, ଚାରିବର୍ଷ ହେଲା ତୁ ଆମକୁ ଛାଡ଼ି ଗଲୁଣି ହେଲେ, ତୋର ସେହି ଆଶୀର୍ବାଦର ଅଦୃଶ୍ୟ ହାତ ଆମ ମୁଣ୍ଡ ଉପରେ ଅଛି ବୋଲି ଆମେ ସର୍ବଦା ଉପଲବ୍ଧି କରୁଅଛୁ। ତୋର ସ୍ଥାନ ଅପୂରଣୀୟ। ତୋର ଆତ୍ମାର ସଦ୍‌ଗତି ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ-ଲୁଲୁ, ବୋହୂ-ଟିକୁ, ଝିଅ-ମାମା, ଜ୍ୱାଇଁ-ଟୁଟୁ, ନାତୁଣୀ-ଦିପାନ୍‌ସୀ, ନାତି-ଦେବ୍ୟାନ୍‌ସ, ପୁତୁରା, ପୁତୁରାବୋହୂ-ଦୀପୁ ଓ ଝରା। ଧ-୬୩୮୪୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅଭୟ ମହାପାତ୍ର**
ଆବିର୍ଭାବ: ୦୧।୦୧।୧୯୭୭
ତିରୋଧାନ: ୧୮।୦୯।୨୦୧୫

ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ- ରଞ୍ଜିତା, ପୁତ୍ର- ତତ୍ତ୍ୱାଦର୍ଶୀ, କନ୍ୟା- ଲିପ୍ସା, ଭାଇ- ଚିକୁ, ଚିଲୁ, ବାପା, ମା, ମାମୁ, ମାଇଁ ଓ ମହାପାତ୍ର ପରିବାରବର୍ଗ। ଧ-୮୩୭୪

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**√ କିଶୋର ଚନ୍ଦ୍ର ଦାସ**
(ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ)
ପ୍ଲଟ୍ ନଂ.୯୫, ନୂଆସାହି, ରସୁଲଗଡ଼
ଆବିର୍ଭାବ : ତା.୦୬.୦୩.୧୯୨୦
ତିରୋଧାନ : ତା.୩୦.୦୮.୨୦୧୪

ଆପଣଙ୍କର ସ୍ନେହ, ପ୍ରେରଣା, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଶୁଭାଶୀର୍ବାଦ ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଧ-୮୩୬୯



**ସ୍ୱର୍ଗତ ଗୁନ ରାଉତ**
ଜନ୍ମ: ୦୫।୦୧।୧୯୫୫
ମୃତ୍ୟୁ: ୧୪।୦୯।୨୦୧୨

ଚାହୁଁ ଚାହୁଁ ଛଅବର୍ଷ ବିତିଗଲାଣି ଆଜିବି ଆପଣ ଆମମାନଙ୍କ ହୃଦୟରେ ଜୀବିତ। ଆଜିବି କେବଳ ଆମ ପରିବାର ନୁହେଁ ସାରା ପୁନାମାଗେଟ୍ (ଭୋଇସାହି) ଗାଁ ଏବଂ ଆପଣଙ୍କ ଅଫିସ୍ (ସାଧାରଣ ପ୍ରଶାସନ) ବିଭାଗର ସମସ୍ତ କର୍ମଚାରୀବୃନ୍ଦ ଆପଣଙ୍କୁ ଝୁରୁଛନ୍ତି। ଆପଣଙ୍କ ସ୍ନେହବୋଳା ଆଦର, ବଡମାନଙ୍କ ପ୍ରତି ସମ୍ମାନ, କାର୍ଯ୍ୟରେ କର୍ତ୍ତବ୍ୟନଷ୍ଠ, ପରୋପକାର ମନୋଭାବ ସମସ୍ତଙ୍କୁ ଝୁରୋଉଛି। ଏମିତି ଲାଗୁଛି ଆଜିବି ଆମମାନଙ୍କ ମଧ୍ୟରେ ଆପଣ ଜୀବିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସୋମା, ଉମା, ସୋନୁ, ଟୁଇଁ, ନୀରୁ, ଦିପୁ, ଲିପୁ, ନବୀନ, ଧୋକୁ, ଅନିଲ, ମାମା, ଗୁନୁ, ବକ୍ସୁ ଓ ପରିବାରବର୍ଗ। ଧ-୬୩୦୯୩

### ଶ୍ରଦ୍ଧାଞ୍ଜଳି
### ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ



**ସ୍ୱର୍ଗତ ରବୀନ୍ଦ୍ରନାଥ ଦାସ**
ଅବସରପ୍ରାପ୍ତ ଆଇ.ଏ.ଏସ୍
ଆବିର୍ଭାବ: ତା.୧୦।୦୬।୧୯୧୨
ତିରୋଧାନ: ତା. ୨୭।୦୮।୧୯୯୮
(ଭାଦ୍ରଶୁକ୍ଳପକ୍ଷ ପଞ୍ଚମୀ)

ଚାହୁଁ ଚାହୁଁ ୨୦ ବର୍ଷ ବିତିଯାଇଛି, ଆପଣଙ୍କର ସେହି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ସ୍ୱଚ୍ଛଅନ୍ତକରଣ ଓ ଅତିଥିଙ୍କ ପ୍ରତି ସମ୍ମାନ ଓ ସେବା ସର୍ବଦା ଆମମାନଙ୍କୁ ଅନୁପ୍ରାଣିତ କରୁ ଏହା ଆମମାନଙ୍କର ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣେ ବିନମ୍ର ପ୍ରାର୍ଥନା। ସମସ୍ତ ପରିବାରବର୍ଗ। ଧ-୮୩୨୭



**ସ୍ୱର୍ଗତ ଭିକାରୀ ଚରଣ ଦାଶ**

ଜୀବନର ପ୍ରତିଟି ମୁହୂର୍ତ୍ତରେ ତୁମର ଆଶୀର୍ବାଦ ଆମ ଉପରେ ରହିଥାଉ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ସମଲେଇଙ୍କଠାରେ ପ୍ରାର୍ଥନା କରୁଅଛୁ। ଗୀତାଞ୍ଜଳି ଦାଶ, ଭାରତ ଗୌରବ, ସୁପ୍ରୀତି, ଈଶା, ଦିଶା, ଗୁଗୁଲ, ପୁପୁଲ ଏବଂ ଝିଅଜ୍ୱାଇଁ। ଧ-୬୨୪୪୩


ପ୍ରଥମ ପୃଷ୍ଠାରୁ...

## ଦାମୋଦରଙ୍କ ଅଭିଯୋଗ ...

ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ବିଷ୍ଣୁ ଦାସ ନବୀନଙ୍କ ନିକଟରେ ଦାମଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିସହିତ ଜଗତ୍‌ସିଂହପୁରର କେତେକ ବିଜେଡି କର୍ମୀ ମଧ ଦଳର ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ଦଳରୁ ବିଦା ହେବା ପରେ ଦାମ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ନବୀନ ନିଜର ସ୍ଥିତି ରଖିବା ପାଇଁ ନୀତି ବଦଳାଇଛନ୍ତି, ଯାହାକି ବିଜୁବାବୁଙ୍କ ଆଦର୍ଶର ପରିପନ୍ଥୀ। ବିଜେଡିର ଗୋଟିଏ ଗୋଷ୍ଠୀ ବିଜୁବାବୁଙ୍କ ନାମରେ ରାଜ୍ୟକୁ ଲୁଣ୍ଠନ କରିଚାଲିଛନ୍ତି। ପ୍ରବାଦପୁରୁଷ ବିଜୁବାବୁଙ୍କ ଆତ୍ମାକୁ ଏହା ନିଶ୍ଚୟ ଦୁଃଖ ଦେଉଥିବ। ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ଗାଦିରୁ ହଟାଇଲେ ଓଡ଼ିଶାବାସୀଙ୍କ ପାଇଁ ମଙ୍ଗଳ ହେବ ବୋଲି ଦାମ ଗଣମାଧ୍ୟମକୁ କହିଛନ୍ତି।

## ୩୨୮ ପ୍ରକାର ...

ପରାମର୍ଶଦାତା ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୩୨୮ ପ୍ରକାର ଔଷଧରେ ଥିବା ଏକାଧିକ ରସାୟନ ଲୋକଙ୍କ ହିତରେ ଆସୁନି। ଏଗୁଡିକ ଲୋକଙ୍କ ପ୍ରତି ବିପଦ ବୋଲି ପରାମର୍ଶଦାତା ବୋର୍ଡ ସୁପାରିସ କରିଛି। ଏଣୁ ଆଗାମୀ ଦିନରେ ଉକ୍ତ ୩୨୮ ଏଫଡିସିର ଉତ୍ପାଦନ, ବିକ୍ରି ଓ ଯୋଗାଣକୁ ନିଷିଦ୍ଧ କରାଯାଉଛି। ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଇଣ୍ଡିଆନ ଡ୍ରଗ୍ ମ୍ୟାନୁଫ୍ୟାକଚରର୍ସ ଆସୋସିଏଶନ ସଭାପତି ଦୀପନାଥ ରାୟଚୌଧୁରୀ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ଯୋଗୁ ଔଷଧ ବଜାରରେ ବାର୍ଷିକ ୧୬୦୦ କୋଟି ଟଙ୍କାର କ୍ଷତି ହେବ। ତେବେ କେଉଁ ବ୍ରାଣ୍ଡର କେଉଁ ଔଷଧକୁ ସରକାର ନିଷିଦ୍ଧ କଲେ ସେ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତା କୁଟେଇଲି ହାତେ,**
**ଯାହା ପାଇଁ କି ମୁଁ ଚିତା କୁଟେଇଲି,**
**ସେ ଗଲା ବରଷ କେତେ ।**

ପାଖରେ ପ୍ରିୟଜନ ବା ସାଥୀ ନ ଥିଲେ ମନର ସରାଗ ମଉଳିଯାଇଥାଏ। ଏପରିସ୍ଥଳେ ମନର ମଣିଷ ଦୂର ବିଦେଶରେ ରହିଥିବା ହେତୁ ପରିପାଟୀ ବୃଥା ହୋଇଯିବା ପରିପ୍ରେକ୍ଷୀରେ ପ୍ରେୟସୀ ମନରେ ବ୍ୟାକୁଳତା ଭାବ ସୃଷ୍ଟିହେବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେପଟା ନାକୀ, ଦହି ସୋଡ଼କୀ**
**ଅଇଁଠା ପତର ଖାଏ;**
**ଗୋଡ଼ରେ ଅଇଁଠା ପଡ଼ିଲା କ୍ଷଣି**
**ନଈକି ଗାଧୋଇ ଯାଏ ।**

ଯିଏ ଅଇଁଠା ପତରରେ ଖାଏ, ସେହି ବ୍ୟକ୍ତି ଗୋଡ଼ରେ ଅଇଁଠା ଲାଗିଲେ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ ମନେହୋଇଥାଏ। ଅନାଚାରିଣୀ ନାରୀର ନିଷ୍ଠାର ଛଳନା। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟତିବ୍ୟସ୍ତ ହୋଇ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର ବିଶାଖା ନକ୍ଷତ୍ରସ୍ଥ ଚନ୍ଦ୍ର ସପ୍ତମସ୍ଥ ହେତୁ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ବିବାଦୀୟ ଘଟଣା, ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରହେବ। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି।

**ବୃଷ** – ରାହୁଙ୍କ ନକ୍ଷତ୍ରରେ ରାଶ୍ୟାଧିପ ଚନ୍ଦ୍ରଯୁକ୍ତ ହେତୁ ଭୁଲ୍ ବୁଝାମଣା କାରଣରୁ ଘରର ସଦସ୍ୟମାନେ ମନେ ମନେ ବିରକ୍ତି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡିପାରେ। ସଙ୍ଗୀତ କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ। ଅପରାହ୍ନେ ବନ୍ଧୁମାନଙ୍କ ନିକଟରୁ ବକେୟା ଟଙ୍କା ପାଇବେ।

**ମିଥୁନ** – ମିତ୍ର ଶୁକ୍ରଙ୍କ ନକ୍ଷତ୍ରରେ ବୁଧ ଏକାଦିକ୍ରମେ ଅର୍ଥ, ସମ୍ମାନ ଓ କଳା, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟରୁ ପ୍ରଶଂସା ପାଇବେ। କିନ୍ତୁ ବୃହସ୍ପତି ସ୍ୱସ୍ଥାନରୁ ଅଷ୍ଟମସ୍ଥ ହେତୁ କର୍ମକ୍ଷେତ୍ରରେ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢାଇ ଦେଇ ପାରନ୍ତି। ପୂର୍ବ ଯୋଜନା ଅନୁଯାୟୀ କର୍ମ କରନ୍ତୁ, କେତେକାଂଶରେ ସଫଳତା ପାଇପାରନ୍ତି।

**କର୍କଟ** – ସକାଳୁ ସକାଳୁ ବନ୍ଧୁମିଳନ ହେତୁ ମାନସିକ ଉତ୍ସୁକତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ଅସହଯୋଗ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ ବନ୍ଧୁଙ୍କ କାମରେ ଯଥାସାଧ ସାହାଯ୍ୟ କରିବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** – ଆଜିର ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ସାକ୍ଷାତ କେତେକାଂଶରେ କାମକୁ ଆସିବ। ଆକସ୍ମିକ ଭାବରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ରାଜନୀତିରେ ସଂଗଠନ ଓ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** – ଶନିଙ୍କ କୁପ୍ରଭାବଜନିତ ପାରିବାରିକ ଅଶାନ୍ତି କାରଣରୁ ଚିନ୍ତାରେ ମାନସିକ ସ୍ଥିରତା ରହିବ ନାହିଁ। ସପ୍ତମଭାବ ଗ୍ରହଶୂନ୍ୟ କାରଣରୁ ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡିପାରେ। କୌଣସି କର୍ମଚାରୀ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ତାଙ୍କର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇ ଦେଇପାରନ୍ତି।

**ତୁଳା** – ଆବଶ୍ୟକ ସୁବିଧା ଓ ସହଯୋଗ ଅଭାବରୁ ଆରମ୍ଭ କରିଥିବା କାମଟି ସମ୍ପନ୍ନ ହେବାରେ କିଛି ସମସ୍ୟାର ସମ୍ମୁଖୀନ ହେବେ। କେତେକ ଦୀର୍ଘ ମିଆଦି ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** – ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରି ଯାଇଥିବାରୁ ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ନୂତନ ବସ୍ତ୍ର ଓ ଆଭୂଷଣ ଲାଭ ସହ ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟରୁ ଖୁସି ରହିବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରି ପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** – ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମାନଙ୍କର ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସହାୟତା ନେବାକୁ ପଡିପାରେ। ବ୍ୟବସାୟ,ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** – କର୍ମକ୍ଷେତ୍ରସ୍ଥ ଶୁଭଗ୍ରହ ପ୍ରଭାବରୁ ଆଜି ଯେ କୌଣସି ପ୍ରକାରେ ସମସ୍ତ କାମ ଶେଷ କରିବାକୁ ବାଧ ହେବେ। ନୂତନ କର୍ମାରମ୍ଭ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ଲାଭ ହୋଇପାରେ। ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ ପରିବାର ସଦସ୍ୟମାନେ ତାହାକୁ ଭୁଲ୍ ବୁଝିବେ।

**କୁମ୍ଭ** – ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସ୍ଥଗିତ କାମ ସମ୍ପନ୍ନ ହେତୁ ସାମୟିକ ଖୁସିମିଳିବ। ଋଣ ପରିଶୋଧ କରିବା ସକାଶେ ବନ୍ଧୁ କିମ୍ବା ବିଭିନ୍ନ ଋଣପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆଜିର ଯାତ୍ରା ଓ ଗତାନୁଗତିକ କାମରେ ଅସୁବିଧା ହେବ ନାହିଁ।

**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢିପାରେ। ମାତ୍ର କୌଣସି କାମ ସମ୍ପନ୍ନ କରିବା ପାଇଁ ବିଶେଷ କଷ୍ଟକରିବାକୁ ପଡିବ ନାହିଁ। ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

ଆଜି ପଶ୍ଚିମ ଓଡ଼ିଶାର ପବିତ୍ର ନୂଆଁଖାଇ ପର୍ବ, ଭାଦ୍ରବ ଶୁକ୍ଳପକ୍ଷର ଋଷିପଞ୍ଚମୀ ଶୁକ୍ରବାର, ଦାହଲୀଳା, ସେପ୍ଟେମ୍ବର ୧୪ ତାରିଖ, ବିଶ୍ୱ ହିନ୍ଦୀ ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୩ମି. ମଧ୍ୟେ ଘ୪।୪୭ମି. ଗତେ, ଘ୬।୨୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୩ମି. ଗତେ ଘ୮।୨୫ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୧୧ମି. ଗତେ ଘ୧୧।୪୨ମି.ମଧ୍ୟେ ରାହୁକାଳ।

'ଭୁଦୋ ମାସେ କୁଦୋ ଲିଆ, ଫଟା ଘରେ ତାଲା ଦିଆ' ଇ ଲୋକ୍‌କଥାଟା ନୂଆଁଖାଇ ତିହାର୍‌ର ଭାବ୍‌କେ ଠିକ୍ ଭିର୍‌ସି। କାଁକରି ବଏଲେ ପରୁହାଁ ତିହାର୍ ନୂଆଁଖାଇଟା ଗୁଟେ କୃଷିଭିତିକ୍ ପରବ୍ ଆଏ। ଇ ସମିଆରେ ଚାଷୀ ଚାଷ୍‌ବାସ୍‌ରେ ଖରଚ୍ କରି ଝଲା ହେଇକରି ଥିସି, ଏନ୍‌ତା ଅଭାବ୍ ଅନାଟନ୍ ସମିଆକେ ହାବିଡ୍‌ସି ପରୁହାଁ ତିହାର ନୂଆଁଖାଇ। ଭୁଖେ ଥିଲେ ଯେନ୍‌ତା ଯାହା ଖାଏଲେ ସୁଆଦ୍ ଲାଗ୍‌ସି ସେନ୍‌ତା ଅଭାବ୍ ସମିଆକେ ଫୁଟୁଥିବାର ଭାବ୍‌ଟା ବି ବଡା ଗହୀର ଆଏ, ଜବର୍ ଆଏ। ନୂଆଁଖାଇ ତିହାରଥି ଏନ୍‌ତା ଗୁର୍‌ଦୁଟେ ସଁସ୍‌କାର ଆର୍ ପେମ୍ ଭାବ୍ ଭରି ରହିଛେ। ହେଲେ ସମିଆ ସଂଗେ ଦିନୁଦିନ୍‌କେ କେତେଟା ରସ୍ ସର୍‌ସର୍ ଭାବ୍ ହଜି ହଜି ଯାଉଛେ। ଇତାକେ ନେଇ ଆମର ନୂଆଁଖାଇର ଲେଖା।

# ଭାବ୍‌ପେମ୍, ସହଯୋଗ୍‌ର ପରବ୍

**ଅଡ଼ିଆ ଦିଆନିଆ ରିକ୍‌ମା:** ବିପଦ ସମିଆକେ ସାହା ହେଉଥିବାର ଲୋକ୍ ନ ପର୍‌କୁତ୍ ବଁଧୁ ଆଏ। ନିଜର୍ ପିଠୁଆଁ ଉଠୁଆଁ ଭାଏ ବହେନ୍‌ଠାନୁ ବି ତାର୍ ଦେନ୍ କେତ୍‌ନି କେତେ। ଇ କଥାକେ ଲୋକ୍ ବନେ ହେଜିଥିଲେ, ସେଥିର୍‌ଲାଗି ତ ଲୋକ୍ ମିତା ମଏତର୍, ସହି ମକ୍‌ର ବସୁଥିଲେ। ନୂଆଁଖାଇର ଦୁଇ ଚାଏର୍ ଦିନ୍ ଆଘ୍‌ଲାନୁ ନିଜର୍ ମଏତର୍ ଘର୍‌କେ ଚାଉଲ୍, ମୁଗ୍ ଆର୍ ନିଜର୍ ବାଏରଥି ହେଇଥିବାର ତୁନ୍‌ଶାଗ୍ କରି ବର୍‌କସ୍ ଅଡ଼ିଆଟେ ଉରୁଆ ହାତେ ପଠଉଥିଲେ। ମଏତର୍ ଘରୁ ଆସିଥିବାର ଅଡ଼ିଆକେ ସାଦ୍‌ରେ ନେଇ ନିଜର୍ ଶକ୍‌ତି ଅନ୍‌ସାରେ ଠିକ୍ ସେନ୍‌ତା ବେଭାର ଫିରଉଥିଲେ। କଥାରେ ଅଛେ 'କାହାର ଦେଲା ନେଲା କାହାକେ ଅଁଟେ' ହେଲେ ଇ ଅଡ଼ିଆ ଦିଆନିଆ ରିକ୍‌ମା ଦୁଇ ମଏତର୍ ଭିତ୍‌ରେ ଥିବାର ମଧୁର ଭାବ୍‌କେ ବର୍‌କସ୍ କରୁଥିଲା। ହେଲେ ସମିଆ ବଦ୍‌ଲିଛେ, ଇ ରିକ୍‌ମା, ଭାବ୍‌ଟା ଆଏଜ୍‌କାଲି ଗାଁ ଗଁଲିନେ କାଁ ଭାଁ ଦେଖିବାକେ ମିଲୁଛେ।

**ସହଯୋଗର ଭାବ୍:** ଦିନ୍‌ଥିଲା ଗଁତିଆ, ଜମିଦାର୍, ସାହୁକାରମାନ୍‌କର ଦବ୍‌ଦବା ଗାଁ ଗଁଲିରେ ଦେଖିବାକେ ମିଲୁଥିଲା। ସେମାନେ ଯେନ୍‌ତା ଶାସନ୍ କରୁଥିଲେ ସେନ୍‌ତା ପର୍‌ଜାମାନ୍‌କୁ ନିଜର ପୁଓ ଝି ମିତାନ୍ ପାଲୁଥିଲେ। ପଶ୍ଚିମ ଓଡ଼ିଶାର ପରୁହାଁ ତିହାର୍ ନୂଆଁଖାଇକେ ଗହଗହ ମନେ ସଭେ ପାଲୁନ୍ ବଲି ସେମାନେ ଚାହୁଁଥିଲେ। ସେଥିର୍‌ଲାଗି ଗାଁର ଅଭାବିଆ ଲୁକ୍‌କୁ ଡକେଇ ନୂଆଁଖାଇ ଆଗ୍‌ରୁ ଅଡ଼ିଆ, ଧାନ୍, ଚାଉଲ୍, ପଏସା ଦେଇ ସହଯୋଗ୍ କରୁଥିଲେ। ସେମାନେ ବି ସହଯୋଗ୍ ପାଇ ଗଦ୍‌ଗଦ୍ ମନେ ତିହାର୍ ମନଉଥିଲେ। ଝନେ ଝନ୍‌କର ଦୁଖ୍‌କେ ବୁଝି ତାର୍ ମୁହେଁ ହଁସ୍ ଧାରେ ଫୁଟାବାରଟା କେଡେଟେ କଥା ଆଏ। ଆମର ଇ ପରୁହାଁ ତିହାର ନୂଆଁଖାଇରେ ଏନ୍‌ତା ବହୁତ୍‌ଟେ ଭାବ୍‌ପେମ୍ ଭରି ରହିଛେ। ହେଲେ ଏଛେନ୍ ତ ଗଉଁତି ନାଇଁ କି ଗାଁମାନ୍‌କେ ଗଁତିଆ ନାଇଁ, ହେଲେ କାଁ ଭାଁ ସାହୁକାରମାନେ ନୂଆଁଖାଇର ଦିନାଦୁ ଆଗ୍‌ରୁ ନିଜର ହଲିଆଗୁତିକୁ ଇ ବେଭାର ଦେଉଛନ୍।

**ଏକ୍‌ଜମାଲି ନୂଆଁଚରା ଖାଏବାର ରିକ୍‌ମା:** ଆଏଜ୍‌କାଲିର ସମାଜ୍‌ରେ ଏକ୍‌ଠାନିଆଁ ପରିବାର୍ ବହୁତ୍ କମ୍ ଦେଖିବାକେ ମିଲୁଛେ। ଆଗ୍‌ରୁ ବଛରକୁତା ପିଠୁଆଁ ଉଠୁଆଁ ଭାଇଦଦାମାନେ ଅଲ୍‌ଗା ଅଲ୍‌ଗା ଡିବି ଫୁଟେଇ ଯେ ଯାହାର ବତ୍‌ରେ କୁଟୁମ୍ ଧରି ଚଲୁଥିଲେ। ହେଲେ ନୂଆଁଖାଇ ଦୁଇଦିନ୍ ଆଘ୍‌ଲାନୁ ସଭେ ଏକ୍‌ଯୋଟ୍ ହେଇଯାଉଥିଲେ। ଗୁଟେ ଠାନେ ରଁଧାଖଁଦା ବସୁଥିଲା, ମିଶିଗୁଲି କାମ୍‌କବାର କରୁଥିଲେ ଆର୍ ଗୁଟେ ମଡୁଆ ତଲେ ବସି ସଭେ ନୂଆଁଚରା ଖାଉଥିଲେ। ନାତି, ନାତେନ୍, ଛୁଆପିଲାକର ଉସତ୍ ଆଁନଦ୍‌ଥି ଘର୍ ଉଛ୍‌ଲି ପଡୁଥିଲା। ହେଲେ ଦୁଖର୍ କଥା ଆଏଜ୍‌କାଲି ଗାଁ ଗଁଲି, ସହର କେହେନ୍‌ସିନେ ଏକ୍‌ଠାନିଆଁ ପରିବାର ଦେଖିବାକେ ନାଇଁ ମିଲ୍‌ବାର କି ଏକ୍‌ଜମାଲି ନୂଆଁଚରା ଖାଏବାର ରିକ୍‌ମା ଦେଖିବାକେ ନାଇଁ ମିଲ୍‌ବାର। ହେଲେ କେତେ ଗାଁ ଗଁଡାଥି ଏଭେ ଗାଁଯାକ ଲୋକ୍ ଏକ୍‌ଠାନିଆଁ ବସି ନୂଆଁ ଖାଏବାର ଗୁଟେ ପରଂପରାର୍ ମୂଳ୍ କରିଛନ୍।

**ମାଏଟ୍‌ର ମୋହ:** ନୂଆଁଖାଇର୍ ମାହୋଲଟା ଏନ୍‌ତା ମାତ୍ ଧରାସି ଯେ, ଯେ ଯେନ୍‌ନେ ଥିଲେ ଗାଁ ମାଏଟ୍‌କେ ଲେହେଁଟି ଆଏସି। ହେଲେ ସମିଆର୍ ଛାଁଚେ ପଡ଼ି ଦିନୁ ଦିନକେ ଇ ମାଇଟା ଟିକେ ଟୁଟ୍‌କି ବସ୍‌ଲାନ। ଓଡ଼ିଶା ବାହାରେ ଚାକରୀ କରୁଥିବା ପର୍‌ବାସୀମାନେ ମୁଠା ମୁଠା ଟଁକା କମାନି କରୁଛନ୍ ସତ୍ ହେଲେ ନୂଆଁଖାଇକେ ଗାଁକେ ଫିରବାର ଲାଗି ସମ୍‌କର ମନ୍ ଟକ୍‌ଟକେଇ ଯାଉଥିସି। ହେଲେ ସମ୍‌କିରି ସୁବିଧା ଅସ୍‌ବିଧା ବଲି ଅଛେ, ବହୁତ୍ ଲୋକ୍ ଇ ସମିଆରେ ଆସି ନାଇଁ ପାର୍‌ବାର। ଯେନ୍‌ଥିର୍‌ଲାଗି ବିଦେଶୀ ମାଏଟ୍‌ଥି ରହୁଥିବାର ପଶ୍ଚିମ ଓଡ଼ିଶାର ଭାଇ ବହେନ୍‌ମାନେ ଏକ୍‌ଯୋଟ୍ ହେଇ ନୂଆଁ ଖାଏବାର ଗୁଟେ ପରଂପରାର୍ ମୂଳ୍ କରିଛନ୍। ଯେନ୍‌ଟା କି ଆମର ଇ ପରୁହା ତିହାର ନୂଆଁଖାଇର ଲାଗି ଗୁଟେ ଶୁଭ୍ ସୂଚ୍‌ନା ଆଏ। ଆମର ସଁସ୍‌କୃର୍‌ତି, ପରଂପରା, ପିଁଧନ୍‌ଉଢ଼ନ୍, ଖାଏଦ୍ ପାଏନ୍ ବିଦେଶୀ ମାଏଟ୍‌ରେ ବି ଦିନୁଦିନ୍‌କେ ଚହଟୁଛେ।

ରାଜେଶ୍ୱର ବେହେରା, ବିଜେପୁର


ଗୁରୁବାର ମଧ୍ୟାହ୍ନରେ ସମେଲଶ୍ୱରୀ ମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କୁ ସିନ୍ଦୁର ଅର୍ପଣ କରାଯାଉଛି ।

## ଭିନ୍ନ ଢଙ୍ଗରେ ନୂଆଁଖାଇ ପାଳନ୍ତି ମହିମାଧର୍ମୀ

ସୋନପୁର,୧୩।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଖଲିଆପାଲି ଭୀମ ଭୋଇଙ୍କ ପୀଠରେ ଭିନ୍ନ ଢଙ୍ଗରେ ନୂଆଁଖାଇ ପାଳନ କରାଯାଏ। ମହିମାଧର୍ମୀ ସାଧୁ ସନ୍ୟାସୀ ଏକାଠି ହୁଅନ୍ତି। ଶୂନ୍ୟବ୍ରହ୍ମଙ୍କ ପାଖରେ ବର୍ଷର ପହିଲି ଧାନକୁ ପଞ୍ଚାମୃତରେ ମିଶାଇ ନୂଆ ହାଣ୍ଡିରେ ଅଣାଯାଇ ଥାଏ ସମାଧି ପୀଠକୁ । ଅଲେଖ ମହିମା ଶୂନ୍ୟବ୍ରହ୍ମଙ୍କୁ ସ୍ମରଣ କରି ନବାନ୍ନ ଅର୍ପଣ କରାଯାଏ ବିଶ୍ୱ ନିୟନ୍ତାଙ୍କ ପାଖରେ । ବିଶ୍ୱର ୫୬ କୋଟି ଜୀବଜଗତଙ୍କ ଅନ୍ନପ୍ରାପ୍ତି ପାଇଁ ସମବେତ ମହିମାଧର୍ମୀ ସାଧୁମାନେ ପ୍ରାର୍ଥନା କରନ୍ତି । ପରେ କୁରେଇ ପତ୍ରରେ ସାମୂହିକ ନବାନ୍ନ ଭକ୍ଷଣ କରାଯାଏ । ନୂଆଁଖାଇ ସାରିଲା ପରେ ସମସ୍ତେ ଏକତ୍ରିତ ହୋଇ ସ୍ଥାନୀୟ ଭଜନ ମଣ୍ଡପରେ ମହିମା ଗୋସାଇଁଙ୍କ ଭଜନ ଗାନ କରନ୍ତି ।




























କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। –ଶ୍ରୀମା



# ଟିକସ କାଟ

ଆଧୁନିକ ମଣିଷ ପାଇଁ ଜୀବାଶ୍ମ ଇନ୍ଧନ ଏକ ମୌଳିକ ଆବଶ୍ୟକତାରେ ପରିଣତ ହୋଇଛି। ଏହା ଆମ ପାଇଁ ସବୁଠାରୁ ମୂଲ୍ୟବାନ୍ ପ୍ରାକୃତିକ ସମ୍ପଦ। ପରିବହନ ହେଉ ବା ଜାଳେଣି ବା ବିଦ୍ୟୁତ୍ ଉତ୍ପାଦନ, ପେଟ୍ରୋଲିୟମ୍ ଉତ୍ପାଦ ବିନା ଆଜି ଜୀବନ ଅକଳ୍ପନୀୟ ହୋଇପଡ଼ିଛି। ଶକ୍ତି-ବୁଭୁକ୍ଷୁ ଭାରତ ତା' ଚାହିଦାର ୮୦ ପ୍ରତିଶତ ତୈଳ ବିଦେଶରୁ ଆମଦାନି କରୁଛି। ଏହା ଗତ ଆର୍ଥିକ ବର୍ଷରେ ୨୨୦.୪୩ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନି କରିଛି ଏବଂ ସେ ବାବଦକୁ ୮୮ ନିୟୁତ ଡଲାର (ପ୍ରାୟ ୫.୬୭ ଲକ୍ଷ କୋଟି ଟଙ୍କା) ପଇଠ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରାୟ ୨୨୭ ନିୟୁତ ଟନ୍ ଆମଦାନି କରାଯିବାର ଆକଳନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଆଶାତୀତ ବୃଦ୍ଧି (ବ୍ୟାରେଲ ପିଛା ୮୦ ଡଲାର) ଯୋଗୁ ଖୁଚୁରା ବଜାରରେ ତୈଳ ଦର ମଧ୍ୟ ଅତିଶୟ ବୃଦ୍ଧି ପାଇଛି। ଏହା ପ୍ରତ୍ୟେକ ଭାରତୀୟ ପାଇଁ ଚିନ୍ତାର କାରଣ ହୋଇଛି। ଲୋକମାନେ ତୈଳ ଯନ୍ତ୍ରଣା ଭୋଗ କରୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପଡୁଥିଲେ ମଧ୍ୟ ସେମାନେ ଦର ହ୍ରାସ କରିବା ଦିଗରେ କିଛି ବି ପଦକ୍ଷେପ ନେଉ ନାହାନ୍ତି। ଦର ହ୍ରାସ କରିବା ପାଇଁ ଟିକସ କମାଇବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଯେ ତୈଳ ମହଙ୍ଗା ହୋଇଛି ଏ କଥା ବୁଝିବାକୁ ସାଧାରଣ ଲୋକେ ନାରାଜ। ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ପରି ରାଜ୍ୟ ଭାଟ୍ ହ୍ରାସ କରି ପେଟ୍ରୋଲ ଓ ଡିଜେଲ ଦର କିଛିମାତ୍ରାରେ କମାଇଥିବା ବେଳେ ଓଡ଼ିଶା ପରି ଅନେକ ରାଜ୍ୟ ଭାଟ୍ କମାଇବା ପାଇଁ ଚାହୁଁନାହାନ୍ତି।

ନଭେମ୍ବର ୨୦୧୪ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଯେତେବେଳେ ଅଶୋଧିତ ତୈଳ ଦର କମିବାରେ ଲାଗିଥିଲା, ସେତେବେଳେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ୯ ଥର ବୃଦ୍ଧି କରିଥିଲେ ଏବଂ ଅକ୍ଟୋବର ୨୦୧୭ରେ ଥରେ ମାତ୍ର ସାମାନ୍ୟ କମାଇଛନ୍ତି। କିନ୍ତୁ ଗତ ଅକ୍ଟୋବର ମାସରୁ ତୈଳ ଦର ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କେନ୍ଦ୍ର ସରକାର ଉତ୍ପାଦନ ଶୁଳ୍କ ଆଉ କମାଇବାକୁ ଚାହୁଁନାହାନ୍ତି। ବର୍ତ୍ତମାନ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ ସରକାର ସମ୍ଭବତଃ ଉତ୍ପାଦନ ଶୁଳ୍କ କମାଇ ବିତ୍ତୀୟ ନିଅଣ୍ଟ ବୃଦ୍ଧିର ବିପଦ ମୁଣ୍ଡାଇବାକୁ ଡରୁଛନ୍ତି। ଜିଏସ୍‌ଟି ଲାଗୁହେବା ପରେ ଏବେ ରାଜସ୍ୱ ଆଦାୟର ସ୍ଥିତି କ'ଣ ରହିବ, ସେ ନେଇ ସରକାର ଅନିଶ୍ଚିତତା ଭିତରେ ଅଛନ୍ତି। ଅପରପକ୍ଷେ ରାଜ୍ୟ ସରକାରଗୁଡ଼ିକ ଅନ୍ତତଃ ଚାରିବର୍ଷ ପାଇଁ ଜିଏସ୍‌ଟି ଦୃଷ୍ଟିରୁ କିଛି ହରାଇବାର ନ ଥିଲେ ମଧ୍ୟ ଭାଟ୍ ହ୍ରାସ କରିବା ପାଇଁ ଚାହୁଁନାହାନ୍ତି। ସେମାନେ ଭଲ ଭାବରେ ଜାଣନ୍ତି ଯେ, ତୈଳ ଉପରେ ଭାଟ୍ ମାଧ୍ୟମରେ ଯେଉଁ ରାଜସ୍ୱ ଆଦାୟ ହେଉଛି, ତାହା ବିପୁଳ ପରିମାଣର ଏବଂ ସେଥିରେ କିଛି ମଳିଧୂଳି ନ ଥାଏ। ୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ରାଜସ୍ୱର ୨୪ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱର ୮ ପ୍ରତିଶତ କେବଳ ପେଟ୍ରୋଲିୟମ୍ ଉତ୍ପାଦରୁ ଆଦାୟ ହୋଇଛି।

## ଆଜିର ଅର୍ଥନୀତି

ଆଜି ଯାଏ ଲୋକଙ୍କ ଦାବିକୁ ଏଡ଼େଇ ଆସୁଥିବା କେନ୍ଦ୍ର ସରକାର ପାଇଁ ଏହା ହେଉଛି ତୈଳଦର ନିୟନ୍ତ୍ରଣ କରିବାର ଉପଯୁକ୍ତ ସମୟ। ପେଟ୍ରୋଲ ଦର ଲିଟର ପିଛା ଯଦି ୧୦୦ ଟଙ୍କାରେ ପହଞ୍ଚେ, ଯାହା ଆଉ ବେଶି ଦୂର ନୁହେଁ, ତେବେ ସରକାର ଚୁପ୍ ହୋଇ ବସିପାରିବେ କି? ସରକାର ତୈଳ ବିଶୋଧନକାରୀ ଫାର୍ମଗୁଡ଼ିକୁ ଆଦେଶ ଦେବା ଦରକାର, ସେମାନେ ଯେପରି ଅଶୋଧିତ ତୈଳର କ୍ରମବର୍ଦ୍ଧିତ ବୋଝ ଖାଉଟିଙ୍କ ଉପରେ ଲଦି ନ ଦେବା ଲାଗି ବ୍ୟବସ୍ଥା କରନ୍ତି। ଏହା ସତ ଯେ, ଭାରତ ତା'ର ଅଶୋଧିତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଛି, କିନ୍ତୁ ତାହାକୁ ବିଶୋଧନ କରିବାରେ ଆମେ ସ୍ୱୟଂସମ୍ପୂର୍ଣ୍ଣ। ତୈଳ ବିପଣନ କମ୍ପାନୀଗୁଡ଼ିକ ମୂଲ୍ୟାୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ଆବଶ୍ୟକ। ତାହା ବଜାରର ବାସ୍ତବତା ଉପରେ ଭିତ୍ତି କରି ସ୍ଥିର କରାଯିବା ଦରକାର, ବାଣିଜ୍ୟିକ ସମତା ସୂତ୍ର ଉପରେ ଭିତ୍ତି କରି ନୁହେଁ, ଯାହା ଏବେ କରାଯାଉଛି। ତା'ହେଲେ ସରକାର ତୈଳ ବିପଣନ କମ୍ପାନୀମାନଙ୍କ ସ୍ୱାର୍ଥ ଲାଗି କାମ କରୁଛନ୍ତି ବୋଲି ଯେଉଁ ଅଭିଯୋଗ ଆସୁଛି, ତାହା ଦୂର ହୋଇପାରିବ। ରାଜ୍ୟ ସରକାରଗୁଡ଼ିକ ମଧ୍ୟ ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶର ପଦାଙ୍କ ଅନୁସରଣ କରି ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ହ୍ରାସ କରି ଖାଉଟିମାନଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଆବଶ୍ୟକ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ଆଲୋଚନା କରି ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସର ମଧ୍ୟକୁ ଆଣିବା ଲାଗି ଉଦ୍ୟମ କରିବା ଉଚିତ। ଜିଏସ୍‌ଟିରୁ ଅଧିକ ଆଦାୟ ହେଲେ ରାଜ୍ୟ ସରକାରଗୁଡ଼ିକ ଲାଗି ଆର୍ଥିକ ପରିଚାଳନାରେ କିଛି ଅସୁବିଧା ନ ହୋଇପାରେ। ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ପ୍ରତି ଉଦାରତା ଓ ମହାନୁଭବତା ଦେଖାଇବା ସହ ସେମାନଙ୍କର ଆର୍ଥିକ ବୋଝ ସମ୍ଭାଳିବା ଉଚିତ। କେନ୍ଦ୍ର ସରକାରଙ୍କର ଅର୍ଥାଗମର ବ୍ୟାପକ ଉତ୍ସ ରହିଥିବାରୁ କେନ୍ଦ୍ର ପ୍ରଥମେ ପଦକ୍ଷେପ ନେବା ସହ ରାଜ୍ୟଗୁଡ଼ିକୁ ତାହାର ଅନୁସରଣ କରିବା ପାଇଁ ଉତ୍ସାହିତ କରିବା ଦରକାର। ଯେତେ ଶୀଘ୍ର ଏଭଳି ପଦକ୍ଷେପ ନିଆଯିବ, ତାହା ସମସ୍ତଙ୍କ ପାଇଁ ସେତେ ମଙ୍ଗଳକର ହେବ।

# ରୋହିଙ୍ଗ୍ୟା ସମସ୍ୟା ଓ ଭାରତ



ବିପିନ ବିହାରୀ ମିଶ୍ର

୧୭୮୫ ମସିହାରେ ବର୍ମାର ରାଜା ଆରାକାନ୍ ବୋଲି ଏକ ଅଞ୍ଚଳ ଦଖଲ କରିନେଲେ। ଆରାକାନ୍ ବିଷୟରେ ମୋଗଲ ଇତିହାସରେ ମଧ୍ୟ ଉଲ୍ଲେଖ ଅଛି। ମୋଗଲମାନେ ଆସିବାର ବହୁବର୍ଷ ପୂର୍ବରୁ ଚିଟାଗଙ୍ଗ (ବର୍ତ୍ତମାନ ବାଂଲାଦେଶ)ର ଅନେକ ମୁସଲମାନ ଆରାକାନ୍ (ପରେ ନାଁ ହେଲା ରାଖିନ୍)ରେ ରହିଗଲେ, କାରଣ ସେଠାରେ ମଜୁରି ବେଶି ମିଳୁଥିଲା। ଦ୍ୱିତୀୟ ମହାଯୁଦ୍ଧ ବେଳକୁ ଏହି ଚିଟାଗଙ୍ଗୀମାନେ ନିଜକୁ ରୋହିଙ୍ଗ୍ୟା ବୋଲି କହିଲେ। ୧୮୨୪ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀର ବର୍ମା ସଙ୍ଗେ ଯୁଦ୍ଧ ହେବାରୁ କମ୍ପାନୀ ରାଖିନ୍ ଦଖଲ କରିନେଲା। ବର୍ମା ଲୋକମାନଙ୍କର ଆନୁଗତ୍ୟ ରହିବ ନାହିଁ ଏହି ସନ୍ଦେହରେ ବହୁ ଚିଟାଗଙ୍ଗବାସୀଙ୍କୁ ନିଆଗଲା ରାଖିନ୍। ସେମାନେ ସରକାରଙ୍କ ସୁରକ୍ଷା ପାଇଲେ, ମଜୁରି ଅଧିକା ପାଇଲେ ଓ ସଂଖ୍ୟା ବୃଦ୍ଧି ପାଇବାରୁ ବୌଦ୍ଧ ଧର୍ମାବଲମ୍ବୀ ଓ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ। କଲିକତା ଓ ଢାକାରେ ଅବସ୍ଥିତ ଇଂରେଜ କମ୍ପାନୀଗୁଡ଼ିକ ବହୁ ଚିଟାଗଙ୍ଗୀଙ୍କୁ ନେଇ ଖଣି, ଜଙ୍ଗଲ ସଫା, ରାସ୍ତା ତିଆରି କାମରେ ଲଗେଇବାରୁ ସେମାନେ ଭଲରେ ଚଳିଲେ ଓ ବର୍ମାବାସୀଙ୍କର ଈର୍ଷାର ପାତ୍ର ହେଲେ। କାଳକ୍ରମେ ସମଗ୍ର ବର୍ମା ଇଂରେଜ ଦଖଲକୁ ଆସିବାରୁ ପୂର୍ବବଙ୍ଗ (ବର୍ତ୍ତମାନ ବାଂଲାଦେଶ)ର ବହୁ ବଙ୍ଗାଳୀ ମୁସଲମାନ ସେଠାରେ ବସବାସ କଲେ ଓ ସ୍ଥାନୀୟ ଲୋକଙ୍କୁ ଦବେଇ ରଖିଲେ।

ବର୍ତ୍ତମାନ ବର୍ମା ସରକାର କହୁଛନ୍ତି ଯେ, ୧୮୨୪ରୁ ୧୮୨୬ ଯୁଦ୍ଧ ପୂର୍ବରୁ ଯେଉଁ ଚିଟାଗଙ୍ଗୀମାନେ ଆସିଛନ୍ତି ସେମାନଙ୍କୁ ବର୍ମାର ନାଗରିକ ଭାବେ ଧରାଯିବ। ଯଦିବା ବର୍ମାର ଅଧିକାଂଶ ଅଧିବାସୀ ବୌଦ୍ଧ ତଥାପି ବର୍ମା ଏକ ଧର୍ମନିରପେକ୍ଷ ରାଜ୍ୟ ଓ ସେ ଦେଶ ରୋହିଙ୍ଗ୍ୟାମାନଙ୍କୁ ସହ୍ୟ କଲା। ମଝିରେ ମଝିରେ ମୁସଲମାନ ଓ ବୌଦ୍ଧମାନଙ୍କ ମଧ୍ୟରେ ମାର୍‌ପିଟ୍ ହେଉଥିଲା। ଦ୍ୱିତୀୟ ମହାଯୁଦ୍ଧ ସମୟରେ ଜାପାନ ବର୍ମା ଆଡକୁ ମାଡ଼ିଆସିବାରୁ ଇଂରେଜମାନେ ରୋହିଙ୍ଗ୍ୟାଙ୍କୁ ଅସ୍ତ୍ରଶସ୍ତ୍ର ଦେଲେ ଜାପାନୀ ସୈନ୍ୟଙ୍କ ଉପରେ ଗେରିଲା ଆକ୍ରମଣ ପାଇଁ। ତାହା ନ କରି ସେମାନେ ସ୍ଥାନୀୟ ବାସିନ୍ଦା ମୁଖ୍ୟତଃ ବୌଦ୍ଧ ଓ ହିନ୍ଦୁଙ୍କୁ ମାରିଲେ। ୧୯୪୨ ମସିହାରେ ଅତିକମ୍‌ରେ ୨୦,୦୦୦ ବର୍ମାବାସୀ ରୋହିଙ୍ଗ୍ୟାଙ୍କ ଆକ୍ରମଣର ଶିକାର ହେଲେ। ୧୯୪୮ ମସିହାରେ ବର୍ମା ସ୍ୱାଧୀନ ହେଲା ଓ ରାଖିନ୍ ବର୍ମାର ଅଂଶ ହୋଇଥିଲେ ମଧ୍ୟ ଏମାନଙ୍କ ମଧ୍ୟରୁ ଅନେକ ଦେଶଦ୍ରୋହୀ ଦାବିକଲେ ସ୍ୱତନ୍ତ୍ର ଦେଶ କିମ୍ବା ପାକିସ୍ତାନରେ ମିଶିବା ପାଇଁ। ଭାରତ ବିଭାଜନ ହେଉଥିଲା ବର୍ମା ନୁହେଁ, ତା' ସତ୍ତ୍ୱେ ରୋହିଙ୍ଗ୍ୟାମାନେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ଦରଖାସ୍ତ ଦେଲେ ରାଖିନ୍ ଅଞ୍ଚଳକୁ ପୂର୍ବ ପାକିସ୍ତାନରେ ମିଶାଇବା ପାଇଁ। ଧୂର୍ତ୍ତ ଜିନ୍ନା ୧୯୪୭ ମସିହାରୁ ହିସାବ କଲେଣି ଯେ ପୂର୍ବପାକିସ୍ତାନର ଜନସଂଖ୍ୟା ପଶ୍ଚିମ ପାକିସ୍ତାନଠାରୁ ବେଶି, ନିର୍ବାଚନ ହେଲେ ପୂର୍ବପାକିସ୍ତାନରୁ କେହି ଜଣେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବ। ସେଥିରେ ଯଦି ରୋହିଙ୍ଗ୍ୟା ମିଶିବେ ଅବସ୍ଥା ଅଧିକ ଜଟିଳ ହେବ।

ନିରାଶ ନ ହୋଇ ରୋହିଙ୍ଗ୍ୟାମାନେ ଏକ ମୁଜାହିଦ୍ ପାର୍ଟି କଲେ ଏବଂ ପାକିସ୍ତାନ ଭଳି ଏକ ସ୍ୱତନ୍ତ୍ର ରାଜ୍ୟ କରିବା ପାଇଁ ଦାବି କଲେ। ୧୯୪୮ରୁ ୧୯୬୨ ପର୍ଯ୍ୟନ୍ତ ବୌଦ୍ଧମାନଙ୍କୁ ଆକ୍ରମଣ କରିବା, ତାଙ୍କ ମନ୍ଦିର ଭାଙ୍ଗିବା, ଗାଁଗୁଡ଼ିକରୁ ତଡି ଦେବାରେ ଲାଗି ରହିବା ସତ୍ତ୍ୱେ ବର୍ମାର ଗଣତାନ୍ତ୍ରିକ ସରକାରର ମୁଖ୍ୟ ୟୁନୁ କୋହଳ ମନୋବୃତ୍ତି ଦେଖାଇଲେ। କିନ୍ତୁ ୧୯୬୨ ମସିହାରେ ନୂତନ ମୁଖ୍ୟ ଜେନେରାଲ ନେୱିନ୍ ଆଦେଶ ଦେଲେ ଯେ, ୧୮୨୩ ମସିହା ପୂର୍ବରୁ ଯେଉଁମାନେ ବର୍ମାର ବାସିନ୍ଦା ଥିଲେ ସେହିମାନେ ହିଁ ବର୍ମାର ନାଗରିକ ହୋଇପାରିବେ। ରୋହିଙ୍ଗ୍ୟାମାନେ ଏକ ସନ୍ତ୍ରାସବାଦୀ ସଂସ୍ଥା (ଆରାକାନ୍ ରୋହିଙ୍ଗ୍ୟା ମୁକ୍ତି ସେନା) ସ୍ଥାପନ କରି ଲଢ଼େଇ କଲେ। ଅନେକ ମୁସଲମାନ ଦେଶରୁ ସେମାନେ ଅସ୍ତ୍ରଶସ୍ତ୍ର ଓ ପଇସା ପାଇଲେ। ଏ ସବୁର ମୁକାବିଲା ଚାଲିଥିଲା। କିନ୍ତୁ ଘଟଣା ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କଲା ଯେତେବେଳେ ୨୫ ଅଗଷ୍ଟ ୨୦୧୭ରେ ରୋହିଙ୍ଗ୍ୟାମାନେ ଏକାଦିନେ ୩୦ଟି ପୋଲିସ ଛାଉଣି ଓ ଗୋଟିଏ ସୈନ୍ୟ ଛାଉଣି ଉପରେ ଆକ୍ରମଣ କରି ଅନେକଙ୍କୁ ମାରିଦେଲେ। ରୋହିଙ୍ଗ୍ୟାଙ୍କ ମୁଖପାତ୍ର ଘୋଷଣା କଲେ ଯେ, ଆମମାନଙ୍କର ନ୍ୟାଯ୍ୟ ଦାବି ଅଲଗା ଦେଶ ପାଇଁ ଆମେ ଏଇଆ କଲୁ। ଏମାନଙ୍କର ନେତା ଆମର ଜୁନ୍‌ଜୁନୀ ହେଉଛନ୍ତି ଜଣେ ଇମାମ୍, କରାଚୀରେ ଜନ୍ମ ହୋଇଥିଲେ, ତାଲିବାନ୍‌ଙ୍କ ଦ୍ୱାରା ତାଲିମ୍ ପାଇଥିଲେ ଓ ସୌଦି ଆରବର ଅନେକ ଇମାମ୍‌ଙ୍କ ସଙ୍ଗେ ତାଙ୍କ ସମ୍ପର୍କ ଅଛି।

ବର୍ମା ପୋଲିସ ଓ ସୈନ୍ୟମାନଙ୍କ ଉପରେ ଯେଉଁ ଆକ୍ରମଣ ହେଲା ତା'ର ଫଳ ସେମାନେ ପାଇଲେ। ସୈନ୍ୟବାହିନୀ ଓ ପୋଲିସ ଦଶଟି ସ୍ଥାନରେ ଆକ୍ରମଣ କରି ପ୍ରାୟ ହଜାରେ ଗାଁ ପୋଡ଼ିଦେଲେ ଓ ଅନେକ ରୋହିଙ୍ଗ୍ୟାଙ୍କୁ ମାରିଦେଲେ। ୭ ଜାନୁୟାରୀ ୨୦୧୮ରେ ରୋହିଙ୍ଗ୍ୟାର କେତେକ ସନ୍ତ୍ରାସବାଦୀ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବାରୁ ସେମାନେ ପ୍ରତିଆକ୍ରମଣ କଲେ ଓ ଅନେକ ରୋହିଙ୍ଗ୍ୟା ବାଂଲାଦେଶକୁ ପଳେଇ ଆସିଲେ। ଏହିସବୁ ଘଟଣାପ୍ରବାହ ଦେଖି ଯେକୌଣସି ଲୋକର ହୃଦ୍‌ବୋଧ ହେବ ଯେ ରୋହିଙ୍ଗ୍ୟାମାନେ ଜାଣି ଜାଣି ବିପତ୍ତି ମୁଣ୍ଡେଇଛନ୍ତି। ଯେଉଁ ରୋହିଙ୍ଗ୍ୟାମାନେ (ପ୍ରାୟ ଦଶଲକ୍ଷ) ବାଂଲାଦେଶରେ ଆଶ୍ରୟ ନେଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ (ପ୍ରାୟ ୭୦ ଭାଗ) ବୃଦ୍ଧ, ଶିଶୁ ଓ ମହିଳା। ବାଂଲାଦେଶରୁ ଯେଉଁମାନେ ଭାରତବର୍ଷରେ ପଶିଯାଇଛନ୍ତି ତାଙ୍କୁ ବାଂଲାଦେଶ ସରକାର ସେମାନଙ୍କର ନାଗରିକ ନୁହନ୍ତି ବୋଲି କହୁଛନ୍ତି। ଏବେ ବର୍ମା(ମ୍ୟାନମାର) ସରକାର ବାଂଲାଦେଶକୁ ସେହି ଭାଷା ହିଁ କହୁଛନ୍ତି। ରୋହିଙ୍ଗ୍ୟାଙ୍କ ମଧ୍ୟରେ କେତେକ ହିନ୍ଦୁ ଅଛନ୍ତି ଓ ବର୍ମା ସେମାନଙ୍କୁ ଫେରାଇନେବା ପାଇଁ ଚାହୁଁଛି। କାରଣ ହିନ୍ଦୁମାନେ ବର୍ମାରେ କୌଣସି ଗଣ୍ଡଗୋଳ କରିନାହାନ୍ତି। ସେମାନଙ୍କ ଉପରେ ରୋହିଙ୍ଗ୍ୟା ମୁସଲମାନମାନେ ଅତ୍ୟାଚାର କରୁଥିବାରୁ ଫେରିଯିବା ପାଇଁ ଏଇ ହିନ୍ଦୁମାନେ ଦରଖାସ୍ତ ଦେଉଛନ୍ତି। ଏହି ଅବସ୍ଥାରେ ପଡ଼ି ମଧ୍ୟ ରୋହିଙ୍ଗ୍ୟାମାନଙ୍କର ବିଷଦାନ୍ତ ଝଡ଼ିନାହିଁ। ତାଙ୍କର ଜଣେ ସୁନ୍ନି ଧର୍ମଗୁରୁ ଅସରଫ୍ ଅସିଫ ଜଲାହୀ 'ଜିହାଦ୍ କର' ବୋଲି ଡାକରା ଦେଉଛନ୍ତି ଓ ଘୋଷଣା କରିଛନ୍ତି ଯେ ବର୍ମାର ନେତ୍ରୀ ସୁଲାଇ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫାଶୀ ଦେବା ପାଇଁ। ସେମାନେ ମହିଳା, ବୃଦ୍ଧ ଓ ଶିଶୁଙ୍କୁ ବାଂଲାଦେଶ ପଠେଇ ଯୁବକ ଓ ପ୍ରୌଢ଼ମାନଙ୍କୁ ବର୍ମାରେ ରଖିଛନ୍ତି ଲଢ଼େଇ କରିବା ପାଇଁ ଏବଂ ଯେଉଁ ରୋହିଙ୍ଗ୍ୟାମାନେ ବାଂଲାଦେଶରେ ଆଶ୍ରୟ ନେଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ୨୦,୦୦୦ ମହିଳା ମାଆ ହେବା ପାଇଁ ଯାଉଛନ୍ତି। ଏହି ବର୍ଷ ଶେଷ ସୁଦ୍ଧା ପଚାଶ ହଜାରରୁ ଅଧିକ ଶିଶୁ ଜନ୍ମ ହେବେ।

ବର୍ମାର ଅଭିଯୋଗ ଯେ, ପ୍ରତ୍ୟେକ ମହିଳା ଆଠ ଦଶ ପିଲା ଜନ୍ମକରି ଅଣ ମୁସଲମାନଙ୍କ ସଂଖ୍ୟାକୁ ଟପିଯିବେ ଓ ଇଣ୍ଡୋନେସିଆ, ମାଲେସିଆ ପରିସ୍ଥିତି ହେବ। ବାଂଲାଦେଶରେ ୧୯୫୧ ମସିହାରେ ହିନ୍ଦୁଙ୍କ ସଂଖ୍ୟା ଥିଲା ୨୨%, ୧୯୭୧ରେ ହେଲା ୧୩.୫% ଓ ଏବେ ହୋଇଛି ୮.୦୫%। ଭୋଟ୍ ରାଜନୀତି ଦୃଷ୍ଟିରୁ ଆମ ଦେଶର କିଛି ରାଜନୈତିକ ଦଳ ଏଇ ଆକ୍ରମଣକାରୀଙ୍କୁ ସହାନୁଭୂତି ଦେଖାଉଛନ୍ତି ଓ କେତେକ ସାମାଜିକ ଅନୁଷ୍ଠାନ ଏମାନଙ୍କୁ ଆଶ୍ରୟ ଦେବା ପାଇଁ ଦାବି କରୁଛନ୍ତି। ତୃଣମୂଳ କଂଗ୍ରେସର ଅନେକ ସଦସ୍ୟ ରୋହିଙ୍ଗ୍ୟାଙ୍କ ପ୍ରତି ସହାନୁଭୂତିଶୀଳ।

୧୯୫୧ ମସିହାରେ ଜାତିସଂଘ ଶରଣାର୍ଥୀଙ୍କ ପାଇଁ ଏକ ରାଜିନାମା କରେଇଛନ୍ତି ଓ ନିଜର ପରିସ୍ଥିତି ଭିନ୍ନ ଥିବାରୁ ଭାରତ ସେଥିରେ ଦସ୍ତଖତ କରିନାହିଁ। ତେଣୁ ଭାରତ ରୋହିଙ୍ଗ୍ୟାମାନଙ୍କୁ ଆଶ୍ରୟ ଦେବା ପାଇଁ ବାଧ ନୁହେଁ। ରୋହିଙ୍ଗ୍ୟା ସମସ୍ୟା ହେଉଛି ବର୍ମା ଏବଂ ବାଂଲାଦେଶର। ଅଥଚ ମୁଣ୍ଡବ୍ୟଥା ହେଉଛି ଆମ ଦେଶର କେତେକ ରାଜନୈତିକ ଦଳର ଏବଂ ପାକିସ୍ତାନ, ସୌଦିଆରବର କେତେକ ଇମାମ୍ ମୁଲ୍ଲା ଓ ମୌଲବୀଙ୍କର। ନାଇଜେରିଆର ଅଣମୁସଲମାନମାନଙ୍କୁ ମୁସଲମାନ ସନ୍ତ୍ରାସବାଦୀ ସଂସ୍ଥା ବୋକୋହାରାମ ମାରୁଛନ୍ତି। ପାକିସ୍ତାନ, ବାଂଲାଦେଶ ଓ କେତେକ ଆରବ ଦେଶରେ ହିନ୍ଦୁ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୋରାଷ୍ଟ୍ରିଆନ, ଇହୁଦୀ, ଅହମଦିଆ ଓ ବାହାଇଙ୍କ ଉପରେ ଅତ୍ୟାଚାର କରାଯାଉଛି। ପାକିସ୍ତାନର ଯେତେ ମସ୍‌ଜିଦ ଉପରେ ଆକ୍ରମଣ ହୋଇଛି ସେଥିରୁ ୯୦ ପ୍ରତିଶତ ଶିହାମାନଙ୍କର। ଅହମଦିଆମାନଙ୍କୁ ମସ୍‌ଜିଦକୁ ଯିବା ପାଇଁ ମନା। ଶିହାମାନେ ୨ୟ ଶ୍ରେଣୀ ଓ ହିନ୍ଦୁଙ୍କଠାରୁ ଆରମ୍ଭ କରି ଅହମଦିଆ ପର୍ଯ୍ୟନ୍ତ ସମସ୍ତେ ୩ୟ ଶ୍ରେଣୀ ନାଗରିକ।

ଅନ୍ୟ ଦେଶରେ ଏଇଭଳି ମନୋବୃତ୍ତି ଥିବାବେଳେ ଆମ ଦେଶରେ ୩ କୋଟି ବାଂଲାଦେଶୀ ଅବୈଧ ଭାବେ ପ୍ରବେଶ କରିବା ସତ୍ତ୍ୱେ ଆମ ନେତାମାନଙ୍କର ସେମାନଙ୍କ ପ୍ରତି ସମର୍ଥନ ଅଛି। ବର୍ତ୍ତମାନ ୩୦ ହଜାର ରୋହିଙ୍ଗ୍ୟା ପଶିସାରିଲେଣି ଓ ସେମାନଙ୍କ ତରଫରୁ ଜଣେ ଖ୍ୟାତନାମା ଓକିଲ ସୁପ୍ରିମ୍‌କୋର୍ଟରେ କେସ୍ ମଧ୍ୟ କଲେଣି। ଅନେକ ରୋହିଙ୍ଗ୍ୟା କଶ୍ମୀରରେ ରହିଗଲେଣି। ଏମାନଙ୍କର ସନ୍ତ୍ରାସବାଦ ସଂସ୍ଥାକୁ ଲଷ୍କର ଇ-ତୋଇବା, ଜୈସ୍-ଇ-ମହମ୍ମଦ ଓ ଜମାତ୍-ଉଦ୍-ଦାୱା ସହିତ ଆଇଏସ୍‌ଆଇ ସମ୍ପର୍କ ରଖିବା ସତ୍ତ୍ୱେ ଆମ ଦେଶରେ ସହାନୁଭୂତିର ଅଭାବ ନାହିଁ। ୨୦ ଡିସେମ୍ବର ୨୦୧୭ରେ ଭାରତ ମ୍ୟାନ୍‌ମାରକୁ ପ୍ରତିଶ୍ରୁତି ଦେଇଛି ରୋହିଙ୍ଗ୍ୟାମାନେ ଫେରିଗଲେ ସେମାନଙ୍କ ଥଇଥାନ ପାଇଁ ଭାରତ ସାହାଯ୍ୟ କରିବ। ଆମର ସହାନୁଭୂତି ସେତିକିରେ ସୀମିତ ରହୁ ଓ ସମସ୍ୟା ସମାଧାନ ଦିଗରେ ଶସ୍ତା ରାଜନୀତି ନ ପଶୁ। ମୋ-୯୦୪୦୪୧୨୩୭୮

# ବ୍ୟସ୍ତ ଜୀବନ



ସଂଗ୍ରାମ କେଶରୀ ପୃଷ୍ଟି

ସକାଳୁ ରାତିଯାଏ ସବୁବେଳେ ଖାଲି କାମ ହିଁ କାମ। ଏଥିରୁ ଫୁରସତ ଟିକିଏ କୋଉ ମିଳୁଛି ଭଲା! ଖାଇବା ତ ଛାଡ ମରିବାକୁ ବି ସମୟ ନାହିଁ। ପ୍ରାୟତଃ ଏମିତି କଥା ଅନେକଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। କହୁଥିବା ଲୋକର ଭାଷାଶୈଳୀ ଓ ମୁଖମଣ୍ଡଳ ଦେଖିଲେ ଲାଗେ ସତେଯେମିତି ୟାଙ୍କଠାରୁ ବଳି ବ୍ୟସ୍ତ ମଣିଷ ଏ ଦୁନିଆରେ ଆଉ କେହି ନ ଥିବେ। ତେବେ ଏ ବ୍ୟସ୍ତ ମଣିଷଙ୍କ ବ୍ୟସ୍ତତା ପରଖିବାକୁ କାହାର ଆଗ୍ରହ ନ ଥାଏ କି ବେଳ ମଧ୍ୟ ନ ଥାଏ।

ମଣିଷ ନିଜ କାର୍ଯ୍ୟକୁ ନେଇ ବ୍ୟସ୍ତ ହୋଇପଡେ। ଅଳ୍ପ ସମୟ ମଧ୍ୟରେ ଅଧିକ କାର୍ଯ୍ୟ କରିବାର ସଙ୍କଳ୍ପବଦ୍ଧତା ହିଁ ବ୍ୟସ୍ତତାକୁ ଡାକିଆଣେ। କାର୍ଯ୍ୟ ଜରୁରୀ ଥିଲେ ଏଥିପାଇଁ ଇନ୍ଧନ ମିଳେ। ତେବେ ଗୋଟିଏ କାର୍ଯ୍ୟ ଜରୁରୀ ହୋଇପଡେ ସେତେବେଳେ, ଯେତେବେଳେ କି ଠିକ୍ ସମୟରେ ଠିକ୍ କାର୍ଯ୍ୟ କରାଯାଇ ନ ଥାଏ। ଫଳତଃ ଧାର୍ଯ୍ୟ ବା ସୀମିତ ସମୟ ମଧ୍ୟରେ ତାକୁ ଅଧିକ କାର୍ଯ୍ୟ କରିବାକୁ ପଡିଥାଏ। ସୁତରାଂ ସେ ବ୍ୟସ୍ତ ରହେ। ଏହି କାରଣରୁ ବ୍ୟସ୍ତ ମଣିଷ ପାଖରେ ରାଗିବା, ବିରକ୍ତ ହେବା ଓ ଚିଡିଚିଡା ଭାବ ପରି ଲକ୍ଷଣ ଦେଖାଯାଏ। କାମର ପ୍ରାବଲ୍ୟ ଓ ମାନସିକ ଚାପ କାରଣରୁ କାର୍ଯ୍ୟରେ ବିଭ୍ରାଟ ଦେଖାଦେଇପାରେ।

ଏହି ବ୍ୟସ୍ତତା ଭିତରୁ କେହି ମୁକୁଳିପାରି ନ ଥାନ୍ତି। ଠିକ୍ ସମୟରେ ପାଠ ସାରି ନ ଥିବାରୁ ପିଲାଟିଏ ନିଜେ ତ ବ୍ୟସ୍ତ ହୁଏ ତା' ସହିତ ପରିବାର ଲୋକଙ୍କୁ ବ୍ୟସ୍ତବିବ୍ରତ କରିପକାଏ। ସ୍କୁଲରୁ ଠିକ୍ ସମୟରେ ପିଲା ନ ଫେରିଲେ ବାପାମାଆ ବ୍ୟସ୍ତ ହେବା ସ୍ୱାଭାବିକ। ଫାଇଲ କାମ ଠିକ୍ ସମୟରେ ହୋଇ ନ ପାରିଲେ କର୍ମଚାରୀଟିଏ ଯେତିକି ବ୍ୟସ୍ତ ହୋଇପଡେ ତା'ଠୁ ଅଧିକ ବ୍ୟସ୍ତ ହୋଇପଡନ୍ତି ଅଫିସର। ଟ୍ରେନ୍‌ରେ ଚଢିବାର ବ୍ୟସ୍ତତା, ଠିକ୍ ସମୟରେ ପରୀକ୍ଷା ହଲ୍‌ରେ ପହଞ୍ଚିବାର ବ୍ୟସ୍ତତା ଓ ଯଥାସମୟରେ କରଜ ଶୁଝିବାର ବ୍ୟସ୍ତତା ସବୁ ବ୍ୟସ୍ତତାଠାରୁ ବଳିଯାଏ। ସଙ୍କଟାପନ୍ନ ରୋଗୀ ପାଇଁ ଆତ୍ମୀୟସ୍ୱଜନଙ୍କ ବ୍ୟସ୍ତତାର ତ ସୀମା ନ ଥାଏ।

ଏ ସମସ୍ତ ବ୍ୟସ୍ତତା ପଛର ମୂଳକାରଣ ହେଉଛି ସମୟ। ସମୟର ଠିକ୍ ବ୍ୟବହାର କରି ନ ପାରି ପରବର୍ତ୍ତୀ ସମୟରେ ତାକୁ ଖୋଜିବୁଲିବା ହିଁ ବ୍ୟସ୍ତ ରହିବାକୁ ବାଧକରେ। ସମ୍ଭବତଃ ସେଥିପାଇଁ କୁହାଯାଏ କାଲିର କାମ ଆଜି କର ଓ ଆଜିର କାମ ଏବେ। କୌଣସି କାର୍ଯ୍ୟ ପାଇଁ କେହି ଆମର ସହାୟତା ଲୋଡିଲେ 'ବ୍ୟସ୍ତ ଅଛି' କହି ତା' ଅନୁରୋଧକୁ ଟାଳିଦେଉଛୁ। ହାତରେ ସମୟ ନ ଥିବାର ବାହାନା ଦେଖାଉଛୁ। ନିଜର ଭୁଲ୍ ବା ଅବହେଳା ପାଇଁ ପ୍ରତି ମୁହୂର୍ତ୍ତରେ ଆମେ ସମୟ ମୁଣ୍ଡରେ ଦୋଷ ଲଦିବାକୁ ଉଚିତ ମଣୁଛୁ।

ଏ ବ୍ୟସ୍ତତା ପାଖରେ ମଣିଷ କେତେ ଅସହାୟ ସତେ! ଯେଉଁଥିପାଇଁ ଆମେ ଭୁଲିଯାଉଛୁ ପରିବାର, ତୁଟେଇଦେଉଛୁ ସମ୍ପର୍କ। ଏପରିକି ହସିବା ବି ଦୁର୍ଲଭ ହୋଇଗଲାଣି। ପରିବାର ଓ ଆତ୍ମୀୟସ୍ୱଜନଙ୍କ ଗହଣରେ ବସି ଗପସପ କରିବା, ସୁଖଦୁଃଖ ବାଣ୍ଟିବା, ହାନିଲାଭ ବୁଝିବାକୁ ବି ସମୟର ନିଅଣ୍ଟ ପଡିଲାଣି। ଏହି କାରଣରୁ ପିଲାଙ୍କୁ ବାତ୍ସଲ୍ୟମମତା ଦେବାରେ, ବୟୋଜ୍ୟେଷ୍ଠ ଗୁରୁଜନଙ୍କ କଥା ବୁଝିବାରେ ଆମେ କରିବସୁଛୁ ଚରମ ଅବହେଳା। ଏଥିରେ ଭଲା ସାହିପଡିଶା, ବନ୍ଧୁବାନ୍ଧବଙ୍କ ସୁଖଦୁଃଖରେ ସାମିଲ ହେବାକୁ ଆମର ବେଳ କାଇଁ ଯେ! ହଁ, ଦୈବାତ୍ ଘରେ କି ବାହାରେ ଦେଖାହେଲେ କେମିତି ଅଛ? ସବୁ ଭଲ ତ! ହଉ ପରେ କଥା ହେବା କହିଦେଇ ଖସିଯାଉଛୁ।

ଜୀବନରେ ଦୁଇଜଣଙ୍କଠାରୁ ଦୂରେଇ ରହିବା ଆବଶ୍ୟକ। ଜଣେ ହେଲା ବ୍ୟସ୍ତ ରହୁଥିବା ଲୋକ ଓ ଆଉ ଜଣେ ଗର୍ବ କରୁଥିବା ଲୋକ। କାହିଁକିନା ବ୍ୟସ୍ତ ରହୁଥିବା ଲୋକ ନିଜ ଇଚ୍ଛାରେ ହିଁ କଥା ହେବ, ଆଉ ଗର୍ବ କରୁଥିବା ଲୋକ ନିଜ କାମପଡିଲେ ହିଁ ମନେପକାଇବ। ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ କଥାରେ ବ୍ୟସ୍ତତା ଦେଖାଇ ହୁଅନ୍ତି ସିନା କାମରେ ସେମିତି କିଛି ତତ୍ପରତା ପ୍ରକାଶ କରନ୍ତି ନାହିଁ। କାମକୁ ଏଡାଇଦେବା ପାଇଁ ବା ଏଥିରେ ସାମିଲ ନ ହେବା ପାଇଁ ବ୍ୟସ୍ତତାର ନାଟକ ରଚିଥାନ୍ତି। ଯଦି ପ୍ରକୃତରେ ଏମାନେ ବ୍ୟସ୍ତ ରହନ୍ତେ ତା'ହେଲେ କାମସବୁ ଅଧାପନ୍ତରିଆ ପଡନ୍ତା ନାହିଁ। ଅନେକ ସଚ୍ଚୋଟ ବ୍ୟକ୍ତି ନିଜ ବୃତ୍ତିରେ ବ୍ୟସ୍ତ ରହି ପରିବାର ପ୍ରତି ଅବହେଳା କରୁଥିବା ବେଳେ ଅନେକ ସ୍ୱାର୍ଥପର ବ୍ୟକ୍ତି ପରିବାର ପାଇଁ ବ୍ୟସ୍ତ ରହି ବୃତ୍ତିଗତ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥାନ୍ତି।

କିଛି ଲୋକଙ୍କ ତ୍ୟାଗପୂତ ବ୍ୟସ୍ତଜୀବନ ସମାଜ ପାଇଁ ମଙ୍ଗଳକର ହୋଇଥାଏ। ଏଥିରେ ନା ଥାଏ ସ୍ୱାର୍ଥ ନା ଅହଂଭାବ। ସମର୍ପିତ ଭାବ ନେଇ ଅନେକଙ୍କ ବୋଝକୁ ଏକଲା ସମ୍ଭାଳିବାର ମାନସିକତା ହିଁ ତାଙ୍କୁ ବ୍ୟସ୍ତ କରିପକାଏ। ଏସବୁ ସତ୍ତ୍ୱେ ସେମାନେ ପରିବାରକୁ ସମୟ ଦିଅନ୍ତି। ବୃଦ୍ଧ ମାତାପିତାଙ୍କ ସେବା କରନ୍ତି। ବ୍ୟସ୍ତତା ଭିତରେ ବୁଡିରହି ସୁଦ୍ଧା ମୁହଁ ଦିଶୁଥାଏ ସଦା ପ୍ରସନ୍ନ। ତାଙ୍କୁ ଦେଖିଲେ ଜଣାଯାଏ ସତେଯେମିତି ବ୍ୟସ୍ତତା ତାଙ୍କୁ ଛୁଇଁପାରିନାହିଁ। ବ୍ୟସ୍ତତା ନାଁରେ ଅନ୍ୟକୁ ଠକିଲେ ପ୍ରଥମେ ନିଜର ହିଁ କ୍ଷତିହେବ। ଅନ୍ୟର ଆବଶ୍ୟକତା ବେଳେ ନିଜକୁ ବ୍ୟସ୍ତ କହି ଓହରିଯିବା ଅତି ସହଜ ହୋଇଥାଏ କିନ୍ତୁ ନିଜର ଆବଶ୍ୟକତା ବେଳେ ସେହିକଥା ଅନ୍ୟ ମୁହଁରୁ ଶୁଣିବା ବହୁତ ଯନ୍ତ୍ରଣାଦାୟକ ମନେହୁଏ। ସୁତରାଂ ସମୟର ସଦୁପଯୋଗ, କର୍ତ୍ତବ୍ୟ ପ୍ରତି ଆନ୍ତରିକତା ଓ ସ୍ୱଚ୍ଛ ଭାବନା ହିଁ ଆମକୁ ବ୍ୟସ୍ତଜୀବନରୁ ମୁକ୍ତି ଦେଇପାରିବ।

ରାଜକିଶୋର ନଗର, ଅନୁଗୋଳ,
ମୋ-୯୪୩୭୫୪୭୧୪୬

## ଏଇ ଭାରତରେ

ଦେଶର ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ ସହଯୋଗ କରିବା ଲାଗି ମହାରାଷ୍ଟ୍ର ସରକାର ଏକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ସେମାନଙ୍କ ନିମନ୍ତେ ଇଣ୍ଟରନେଟ୍ ଏବଂ ଜିପିଏସ୍‌ଭିତ୍ତିକ ଜରୁରୀ ସତର୍କ ବ୍ୟବସ୍ଥା ବିକାଶ କରିବାକୁ ପୋଲିସକୁ କୁହାଯାଇଛି। ଏହାଦ୍ୱାରା ପରିଣତ ବୟସରେ ପଦାର୍ପଣ କରିଥିବା ଲୋକେ ସମସ୍ୟାରେ ପଡିଲେ ସେମାନଙ୍କୁ ତୁରନ୍ତ ସହାୟତା ମିଳିପାରିବ। ଜରୁରୀ ସତର୍କ ସୂଚନା ବ୍ୟତୀତ ମୋବାଇଲ୍ ଆଲାର୍ମ, ଇଣ୍ଟରନେଟ୍ ବା ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ ମାଧ୍ୟମରେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଇପାରିବ। ତେଣୁ ସବୁ ଜିଲାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ବରିଷ୍ଠ ନାଗରିକ ଅସୁସ୍ଥ ହୋଇପଡ଼ିଲେ କିମ୍ବା ଅନ୍ୟାନ୍ୟ ସମସ୍ୟାରେ ପଡିଲେ ହେଲ୍‌ପ ଲାଇନ୍‌ର ସହାୟତା ନେଇପାରିବେ। ତେଣୁ ବୟସ୍କ ବ୍ୟକ୍ତିଙ୍କ ସମସ୍ୟା ଉପରେ ଅଧିକ ପ୍ରାଧାନ୍ୟ ଦେଇ ସେମାନଙ୍କୁ ସାହାଯ୍ୟ କରିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଏକାକୀ ରହୁଥିବା ବୟସ୍କ ନାଗରିକଙ୍କର ଏକ ତାଲିକା ପ୍ରକାଶ କରାଯିବ। ସାମାଜିକ କର୍ମୀଙ୍କ ସହିତ ପୋଲିସ ପର୍ଯ୍ୟାୟକ୍ରମିକ ଭାବରେ ସେମାନଙ୍କ ଥଇଥାନ ସ୍ଥଳ ଗସ୍ତକରି ସହାୟତା ଯୋଗାଇଦେବେ। ଏଥିପାଇଁ ପ୍ରତ୍ୟେକ ଜିଲା, କମିଶନରେଟ୍ କାର୍ଯ୍ୟାଳୟ ଏବଂ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ନୋଡାଲ ଅଫିସର ରହି ବୟସ୍କ ନାଗରିକଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବେ। ବାସ୍ତବରେ ଏହି ଅଭିନବ ବ୍ୟବସ୍ଥା ସବୁ ରାଜ୍ୟରେ କାର୍ଯ୍ୟକାରୀ ହେଲେ ଅନେକ ଦୁଃସ୍ଥ ବୟସ୍କ ନାଗରିକ ସେମାନଙ୍କ ବୟସକୁ ବୋଝ ମନେକରିବେ ନାହିଁ।

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁତାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଆ ଉକତ।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | | | | | | | 2 | | 8 | 7 | | | |
| | | | | | | B | | | E | C | 2 | | | |
| | 4 | | | | A | | 9 | | | | 6 | 8 | | D |
| 8 | | | 9 | | | C | | 1 | | A | | | | |
| 2 | | | | | B | E | 5 | D | | | 4 | | 0 | |
| A | 7 | | | 0 | | | | | | E | | D | | 4 |
| | | | | 3 | | | | B | | 9 | A | | 2 | 1 |
| | | | 7 | 1 | | | | | 0 | | | | | |
| | | 2 | | B | | | 4 | | | 7 | 5 | | | |
| | | | | 5 | 4 | | | | D | | | 3 | | |
| 0 | | E | | | | | 2 | 3 | | | | | | |
| | A | | C | | | D | | | | | 3 | | | E |
| 7 | 1 | 9 | 5 | A | | | | | 8 | | | | C | |
| 5 | | C | | | 2 | | | | 4 | D | E | | | 8 |
| D | | | | 8 | | | 0 | | | B | | 5 | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | C | 8 | 4 | 7 | 9 | E | 3 | 5 | B | 2 | D | 1 | A |
| D | 7 | 2 | 6 | A | E | 0 | 1 | 5 | C | 4 | 9 | 8 | 3 | B |
| 8 | 9 | A | 3 | 1 | B | 4 | 2 | D | 7 | 6 | 0 | 5 | C | E |
| 4 | 3 | 5 | 0 | D | 9 | B | C | A | 1 | 8 | E | 7 | 6 | 2 |
| E | 1 | B | 2 | C | 5 | 6 | 8 | 7 | 3 | A | D | 0 | 9 | 4 |
| 7 | 2 | 8 | 1 | B | 6 | 3 | 0 | C | 4 | 9 | 5 | A | E | D |
| 6 | 0 | 1 | 9 | 5 | A | 7 | D | B | E | 2 | C | 4 | 8 | 3 |
| 3 | 5 | 9 | E | 7 | 4 | 8 | 6 | 1 | B | D | A | 2 | 0 | C |
| B | D | 4 | C | 2 | 0 | A | 9 | E | 6 | 3 | 8 | 1 | 5 | 7 |
| C | A | E | D | 3 | 8 | 2 | 5 | 4 | 0 | 1 | 7 | 6 | B | 9 |
| 1 | E | 7 | A | 6 | 3 | C | 4 | 8 | D | 5 | B | 9 | 2 | 0 |
| 2 | C | 3 | 5 | 9 | 1 | E | A | 0 | 8 | 7 | 4 | B | D | 6 |
| 5 | 4 | D | B | 0 | 2 | 1 | 7 | 6 | 9 | E | 3 | C | A | 8 |
| 9 | 8 | 6 | 7 | E | C | D | B | 2 | A | 0 | 1 | 3 | 4 | 5 |
| A | B | 0 | 4 | 8 | D | 5 | 3 | 9 | 2 | C | 6 | E | 7 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜମ୍ମୁ-କଶ୍ମୀରରେ ବ୍ଲାକ୍ କ୍ୟାଟ୍ କମାଣ୍ଡୋ

ମହାଶୟ,

ପ୍ରତିଦିନ ଜମ୍ମୁ-କଶ୍ମୀରରେ ସନ୍ତ୍ରାସବାଦୀମାନଙ୍କର ତାଣ୍ଡବଲୀଳା ଚାଲୁ ରହିଛି। ଏପରି କୌଣସି ଦିନ ବାଦ ଯାଉନି, ଯେଉଁଦିନ ସନ୍ତ୍ରାସବାଦୀ ଏବଂ ନିରାପତ୍ତା ବାହିନୀ ମଧ୍ୟରେ ସଂଘର୍ଷ ନ ହେଉଛି। ବେଳକୁ ବେଳ ସନ୍ତ୍ରାସବାଦୀଙ୍କର ଉତ୍ପାତ ବଢି ବଢି ଚାଲିଛି। ପାକିସ୍ତାନ ସରକାର ଓ ପାକିସ୍ତାନ ସେନା ସେମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସନ୍ତ୍ରାସବାଦୀମାନଙ୍କୁ ଦମନ କରିବାକୁ ବ୍ଲାକ୍ କ୍ୟାଟ୍ କମାଣ୍ଡୋମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଶତ୍ରୁ ସହ ମୁକାବିଲା କରି ସମୂଳେ ନିପାତ କରିବାକୁ ଏମାନେ ଅତ୍ୟନ୍ତ ଦକ୍ଷ। ଏମାନେ ନିଶ୍ଚିତ ଜମ୍ମୁ-କଶ୍ମୀରରେ ସନ୍ତ୍ରାସବାଦୀମାନଙ୍କୁ ଦମନ କରି ରାଜ୍ୟରେ ଶାନ୍ତି ଫେରାଇ ଆଣିବେ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ସେବାୟତଙ୍କ ଦାଦାଗିରି

ଗତ ରଥଯାତ୍ରା ସମୟରେ ସେବାୟତମାନେ ଭଲ ରକମର ଦକ୍ଷିଣା ଆଦାୟ କରିଥିଲେ। ପ୍ରତି ନଡିଆ ପାଇଁ ଅନ୍ୟୂନ ୧୦ ଟଙ୍କା ଲେଖାଏ ଦାବି କରି ଦକ୍ଷିଣା ଆଦାୟ କରିବାର ଦେଖାଯାଇଥିଲା। ଯେଉଁଠୁ ଯେତେ ଆଦାୟ କରିହେବ ସେଠାରୁ ସେହିଭଳି ଆଦାୟ କରିଥିଲେ। ନୀଳାଦ୍ରି ବିଜେ ସମୟରେ ବ୍ୟବସାୟୀମାନେ ଛୋଟ ଛୋଟ ରସଗୋଲାକୁ ୧୦ ଟଙ୍କାରେ ବିକିଲେ। ପୋଲିସ ପ୍ରଶାସନର ଜାଣତରେ ସେମାନଙ୍କ ଆଖି ଆଗରେ ସେବାୟତମାନେ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କଠାରୁ ଦକ୍ଷିଣା ଆଦାୟ କରୁଥିଲେ। ଅଥଚ କେହି ସେମାନଙ୍କୁ ବାଧା ଦେଉ ନ ଥିଲେ ବା ଦେବାକୁ ସାହସ କରୁ ନ ଥିଲେ। ସିସି କ୍ୟାମେରାରୁ ଏହା ବେଶ୍ ଜଣାପଡିବ। ଯଦି ସଦ୍ୟ ଦିବାଲୋକରେ ସେମାନେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ କରିଦେଉଛନ୍ତି ଏବଂ ପୋଲିସ ପ୍ରଶାସନ ସବୁ ଦେଖି ବି ନୀରବ ରହୁଛି, ତେବେ ମନ୍ଦିର ଭିତରେ ସେମାନେ କ'ଣ ବା ନ କରୁଥିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ




# ବଢୁଛି ଋଣ, ତଥାପି ସ୍ଥିତି ଭଲ

## ୭୬୪୨୮ କୋଟିରେ ପହଞ୍ଚିଲାଣି ଋଣଭାର

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ରାଜ୍ୟରେ ଋଣଭାର ବଢ଼ି ବଢ଼ି ଚାଲିଛି। ଋଣ ବୋଝରେ ଅଣନିଃଶ୍ୱାସୀ ହେଲେଣି ରାଜ୍ୟବାସୀ । ତଥାପି ଆର୍ଥିକ ସ୍ଥିତି ଭଲ ରହିଛି। ଏଭଳି ଦମ୍ଭୋକ୍ତି ମାରୁଛି ଅର୍ଥ ବିଭାଗ। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ ଜୁଲାଇ ଶେଷ ସୁଦ୍ଧା ଋଣ ପରିମାଣ ୭୬୪୨୮.୪୧ କୋଟିରେ ପହଞ୍ଚିଲାଣି। ୨୦୦୦-୦୧ରେ ରାଜ୍ୟର ଋଣଭାର ୨୧୦୦୧.୮୮କୋଟି ଟଙ୍କା ଥିଲା। ଗତ ୧୮ ବର୍ଷ ଭିତରେ ୪ ଗୁଣା ବଢ଼ିଗଲାଣି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ୨୦୦୦-୦୧ରେ ୩୬୪୪.୫୯ କୋଟି ଟଙ୍କା ଋଣ କରିଥିବା ବେଳେ ୨୦୦୧-୦୨ରେ ୩୯୫୨.୫୬, ୨୦୦୨-୦୩ରେ ୫୬୦୨.୨୦ କୋଟି, ୨୦୦୩-୦୪ରେ ୬୧୧୧.୬୪, ୨୦୦୪-୦୫ରେ ୪୬୬୯.୯୦, ୨୦୦୫-୦୬ରେ ୩୪୪୨.୮୬, ୨୦୦୬-୦୭ରେ ୨୬୪୩.୮୦ କୋଟି ଟଙ୍କା ଋଣ କରିଥିଲେ। ତେବେ ୨୦୦୮ରୁ ୨୦୧୧ ଯାଏ ରାଜ୍ୟର ଆର୍ଥିକ ସ୍ଥିତିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ରାଜ୍ୟ ସରକାର ଏହି ୪ ବର୍ଷ ମଧ୍ୟରେ କମ୍ ଋଣ କରିଥିଲେ। ତେବେ ୨୦୧୫-୧୬ରୁ ଋଣ ଆଣିବା ବଢ଼ାଇ ଦେଇଛନ୍ତି। ୨୦୧୪-୧୫ରେ ରାଜ୍ୟ ସରକାର ୭୬୩୬.୫୪ କୋଟି ଟଙ୍କା ଋଣ କରିଥିବା ବେଳେ ୨୦୧୫-୧୬ରେ ଏହି ପରିମାଣ ୧୧୬୨୫.୩୨ କୋଟି ଟଙ୍କାକୁ ବଢ଼ିଗଲା। ୨୦୧୬-୧୭ରେ ୧୩୦୮୦.୧୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ୨୦୧୭-୧୮ରେ ୧୪୪୧୯.୪୧ କୋଟି ଟଙ୍କା ଋଣ କରିଛନ୍ତି।

ରାଜ୍ୟ ସରକାର ୨୦୧୭-୧୮ରେ ଦରମା ବାବଦରେ ୧୮୩୩୫.୫୮ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ପେନ୍‌ସନ୍ ବାବଦରେ ୮୬୯୨.୮୬ କୋଟି ଖର୍ଚ୍ଚ କରିଛନ୍ତି। ତେବେ ଏହି ଖର୍ଚ୍ଚକୁ ଭରଣା କରିବା ଏକମାତ୍ର ଟିକସ ଓ ଅଣଟିକସ ସାହାରା। ୨୦୧୭-୧୮ରେ ବାଣିଜ୍ୟ କର, ରାଜ୍ୟ ଅବକାରୀ ଶୁଳ୍କ, ବିଦ୍ୟୁତ ଶୁଳ୍କ, ଯାନବାହନ ଟିକସ, ମୁଦ୍ରାଙ୍କ ଓ ନିବନ୍ଧନ ଶୁଳ୍କ, ଭୂରାଜସ୍ୱ ଏବଂ ଅନ୍ୟାନ୍ୟ ଟିକସ ବାବଦରେ ୨୭୯୧୩.୮୧ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ଅଣଟିକସ ରାଜସ୍ୱ ବାବଦରେ ୮୩୯୮.୪୮ କୋଟି ଟଙ୍କାକୁ ମିଶାଇ ମୋଟ ୩୬୩୧୨.୨୯ କୋଟି ଟଙ୍କା ଆଦାୟ କରିଛନ୍ତି। ଋଣଭାର ବଢ଼ି ବଢ଼ି ଚାଲିଥିବା ବେଳେ ଆର୍ଥିକ ସ୍ଥିତି ଭଲ ଥିବା କଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ମହାଲେଖାକାରଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟର ମୋଟ ଋଣ ୭୩୮୬୪.୬୬ କୋଟି ଟଙ୍କା ରହିଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦର ୧୭.୭୬ ପ୍ରତିଶତ। ନିର୍ଦ୍ଧାରିତ ସର୍ବୋଚ୍ଚ ସୀମା ୨୫ ପ୍ରତିଶତରୁ ଯଥେଷ୍ଟ କମ୍। ସୁଧ ଦେୟ ବାବଦକୁ ୪୯୮୮.୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ଯାହାକି ମୋଟ ରାଜସ୍ୱର ୫.୮୫ ପ୍ରତିଶତ ବୋଲି ମନ୍ତ୍ରୀ କହିଛନ୍ତି।

# ଦାମଙ୍କ ବିଦା ପରେ ଜୋର ଧରୁଛି ରାଜ୍ୟ ରାଜନୀତି

ଭୁବନେଶ୍ୱର,୧୩।୯(ବ୍ୟୁରୋ)



- ମୁଁ ଆସି ନ ଥିଲି, ମୋତେ ଡାକି ମିଶାଯାଇଥିଲା: ଦାମ
- ଦୁର୍ନୀତି ହୋଇଥିଲେ ସାଙ୍ଘାତିକ: ନିରଞ୍ଜନ
- ଭାଜପା ସହ ମେଣ୍ଟ ପାଇଁ ପ୍ରସ୍ତୁତି: ଜନାର୍ଦ୍ଦନ
- ବିକଳ୍ପ ସମୀକରଣକୁ ଏଡା ଯାଇ ନ ପାରେ: ପଞ୍ଚାନନ
- କୌଣସି ପ୍ରଭାବ ପଡିବନି: ସମୀର

ବିଜେଡିରୁ ଡାକ୍ତର ଦାମୋଦର ରାଉତ ବହିଷ୍କୃତ ହେବା ପରେ ରାଜ୍ୟ ରାଜନୀତିରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ପକ୍ଷରୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ହେଲେ ଦାମଙ୍କ ନିର୍ବାଚନମଣ୍ଡଳୀରେ ଏହାକୁ ନେଇ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦାମଙ୍କ ବହିଷ୍କାର ପରେ ଶତାଧିକ କର୍ମୀ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ରୁଣ୍ଡ ହୋଇଥିଲେ। ସାରା ରାଜ୍ୟରେ କ'ଣ ପ୍ରଭାବ ପଡ଼ିବ ତାହା ପରକଥା, ପାରାଦୀପ ଏବଂ ଜଗତ୍‌ସିଂହପୁର ଜିଲାରେ ବିଜେଡି କିଛିମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ଅନେକ ତୃଣମୂଳସ୍ତରୀୟ କର୍ମୀ ମତ ରଖିଛନ୍ତି। ଦାମଙ୍କ ପୂର୍ବରୁ ବିଜେଡିରୁ ବିଦା ହୋଇଥିବା ପୂର୍ବତନ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା, ସିପିଆଇ ନେତା ନାରାୟଣ ରେଡ୍ଡୀ ପ୍ରମୁଖ ତାଙ୍କୁ ଭେଟିଛନ୍ତି।

ଦାମ କହିଛନ୍ତି ଯେ, ନବୀନ ପଟ୍ଟନାୟକ ସ୍ଥିତି ଦେଖି ନୀତି ବଦଳାଉଛନ୍ତି। ମୋତେ ବିଜେଡିରେ ମିଶାଇବା ପାଇଁ ସେ ସମୟରେ ନବୀନ ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ ଏବଂ ଏ.ୟୁ ସିଂଦେଓ ମୋ ଘରକୁ ଯାଇଥିଲେ। ଉପକୂଳରେ ଦଳର ବିସ୍ତାର ପାଇଁ ନବୀନ ତାଙ୍କ ସାହାଯ୍ୟ ଲୋଡ଼ିଥିଲେ। ଦଳ ହେବାର ୪ ମାସ ପରେ ଦଳରେ ବିଦ୍ରୋହ ଦେଖାଦେଇଥିଲା। ସେତେବେଳେ ଉପକୂଳରେ ଦଳର ବିସ୍ତାର ପାଇଁ ପ୍ରମୁଖ ଭୂମିକା ନିଭାଇଥିଲି। ବିଜୁବାବୁ ରାଜନୀତି ପାଇଁ କୋଟିପତିରୁ କୋଠି ବିକିଥିଲେ। ଏବେ ନବୀନଙ୍କ ଚାରିପଟେ ଥିବା ନେତାଙ୍କ ମୁଣ୍ଡରେ ସିବିଆଇ ଖଣ୍ଡା ଝୁଲୁଛି। ସେମାନଙ୍କ ରାଜନୀତି ଦୁର୍ନୀତିରୁ ଆରମ୍ଭ ହୋଇଛି। ନବୀନ ଯେତେ ଶୀଘ୍ର ଓଡ଼ିଶାରୁ ଯିବେ, ସେତେ ଓଡ଼ିଶା ପାଇଁ ଭଲ ବୋଲି ଦାମ କହିଛନ୍ତି। ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନେ ଦାମଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଥିଲେ ଯେ, 'ରାଜନୀତିରେ ବିଜୁ ସ୍ଲୋଗାନ ଦେଇ ରହିବି। ଦୁର୍ନୀତି ବିରୋଧୀ ନାରା ଦେଇ ସାରା ଓଡ଼ିଶା ବୁଲିବି, କିଏ ସମ୍ଭାଳିବ ଦେଖିବା'।

ଦାମଙ୍କ ପ୍ରସଙ୍ଗରେ ମତ ଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଦାମବାବୁଙ୍କୁ ବିଜେଡିରୁ ବହିଷ୍କାର କରାଯିବା ଦଳୀୟ ବ୍ୟାପାର। ହେଲେ ସେ ଯେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି, ତାହା ଯଦି ସତ ହୋଇଥିବ, ତେବେ ସାଙ୍ଘାତିକ ବୋଲି ନିରଞ୍ଜନ କହିଛନ୍ତି।

ସିପିଏମ୍ ନେତା ଜନାର୍ଦ୍ଦନ ପତି କହିଛନ୍ତି ଯେ, ବିଜେଡିର ଖୁବ୍ କମ୍ ଜଣ ଅଛନ୍ତି , ଯିଏ କି ସିଧାସଳଖ ଭାଜପା ବିରୋଧରେ ସ୍ପଷ୍ଟ ଆଭିମୁଖ୍ୟ ନିଅନ୍ତି। ଦାମବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଭାଜପା ସହ ଭିତିରିମେଣ୍ଟକୁ ବିରୋଧ କରୁଥିବା ନେତାଙ୍କୁ ବିଜେଡି ବାହାରର ରାସ୍ତା ଦେଖାଉଛି। ସେହିପରି ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିଥିଲା। କେନ୍ଦ୍ର ସରକାର ବିଧାନ ପରିଷଦ ବିଲ୍ ଗୃହୀତ ନେଇ ଆଶ୍ୱାସନା ଦେଇଥିବାରୁ ବିଜେଡି ଏପରି ପଦକ୍ଷେପ ନେଉଥିବା ମନେ ହେଉଛି। ଦାମଙ୍କ ବହିଷ୍କାର ପରେ ନୂତନ ସମୀକରଣ ସମ୍ପର୍କରେ ପଚାରିବାରୁ ଜନାର୍ଦ୍ଦନ କହିଛନ୍ତି ଯେ, ବାମପନ୍ଥୀ ଦଳମାନେ କଂଗ୍ରେସ ସହ ରହିବାର ସମ୍ଭାବନା ରହିଛି। ସେହି ଦୃଷ୍ଟିରୁ ଦାମ ବାବୁ ଦୁର୍ନୀତି ବିରୋଧୀ ଆଭିମୁଖ୍ୟକୁ କେତେଦୂର ଆଗକୁ ନେଇ ପାରୁଛନ୍ତି, ତାହା ଉପରେ ଅଣ ବିଜେଡି- ଅଣଭାଜପା ବିକଳ୍ପ ନେଇ ସ୍ପଷ୍ଟ ସୂଚନା ମିଳିପାରିବ।

ଅନୁରୂପ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମଧ୍ୟ ନୂଆ ସମୀକରଣ ସମ୍ଭାବନା ନେଇ ମତ ରଖିଛନ୍ତି। ସେ କହିଛନ୍ତି ଯେ, ନବୀନବାବୁ ବିଜୁବାବୁଙ୍କ ପୁଅ। ହେଲେ ଦାମ ବାବୁ ବିଜୁବାବୁଙ୍କ ରାଜନୈତିକ ଶିଷ୍ୟ। ଏବେ ଓଡ଼ିଶା ରାଜନୀତିରେ ଦାୟାଦ ବନାମ ଶିଷ୍ୟର ରାଜନୈତିକ ଲଢେଇ ଦେଖିବାକୁ ମିଳିବ। ବିଜୁ ଅନୁଗାମୀ ଯଦି ଏକାଠି ହୋଇ ଦୃଢ ଉଦ୍ୟମ କରନ୍ତି, ତେବେ ରାଜ୍ୟ ରାଜନୀତିରେ ନୂଆ ପରିସ୍ଥିତି ଉପୁଜିବ ବୋଲି ପଞ୍ଚାନନ କହିଛନ୍ତି।

ଅପରପକ୍ଷରେ ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟ ମତ ରଖିସାରିଛନ୍ତି। ରାଜ୍ୟରେ ଅଲଗା ଦଳ କି ସମୀକରଣ ସୃଷ୍ଟି ହେଲେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେ ଭାବୁଛନ୍ତି ଯେ, ଏହା ଉପରେ ଆଉ କିଛି କହିବା ଦରକାର ନାହିଁ। ବିରୋଧୀ ଦଳର ନେତାମାନେ ତୋଷାମଦ କରିବା ପାଇଁ ପ୍ରସଙ୍ଗକୁ ନେଇ ଅଯଥା ବିତର୍କ କରୁଛନ୍ତି।







'ନୂଆଖାଇ' -୨୦୧୮

ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

DADLS-100 15001/13/0216/1819


# ସ୍ପେନରୁ ଆସିଛନ୍ତି ଲକ୍ଷ୍ମୀ

## ବସୁନ୍ଧରାରେ ଉତ୍ସବର ପରିବେଶ

କଟକ ଅଫିସ, ୧୩।୯: ୨୦ବର୍ଷ ତଳେ କଟକ ମଙ୍ଗଳାବାଗ ମଠସାହିରୁ ଉଦ୍ଧାର ହୋଇଥିବା ୧୦ବର୍ଷର ନାବାଳିକା ଲକ୍ଷ୍ମୀ ଆଜି ସ୍ପେନ୍‌ର ମାରିଆ ଲକ୍ଷ୍ମୀ। ୧୯୯୯ ଅକ୍ଟୋବର ମଠସାହିସ୍ଥିତ ଏ ୱାନ୍ ଯୁବ କ୍ଲବର ସଦସ୍ୟଙ୍କ ସହାୟତାରେ ଲକ୍ଷ୍ମୀ ଉଦ୍ଧାର ହୋଇଥିଲେ। ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ନିର୍ଯାତନାର ଶିକାର ହୋଇ ଥିଲେ ଲକ୍ଷ୍ମୀ। ପାଖାପାଖି ୨ବର୍ଷ କଟକସ୍ଥିତ ବସୁନ୍ଧରାରେ ରହିବା ପରେ ଲକ୍ଷ୍ମୀଙ୍କ ଭାଗ୍ୟରେ ବଡ଼ ପରିବର୍ତ୍ତନ ଆସିଥିଲା। ତାଙ୍କ ପାରିବାରିକ ପୃଷ୍ଠଭୂମି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆଇନାନୁମୋଦିତ ଉପାୟରେ ୨୦୦୧ରେ ଏକ ସ୍ପେନୀୟ ପରିବାରରେ ପୋଷ୍ୟ କନ୍ୟା ଭାବେ ଲକ୍ଷ୍ମୀଙ୍କୁ ଥଇଥାନ କରାଯାଇଥିଲା। ୨୮ ବର୍ଷରେ ପଦାର୍ପଣ କରିଥିବା ଲକ୍ଷ୍ମୀ ଏବେ ସୁଦୂର ସ୍ପେନରୁ ବସୁନ୍ଧରାକୁ ବୁଲିବାକୁ ଆସିଛନ୍ତି। ସୋମବାରଠାରୁ ଲକ୍ଷ୍ମୀ ସ୍ପେନ୍‌ର ନିଜର ସମ୍ପର୍କୀୟ କ୍ରିସକିନା ଫର୍ଣ୍ଣାଡିଜଙ୍କ ସହିତ ବସୁନ୍ଧରାରେ ରହିଛନ୍ତି। ତାଙ୍କ ପାଇଁ ଏବେ ବସୁନ୍ଧରାରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ଅପରାହ୍ନରେ ବସୁନ୍ଧରା ପରିସରରେ ଏକ ବନ୍ଧୁମିଳନର ଆୟୋଜନ କରାଯାଉଛି। ଯେଉଁଠାରେ ଲକ୍ଷ୍ମୀ ନିଜ ଜୀବନ କାହାଣୀ ସମ୍ପର୍କରେ ସୂଚନା ଦେବେ ବୋଲି ବସୁନ୍ଧରା ସମ୍ପାଦିକା ଶୈଳ ବେହେରା କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ନୂଆଁଖାଇ ଜୁହାର୍

ପବିତ୍ର ନୂଆଁଖାଇର୍ ଲାଗି ପଶ୍ଚିମ୍ ଓଡ଼ିଶାର୍ ସବୁ ଭାଏ ବହେନ୍ ମାନ୍‌କେ ମୋର୍ ଜୁହାର୍ । ନୂଆଁଖାଇ ସମସ୍ତଙ୍କର୍ ଲାଗି ଖୁସି ଆନିଦଉ । ମା ସମ୍ଲେଶ୍ୱରୀ ପାଖେ ମୋର୍ ଏତ୍‌କି ଗୁହାରୀ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-100 15001/13/0216/1819

# CLASSIFIED DISPLAY

HURRY UP LIMITED SEATS
FOR YOUR CIVIL SERVICE ASPIRATIONS JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) |
OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

STYLESPA furniture



An Opportunity To Start Your Own Business
Minimum space requirement -1500 sqft.
India's largest furniture retail chain with 67 showrooms in 56 cities is looking for franchise. Powered by Forte, Poland's largest manufacturer & part of Adventz group, manufactured in one of Asia's largest factory situated in Chennai.
FOR FURTHER DETAILS CONTACT: 93370 38666

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



ଅଶ୍ୱିନୀ ଅପସ୍ମାର ବାତ କ୍ଲିନିକ୍
ବାରମ୍ବାର ଅପସ୍ମାର ବାତରେ ପୀଡ଼ିତ ରୋଗୀମାନେ ପ୍ରତି ଶନିବାର ଦିବା ୯ଟାରୁ ୧୨ ଘଟିକା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍‌ର ଅପସ୍ମାର ବାତ କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ କରିପାରିବେ ।
ASHWINI HOSPITAL
ଯୋଗାଯୋଗ - ୭୮୯୪୪୬୦୪୪୩



'ନୂଆଖାଇ'-୨୦୧୮ ଅବସରରେ
ବାର୍ତ୍ତା

ସଂପ୍ରୀତି ଓ ସମୃଦ୍ଧିର ଗଣପର୍ବ 'ନୂଆଖାଇ' ଅବସରରେ ମୁଁ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ଧରିତ୍ରୀ ମା' ଶସ୍ୟଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦଉଲ୍ଲାସ ଭରିଯାଉ ବୋଲି ଆଜିର ଦିବସରେ କାମନା କରୁଛି ।

(ପ୍ରତାପ ଜେନା)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ

DADLS-100 15001/13/0216/1819



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



**ସଂକ୍ଷେପରେ**

## ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା

ସମ୍ବଲପୁର,୧୩।୯(ବ୍ୟୁରୋ): ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା କରାଯାଇଛି। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ପ୍ରଧାନାଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ, ଟାଙ୍ଗରପାଲି ବିଦ୍ୟାମନ୍ଦିର ସହ-ପ୍ରଧାନାଚାର୍ଯ୍ୟ ଜ୍ଞାନେନ୍ଦ୍ର ଦାସଙ୍କ ସମେତ ଫକୀର ମେହେର, ଲୀନା କୁମାରୀ ସାହୁ, କଳ୍ପନା ଦୋରା, ରବୀନ୍ଦ୍ର ଶତପଥୀ, ଜୀବନାନନ୍ଦ ଶତପଥୀ, ଦୀନବନ୍ଧୁ ଦାସ, ସୁଷମା ପଣ୍ଡା, ନିଲିମା ସାହାଣୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହିଥିଲେ।

## ଦାନ୍ତ, ଚର୍ମ ଚିକିତ୍ସା ଶିବିର

ରେଙ୍ଗାଲି,୧୩।୯(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ଚାଉଳ ଡିପୋଠାରେ ମାଗଣା ଦାନ୍ତ ଏବଂ ଚର୍ମ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ବୁଧବାର ଏହି ଶିବିରରେ ୧୬୧ ରୋଗୀଙ୍କୁ ଚିକିତ୍ସା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଦାନ୍ତ ଡା.ଏସ୍ ଜି ସଏଲେଶ ଏବଂ ଚର୍ମ ଡା. ସୌମ୍ୟ ସଏଲେଶ ରୋଗୀମାନଙ୍କର ଚିକିତ୍ସା କରିଥିଲେ।

## ମଦ ଜବତ ,୨ ଗିରଫ

ରେଢ଼ାଖୋଲ, ୧୩।୯ (ଡି.ଏନ.ଏ.): ବେଆଇନ ମଦ କାରବାର ଅଭିଯୋଗରେ ଚାରମାଳ ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭରତାପୁର ଗ୍ରାମର ଭୋଳାନାଥ ସାହୁ, ବଡ଼ମାଳ ଗ୍ରାମର ଧର୍ମେନ୍ଦ୍ର କୁମାର। ଏ ନେଇ ଥାନାରେ ୨ଟି ପୃଥକ ମାମଲା (୧୧୫ ଓ ୧୧୬/୧୮) ରୁଜୁ ହୋଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କଠାରୁ ୨୦ଟି ଲେଖାଏଁ ପାଉଚ ମଦ ଜବତ କରାଯାଇଥିବା ଏସ୍ ଆଇ ବିଧୁଭୂଷଣ ମିଶ୍ର କହିଛନ୍ତି।



ଚିତ୍ରଗୁପ୍ତ ଛକରେ ମାଟି ପାତ୍ରରେ ତିଆରି ଗଣେଶ ।



ରୋହିଦାସ ପଡାରେ ଗଣେଶ ।



ବୁଢ଼ାରଜା ଦୈନିକ ବଜାର ପରିସରରେ ଗଣେଶ ।



ପଣ୍ଡିତ ଲକ୍ଷ୍ମୀନାରାୟଣ ଗଳିରେ ଗଣେଶ ।



ସୋମନାଥ ମନ୍ଦିର ସମ୍ମୁଖରେ ସିଂଘ ଉପରେ ଦଶଭୁଜ ଗଣେଶ ।



ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ମଣ୍ଡପରେ ନୃସିଂହ ରୂପରେ ଗଣେଶ ।



କ୍ଷେତରାଜପୁର ନଟରାଜ କ୍ଲବରେ ଗଣେଶ ପୂଜା ।



ବୁଢ଼ାରଜା ମୁକ୍ତି ଯୁବକ ସଂଘରେ ଚକୋଲେଟର ଗଣେଶ ।

# ନୂଆଁଖାଇ ଥିମ୍ ଗୀତ ପ୍ରସ୍ତୁତ

## – ଦେଖ ନୂଆଁ ସପନ୍ ଦେଖେଇ ଆସିଛେ ନୂଆଁଖାଇ



ଗୁରୁବାର ସମ୍ବଲପୁର ସୋମ୍ କଳାକାରମାନେ ନୂଆଁଖାଇ ଥିମ୍ ଗୀତ ପ୍ରସ୍ତୁତ କରୁଛନ୍ତି।

**ସମ୍ବଲପୁର,୧୩।୯(ବ୍ୟୁରୋ)**

ନୂଆଁଖାଇ ତିହାରକୁ ଦୃଷ୍ଟିରେ ରଖି 'ଦେଖ ନୂଆଁ ସପନ୍ ଦେଖେଇ ଆସିଛେ ନୂଆଁଖାଇ' ଗୀତ ପ୍ରସ୍ତୁତ ହୋଇଛି। ନୂଆଁଖାଇର ଏହି ଥିମ୍ ଗୀତକୁ ସୋମ୍ ଅନୁଷ୍ଠାନର ଯୁବ କଳାକାରମାନେ ପ୍ରସ୍ତୁତ କରିଛନ୍ତି। ସ୍ୱରାଜ ଦାଶ ନିର୍ଦ୍ଦେଶନା ଓ କଣ୍ଠଦାନ କରିଥିବା ବେଳେ ଆଶୁତୋଷମନିଶ ମହାପାତ୍ର ରଚନା କରିଛନ୍ତି। ଶୁଭମ ପଟ୍ଟନାୟକ ନଳିନୀକାନ୍ତ ପ୍ରଧାନ, ଅଭିନାଶ କୁମାର ସାହୁ ଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଗୁରୁବାର ଗୀତକୁ ୟୁ-ଟ୍ୟୁବ୍ ମାଧ୍ୟମରେ ପ୍ରସାରଣ କରାଯାଇଛି।

# ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୬.୩୫ ଫୁଟ

**ସମ୍ବଲପୁର,୧୩।୯(ବ୍ୟୁରୋ)**

ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୩୧ ହଜାର ୫୧୦ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଡ୍ୟାମର ଜଳସ୍ତର ଗୁରୁବାର ରାତି ୯ଟା ସୁଦ୍ଧା ୬୨୬.୩୫ ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ଡ୍ୟାମ ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏହି ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ୍ ମାଧ୍ୟମରେ ୩୧ ହଜାର ୫୧୦ କ୍ୟୁସେକ୍ ଜଳ ପ୍ରତି ସେକେଣ୍ଡରେ ନିଷ୍କାସନ କରାଯାଉଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ଡ୍ୟାମର ଉପରମୁଣ୍ଡରେ ୦.୦୫ ଓ ତଳମୁଣ୍ଡରେ ୦୦.୦୦ ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି।



ବରଗେଇପାଲି ଧରିତ୍ରୀ ଅଫିସରେ ଗଣେଶ ପୂଜା ।

## ରାସ୍ତା ଅବସ୍ଥା ଶୋଚନୀୟ : ୨ ଦୁର୍ଘଟଣା, ୪ ଆହତ

**ସମ୍ବଲପୁର,୧୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା ୫୫ ନମ୍ବର ଜାତୀୟ ରାଜପଥ ଯୁଯୁମୁରା ଥାନା ଅଧୀନ ମାରୱାଡ଼ି ବନ୍ଧ ଓ ଫାୟାର ଅଫିସ ସମ୍ମୁଖରେ ୨ ପୃଥକ ଦୁର୍ଘଟଣା ଘଟି ୪ ଆହତ ହୋଇଛନ୍ତି। ମାରୱାଡି ବନ୍ଧରେ ମଧ୍ୟାହ୍ନ ୧୨ଟା ସମୟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଆରୋହୀ ହାତୀବାରି ଗ୍ରାମର ମନୋଜ ସାହୁଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଜଣିତ ଛୋଟ ଶିଶୁ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସନ୍ଧ୍ୟା ୬ଟା ସମୟରେ ସେହି ସ୍ଥାନରେ ଆଉ ଏକ ବାଇକ୍ ସହ ବୋଲେରୋ ମୁହାଁମୁହିଁ ହୋଇଥିଲା। ବାଇକ୍‌ରେ ଥିବା ୩ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଯୁଯୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ସୂଚନାନୁଯାୟୀ ବୋଲେରୋ ନମ୍ବର (ଓଆର୧୯ଜି ୧୬୮୮) ସମ୍ବଲପୁରରୁ ରେଢାଖୋଲ ଯାଉଥିଲା। ବାଇକରେ ଯୁବକମାନେ ଘରକୁ ଫେରୁଥିଲେ। ଫାୟାର ଅଫିସ ସମ୍ମୁଖରେ ସମ୍ମୁଖପଟୁ ଧକ୍କା ହୋଇଥିଲା। ଆହତ ଯୁବକମାନଙ୍କ ପରିଚୟ ମିଳିପାରି ନାହିଁ। ରାସ୍ତା ନିର୍ମାଣ କାମ ଚାଲିଥିବାରୁ ଏଭଳି ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ସେବା ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାସେବୀ ସମ୍ମାନିତ



ଠେମରାରେ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଉଛି ।

**ସମ୍ବଲପୁର,୧୩।୯(ବ୍ୟୁରୋ)**

ସମ୍ବଲପୁର ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ସେବା ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଶ୍ୟାମଚରଣ ଗୁରୁ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ପବିତ୍ର ମହାପାତ୍ର, ଲୋକନାଥ ପଧାନ, ଗୌରୀଶଙ୍କର ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସିଦ୍ଧାନ୍ତ ତ୍ରିପାଠୀ, ସଞ୍ଜୀବ ଅଗ୍ରୱାଲ ସହଯୋଗ କରିଥିଲେ। ଅଞ୍ଚଳର ୨୧ ଯୁବକ ସହଯୋଗ କରିଥିଲେ ।

# ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ

**ଧମା,୧୩।୯(ଡି.ଏନ.ଏ.)**

ଧମା ଥାନା ଅନ୍ତର୍ଗତ ବଦୁଆପାଲି ଗ୍ରାମ ନିକଟ ପାଣିଛତରପଡ଼ାଠାରେ ଜଣେ ବିବାହିତା ମହିଳା ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବୁର୍ଲା ଡାକ୍ତରଖାନା ପୋଡ଼ାଜଳା ବିଭାଗରେ ସେ ଚିକିତ୍ସିତ ହେଉଛନ୍ତି। ମହିଳାଜଣକ ସେହି ପଡ଼ାର ଧରମା ମୁଣ୍ଡାଙ୍କ ସ୍ତ୍ରୀ ସାବିତ୍ରୀ (୪୦) ବୋଲି ସୂଚନା ମିଳିଛି। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ତାଙ୍କ ସ୍ୱାମୀ କହିଛନ୍ତି।

ଗ୍ରାମବାସୀଙ୍କ କହିବାନୁଯାୟୀ, ଅପରାହ୍ନରେ ମହିଳାଜଣକ ନିଆଁ ଦାଉରେ ଛଟପଟ ହେଉଥିବା ଦେଖାଯାଇଥିଲା। ଖବର ପାଇ ପୂର୍ବତନ ସରପଞ୍ଚ ସଞ୍ଜୟ ଭୋଇ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଡ୍ରାଇଭର କ୍ଷମା ସାଗର ସ୍ୱାଇଁ, କର୍ମଚାରୀ ପ୍ରବୀଣ ମହାନନ୍ଦିଆ ଓ ଘନଶ୍ୟାମ ବାରିକ ମହିଳାଙ୍କୁ ଉଦ୍ଧାର କରି ବୁର୍ଲା ମେଡ଼ିକାଲକୁ ନେଇଥିଲେ। ମହିଳାଙ୍କ ଶରୀରର ୯୦ ଭାଗ ପୋଡ଼ି ଯାଇଥିବା ଜଣାପଡ଼ିଛି। ଗୁଣ୍ଡେରପୁର ଫାଣ୍ଡି ପୋଲିସ ଏହାର ତଦନ୍ତ ଚଳାଇଛି।

# ଗ୍ରାମାଞ୍ଚଳ ଫୁଟବଲ : ବସନ୍ତପୁର ଗଡ଼ମୁଣ୍ଡା ଚାମ୍ପିୟନ

**ବୁର୍ଲା,୧୩।୯(ଡି.ଏନ.ଏ.)**

ଧନକଉଡ଼ା ବ୍ଲକ କର୍ଡୋଲା ପଞ୍ଚାୟତ ଚାରପାଲି ଖେଳପଡ଼ିଆରେ ଏକ ଦିବସୀୟ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚାରପାଲି ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଟିପିଲିମା, ବସନ୍ତପୁର, ରୁପାପାଲି, ବଗବିରା, ଗଡ଼ମୁଣ୍ଡା, କୁମେଲସିଂହା, ଲହଣ୍ଡା, ଟିହିକିପାଲି ୮ ଦଳ ଭାଗ ନେଇଥିଲେ। ଫାଇନାଲ ମୁକାବିଲାରେ ବସନ୍ତପୁର ଗଡ଼ମୁଣ୍ଡା ଦଳ ବରଗଡ ଲହଣ୍ଡା ଦଳ ଘଣ୍ଟେଶ୍ୱରୀକୁ ହରାଇ ଚାମ୍ପିୟାନ ହୋଇଛି। ପ୍ରଥମ ସେମିଫାଇନାଲ ଗଡ଼ମୁଣ୍ଡା, ଟିପିଲିମା ଦଳ ମଧ୍ୟରେ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଲହଣ୍ଡା ଦଳ ଘଣ୍ଟେଶ୍ୱରୀ ବଗବିରା ଦଳକୁ ଭେଟିଥିଲା। ସମସ୍ତ ଖେଳକୁ ଜିଲାର କ୍ରୀଡ଼ା ଶିକ୍ଷକ ପ୍ରଦୀପ ଦାସ, ପ୍ରଦୀପ ଭୋଇ ଓ ଅନୀଲ ବାଗ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଉଦ୍‌ଯାପନୀ ଉତ୍ସବରେ ବିଜେଡି ଯୁବନେତା ଇଂ. ଦିଲୀପ କୁମାର ଦୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ନଗଦ ୪ ହଜାର ଓ ଉପବିଜେତା ଦଳକୁ ୩ହଜାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ବିମଳ ନାଥ, ସମାଜସେବୀ ଶିବ ପ୍ରଧାନ, ସଞ୍ଜୀବ ମହାକୁର, ସାମ୍ବାଦିକ ସଞ୍ଜୟ ପାଗଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୋଜକ ମଣ୍ଡଳୀ ପକ୍ଷରୁ ଯଶୋବନ୍ତ ଛୁରିଆ, ଜିତେନ ଛନ୍ଦ, ତହସିଲ କୁମ୍ଭାର, କୈଳାଶ ମହାକୁଡ, ଗେଅଲ ଛନ୍ଦ, ମିତ୍ରଭାନୁ ଛୁରିଆ, କ୍ଷୀରେଶ୍ୱର ପ୍ରଧାନ, କୁଲୁ ଛନ୍ଦ ପ୍ରମୁଖଙ୍କ ସହ ଗ୍ରାମବାସୀ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଖେଳାଳିଙ୍କ ଗହଣରେ ଅତିଥି।

■ କାଳ ହେଲା ଗଣେଶପୂଜା ପାଇଁ ଆମ୍ବଡାଳ ଆଣିବା

# ମହୁମାଛି ଆକ୍ରମଣରେ ଜଣେ ଛାତ୍ର ମୃତ, ୫ ଗୁରୁତର

**ରାୟଗଡା ଅଫିସ, ୧୩।୯**

ରାୟଗଡା ବ୍ଲକ କାରୁବାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗଣେଶପୂଜା ପାଇଁ ଆମ୍ବ ଡାଳ ଆଣିବାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି । ମୃତ ଛାତ୍ର ଜଣକ ହେଲେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଦେବ ଦାସ ତୋଇକା (୮)। ଆହତମାନେ ହେଲେ ପ୍ରଥମ ଶ୍ରେଣୀର ଛାତ୍ର ଶ୍ରୀନୁ ମାଣ୍ଡାଙ୍ଗି, ବିକାଶ ମାଣ୍ଡାଙ୍ଗି, ଦ୍ୱିତୀୟ ଶ୍ରେଣୀର ଛାତ୍ର ରୋହିତ ତୋଇକା, ନାତନ୍ ମାଣ୍ଡାଙ୍ଗି, ତୃତୀୟ ଶ୍ରେଣୀର ଆଶିଷ ପୁଆଲା। ସେମାନଙ୍କୁ ଗୁରୁବାର ସକାଳେ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ରୋହିତ, ଶ୍ରୀନୁ ଏବଂ ବିକାଶଙ୍କ ଅବସ୍ଥା ସଂକଟାପନ୍ନ ରହିଛି ।

ବୁଧବାର ଅପରାହ୍ଣ ୫ଟାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ହଷ୍ଟେଲରେ ରହୁଥିବା ୮/୧୦ ଜଣ ଛାତ୍ର ଗଣେଶପୂଜା ନିମନ୍ତେ ଆମ୍ବଡାଳ ଆଣିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଉକ୍ତ ୬ ଜଣ ଛାତ୍ର ଆମ୍ବ ଗଛରେ ଚଢ଼ିଥିବା ସମୟରେ ଏଥିରେ ବସା ବାନ୍ଧିଥିବା ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସେମାନେ ବିଦ୍ୟାଳୟକୁ ଆସି ପିଅନ ଗଙ୍ଗାଧର ମାଣ୍ଡାଙ୍ଗିଙ୍କୁ ଜଣାଇଥିଲେ। ସେ ସମୟରେ ପ୍ରଧାନ ଶିକ୍ଷକ ଜଗନ୍ନାଥ ମାଣ୍ଡାଙ୍ଗିଙ୍କ ସମେତ କୌଣସି ଶିକ୍ଷକ ନ ଥିଲେ। ଖବରପାଇ ପ୍ରଧାନ ଶିକ୍ଷକ ସନ୍ଧ୍ୟା ୬ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଛାତ୍ରମାନଙ୍କ ଚିକିତ୍ସା ନିମନ୍ତେ ଆଦୌ ଧ୍ୟାନ ନ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବଦଳରେ ସ୍କୁଲରେ ରାତିସାରା ରଖିଥିଲେ । ତେବେ ରାତି ପ୍ରାୟ ୧ଟାରେ ଦେବଦାସଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଅନ୍ୟ ୫ ଜଣ ଆହତ ଛାତ୍ର ଯନ୍ତ୍ରଣାରେ ରାତି ସାରା ଛଟପଟ ହେଉଥିଲେ। ପରେ ଦେବଦାସଙ୍କ ମୃତ୍ୟୁ ହୋଇଥିଲା । ସନ୍ଧ୍ୟା ୫ଟାରୁ ଏହି ଘଟଣା ଘଟିଥିଲେ ମଧ୍ୟ ଆହତ ଛାତ୍ରଙ୍କ ପରିବାରବର୍ଗ କିମ୍ବା ବିଭାଗ କର୍ତ୍ତୃପକ୍ଷଙ୍କୁ ପ୍ରଧାନ ଶିକ୍ଷକ ଜଣାଇ ନ ଥିଲେ । ଘଟଣା ଜଣାପଡିବା ପରେ ଗ୍ରାମବାସୀ ଆହତ ୫ ଜଣ ଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ଗୁରୁବାର ସକାଳେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏନେଇ ପ୍ରଧାନ ଶିକ୍ଷକ ଶେଷଖାଲ ଥାନାରେ ଏତଲା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା(ନଂ ୦୭/୧୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପାଇ ଜିଲାପାଳ ଗୁହାପୁନମ ତାପସ କୁମାର , ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆନାସ୍ତେସିଆ କେରକେଟା, ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ, ବିଆରସିସି ଓ୍ୱାଙ୍ଗାଲାଲ ଶବର, ଡବ୍ଲୁଇଡ ପଞ୍ଚାନନ ଖଣ୍ଡୁଆ, ଆଇଟିଡିଏ ବିଭାଗର ବହୁ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ମୃତ ଛାତ୍ରଙ୍କ ମାତା ପିତାଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ରାୟଗଡା ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଆନାସ୍ତେସିଆ କେରକେଟାଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବନ୍ଦ ପଡ଼ିଛି ରାଜ୍ୟର ଏକାଧିକ ସମବାୟ ଶିଳ୍ପ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ଓଡିଶାରେ କେତୋଟି ସମବାୟ ଶୀତଳ ଭଣ୍ଡାର, ଗିନିକଳ, ବୟନଶିଳ୍ପ, ସୂତାକଳ ଏବଂ କୃଷିଭିତ୍ତିକ ସମବାୟ ଶିଳ୍ପ ରହିଛି। ଏଗୁଡିକ କେଉଁସବୁ ସ୍ଥାନରେ ଅଛି ଏବଂ ସେଥିରୁ କେଉଁଗୁଡିକ ଲାଭରେ ଓ କ୍ଷତିରେ ଚାଲିଛି ବୋଲି ବିଧାନସଭା ପ୍ରଶ୍ନ ସଂଖ୍ୟା ୨୧୦ରେ ରାଉରକେଲା ବିଧାୟକ ଦିଲ୍ଲୀପ ରାୟ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ପ୍ରଶ୍ନ କରିଥିଲେ। ଏହାଛଡା ସେହି ଶିଳ୍ପଗୁଡିକ ମଧ୍ୟରୁ କେତୋଟି ଲାଭରେ ଓ କ୍ଷତିରେ ଚାଲିଛି, ସେଥିରୁ କେତୋଟି ବନ୍ଦ ରହିଛି ଏବଂ ସେଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ସେନେଇ ରାୟ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତରରେ ଯାହା କହିଛନ୍ତି, ଓଡିଶାରେ ପ୍ରାୟ ସବୁପ୍ରକାର ସମବାୟ ଶିଳ୍ପ କ୍ଷତି କାରଣରୁ ବନ୍ଦ ପଡିଯାଇଛି ଏବଂ ନୂତନ ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ନାହିଁ।

ଲିଖିତ ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି ଯେ, ରାଜ୍ୟରେ ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନରେ ସମବାୟ ଭିତ୍ତିକ ୬ଟି ସୂତାକଳ ଓ ୧୨ଟି କଳତନ୍ତ ସମବାୟ ସମିତି ରହିଥିଲା। ଏହି ସମସ୍ତ ଶିଳ୍ପଗୁଡିକରେ କ୍ରମାଗତ କ୍ଷତି ହେବା କାରଣରୁ ଉତ୍ପାଦନ କାର୍ଯ୍ୟ ବନ୍ଦ ହୋଇଯାଇଛି। କଳାହାଣ୍ଡି ଜିଲାର କେଶିଙ୍ଗାଠାରେ କୋଣାର୍କ କପା ଉତ୍ପାଦନକାରୀ ସମବାୟ ସୂତାକଳ କାର୍ଯ୍ୟକ୍ଷମ ରହିଛି। ଏହି ଶୁଳ୍କରେ ତୁଳା ଜିନିଙ୍ଗ ଏବଂ ପ୍ରୋସେସିଂ କାମ ହୋଇଥାଏ, ଯାହା ବର୍ତ୍ତମାନ କ୍ଷତିରେ ଚାଲୁଥିବା ସେ କହିଛନ୍ତି। ସମବାୟ ଭିତ୍ତିକ ୧୨ଟି କଳତନ୍ତ ଶିଳ୍ପ ସମାପନ ପ୍ରକ୍ରିୟାରେ ଥିବାରୁ ଏଗୁଡିକର ପୁନଃକାର୍ଯ୍ୟକ୍ଷମ ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ଉତ୍ତରରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ଥିବା ୫ଟି ସମବାୟ ଭିତ୍ତିକ ଗିନିକଳ ମଧ୍ୟରୁ ୨ଟି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବାବେଳେ ବାକିସବୁ ବନ୍ଦ ହୋଇଯାଇଛି। ଅନ୍ୟପଟେ ଯେଉଁ ୨ଟି କଳ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି ତାହା ମଧ୍ୟ କ୍ଷତିରେ ଚାଲୁଥିବା କୁହାଯାଇଛି। ବନ୍ଦ କଳଗୁଡିକୁ ଖୋଲିବା ପାଇଁ ସରକାର ଆଇନଗତ ଏବଂ ଆର୍ଥିକ ଦିଗ ବିଷୟରେ ଚିନ୍ତା କରୁଛନ୍ତି। ଏହାସହ ସମବାୟ ଅଧିନରେ ସମୁଦାୟ ୧୮ଟି ଶୀତଳ ଭଣ୍ଡାର ନିର୍ମିତ ହୋଇଛି। ସେଥିରୁ ୫ଟି କ୍ଷତିରେ ଚାଲୁଥିଲେ ମଧ୍ୟ କାର୍ଯ୍ୟକ୍ଷମ ଅଛି। ବାକି ୧୩ଟି ଶୀତଳ ଭଣ୍ଡାର ଲାଗାତର କ୍ଷତି କାରଣରୁ ବନ୍ଦ ହୋଇଯାଇଛି। ବନ୍ଦ ଭଣ୍ଡାରଗୁଡିକୁ ସହଭାଗିତା ସୂତ୍ରରେ ପୁନଃକାର୍ଯ୍ୟକ୍ଷମ ଲାଗି ସରକାରଙ୍କ ପକ୍ଷରୁ ବାରମ୍ବାର ପଦକ୍ଷେପ ନିଆଯାଇଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାଛଡା ମାର୍କଫେଡ ଓଡିଶାଙ୍କ ଅଧିନରେ ଥିବା ବରଗଡ ଜିଲା ନାଗେନ୍ପାଲିଠାରେ ୧୯୭୪ରେ ଦୈନିକ ୧୫୦ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଟିଏ ଅଏଲ କମ୍ପ୍ଲେକ୍ସ ଲିଜ୍ ସୂତ୍ରରେ କାର୍ଯ୍ୟକ୍ଷମ ରହିଛି। ନୂତନ ସମବାୟ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆସିଲେ ବିଚାର କରାଯିବ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।


No.35-N

GOVERNMENT OF ODISHA
DEPARTMENT OF HIGHER EDUCATION

SUBMISSION OF ONLINE APPLICATIONS FOR AWARD OF "MEDHABRUTI" FOR THE YEAR 2018-19, FRESH

SAMS

The Higher Education Department, Government of Odisha invites online applications for award of Jr. Merit / Sr. Merit/ P.G. Merit/ Tech. & Professional Merit (Fresh) for the year 2018-19 to meritorious students of Odisha for pursuing general courses (i.e. +2/XII , +3 & P.G. courses) and Technical & Professional courses in Non-SAMS institutions (i.e. CBSE/ICSE affiliated Schools, Kendriya Vidyalayas, Universities / Management / Engineering & Technical institutions) inside and outside Odisha.

**Students studying in colleges under SAMS (Student Academic Management System) need not apply for scholarship online separately as the database is available in the SAMS portal.**

**The submission of online application shall commence from 13th September, 2018 and end on 14th October, 2018.**

The detail guidelines along with eligible courses are available at Medhabruti web portal of Higher Education Department under URL **www.medhabruti.org.**

The different categories of merit, number, rate, duration and courses applicable for scholarship are given in a tabular form.

| Sl. No. | Category of Merit | No. of Scholarship | Rate of Scholarship per year | Duration of scholarship | Courses applicable |
|---|---|---|---|---|---|
| 01 | Jr. Merit | 10,000 | 3,000/- | 2 Years | Students pursuing Higher Secondary (+2) Course /Class-XII |
| 02 | Sr. Merit | 3,000 | 5,000/- | 3 Years | Students pursuing +3 Degree Course (B.A./ B.Sc. / B.Com.) and courses such as BBA /BCA /BJMC etc having duration of 3 years. |
| 03 | P. G. Merit | 1,500 | 10,000/- | 2 Years | Students pursuing P.G. courses in Arts / Commerce / Science / other Post Graduate courses which are of non-professional in nature and admission to such P.G. course is Degree in Arts / Science / Commerce |
| 04 | Tech. & Prof. Merit | 10,000 | 10,000/- | As per course duration | Students pursuing only Undergraduate Professional degree courses and integrated courses mentioned in Appendix-II of the guidelines are eligible under this head. |

**N.B.:** *The students who have availed Jr. Merit, Sr. Merit, P.G. Merit and Technical & Professional Merit for the respective category in the previous selection year(s) need not apply again under the same category as they are covered under Renewal scholarship in current academic session.*

**ELGIBILITY CONDITIONS**

- The student must be a permanent resident of the State of Odisha.
- The income of the parents of the student from all sources should not exceed Rs.6.00 lakh per annum.
- The Student must have secured minimum 60% marks in the last qualifying examination for applying scholarship under different categories of merit.
- Students shall apply for medhabruti only in the First year of joining (1st yr. of the course undertaken).

**DOCUMENTS TO BE UPLOADED**

1. Resident certificate to be issued by the competent authority. i.e., Tahasildar/Addl.Tahasildar.
2. Proof of annual income to be issued by the competent authority. i.e., the Revenue Officer not below the rank of Tahasildar or Addl. Tahasildar.
3. Mark sheets & Certificate of last qualifying examination as required for different categories of merit.
4. Bank Account details of the student concerned (First page of bank account containing account number and IFSC).

**IMPORTANT INSTRUCTIONS**

- Eligible students of Non-SAMS colleges are advised to apply online by accessing **www.medhabruti.org.** Only online applications under the scheme will be accepted and no request for accepting OFFLINE applications will be entertained. While applying online, students should upload the scanned copies of relevant documents .
- After applying online, students are required to submit the printed copy of online application along with relevant documents in the college for validation at the level of Principal.
- Students of SAMS who secured 60% marks or more will be displayed in the concerned colleges Administrator log in. The Administrator needs to upload the required documents after collecting the same from eligible students.
- Applicants are advised to be very careful to mention the accurate Bank Account related information in the specified box of the online application. In case of any wrong entry or mismatch of the S.B. Account & IFSC, this Department will not be held responsible for mis-credit/No credit.
- Incomplete or wrongly filled up application or application without essential documents shall be summarily rejected.
- The applicants Mobile No. and functional email address must be used for submission of the online application. The status of the application will be informed to the applicant's mobile number and email provided in the online application.
- SUBMISSION OF MORE THAN ONE APPLICATION WILL BE SUMMARILY REJECTED. Please ensure that all aspects of the application are correct before the submission. No claims shall be entertained in case of incomplete or non-submitted application.
- **Online validation at the level of Institution Head/Principal of Institution is mandatory for release of scholarship amount.**

**NB: SUBMISSION OF WRONG DATA AND MULTIPLE APPLICATIONS BY THE STUDENT IS LIABLE TO BE PUNISHED UNDER THE LAW.**

In case of any problem faced by the students at the time of filling up of the application through online, they may refer to FAQs available at home page of the website or take the help of **Helpline No. 0674-2396550(With Toll)** or e-mail on **scholarshiphedgov@gmail.com**

Sd/-
Additional Secretary to Government

11001/11/0032/1819

For more details please contact **Sanjog Helpline**(Toll Free) Number **155335/ 18003456770**



**Government of Odisha**
**Commerce and Transport (Commerce) Department**
**QUOTATION CALL NOTICE**

**No.37-T:-** Sealed quotations are invited in the prescribed format from Travel agencies / tour operators/ individual vehicle owners having valid upto date PAN/ GST Registration Number for providing following No. of vehicle as detailed below for engagement in C&T (Commerce) Department on monthly rent basis.

| Sl. No. | Type of vehicle | Nos. of vehicle required | Maximum hire charges per | Mileage per litre |
|---|---|---|---|---|
| 1. | Swift D-zire or equivalent | 1 (one) | Rs. 20,000/- | 17 (Diesel) 14 (Petrol) |
| 2. | Indigo or equivalent | 1 (one) | Rs. 18,000/- | 15 |

The details of the terms and conditions of the above service along with the tender document can be downloaded from State Government website www.odisha.gov.in. Last date for submission of quotation is 28.09.2018 at 02.00 P.M.

**09001/11/0014/1819** **Sd./- Under Secretary to Government**



See
**CAREER APPOINTMENT**
on every
Wednesday &
Saturday



**OFFICE OF THE JOINT DIRECTOR**
**SURVEY & PLANNING (CAD), ODISHA, BHUBANESWAR-7**
E-mail: jointdirectorspbbsr@gmail.com, Phone : 0674-2570357

**CORRIGENDUM**

**"e" Procurement Notice No. JDSP-04/2018-19**

**No. 501-A:-** In reference to NIT Sl. No. 18, The Contractors/Registered Organisations or Firms who have not registered in the Contractors Data Base Management System (CDMS) should produce an undertaking to register in the CDMS before drawal of agreement. All other terms & conditions published therein shall remain unaltered.

*Sd./- Joint Director*
*Survey & Planning, Odisha, Bhubaneswar*

32369/11/0003/1819



**BHUBANESWAR MUNICIPAL CORPORATION**

**No : 30674** **Dt.12.09.2018**

**CORRIGENDUM NOTICE to RFP No. 28964 dated 31.08.2018**

The response to the Pre-bid queries for the RFP for "Supply & Installation of Modern Underground Waste Collection Bins at Designated locations in Bhubaneswar including collection, transportation and Operation & Maintenance" may be downloaded from the website i.e. www.bmc.gov.in. The Last date & time of submission of proposal has been extended to **24.09.2018 till 3:30 PM.**

By Order,

Dy. Commissioner (PR & Communication)
Bhubaneswar Municipal Corporation

Progress Through Partnership for a Better Bhubaneswar



**GOVERNMENT OF ODISHA**
**Invitations for Bids (IFB)**
**'e' PROCUREMENT NOTICE**
No.574-B
**Bid Identification No. E.E. JSPR (R&B)-8/2018-19**

| | | | |
|---|---|---|---|
| 1. | Name of Work | : | Building work for the year 2018-19 |
| 2. | No. of Works | : | 01 (One) No. |
| 3. | Estimated Cost | : | Above Rs. 50.00 lakhs upto Rs. 1.00 Crore (Approx.) |
| 4. | Period of Completion | : | Work wise mentioned in NIT |
| 5. | Class of Contractors | : | "B" & "A" (Work wise mentioned in NIT) |
| **Other details as follows :** | | | |
| 6. | Date & Time of availability of bid documents in Portal | : | 17.09.2018 at 11.45 A.M. |
| 7. | Last date / time for receipt of bids in Portal | : | 28.09.2018 upto 05.00 PM. |
| 8. | Opening of Bid documents | : | 29.09.2018 at 11.30 A.M. |
| 9. | Procurement Officer | : | Executive Engineer, Jagatsinghpur (R&B) Division, Jagatsinghpur with E-mail address : eerbjspr@gmail.com |

Further details can be seen from the Govt. website tendersorissa.gov.in

**Sd./- Executive Engineer**
**Jagatsinghpur(R&B) Division**
34093/11/0015/1819



No.572-B
**GOVERNMENT OF ODISHA**
**Office of the Executive Engineer,**
**Ganjam (R&B) Division No.I, Berhampur**
Phone /Fax : (0680) 2233683, e-mail : eernb1_bam@yahoo.com
e-mail : eernb1_bam@yahoo.com

**Invitation for Bids (IFB) [e-Procurement]**
Bid Identification No. E.E. (R&B)-BAM-30/2018-19
No. 10019/Dated : 30.08.2018

The Executive Engineer, Ganjam (R&B) Division No.I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

| | | | |
|---|---|---|---|
| 1. | Nature of Work | : | Building Work |
| 2. | No. of Works | : | 1(One) No. |
| 3. | Tender Cost | : | 10,000/- |
| 4. | Class of Contractor | : | "B" Class and "A" Class |
| 5. | Date & Time of Sale & Receipt of Bids | : | From 15.09.2018, 10.00 AM to 28.09.2018 upto 4.00 PM |
| 6. | Date of Opening of Bid | : | 29.09.2018 at 11.30 A.M. |
| 7. | The Bidders have to participate in ONLINE bidding only. Further details can be seen from the website http://tendersodisha.gov.in | | |

**Sd./- Executive Engineer**
**Ganjam (R&B) Division No.I, Berhampur**
34109/11/0012/1819



**OFFICE OF THE DIVISIONAL FOREST OFFICER**
**SUNDARGARH FOREST DIVISION**
**OFFICE ORDER NO. 306 / DT 12.09.2018**
**SHORT TENDER CALL NOTICE FOR HIRING OF VEHICLE**

**No.81-MM:-** Sealed tenders are invited from interested Vehicle Owners/ Travel Agencies for providing Scorpio, Bolero and Mahindra Max Model of vehicle (Number, Duration and Place of engagement mentioned in the tender document) for official use on hiring at different places within the Sundargarh Forest Division on terms and conditions mentioned in the standard bidding document. Detailed terms and conditions can be procured from the Division Office, Sundargarh Forest Division, Sundargarh during office hours. The last date for submission of tender is 26.09.2018 & will be opened on 27.09.2018 Forenoon.

**Sd./-**
**Divisional Forest Officer,**
**Sundargarh Division**
08034/11/0001/1819



**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH e-Tendering**
IDENTIFICATION NO: RWS&S DIVN., PURI – 37 OF 2018-19
Ph: (06752) 251276, Fax- (06752) 251276, E-mail– eerwss_puri@nic.in
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. RWSSPURI 37 /2018-19**

**1st CORRIGENDUM TO INVITATION FOR BIDS (IFB)**
**IDENTIFICATION NO: RWS&S DIVN.PURI – 37 OF 2018-19**

**No. 764-O:-** In the IDENTIFICATION NO. RWS&S DIVN. PURI-37 OF 2018-19, Sl. No. (1) the Column No.3 to 4 are hereby changed as follows. All other items in the tender remain un-altered.

| SL No. | Name of the Work | Appx. Value of work (Rs. In lakhs) | EMD to be deposited (In Rs.) |
|---|---|---|---|
| 1 | 2 | 3 | 4 |
| 1 | Piped water supply to village HANDIALI under BRAHMAGIRI Block. | 56.17 | 56200/- |

*Sd./- Executive Engineer*
*RWS&S Division, Puri*
25017/11/0064/1819



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**KALAHANDI (R&B) DIVISION, BHAWANIPATNA**
**E-mail: eekalahandi@gmail.com, Fax No: 06670-230512, Cell No: 9437050413**

**No.575-B:-** **E-Procurement Notice**
**Bid Identification No. BC KLD- 11/2018-19**
**No. 10881** **Dated: 05.09.2018**

| | | |
|---|---|---|
| 1 | Name of the work: | 01 (One) No. of Building works 02 (Two) Nos. of Road Work |
| 2 | Estimated cost: | Rs. 9.00 lakhs to Rs. 90.00 lakhs |
| 3 | Period of completion: | 03 (Three) to 06 (Six) Calendar Months. |
| 4 | Date and time of availabiity of bid document in the portal: | 11.00 hours of 15.09.2018 to 17.00 hours of 22.09.2018 |
| 5 | Last date/Time for receipt of bid in the portal: | 17.00 hour of 22.09.2018 |
| 6 | Name and address of the Officer Inviting Bid: | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid. | On 24.09.2018 at 11.00 A.M. in the Office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal https://tendersorissa.gov.in.

**Sd./- (Er. A.K. Babu)**
**Executive Engineer,**
**Kalahandi (R&B) Division**
**34017/11/0006/1819** **Dated: 05.09.2018**



**Government of Odisha**
**Deptt. Of Water Resources**
**Office of the Deputy Director,**
**Dam Safety & Support Services**
**Secha Sadan, Unit-V, Bhubaneswar-751001,**
**E-mail: dddamsafety-eicwr.od@nic.in, Phone : 0674-2395390**

**E-TENDER NOTICE**

**BID Identification No.- DD, DS & SS -04/2018-19**

**No.507-A:-** The Deputy Director, Dam Safety & Support Services, Bhubaneswar invites online tender under Double Cover System through e-tendering from registered, competent, experienced and reputed Event Management firm/agencies for the work "Event Management for Organizing International Dam Safety Conference-2019, Bhubaneswar". The Bidders have to participate in ONLINE bidding only. Further details can be obtained from the e-procurement website of Govt. of Odisha https://tendersodisha.gov.in. Any addendum/ corrigendum/ cancellation of tender can also be seen in the said site. The last date and time of online submission of bid documents is 16.00 hours of Dt. 29.09.2018.

**Sd./- Deputy Director,**
**Dam Safety & Support Services,**
**Bhubaneswar**
**32314/11/0010/1819**



**Office of the Superintendent**
**Sardar Vallavbhai Patel Post Graduate Institute of Pediatrics**
Health & F.W. Department, Govt. of Odisha
Cuttack-753002, Tel/Fax: 0671-2508978
E-Mail ID- svppgip_cuttack@rediffmail.com, www.svppgip.org
Letter No: 6370 /SVPPGIP, Cuttack Date: 11/09/2018

**TENDER CALL NOTICE**

**No. 418-E:-** The Superintendent, SVPPGIP, Cuttack invites Sealed tender from reputed publisher/ suppliers for supply of 1-Medical Books, 2- Medical Journals of latest edition to this institution during the year 2018-19. The tender will be two bid systems as technical bid and price bid. The details list of Books & Journals, last date of sale, receipt of tender, opening of bid & term and condition can be found in tender paper which will be downloaded from the institution website www.svppgip.org.The bid cost Rs.1500/- (One thousand Five hundred only) should be enclosed by way of separate Demand draft towards the cost of the tender paper. The tender should send by speed post/registered post only.

*Yours sincerely*
***Sd./- Superintendent, SVPPGIP, Cuttack***
10017/11/0017/1819



**GOVT. OF ODISHA**
**DEPARTMENT OF WATER RESOURCES**
**O/o THE EXECUTIVE ENGINEER, QUALITY CONTROL DIVISION, BHADRAK**
**No.500-A:-** **e-mail: qcdbdk2016@gmail.com, Phone:**
**BID IDENTIFICATION NO. QCDBDK-01/2018-19**

| | | |
|---|---|---|
| 1. | Name of work | Procurement of Quality Control Testing Machines for Quality Control Division, Bhadrak |
| 2. | No. of works | 1 No. |
| 3. | Bid Identification No. | QCDBDK-01/2018-19 |
| 4. | Estimated Cost | Rs. 414991/- |
| 5. | Earnest Money Deposit | Rs. 4200/- |
| 6. | Cost of tender paper | Rs. 2000/- |
| 7. | Period of Procurement | 30 days |
| 8. | Date & time of availability of Bid documents in the portal | From 17.09.2018 (10.00AM) to 28.09.2018 (5.00PM) |
| 9. | Time for receipt of Bids in the specified Tender Box in the O/o The Executive Engineer, Quality Control Division, Bhadrak | 10 AM to 5 PM of Office working day from Dt.17.09.2018 to 28.09.2018 |
| 10. | Date and time of Opening of Tender | 29.09.2018 at 11.30 AM |
| 11. | Name and Address of the Officer Inviting Bid | Executive Engineer, Quality Control Division, Bhadrak, Email: qcdbdk2016@gmail.com, Phone: |

Further details can be seen from the State Govt. portal http://www.dowrodisha.gov.in.

***Sd./- Executive Engineer***
***Quality Control Division, Bhadrak***
**32382/11/0001/1819**

“ ବର୍ତ୍ତମାନର ୧୬ ବର୍ଷରୁ କମ୍ ଭାରତୀୟ ଫୁଟବଲ ଦଳ ଅତୀତର ଏହି ବୟସ ବର୍ଗର ଯେକୌଣସି ଦଳ ତୁଳନାରେ ଯଥେଷ୍ଟ ଶକ୍ତିଶାଳୀ ।
–ଗୁରପ୍ରୀତ ସିଂ ସାନ୍ଧୁ, ଗୋଲକିପର



“ ବିରାଟ କୋହଲି ଫିଲ୍ଡିଂ ସଜାଇବା ଏବଂ ବୋଲିଂ ପରିବର୍ତ୍ତନ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ଉଚିତ୍ ।
–ସୁନୀଲ ଗାଭାସ୍କର, ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଆଜିଠାରୁ



ଭୁବନେଶ୍ୱର, ୧୩।୯(କ୍ରୀଡ଼ା ପ୍ରତିନିଧି): ପଟିଆସ୍ଥିତ ୬ ପକେଟ୍ସ କ୍ଲବ ଆନୁକୂଲ୍ୟରେ ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱରେ ଲୋକପ୍ରିୟ ହୋଇସାରିଥିବା ଏହି ଫର୍ମାଟକୁ ସାଧାରଣତଃ ସ୍ନୁକରର ଟି୨୦ ଫର୍ମାଟ ବୋଲି କୁହାଯାଏ। ଏଥିରେ ୧୫ ରେଡ୍ ବଲ୍ ସ୍ଥାନରେ କେବଳ ୬ ରେଡ୍ ବଲ୍‌ରେ ଖେଳ ହୁଏ। ଅନ୍ୟ କୌଣସି ନିୟମ ପରିବର୍ତ୍ତନ ହୋଇ ନ ଥିଲେ ହେଁ ଓଭରଅଲ୍ ସ୍କୋରରେ ଫାଉଲ୍ ଶଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ପାରମ୍ପରିକ ୧୫ ରେଡ୍ ସ୍ନୁକରରେ ସର୍ବାଧିକ ୧୪୭ ପଏଣ୍ଟ ବ୍ରେକ୍ ହେଉଥିବାବେଳେ ୬-ରେଡ୍ ସ୍ନୁକରରେ ଏହା ୭୫ରେ ସୀମିତ। ଗତ ମାର୍ଚ୍ଚରେ ଉଦ୍‌ଘାଟିତ ହୋଇଥିବା ୬ ପକେଟ୍ସ କ୍ଲବରେ ଏହା ହେବ ପ୍ରଥମ ଟୁର୍ନାମେଣ୍ଟ। ଗୁରୁବାର ସୁଦ୍ଧା ୫୦ ପ୍ରତିଯୋଗୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। କେତେକ ନୂଆ ମୁହଁ ଏଥିରେ ସାମିଲ ଥିବା ଆୟୋଜକଙ୍କୁ ଉତ୍ସାହିତ କରିଛି। କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ମ୍ୟାଚ ଗୁଡ଼ିକ ୭ ଫ୍ରେମ୍ ବିଶିଷ୍ଟ ହେବ। କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ୯ କିମ୍ବା ୧୧ ଫ୍ରେମ୍ ବିଶିଷ୍ଟ ହେବ ଏହାପରେ ନିଷ୍ପତ୍ତି ନିଆଯିବ। ତେବେ ଫାଇନାଲ ୧୩ ଫ୍ରେମ୍ ବିଶିଷ୍ଟ ହେବ ବୋଲି ସ୍ପଷ୍ଟ କରାଯାଇଛି। ପ୍ରତିଯୋଗିତାର ଚାମ୍ପିୟନ ଖେଳାଳିଙ୍କୁ ପୁରସ୍କାର ଆକାରରେ ଟ୍ରଫି ସହିତ ୧୦,୦୦୦ଟଙ୍କା ପ୍ରଦାନ କରାଯିବ। ରନର୍ସଅପ୍‌ଙ୍କୁ ୫,୦୦୦ ସହ ଟ୍ରଫି, ସେମିଫାଇନାଲିଷ୍ଟଙ୍କୁ ୨୫୦୦ ଏବଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ପ୍ରତିଯୋଗୀଙ୍କୁ ୧୦୦୦ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯିବ। ସର୍ବାଧିକ ପଏଣ୍ଟ ବ୍ରେକ୍ କରିଥିବା ଖେଳାଳିଙ୍କୁ ୨୦୦୦ ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ‘ଦୂତୀ ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ’

ବେଙ୍ଗାଲୁରୁ, ୧୩।୯(ପି.ଟି.)

ଆସନ୍ତା ବର୍ଷ ହେବାକୁଥିବା ଏସିଆନ ଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପର୍ଯ୍ୟନ୍ତ ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦୂତୀ ଚାନ୍ଦ ହାଇଦ୍ରାବାଦରେ ଟ୍ରେନିଂ ଜାରି ରଖିବେ। ଏହା ପ୍ରକାଶ କରିଛନ୍ତି ଦୂତୀଙ୍କ କୋଚ୍ ନାଗାପୁରୀ ରମେଶ। ‘‘ଆସନ୍ତା ବର୍ଷର ଏସିଆନ ଓ ବିଶ୍ୱ ଚାମ୍ପିୟନଶିପ୍ ପର୍ଯ୍ୟନ୍ତ ଦୂତୀ ହାଇଦ୍ରାବାଦ୍‌ରେ ଟ୍ରେନିଂ ଜାରି ରଖିବେ। ଆମେ ତାଙ୍କ ପାଇଁ ଯୋଜନାବଦ୍ଧଭାବେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛୁ। ‘ଘରୋଇ ପରିବେଶରେ ଟ୍ରେନିଂ ନେଇ ବିଦେଶରେ ପ୍ରତିଦ୍ୱନ୍ଦ୍ୱିତାରେ ଭାଗନେବା’ ନୀତିର ଏହା ଅଂଶବିଶେଷ। ଆସନ୍ତା ଅକ୍ଟୋବରରୁ ଦୂତୀ ହାଇଦ୍ରାବାଦରେ ଟ୍ରେନିଂ ଆରମ୍ଭ କରିବେ’’ ବୋଲି ରମେଶ ପ୍ରକାଶ କରିଛନ୍ତି। କେତେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପୂର୍ବରୁ ଦୂତୀ ବିଦେଶ ଯାଇ ମଧ୍ୟ ଟ୍ରେନିଂ ନେବେ ବୋଲି ସେ ସୂଚନା ଦେଇଛନ୍ତି। ଏସିଆନ ଓ ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଦୂତୀ ଅଳ୍ପକେତେକ ପ୍ରତିଦ୍ୱନ୍ଦ୍ୱିତାରେ ଭାଗନେବେ। ଘରୋଇ ପରିବେଶରେ ଟ୍ରେନିଂ ନେବାର କାରଣ ସମ୍ପର୍କରେ ସୂଚନା ଦେବାକୁ ଯାଇ ରମେଶ କହିଛନ୍ତି ଯେ, ଯେଉଁ ଆଥଲେଟ୍‌ଙ୍କୁ ଯେଉଁଠି ଭଲ ଲାଗିବ ସେ ସେଠାରେ ଟ୍ରେନିଂ ନେବା ଉଚିତ। ଦୂତୀ ପାଇଁ ଏହା ଭଲ କାମ ମଧ୍ୟ ଦେଉଛି। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସର ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକରେ ଏହା ପ୍ରତିଫଳିତ ହେଉଛି। ‘‘ଆମେ ସଫଳତା ଅର୍ଜନ କରିଥିବା ହେପ୍‌ଟାଥଲେଟ୍ ସ୍ୱପ୍ନା ବର୍ମନ ଓ ତାଜିନ୍ଦର ପାଲ ସିଂ ତୁରଙ୍କୁ ପ୍ରମାଣ ଭାବେ ନେଇପାରିବା। ଏ ଦୁଇଜଣ ଯଥାକ୍ରମେ ଏସିଆନ ଗେମ୍ସର ହେପ୍‌ଟାଥଲନ ଓ ଶଟପୁଟ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏମାନେ ଏହି ଭାରତରେ ହିଁ ଟ୍ରେନିଂ ନେଇଥିଲେ। ଦୂତୀଙ୍କୁ ହାଇଦ୍ରାବାଦରେ ଟ୍ରେନିଂ ନେବାରେ ଭଲ ଲାଗୁଛି ଏବଂ ସେ ସଫଳତା ମଧ୍ୟ ପାଇଛନ୍ତି’’ ବୋଲି ରମେଶ କହିଛନ୍ତି।



ବେଙ୍ଗାଲୁରୁରେ ଅନୁଷ୍ଠିତ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆର ବାର୍ଷିକ ସମ୍ମିଳନୀ ଅବସରରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଜାତୀୟ ଓପନ୍ ଆଥଲେଟିକ୍ସରେ ଭାଗନେବେନି**

ଚଳିତମାସ ୨୫ରୁ ୨୮ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୫୮ତମ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିୟନଶିପ ଆୟୋଜନ ହେବ। ଏଥିରେ ଧାବିକା ଦୂତୀ ଚାନ୍ଦ ଭାଗ ନେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ‘‘ମୁଁ ଏବେ ଏସିଆନ ଗେମ୍ସର ୨ଟି ଇଭେଣ୍ଟରେ ଭାଗନେଇ ଫେରିଛି। ବର୍ତ୍ତମାନ କ୍ଳାନ୍ତ ଅଛି, ଶରୀର ରିକୋଭରି ପାଇଁ ସମୟ ଲାଗିବ। ତେଣୁ ଭୁବନେଶ୍ୱର ପ୍ରତିଯୋଗିତାରେ ଭାଗ ନେଇପାରିବି ନାହିଁ। ମୁଁ ବର୍ତ୍ତମାନ ହାଇଦ୍ରାବାଦରେ ରହି ଟ୍ରେନିଂ ଜାରି ରଖିବି ଏବଂ ଆସନ୍ତା ବର୍ଷ ହେବାକୁ ଥିବା ବଡ଼ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବି। କୋଚ୍, ସହକାରୀ କୋଚ୍, ଫିଜିଓ ପ୍ରମୁଖଙ୍କୁ ନେଇ ଏକ ୧୦ ଜଣିଆ ଟିମ୍ ମୋ ଟ୍ରେନିଂ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛି। କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦ ଏହି ଟିମ୍‌ର ପରାମର୍ଶଦାତା ଅଛନ୍ତି। ଅଲିମ୍ପିକ୍ସ ପାଇଁ ମୋର ପ୍ରସ୍ତୁତି ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ଓ ଅନ୍ୟ ବଡ଼ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ୧୦ ଜଣିଆ ଟିମ୍ ବିଦେଶରେ ମୋର ଟ୍ରେନିଂ ସମ୍ପର୍କିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛନ୍ତି। ସେହି ଅନୁସାରେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଦୂତୀ ପ୍ରକାଶ କରିଛନ୍ତି।

# ଦିନିକିଆ ସିରିଜ ଜିତିଲା ଭାରତୀୟ ମହିଳା ଦଳ

ଗାଲେ, ୧୩।୯ (ପି.ଟି)

ସ୍ଥାନୀୟ ଗାଲେ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତୀୟ ମହିଳା ଦଳ ୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ଭାରତ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏହି ସିରିଜ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଭାରତ ଏଥିସହ ଅତିରିକ୍ତ ୨ ପଏଣ୍ଟ ହାସଲ କରିଛି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨୧୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ୪୮.୧ ଓଭରରେ ୨୧୨ ରନ କରି ଅଲଆଉଟ ହେବା ସହ ବିଜୟଠାରୁ ୮ ରନ ଦୂରରେ ରହିଯାଇଥିଲା। ଶ୍ରୀଲଙ୍କା ତରଫରୁ ଅଧିନାୟିକା ଚାମରି ଆଟାପାଟ୍ଟୁ ସର୍ବାଧିକ ୫୭, ଶଶିକଳା ଶିରିବର୍ଦ୍ଧନେ ୪୯, ନିଲକ୍ଷି ଡି ସିଲଭା ୩୧, ଅନୁଷ୍କା ସଞ୍ଜୀବନୀ ୧୭, ଶ୍ରୀପାଲୀ ୱିରାକୋଡ୍ଡି ୧୭, ପ୍ରସାଦିନୀ ୱିରାକୋଡି ୧୧ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ମାନସୀ ଜୋଶୀ ଓ ରାଜେଶ୍ୱରୀ ଗାଏକ୍ୱାଡ ଦୁଇଟି ଲେଖାଏ, ଶିଖା ପାଣ୍ଡେ, ଦୀପ୍ତି ଶର୍ମା ଓ ପୁନମ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ତାନିୟା ଭାଟିଆ ୬୮ ଓ ଅଧିନାୟିକା ମିଥାଲି ରାଜ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାଳନ ହେମଲତା ୩୫, ଶିଖା ପାଣ୍ଡେ ୧୪, ସ୍ମୃତି ମନ୍ଧାନା ୧୪, ଦୀପ୍ତି ଶର୍ମା ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଚାମରି ଆଟାପାଟ୍ଟୁ ସର୍ବାଧିକ ୩, ଉଦେଶିକା ପ୍ରବୋଧିନୀ ଓ ଶ୍ରୀପାଲି ୱିରାକୋଡ୍ଡି ଦୁଇଟି ଲେଖାଏ, ଇନୋକା ରାଣାୱିରା, ଶଶିକଳା ଶିରିବର୍ଦ୍ଧନେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତୃତୀୟ ତଥା ଅନ୍ତିମ ଦିନିକିଆ ସୋମବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ– ୫୦ ଓଭରରେ ୨୧୯ ଅଲଆଉଟ (ଭାଟିଆ– ୬୮, ମିଥାଲି– ୫୨, ହେମଲତା– ୩୫, ଆଟାପାଟ୍ଟୁ– ୩/ ୪୨)।

ଶ୍ରୀଲଙ୍କା ଇନିଂସ– ୪୮.୧ ଓଭରରେ ୨୧୨ ଅଲଆଉଟ (ଆଟାପାଟ୍ଟୁ– ୫୭, ଶିରିବର୍ଦ୍ଧନେ– ୪୯, ଡି ସିଲଭା– ୩୧, ଜୋଶୀ– ୨/୪୯, ଗାଏକ୍ୱାଡ– ୨/୩୭)।

## ଜାପାନ୍ ଓପନ୍: ସିନ୍ଧୁଙ୍କ ବିଦାୟ, କ୍ୱାର୍ଟରରେ ଶ୍ରୀକାନ୍ତ

ଟୋକିଓ, ୧୩।୯(ପି.ଟି.)

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ତାରକା ଭାରତୀୟ ଶଟ୍‌ଲର ପିଭି ସିନ୍ଧୁ ଏଠାରେ ଚାଲିଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଜାପାନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିନ୍ତୁ କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଦିବସରେ ଭାରତର ସମ୍ମାନ ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ସିନ୍ଧୁ ୧୮–୨୧, ୧୯–୨୧ ସିଧାସଳଖ ଗେମ୍‌ରେ ଚାଇନାର ଗାଓ ଫାନ୍‌ଜିଙ୍କ ନିକଟରୁ ପରାସ୍ତ ହୋଇଥିଲେ।

# ସଞ୍ଜିତାଙ୍କ ବି’ ସାମ୍ପଲ୍ ପଜିଟିଭ୍

ନୂଆଦିଲ୍ଲୀ, ୧୩।୯ (ପି.ଟି.)

ଭାରୋତ୍ତୋଳିକା ସଞ୍ଜିତା ଚାନୁଙ୍କ ବି’ ସାମ୍ପଲ ପଜିଟିଭ ଆସିଛି। ସେ ପୁଣି ଅଡୁଆରେ ପଡ଼ିଛନ୍ତି। ଏଥିରେ କିନ୍ତୁ ହତୋତ୍ସାହିତ ନ ହୋଇ ଚାନୁ ହଙ୍ଗେରୀସ୍ଥିତ ଇଣ୍ଟରନ୍ୟାଶନାଲ ୱେଟ୍‌ଲିଫ୍ଟିଂ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ନିକଟରେ ଫେରାଦ ହେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆଇଡବ୍ଲ୍ୟୁଏଫ୍ ହିୟରିଂ ପ୍ୟାନେଲ ନିକଟରେ ସଞ୍ଜିତା ଯଦି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ ନ କରିପାରିବେ ତେବେ ପ୍ରଥମ ଅପରାଧ ପାଇଁ ତାଙ୍କୁ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିପାରେ। ସଞ୍ଜିତାଙ୍କୁ ତାଙ୍କ ବି’ ସାମ୍ପଲ ଫଳାଫଳ ସେପ୍ଟେମ୍ବର ୧୧ରେ ମିଳିଛି। ତାଙ୍କ ଭାଇ ବିଜେନ୍ ସିଂ କହିଛନ୍ତି, ସାମ୍ପଲ ନମ୍ବରିଂରେ ତ୍ରୁଟି ହୋଇଥିବା ବିଷୟ ଆଇଡବ୍ଲ୍ୟୁଏଫ୍ ପୂର୍ବରୁ ସ୍ୱୀକାର କରିଛି। ଆମେ ଏ ବିଷୟ ହିଅରିଂ ପ୍ୟାନେଲ ନିକଟରେ ଉପସ୍ଥାପନ କରିବୁ। ଆଇଡବ୍ଲ୍ୟୁଏଫ୍ ନିକଟରେ ଆମେ ସଫଳ ନ ହେଲେ ସୁଇଜରଲାଣ୍ଡସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହେବୁ। ବି’ ସାମ୍ପଲ ଫଳାଫଳ ପଠାଇବା ବେଳେ ଆଇଡବ୍ଲ୍ୟୁଏଫ୍ ସେଥିରେ ଉଲ୍ଲେଖ କରିଥିଲା ଯେ, ଚାନୁ ଯଦି ଚାହିଁବେ ଚଳିତ ମାସ ୧୮ ସୁଦ୍ଧା ଏକ ହିଅରିଂ ପ୍ୟାନେଲ ନିକଟରେ ଅପିଲ କରିପାରିବେ।



# ଭାରତୀୟ ଦଳର ୟୁଏଇ ଗସ୍ତ

ମୁମ୍ବାଇ, ୧୩।୯(ପି.ଟି.)

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଠାରେ ହେବାକୁ ଥିବା ଏସିଆ କପ୍ ଲାଗି ଅଧିନାୟକ ରୋହିତ ଶର୍ମା ଓ ବରିଷ୍ଠ ସଦସ୍ୟ ତଥା ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଅନ୍ୟ ସ୍ୱତନ୍ତ୍ର ଦିନିକିଆ ଖେଳାଳି ଗସ୍ତ କରିଛନ୍ତି। ଏ ନେଇ ଅଲରାଉଣ୍ଡର କେଦାର ଯାଦବ ଟ୍ୱିଟରରେ ଏକ ଫଟୋ ଶେୟାର କରି ସୂଚନା ଦେଇଛନ୍ତି। ଫଟୋରେ କେଦାରଙ୍କ ବ୍ୟତୀତ ଧୋନୀ, ଅଧିନାୟକ ଶର୍ମା, ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଅଛନ୍ତି। ମାଂସପେଶୀ ସମସ୍ୟାରୁ ମୁକ୍ତ ହେବା ପରେ ଯାଦବ ପ୍ରଥମ ଥର ଲାଗି ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ସେ ଚଳିତ ବର୍ଷର ଆଇପିଏଲର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆହତ ହୋଇଥିଲେ। ‘‘ଏସିଆ କପ୍ ଲାଗି କେତେକ ଖେଳାଳି ଗୁରୁବାର ଗସ୍ତ କରିଛନ୍ତି। ଅନ୍ୟ ଖେଳାଳିମାନେ ସେମାନଙ୍କ ସହ ସେଠାରେ ଯୋଗଦେବେ’’ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା କହିଛନ୍ତି। ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଟୁର୍ନାମେଣ୍ଟରେ ୬ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ହଂକଂକୁ ଭେଟିବ।


### Government of Odisha
No.741-O

**“e” Procurement Notice**

**Bid Identification No. Tender online KNR 06 of 2018-19**

e-mail ID- rw.kamaknyanagar@yahoo.co.in, Phone No.-06769-230685

1. Name of the work : Road works (Maintenance) as per DTCN available in the website www.tendersorissa.gov.in
2. Total No. of work : 05 Nos. of roads
3. Estimated cost : Rs. 22.13 lakhs
4. Period of completion : 3 (Three) calendar months
5. Period and time of availability of bid document in the portal bidding : 15.09.2018 at 11.00 AM to 25.09.2018 upto 05.00 PM
6. Date and time of opening of tender : 29.09.2018 at 11.00 AM
7. Name and address of the officer inviting bid : E.E.R.W. Division-II, Dhenkanal, Kamakhyanagar

(1) Other details can be seen from detailed notice inviting tender: available in the website: **www.tendersorissa.gov.in.**
(2) Corrigendum if any shall only be published in the above website.

**Sd/- Executive Engineer**
**Rural Works Division-II, Dkl**
**Kamakhyanagar**

25094/11/0008/1819



### OFFICE OF THE NOTIFIED AREA COUNCIL, NAYAGARH

**2ND CORRIGENDUM NOTICE**

No. 2895 Dt.12.09.2018

**To Tender Call Notice No. 2773 Dt.30.07.2018**
**E-Procurement Notice No.NACNGR-4/2018-19**

There are some typographical mistakes present in the online format of the above e-Procurement Notice i.e. the EMD values are shown in the place of Paper cost (Tender Fees) and the vice versa i.e. the Paper Cost (Tender Fees) is shown at the EMD Value. However as the mode of payment is fixed as offline rather than online, bidders shall not face any problem while uploading the tenders.

Therefore all the bidders are requested to deposit the EMD as per DTCN in the NAC Office, Nayagarh.

All other works along with the terms & conditions remain unaltered.

**Sd./- Executive Officer,**
**NAC, Nayagarh**


## ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍
# ଜୁନିୟରରେ ଭାରତକୁ ୨ ସ୍ୱର୍ଣ୍ଣ

ଚାଙ୍ଗ୍‌ୱନ, ୧୩।୯(ପି.ଟି.)

ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ ଗୁରୁବାର ଜୁନିୟର ବର୍ଗରେ ଭାରତକୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ପୁରୁଷ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଉଦୟବୀର ସିଂ ମୋଟ୍ ୫୮୭ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ଆମେରିକାର ହେନରୀ ଲେଭର୍ଟ (୫୮୪) ଓ କୋରିଆର ଲି ଜ୍ୟାକଉନ (୫୮୨) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିଭଳି ଅନ୍ୟତମ ପ୍ରତିଭାବାନ ଭାରତୀୟ ଶୁଟର ବିଜୟବୀର ସିଦ୍ଧୁ ୫୮୧ ସ୍କୋର ସହ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ରାଜକନୱର ସିଂ ସାନ୍ଧୁ ୫୬୮ ସ୍କୋର ସହିତ ୨୦ତମ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟର ଟିମ୍ ବର୍ଗରେ ମଧ୍ୟ ଭାରତୀୟ ଶୁଟର୍ କମାଲ କରିଥିଲେ। ୩ ଭାରତୀୟ ଶୁଟର୍ ଉଦୟବୀର, ବିଜୟବୀର ଓ ରାଜକନୱରଙ୍କୁ ନେଇ ଗଠିତ ଭାରତୀୟ ଦଳ ମୋଟ୍ ୧୭୩୬ ସ୍କୋର ସହିତ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ କବ୍‌ଜା କରିନେଇଥିଲେ। ଚାଇନା (୧୭୩୦) ଓ କୋରିଆ (୧୭୨୧) ଟିମ୍‌କୁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଥିଲା। ଅପରପକ୍ଷରେ ସିନିୟର ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତୀୟ ଶୁଟର ନିରାଶ କରିଛନ୍ତି। ବ୍ୟକ୍ତିଗତ କିମ୍ବା ଦଳଗତରେ ଭାରତ ପଦକ ଅର୍ଜନରୁ ବଞ୍ଚିତ ରହିଥିଲା। ବର୍ତ୍ତମାନ ସୁଦ୍ଧା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ମୋଟ୍ ୨୪ଟି (୯ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ) ପଦକ ଜିତି ତାଲିକାର ୪ର୍ଥ ସ୍ଥାନରେ ରହିଛି।

# ପ୍ରଥମେ ଚୟନକର୍ତ୍ତା, ଏବେ ଖେଳାଳି

ନୂଆଦିଲ୍ଲୀ, ୧୩।୯ (ପି.ଟି.)

ବିହାର ୧୩ ବର୍ଷ ବ୍ୟବଧାନରେ ଘରୋଇ କ୍ରିକେଟ ଟୁର୍ନାମେଣ୍ଟକୁ ଫେରିଛି। ହେଲେ ଜଣେ ୨୩ ବର୍ଷରୁ କମ୍ ଚୟନକର୍ତ୍ତାଙ୍କୁ ବିଜୟ ହଜାରେ ଟ୍ରଫି ପାଇଁ ସିନିୟର ଦଳରେ ସ୍ଥାନ ମିଳିଥିବାରୁ ବିହାର କ୍ରିକେଟ ଆସୋସିଏଶନ ବିବାଦଘେରକୁ ଟାଣି ହୋଇଯାଇଛି। ସିନିୟର ଟିମ୍ ସିଲେକ୍ସନରେ ଏକାଧିକ ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ ଅବା କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଦୃଷ୍ଟାନ୍ତ ରହିଥିବା ଅଭିଯୋଗ ହୋଇଛି। ଏକଦା ଭାରତୀୟ ଦଳର ସଦସ୍ୟ ଥିବା ସ୍ପିନର ପ୍ରଜ୍ଞାନ ଓଝାଙ୍କୁ ସିନିୟର ଦଳର ଅଧିନାୟକ କରାଯାଇଛି। ତେବେ ଆଶିଷ ସିହ୍ନାଙ୍କୁ ମନୋନୟନ କରାଯିବା ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ୨୮ବର୍ଷୀୟ ଆଶିଷ ଜଣେ ବିଧାୟକ(ପାଟନା ସେଣ୍ଟ୍ରାଲ) ଅରୁଣ କୁମାର ସିହ୍ନାଙ୍କ ପୁତ୍ର। ସେ ୨୦୧୦ରେ ଥରେ ଝାଡ଼ଖଣ୍ଡ ତରଫରୁ ରାଜସ୍ଥାନ ବିପକ୍ଷରେ ଏକ ରଣ୍‌ଜୀ ଟ୍ରଫି ମ୍ୟାଚ ଖେଳିଛନ୍ତି। ଉଭୟ ଇନିଂସରେ ସେ ୧୬ ଓ ୧୨ରନ କରିଛନ୍ତି। ସଂଗୃହୀତ ତଥ୍ୟ ଅନୁସାରେ, ବିହାର କ୍ରିକେଟ ଆସୋସିଏଶନ (ବିସିଏ) ଦ୍ୱାରା ରାଜ୍ୟ ୨୩ ବର୍ଷରୁ କମ୍ ଦଳ ମନୋନୟନ ପାଇଁ ଜୁନ୍‌ରେ ଖେଳାଳିମାନଙ୍କର ଏକ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ସେତେବେଳେ କଟିହାର, ଅରାରିଆ, ଭାଗଲପୁର, କିଷନଗଞ୍ଜ, ପୂର୍ଣ୍ଣିଆ, ବାଙ୍କା ଓ ଜମ୍ମୁ ଆଦି ଜିଲାଗୁଡ଼ିକ ପାଇଁ ଆଶିଷ ୨୩ ବର୍ଷରୁ କମ୍ ଜୋନାଲ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଆଶିଷଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଥିଲେ ମୁଁ ସ୍ୱଳ୍ପକାଳ ପାଇଁ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲି। ଏଥିପାଇଁ ମୋତେ ନିଯୁକ୍ତି ପତ୍ର ମିଳି ନ ଥିଲା। ବିସିଏର ଅନୁରୋଧକ୍ରମେ ମୋତେ ଏହି ଦାୟିତ୍ୱ ତୁଲାଇବାକୁ ହୋଇଥିଲା। ବର୍ତ୍ତମାନ ମୁଁ ଆଉ ଏହି ପଦବୀରେ ନାହିଁ। ବିଜୟ ହଜାରେ ଟ୍ରଫି ଖେଳିବା ଲାଗି ମୁଁ ପ୍ରସ୍ତୁତ ହେଉଛି। ବାପାଙ୍କ ପ୍ରଭାବ ଯୋଗୁ ମୋତେ ଚୟନକର୍ତ୍ତା ହେବାକୁ ସୁଯୋଗ ମିଳିଥିଲା ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ। କାରଣ ମୁଁ ଯେତେବେଳେ ଝାଡ଼ଖଣ୍ଡ ତରଫରୁ ଖେଳୁଥିଲି ମୋ ବାପା ସେତେବେଳେ ମଧ୍ୟ ଜଣେ ବିଧାୟକ ଥିଲେ ବୋଲି ଆଶିଷ କହିଛନ୍ତି।


### OFFICE OF THE MUNICIPAL COUNCIL, NABARANGPUR

NABARANGPUR (ODISHA), PIN- 764059
Tel. / Fax. No. - 06858 - 222031
E-mail: nabarangpurm.hud@ori.nic.in, municipalityngpr@gmail.com

**“E” PROCUREMENT NOTICE**
**Bid Identification No.-03/NM-2018-19**

Tender Call Notice No.2/2265/NM-18 Dated 11.09.2018

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in.**

| | | |
|---|---|---|
| 1 | Nature of work | Civil works |
| 2 | No. of works | 10 Nos. |
| 3 | Estimated cost | 2.00 to 7.00 lakhs |
| 4 | Period of completion | 03 months |
| 5 | Date & time of availability of the bid documents in the portal | 15.09.2018 to 22.09.2018 |
| 6 | Last date & time of receipt of bids in the portal | 17.00 hours of 24.09.2018 |
| 7 | Last date of receipt of tender document by registered post / speed post | 13.00 hours of 25.09.2018 |
| 8 | Date & time of opening of bid | 26.09.2018 at 11.00 AM |
| 9 | Name & Address of the officer inviting bid | Executive Officer, Nabarangpur Municipality |

Further the details of can be seen from the procurement portal: **www.tendersorissa.gov.in.**

**Sd./- Executive Officer, Nabarangpur Municipality**



### BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar- 751001,
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: *http://bdabbsr.in/*

**Ref. No. 1104** **“e” Procurement Notice** **Date: 11.09.2018**

**BID IDENTIFICATION No.: BDA / 04-EE-III/2018-19**

1. Executive Engineer, Division No.III, B.D.A. on behalf of Bhubaneswar Development Authority invites “e” tender on **Percentage Rate** in ***Single Cover System*** to be received in online mode only.

| Sl No. | Name of work | Approximate value of work (in lakh) | Period of Completion | Class of Contractor | Bid Security | Cost of document (in Rs) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Development of Buddha jayanti Park at C.S. Pur, Bhubaneswar | 10 to 15 Lakh | 30 (Thirty) Days | “D” & “C” CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 2. | Development of Kharavela Park at Khandagiri, Bhubaneswar | 6 to 10 Lakh | 30 (Thirty) Days | “D” & “C” CLASS | 1% of Bid Cost | 4,000/- + GST 12% | 24/09/2018 upto 5.00 PM |
| 3. | Development of Biju Patnaik Park, Bhubaneswar | 6 to 10 Lakh | 30 (Thirty) Days | “D” & “C” CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 4. | Development of Indira Gandhi Park, Bhubaneswar | 10 to 15 Lakh | 30 (Thirty) Days | “D” & “C” CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 5. | Development of Utkal Gourav Madhusudan Das Park at Pokhariput, Bhubaneswar | 6 to 10 Lakh | 30 (Thirty) Days | “D” & “C” CLASS | 1% of Bid Cost | 6,000/- + GST 12% | 24/09/2018 upto 5.00 PM |
| 6. | Development of Shyama Prasad Mukharjee Park near Satsangha Vihar, Bhubaneswar | 3 to 5 Lakh | 30 (Thirty) Days | “D” & “C” CLASS | 1% of Bid Cost | 2,000/- + GST 12% | 24/09/2018 upto 5.00 PM |

**N.B.- Thequoted rate should be all inclusive but excluding G.S.T. applicable under works contract.**

1. The Bid documents shall be available for downloading in the website https://tendersodisha.gov.in/ from dated- 15.09.2018 upto 5.00P.M onwards.
2. Bids shall be received online on or before Dated- 24/09/2018 up to 5.00 P.M. The bidder must possess compatible Digital Signature Certificate (DSC) of Class-II or Class-III.
3. **One Bidder may participate in a number of tenders, but will be awarded for for 2 nos. of works, for which stands lowest.**
4. All Corrigendum and Addendum will be published in the Website only.
5. EMD / Cost of tender paper will be deposited by the bidder in the office of the undersigned from Dated- 25.09.2018 to Dated 27.09.2018 during office hours on working days. Bid will be opened on 28.09.2018

**Executive Engineer,**
**Division No.III, BDA**



ମୃତ୍ୟୁକୁ ଶାସ୍ତି ବୋଲି କୁହାଯାଇଥାଏ, କିନ୍ତୁ କେତେଜଣ ଲୋକଙ୍କ ପାଇଁ ଏହା ଦୟା।

- ସେନେକା



## ସଂକ୍ଷେପରେ

### ଆଇସିୟୁରେ କଂଗ୍ରେସ: ମୋଦି

ନୂଆଦିଲ୍ଲୀ, ୧୩।୯(ଆଇଏଏନ୍ଏସ୍)

ଗତ ନିର୍ବାଚନରେ ଧରାଶାୟୀ ହୋଇଥିବା କଂଗ୍ରେସ ଇଣ୍ଟେନ୍ସିଭ କେୟାର ୟୁନିଟ୍ (ଆଇସିୟୁ)ରେ ରହିଛି। ନିଜେ ବଞ୍ଚିବା ପାଇଁ ଏହା ଅନ୍ୟ ବିରୋଧୀ ଦଳଗୁଡ଼ିକର ସାହାରା ଲୋଡ଼ୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ପାଇଁ ମହାମେଣ୍ଟ ଗଠନ କରିବାକୁ କଂଗ୍ରେସ ଯେକୌଣସି ଦଳ ସହ ହାତ ମିଳାଇବା ଲାଗି ପ୍ରସ୍ତୁତ ଅଛି। କିନ୍ତୁ ରାଜନୈତିକ ବାତାବରଣ ଭାଜପା ସପକ୍ଷରେ ରହିଥିବା ମୋଦି ପ୍ରକାଶ କରିଛନ୍ତି। ସାଧାରଣ ନିର୍ବାଚନରେ ଭାଜପାକୁ ବିଜୟୀ କରିବା ଲାଗି ଦଳୀୟ କର୍ମୀଙ୍କୁ ସେ ନୂଆ ମନ୍ତ୍ର ଦେଇଛନ୍ତି। 'ମେରା ବୁଥ୍ ସବ୍ସେ ମଜବୁତ୍' (ମୋ ବୁଥ୍ ସବୁଠୁ ମଜଭୁତ') ଜରିଆରେ ଦଳକୁ ଅଧିକ ଶକ୍ତିଶାଳୀ କରାଯାଇପାରିବ, ଯାହା ଉପରେ ମିଳିତ ବିରୋଧୀ ଶକ୍ତିର ପ୍ରଭାବ ପଡ଼ିବ ନାହିଁ ବୋଲି ମୋଦି କହିଛନ୍ତି।

### ଫାଟୁଆ ଯୋଗୁ ନୂଆଁଖାଇ ପ୍ରସ୍ତୁତି ଫିକା

ପଡିଆବାହାଲ,୧୩।୯(ଡି.ଏନ.ଏ)

ଆଜି ନୂଆଁଖାଇ ତିହାର। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ପଶ୍ଚିମ ଓଡ଼ିଶାର ତମାମ୍ ସହର ଓ ଗ୍ରାମାଞ୍ଚଳ। ସବୁଠି ହର୍ଷ ଉଲ୍ଲାସ। ଏହି ଗଣପର୍ବର ମହକରେ ପଶ୍ଚିମ ଓଡ଼ିଶାବାସୀ ପୁଲକିତ ହୋଇଉଠିଛନ୍ତି। ନୂତନ ପୋଷାକ ପରିଧାନ କରି ମା' ସମଲେଇଙ୍କୁ ନବାନ୍ନ ସମର୍ପଣ ପରେ ପରିବାର ସଦସ୍ୟ ଏକାଠି ହୋଇ ଏହାକୁ ସେବନର କରିବାର ମହାନ ପରମ୍ପରା ପ୍ରତିଟି ହୃଦୟରେ ଉତ୍କଣ୍ଠା ଭରିଦେଇଛି। ସୁଦୂରେ ରହୁଥିବା ପଶ୍ଚିମ ଓଡ଼ିଶାବାସୀ ଏଥିରେ ସାମିଲ୍ ହେବା ପାଇଁ ଘର ବାହୁଡ଼ିଛନ୍ତି। ହେଲେ ପଡ଼ିଆବାହାଲ ଅଞ୍ଚଳରେ ଏହାର ପ୍ରସ୍ତୁତି ଏଥର ଫିକା ହୋଇଛି। ଅଞ୍ଚଳରେ ଫାଟୁଆ ରୋଗ ବ୍ୟାପିଛି। ଏକାଧିକ ଗାଇ, ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଣୁ ଶୁକ୍ରବାର ପଞ୍ଚମୀ ତିଥିରେ ଗୋମାତା ପୂଜନ ପରମ୍ପରାରେ ସମସ୍ୟା ଦେଖାଦେଇଛି। ବାହାମ, ଡଙ୍ଗରପଡ଼ା, ଘେନୁପାଲି ଓ କୁଲୁଣ୍ଡି ପଞ୍ଚାୟତର କଣ୍ଡାଆଲି, ପଡ଼ିଆବାହାଲ, ଝରିଆପଡ଼ା, ପଧାନପାଲି, ଖଲିଆପାଲି, କଦଳୀମୁଣ୍ଡା ଆଦି ଗ୍ରାମରେ ନୂଆଁଖାଇ ପାଳିତ ହୋଇପାରିନାହିଁ। ଫାଟୁଆ ରୋଗ ଛାଡ଼ିଲା ପରେ ବିଧି ଅନୁସାରେ ଦଶହରା ବେଳକୁ ନୂଆଁଖାଇ ପାଳନ ହେବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଅଞ୍ଚଳର କେତେକ ଲୋକେ ସୁବିଧାନୁସାରେ ପଞ୍ଚମୀ ତିଥିରେ ନବାର୍ଣ୍ଣ ପାଳୁଥିଲେ ସୁଦ୍ଧା ନୂଆଁଖାଇର ଉନ୍ମାଦନା ଦେଖିବାକୁ ମିଳିନାହିଁ। ନବାନ୍ନ ପାଳନ ନ ହେଲେ ସୁଦ୍ଧା କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଆସର ତଥା ପାରମ୍ପରିକ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଆୟୋଜକମାନଙ୍କଠାରୁ ଜଣାପଡ଼ିଛି।

# ପର୍ଯ୍ୟଟନସ୍ଥଳ ହେବ ଭୀମ ମଣ୍ଡଳୀ

ରେଢ଼ାଖୋଲ,୧୩।୯(ଡି.ଏନ.ଏ)





**ପର୍ଯ୍ୟଟନ ଶିଳ୍ପରେ ଆଉ ଏକ ଅଧ୍ୟାୟ**

- ଚିଠି ଲେଖିଲେ ପର୍ଯ୍ୟଟନ ସଚିବ
- ବିସ୍ତୃତ ରିପୋର୍ଟ ଦେବେ ଜିଲାପାଳ
- ଜିଲା ପର୍ଯ୍ୟଟନ ଅଧିକାରୀ ବି ସର୍ଭେ ରିପୋର୍ଟ ଦେବେ
- ବିଧାୟକ ରୋହିତ ପୂଜାରୀଙ୍କ ଉଦ୍ୟମ ସଫଳ ହେବ

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ଅଧୀନ ଭୀମ ମଣ୍ଡଳୀକୁ ପର୍ଯ୍ୟଟନ ସ୍ଥଳ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଭୀମମଣ୍ଡଳୀକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାକୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଲେଖି ଦାବି କରିଥିଲେ। ଏ ନେଇ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ନୀତିନ ଭାନୁଦାସ ଜାୱଲେ ଗତ ୧ ତାରିଖ ପତ୍ର ସଂଖ୍ୟା ୮୧୮୪ (ଟିଏସଏସ)ରେ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କୁ ଭୀମମଣ୍ଡଳୀକୁ ଚିହ୍ନଟ କରି ଏକ ବିସ୍ତୃତ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ମଧ ଭୀମ ମଣ୍ଡଳୀର ସ୍ଥାନ ଚିହ୍ନଟ ସହ ଏକ ସର୍ଭେ ରିପୋର୍ଟ ଜିଲାପାଳଙ୍କ ମାଧ୍ୟମରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ରେଢ଼ାଖୋଲରୁ ନାକଟିଦେଉଳ ଯିବା ରାସ୍ତାରେ ପ୍ରାୟ ୨୮ କି.ମି. ପରେ ପଡ଼ିବ ପେଣ୍ଡବାହାଲ ଗାଁ। ଏହି ଗାଁ ନିକଟରେ ବହିଯାଇଥିବା ଚମ୍ପାଳି ଯୋରର କଡରେ ପ୍ରାୟ ୫କି.ମି. ଯିବା ପରେ ପଡିବ ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଭୀମ ମଣ୍ଡଳୀ। କିମ୍ବଦନ୍ତୀ କହେ ପଞ୍ଚୁପାଣ୍ଡବମାନେ ଅଜ୍ଞାତ ବାସ ସମୟରେ ଏହି ସ୍ଥାନରେ ରହିଥିଲେ। ଭୀମଙ୍କ ଦ୍ୱାରା ବନ୍ଧାଯାଇଥିବା ପଥର ବନ୍ଧ ଓ ବଡ ବଡ ଗୁମ୍ଫା ଏଠାରେ ରହିଛି। ଏଠାରେ ଏକ ଗୁପ୍ତେଶ୍ୱର ମନ୍ଦିର ମଧ ରହିଛି। ଭୀମ ମଣ୍ଡଳୀରେ ଥିବା ଗୁମ୍ଫାରେ ଛୋଟ ଛୋଟ କୋଠରି ମଧ ରହିଛି।

# ସୁଗୁଡା ଗ୍ରାମରେ ମେଗା ସ୍ୱାସ୍ଥ୍ୟ ଶିବିର

ଦେବଗଡ଼,୧୩।୯(ସ୍ୱ.ପ୍ର)

କେନ୍ଦୁପତ୍ର ତୋଳାଳୀ ଏବଂ ବନ୍ଧେଇ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଜିଲାର ତିଲେଇବଣି ବ୍ଲକର ନାଗଡିହି ଗ୍ରାମରେ ଦେବଗଡ଼ କେନ୍ଦୁପତ୍ର ଡ଼ିଭିଜନ ଆନୁକୁଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ କେନ୍ଦୁପତ୍ର ଡ଼ିଭିଜନର ଡ଼ିଏଫ୍ଓ ଫାଲଗୁନି ସାରଥି ମଲ୍ଲିକ୍,ରେଞ୍ଜର ତଥା ଭାରପ୍ରାପ୍ତ ଏସିଏଫ୍ ବିଚିତ୍ରାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଫରେଷ୍ଟଗାର୍ଡ଼ ସନ୍ତୋଷ କୁମାର କିଶାନ,ବୁବୁନ କୁମାର ପ୍ରଧାନ,ନବିନ୍ ଚନ୍ଦ୍ର ବରିହା ଏବଂ ତିଲେଇବଣି ସ୍ୱାସ୍ଥ୍ୟ ବିଭାଗର ଡ଼ା. ତପନ କୁମାର ସାହୁ,ସ୍ୱାସ୍ଥ୍ୟ ସେବକ ଦେବାଶିଷ ପ୍ରଧାନ,ଫାର୍ମାସିଷ୍ଟ ଟିକନ କୁମାର ବେହେରା ଓ ଦିବାକର କାଲୋ ପ୍ରମୁଖ ଯୋଗ ଦେଇ ଏହି ଶିବିରରେ ସହଯୋଗ କରିଥିଲେ। ଦେବଗଡ ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳର ମୋଟ ୩୦୬ ଜଣ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧେଇ ଶ୍ରମିକ ନିଜନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।



ସ୍ୱାସ୍ଥ୍ୟ ଶିବିରରେ ରୋଗୀମାନଙ୍କୁ ଔଷଧ ବିତରଣ କରାଯାଉଛି।

# ପୂଜା କରି ଆରମ୍ଭ ହେଲା ଦୁର୍ଗାମଣ୍ଡପ କାମ



ସମ୍ବଲପୁର ମାନେଶ୍ୱର ଛକରେ ଦୁର୍ଗାମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ କରାଯାଉଛି।

ସମ୍ବଲପୁର,୧୩।୯ (ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠ ମାନେଶ୍ୱର ସାର୍ବଜନୀନ ଦୁର୍ଗାପୂଜା ପାଇଁ ମାନେଶ୍ୱର ଛକରେ ଗୁରୁବାର ମଣ୍ଡପ ନିର୍ମାଣ କାମର ଶୁଭାରମ୍ଭ ହୋଇଛି। ପୂଜା କମିଟି ପକ୍ଷରୁ ପ୍ରଥମେ ଭୂମି ପୂଜନ କରାଯାଇଥିଲା। ପ୍ରମୋଦ ବିଶ୍ୱାଳ ଫୁଲ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଦୁର୍ଗାପୂଜା କମିଟି ସଭାପତି ଜତିନ୍ଦ୍ର ବାରିକ, ଆର୍ତ୍ତ ବାଗ, ସରୋଜ ପ୍ରଧାନ, ଆର୍ତ୍ତ ପୁରୋହିତ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଡିୟୁ ଛାତ୍ର ସଂସଦ ନିର୍ବାଚନ

## ବାଜି ମାରିନେଲା ଏବିଭିପି

ନୂଆଦିଲ୍ଲୀ, ୧୩।୯(ପି.ଟି.)

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ (ଡିୟୁଏସ୍ୟୁ) ନିର୍ବାଚନରେ ଗୁରୁବାର ଆର୍ଏସ୍ଏସ୍ର ଛାତ୍ରଶାଖା ଏବିଭିପି ବିଜୟୀ ହୋଇଛି। ଏହା ତିନୋଟି ପଦରେ ଜିତି ବାଜି ମାରିନେଇଛି। ଏବିଭିପିର ଅଙ୍କିଭ ବାସୋୟା ୧୭୪୪ ଭୋଟ ବ୍ୟବଧାନରେ ସଭାପତି ପଦରେ ନିର୍ବାଚିତ ହୋଇଛନ୍ତି। ଦଳର ଶକ୍ତି ସିଂ ଉପସଭାପତି ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୭୬୭୩ ଭୋଟରେ ପଛରେ ପକାଇ ବିଜୟ ଲାଭ କରିଛନ୍ତି। ଏନ୍ଏସ୍ୟୁଆଇ ପ୍ରାର୍ଥୀ ଆକାଶ ଚୌଧୁରୀ ସମ୍ପାଦକ ଏବଂ ଏବିଭିପିର ଜ୍ୟୋତି ଯୁଗ୍ମ ସମ୍ପାଦକ ପଦରେ ଜିତିଯାଇଛନ୍ତି। ବାସୋୟା ଓ ଶକ୍ତି ସିଂଙ୍କ ବିପକ୍ଷରେ ଏନ୍ଏସ୍ୟୁଆଇ ପକ୍ଷରୁ ପ୍ରାର୍ଥୀ ହୋଇଥିଲେ ଯଥାକ୍ରମେ ସୁନ୍ନି ଛିଲ୍ଲାର ଏବଂ ଲୀନା। ତେବେ ଏନ୍ଏସ୍ୟୁଆଇକୁ କେବଳ ଗୋଟିଏ ପଦରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଗୁରୁବାର ଦିନ ତମାମ ଭୋଟ ଗଣତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ଥିବା ଅଭିଯୋଗ ଆସିବା ପରେ ବିଭିନ୍ନ ଛାତ୍ର ସଙ୍ଗଠନର ପ୍ରାର୍ଥୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଯାଇଥିଲା। ସାନି ନିର୍ବାଚନ ଦାବିରେ ଏନ୍ଏସ୍ୟୁଆଇ ଅଡ଼ିବସିବା ପରେ ଭୋଟ ଗଣନା ଅଧାରୁ ବନ୍ଦ କରାଯାଇଥିଲା। କିନ୍ତୁ ଆର୍ଏସ୍ଏସ୍ର ଛାତ୍ର ସଙ୍ଗଠନ ଏବିଭିପି ଭୋଟଗଣନା ଆଗେଇନେବାକୁ କହିଥିଲା। ଶୁକ୍ରବାର ଭୋଟଗ୍ରହଣ ହେବ।

# ଦୁର୍ଘଟଣା ନେଲା ୪ ଜୀବନ

**ଗଣେଶପୂଜା ଦେଖିବାକୁ ଯାଉଥିଲେ**

କେନ୍ଦୁଝର/କାମାକ୍ଷାନଗର, ୧୩।୯(ସ୍ୱ.ପ୍ର./ଡି.ଏନ୍.ଏ.)



ଦୁର୍ଘଟଣାଗ୍ରସ୍ତ ବାଇକ୍।

କେନ୍ଦୁଝର ଏବଂ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଗୁରୁବାର ଘଟିଥିବା ଦୁର୍ଘଟଣା ୪ଜଣଙ୍କ ଜୀବନ ନେଇଛି। ଗଣେଶପୂଜା ଦେଖିବାକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି ସମସ୍ତେ। ସେମାନଙ୍କ ମଧ୍ୟରେ ଅଛନ୍ତି ୨ଜଣ ଦଶମ ଶ୍ରେଣୀ ଛାତ୍ର। ଏପରି ଘଟଣାରେ ଫିକା ପଡ଼ିଯାଇଛି ଅଞ୍ଚଳର ଗଣେଶପୂଜା ପରିବେଶ।

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ସୁନାପେଣ୍ଟ ଗ୍ରାମର ବିଶ୍ୱାମିତ୍ର ନାଏକ, ଆକାଶ ନାଏକ ଏବଂ ବିଜୟ ନାଏକ ବାଇକ୍ (ଓଆର୍ ୦୯ ଏନ୍ ୨୬୦୦)ରେ ବଣା ପଳାଶପାଳକୁ ଗଣେଶ ମେଢ଼ ଦେଖିବାକୁ ଯାଉଥିବାବେଳେ ଗଛରେ ପିଟି ହୋଇଯାଇଥିଲେ। ରାସ୍ତାରେ ପଡ଼ି ଛଟପଟ ହେଉଥିବାବେଳେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ବିଶ୍ୱାମିତ୍ର ଏବଂ ଆକାଶଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଥାନାଧିକାରୀ ବନିତା ମାଝି କୁହନ୍ତି, ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ବିଜୟଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି। ଘଟଣାର ତଦନ୍ତ ଚାଲିଛି। ସେହିପରି ଢେଙ୍କାନାଳ ଜିଲା କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଓମ୍ ଯଶବର୍ଦ୍ଧନ ଜେନା (୧୫) ଏବଂ ସରସ୍ୱତୀ ଶିଶୁ ମନ୍ଦିରର ସୌମେଶ ମୁଦୁଲି (୧୫) ସ୍କୁଲରେ ଗଣେଶ ପୂଜା କାର୍ଯ୍ୟକ୍ରମରେ ଯୋଗଦେଇ ବାଇକ୍ (ଓଆର୍ ୧୯ଡି ୧୯୧୩)ରେ ବୁଲାବୁଲି ସାରି କଙ୍କଡ଼ାହାଡ଼ରୁ କାମାକ୍ଷାନଗର ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଯାତ୍ରା ପାର୍ଟି ଟ୍ରକ୍ (ଓଡ଼ି ୦୯ ଡି ୩୮୩୫) ସମ୍ଭାବ୍ୟ ଦୁର୍ଘଟଣା ଆଶଙ୍କାରେ ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଦ୍ରୁତ ଗତିରେ ଆସୁଥିବା ଓମ୍ ଏବଂ ସୌମେଶ ଟ୍ରକ୍ରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଓମ୍ଙ୍କ ମୃତ୍ୟୁ ଘଟିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ କାମାକ୍ଷାନଗର ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି ସୌମେଶ। ଅନ୍ୟପଟେ ଟ୍ରକ୍ ଡ୍ରାଇଭର ଦିଲୀପ ରାଉତ, ଗାଡ଼ିରେ ବସିଥିବା ଅମ୍ବୁଜ ନାୟକ, ବଂଶୀଧର ଧଳ, ରଞ୍ଜନ ମଲ୍ଲିକ, ଭରତ ମଲ୍ଲିକ ପ୍ରମୁଖ ଆହତ ହୋଇଛନ୍ତି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଏନ୍ଏସ୍ଜି ସଦସ୍ୟ ହେବାକୁ ଭାରତ ଯୋଗ୍ୟ

ୱାଶିଂଟନ୍: ନ୍ୟୁକ୍ଲିୟର ସପ୍ଲାୟର୍ସ ଗ୍ରୁପ୍ (ଆଣବିକ ଅସ୍ତ୍ର ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀ)ର ସଦସ୍ୟତା ପାଇଁ ଭାରତ ଯୋଗ୍ୟ। କିନ୍ତୁ ଚାଇନାର ଭେଟୋ ପ୍ରୟୋଗ ଯୋଗୁ ଭାରତ ଏହି ଗ୍ରୁପ୍ର ସଦସ୍ୟ ହୋଇପାରିନାହିଁ ବୋଲି ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଫିସର କହିଛନ୍ତି। ଭାରତ ଏଲିଟ୍ ଗ୍ରୁପ୍ର ସଦସ୍ୟ ହେବାକୁ ସବୁ ମାନଦଣ୍ଡ ପୂରଣ କରୁଥିବାରୁ ଆମେରିକା ନୂଆଦିଲ୍ଲୀକୁ ଏଥିପାଇଁ ସମର୍ଥନ ଜାରି ରଖିବ ବୋଲି ସେ ସଙ୍କେତ ଦେଇଛନ୍ତି। ଆଣବିକ ଯୁଦ୍ଧାସ୍ତ୍ର ବ୍ୟବସାୟକୁ ନିୟନ୍ତ୍ରଣ କରୁଥିବା ୪୮ ସଦସ୍ୟ ବିଶିଷ୍ଟ ଏଲିଟ୍ ନ୍ୟୁକ୍ଲିୟର କ୍ଲବ୍ରେ ସାମିଲ ହେବା ପାଇଁ ଭାରତ ଉଦ୍ୟମ କରିଆସୁଛି। କିନ୍ତୁ ଚାଇନା ବାରମ୍ବାର ଏଥିରେ ପ୍ରତିବନ୍ଧକ ସାଜୁଛି। ଅପରପକ୍ଷରେ ଆମେରିକା ସମେତ କେତେକ ପାଶ୍ଚାତ୍ୟ ରାଷ୍ଟ୍ର ଏ ଦିଗରେ ଭାରତକୁ ସମର୍ଥନ କରିଆସୁଛନ୍ତି। କିନ୍ତୁ ନୂଆ ସଦସ୍ୟ ଆଣବିକ ନିରସ୍ତ୍ରୀକରଣ ଚୁକ୍ତିରେ ସ୍ୱାକ୍ଷର କରିବା ଉଚିତ ବୋଲି ଚାଇନା ନିଜର ଆଭିମୁଖ୍ୟକୁ ଅପରିବର୍ତ୍ତିତ ରଖିଥିବାରୁ ଭାରତ ଏହି ଗ୍ରୁପ୍ରେ ସାମିଲ ହେବା କଷ୍ଟକର ହୋଇପଡ଼ିଛି।

# ଚାନ୍ଦା ଆଦାୟ କରି ୩ ଗିରଫ

ସୋନପୁର,୧୩।୯(ନି.ପ୍ର.)

ସୋନପୁର-ଡୁଙ୍ଗୁରିପାଲି ରାଜ୍ୟ ରାଜପଥର ବିଶାଲପାଲି ଛକ ଠାରେ ଚାନ୍ଦା ଆଦାୟ କରିବା ଅଭିଯୋଗରେ ବିନିକା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ବୁଧବାର ରାତି ସାଢେ ୧୨ଟାରୁ ଗୋଟାଏ ମଧ୍ୟରେ ବିନିକା ରଥପଡାର ମିଥୁନ ଦାନୀ(୨୫), ଧୀବରପଡାର ପପୁନ ବେହେରା(୨୩) ଓ ଡେଲି ମାର୍କେଟ୍ର ଅଜାମିଳ ଭୋଇ(୪୨) ବଳପୂର୍ବକ ଚାନ୍ଦା ଆଦାୟ କରୁଥିଲେ। ରାମପୁର ଅଭିମୁଖେ ଯାଉଥିବା ଏକ ପରିବା ବୋଝେଇ ୪୦୭ ଟ୍ରକ୍କୁ ସେମାନେ ରାସ୍ତା ମଝିରେ ଅଟକ ରଖିଥିଲେ । ସୂଚନା ପାଇ ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢାଉ କରି ମିଥୁନ, ପପୁନ ଓ ଅଜାମିଳଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ୪ଟି ମୋବାଇଲ ଓ ୧୨୦୦ଟଙ୍କା ଜବତ ହୋଇଛି । ମନଇଚ୍ଛା ରାସ୍ତାରେ ଗାଡିମୋଟର ଅଟକାଇ ବଳପୂର୍ବକ ଚାନ୍ଦା ଆଦାୟ କରାଗଲେ ଏଣିକି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁବର୍ଣ୍ଣପୁର ଏସ୍ପି ଦେବୀପ୍ରସାଦ ଦାଶ ସୂଚନା ଦେଇଛନ୍ତି।

# ପୂଜା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି ;ଖୋଲିଲା ଅସ୍ଥାୟୀ ଫାଣ୍ଡି

ଦେବଗଡ଼,୧୩।୯ (ସ୍ୱ.ପ୍ର.)

ଦେବଗଡ଼ ଗଣେଶ ମେଳା କମିଟି ତରଫରୁ ଗୁରୁବାର ସ୍ଥାନୀୟ ଗୋପବନ୍ଧୁ ଛକସ୍ଥିତ ଏସ୍ଡିଜେଏମ୍ଙ୍କ କ୍ୱାର୍ଟର୍ସ ପାଖରେ ଏକ ଅସ୍ଥାୟୀ ଫାଣ୍ଡି ଖୋଲାଯାଇଛି । ଏସ୍ଡିପିଓ ସୁଲେମାନ ଏକ୍କା ଏହି ଅସ୍ଥାୟୀ ଫାଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ଉତ୍ସବରେ ଦେବଗଡ଼ ଥାନା ଅଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ,ପୂଜା କମିଟି ସଭାପତି ଧର୍ମେନ୍ଦ୍ର ଦେବତା, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର,ପରାମର୍ଶଦାତା ମଣ୍ଡଳୀର ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀ,ପ୍ରଦୀପ ଅମାତ, ମାର୍କଣ୍ଡେଶ୍ୱର ଶତପଥୀ,ବିକାଶ ନାୟକ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଦେବଗଡ଼ ସହରରେ ଏବଂ ପୂଜାମଣ୍ଡପର ୩ ଶହ ମିଟର ପର୍ଯ୍ୟନ୍ତ ତଥା ବିଭିନ୍ନ ଛକରେ ପ୍ରବଳ ଭିଡ ଏବଂ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଏଥିପାଇଁ ୪ ପ୍ଲାଟୁନ୍ ପୋଲିସ ଫୋର୍ସ,୨ ଡିଏସପି,ଜଣେ ଏଏସ୍ପି ,୧୨ ଜଣ ସବ୍ ଇନ୍ସପେକ୍ଟର,୨୫ ଜଣ ଏଏସଆଇ, ୩୫ କନଷ୍ଟେବଲ ଏବଂ ୭୦ ଜଣ ହୋମଗାର୍ଡଙ୍କୁ ମୁତୟନ କରାଯାଇଛି।

### ଧୂମଧାମରେ ଆରମ୍ଭ ଗଣେଶ ମେଳା

# ଆଲୋମାଳାରେ ଝଲସିଲା ଦେବଗଡ଼ ସହର

ଦେବଗଡ,୧୩।୯ (ସ୍ୱ.ପ୍ର)







ଆଲୋକମାଳାରେ ସୁସଜ୍ଜିତ ପେଣ୍ଡାଲ୍ ଓ ତୋରଣ।

ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଦେବଗଡ଼ ଜିଲାର ଗଣପର୍ବ ପବିତ୍ର ଗଣେଶ ପୂଜା ମହୋତ୍ସବ ଗୁରୁବାର ଧୁମଧାମରେ ଆରମ୍ଭ ହୋଇଛି । ଦେବଗଡ଼ ସହର ଉତ୍ସବମୁଖର ହୋଇଉଠିଛି। ବୁଧବାର ସନ୍ଧ୍ୟାରେ ଡେଲି ମାର୍କେଟସ୍ଥିତ ପୂଜାମଣ୍ଡପରେ ହର୍ଷୋଲ୍ଲାସ ମଧ୍ୟରେ ବିଘ୍ନରାଜ ଗଣେଶଙ୍କର ମୂର୍ତ୍ତି ସ୍ଥାପନ ଓ ଅଧିବାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅପରାହ୍ନରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଛି। ଘଣ୍ଟବାଦ୍ୟ, ହୁଳହୁଳି, ଶଙ୍ଖଧ୍ୱନୀ ଓ ଦୁଲଦୁଲି ବାଜାରେ ହୋଇଥିଲା ପୂଜା ଓ ହୋମଯଜ୍ଞ। ମୁଖ୍ୟ ପୁରୋହିତ ମନୋରଞ୍ଜନ ଶତପଥୀ, ଫକୀର ଆଚାର୍ଯ୍ୟ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କମିଟିର ସଭାପତି ଧର୍ମେନ୍ଦ୍ର କୁମାର ଦେବତା ଓ ତାଙ୍କ ସହଧର୍ମିଣୀ ସ୍ମିତାଞ୍ଜଳୀ ଦାଶ କର୍ତ୍ତା ହୋଇଥିଲେ। ଚଳିତବର୍ଷ ଗଜାନନଙ୍କୁ ଗୋଲାପୀ ରଙ୍ଗରେ ରଙ୍ଗାଯାଇଛି । ବର୍ଷାରୁ ସୁରକ୍ଷା ପାଇଁ ଟ୍ରାଫିକ ଛକରୁ ଗୋପବନ୍ଧୁ ଛକ ଏବଂ ପୂଜା ମଣ୍ଡପ ପର୍ଯ୍ୟନ୍ତ ତାରପୋଲିନର ଛାଉଣୀ ସହ ସିଲିଂ ଟେଣ୍ଟର ବ୍ୟବସ୍ଥା କରାଯାଇଛି । ସୁଦୃଶ୍ୟ ବିଦ୍ୟୁତ୍ ଆଲୋକ ତୋରଣରେ ଅର୍ଦ୍ଧାଧିକ ସହର ଝଲସି ଉଠିଛି। ଟ୍ରାଫିକ ଛକରେ ନିର୍ମିତ ମୁଖ୍ୟ ତୋରଣ, ବିଦ୍ୟୁତ୍ ସାଜସଜ୍ଜା, ପୂଜାମଣ୍ଡପ ଚତୁଃପାର୍ଶ୍ୱରେ ସ୍ଥାପନ କରାଯାଇଥିବା ବିଭିନ୍ନ ସାଂସ୍କୃତିକ ତଥା ପୌରାଣିକ କଳାକୁଞ୍ଜ ସହ ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଛକସ୍ଥିତ ଅସ୍ଥାୟୀ ସାଂସ୍କୃତିକ ପେଣ୍ଡାଲକୁ ଡେପୁଟି କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସନ୍ଧ୍ୟାରେ ଭଜନ ମଣ୍ଡଳୀ, ଭୁବନେଶ୍ୱରର ମେଲୋଡି 'ରକ୍ ଫ୍ୟୁଜନ' କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ସେହିପରି ସ୍ଥାନୀୟ ପ୍ରାଇଭେଟ ବସଷ୍ଟାଣ୍ଡ ପାଖରେ ତ୍ରିନାଥ ଗଣନାଟ୍ୟ ଟିକଟ ସୋ ଅପେରାରେ ମଧ ଗହଳି ଜମିଥିଲା।

ସହରର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ମୀନାବଜାର ଷ୍ଟଲ୍, ବିଭିନ୍ନ କିସମର ଦୋଳି, ସଭାଗୁଲିରେ ପଡ଼ିଥିବା ସୁପର ମାର୍କେଟଗୁଡ଼ି ସରଗରମ ପାଲଟିଥିଲା। ପ୍ରଥମ ଦିନରେ ଅଙ୍କିତା ପ୍ରିଣ୍ଟର ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ କ୍ଷିରି ଭୋଗର ବ୍ୟବସ୍ଥା କରାଯାଇଥିଲା । ଦେବଗଡ଼ ଜିଲା ସମେତ ପଡୋଶୀ ସମ୍ବଲପୁର, ଅନୁଗୋଳ, ସୁନ୍ଦରଗଡ଼, କେନ୍ଦୁଝର, ରାଉରକେଲା ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଲୋକଙ୍କର ସମାଗମ ଧିରେଧିରେ ବଢିବାରେ ଲାଗିଛି । ଗ୍ରାମାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଘ୍ନରାଜଙ୍କ ପୂଜା ହୋଇଛି। ପୂଜାମଣ୍ଡପର ୩ ଶହ ମିଟର ପର୍ଯ୍ୟନ୍ତ ବିଭିନ୍ନ ଛକ ମାନଙ୍କରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବନ୍ଦୋବସ୍ତ ହୋଇଛି। ଶୁକ୍ରବାର ଦେବଗଡ଼ ଗଣେଶ ପୂଜା ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୂଜା ଆୟୋଜନରେ କମିଟିର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧ୍ୟକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ମେଡ଼ିଆ ସେଲ୍ର ମୋତିଲାଲ ଶର୍ମା, ଶଶାଙ୍କ ଶେଖର ନାଗ, ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀ, ପିଲୁ ରାଜେଶ ନାୟକ ସମେତ କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି।



# ନୂଆଁଖାଇର ଅନ୍ତର୍ଧ୍ୱନି

ଇଷ୍ଟଦେବୀଙ୍କ ପ୍ରତି ସମର୍ପିତ ଭାବ ଏବଂ ପରିବାର, ସମାଜର ବରିଷ୍ଠ ସଦସ୍ୟମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ନୂଆଁଖାଇ ତିହାରର ମୁଖ୍ୟ ଆଧାର। ଏଥି ସହିତ ପାରିବାରିକ ତଥା ସାମାଜିକ ଐକ୍ୟର ବାର୍ତ୍ତା ବହନ କରିଥାଏ ନୂଆଁଖାଇ। ଅକ୍ଷୟ ତୃତୀୟାର ମୁଠି ଛୁଆଁରୁ ଅନୁକୂଳ ହୋଇଥିବା କୃଷି କାର୍ଯ୍ୟର ଅନ୍ତିମ ପର୍ବର ସୂଚକ-ସଦୃଶ ନୂଆଁଖାଇ ଲଗ୍ନରେ ପ୍ରଥମ ଶସ୍ୟ ଭୋଗଲାଗି ହୁଏ ଇଷ୍ଟଦେବୀଙ୍କଠାରେ। ପରେ ଘରେ ଘରେ ପୂରେପୂରେ ଭୁରିଭୋଜନ ସହିତ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟଙ୍କ ହାତରୁ ନୂଆଁଚାଉଳ ମିଶ୍ରିତ ଭୋଗସେବନ କରି ପାଳିତ ହୁଏ । ନବାନ୍ନ ସେବନ ପରେ ବଡମାନଙ୍କୁ ମୁଣ୍ଡିଆ ମାରି ସମ୍ମାନ ପ୍ରଦାନ କରିବା ନୂଆଁଖାଇର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। କି ଧନୀ, କି ଗରିବ, କି ସହର, କି ଗ୍ରାମ ସବୁଠାରେ ଏହି ଲୋକପର୍ବର ଆୟୋଜନରେ ଦେଖାଯାଏ ଅପୂର୍ବ ପୁଲକ, ଉତ୍ସାହ। ମାସ ମାସ ଧରି ମେହନତର ଫଳକୁ ଇଷ୍ଟଦେବୀଙ୍କଠାରେ ଅର୍ପଣ କରିବାର ପବିତ୍ର ଅନୁଭବକୁ ଲୋକ ପାଳନ କରେ ଆନନ୍ଦ ଉଲ୍ଲାସର ସହିତ। ଏଥିସହ ଆପେ ଆପେ ଯୋଡି ହୋଇଥାଏ ନାଚଗୀତର ଆସର। ଢ଼ୋଲ, ନିଶାନ, ତାସା, ମହୁରୀର ସମବେତ ବାଦ୍ୟରେ ଆକର୍ଷିତ କରେ ଲୋକଙ୍କୁ । ମନଭରି ନାଚିବାକୁ, ଗାଇବାକୁ ଇଚ୍ଛା ପ୍ରକଟିତ ହୁଏ। ରସରକେଲି, ଡାଲଖାଇ, ମାଏଲାଜଡର ଭେଟଘାଟର ମଞ୍ଚ। ସହର ମଫସଲ, ଦେଶ-ବିଦେଶ ସବୁଠି ଏବେ ଦେଖିବାକୁ ମିଳୁଛି ନୂଆଁଖାଇ ଭେଟଘାଟର ଅପୂର୍ବ ଆୟୋଜନ। ଆଞ୍ଚଳିକ ସ୍ୱାଭିମାନର ରସରେ ସିକ୍ତ ପଶ୍ଚିମ ଓଡିଶାର ଭାଇ-ଭଉଣୀମାନେ ପୃଥିବୀର ଯେ କୌଣସି କୋଣ, ଅନୁକୋଣରେ ଥାଆନ୍ତୁ ଚଳଚଞ୍ଚଳ ହୋଇଉଠନ୍ତି ଲୋକସଂସ୍କୃତିର ପ୍ରବହମାନ୍ ଧାରାକୁ ବିଶ୍ୱଜନୀନ କରିବା ପାଇଁ ମା'ସମଲେଇଙ୍କ ମାଟିର ବାର୍ତ୍ତା, ମା' ସୁରେଶ୍ୱରୀଙ୍କ ଭୂମିର ଆହ୍ୱାନ, ମା'ମାଣିକେଶ୍ୱରୀଙ୍କ ମମତାର ପରଶ ଏକାହିତ ହୋଇ ସମଗ୍ର ପୃଥିବୀବାସୀଙ୍କ ପ୍ରତି ସ୍ନେହ ଓ ସୌହାର୍ଦ୍ଦ୍ୟର ଐକ୍ୟ ଓ ଭାଇଚାରାର, ଶାନ୍ତି ଓ ସମୃଦ୍ଧିର ବନ୍ଧନରେ ଯୋଡିହେବା ପାଇଁ ପ୍ରତ୍ୟେକ ବର୍ଷ ଯତ୍ନଶୀଳ ହୋଇଥାଏ । ତେଣୁ ନୂଆଁଖାଇର ଗୁରୁତ୍ୱ ଅତୀତଠାରୁ ଭବିଷ୍ୟତ ଯାଏଁ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ ତାର ଲକ୍ଷ୍ୟ ଉଦ୍ଦେଶ୍ୟ ମଧ ସେହିଭଳି ନିତ୍ୟ ନୂତନ, ଚିର ସବୁଜ।

ସମ୍ବଲପୁରୀରେ କଥାଟିଏ ଅଛି, ଜିଁ ଜାଗିଥିଲେ ବଛେରେ। ଅର୍ଥାତ୍ ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା। ଭଲରେ ଭଲରେ ମା'ସମଲେଇ ଏହି ବର୍ଷଟିକୁ ଗଡେଇ ନେଉ। ପରିବାରର ସବୁ ସଦସ୍ୟ ଏକତ୍ର ନବାନ୍ନ ସେବନ କରିବା। ବୟୋଜ୍ୟେଷ୍ଠମାନଙ୍କୁ ଜୁହାର ଭେଟ ହେବା। ପୂର୍ବ ଶତ୍ରୁତା ଭୁଲିଯାଇ ନୂତନ ସମ୍ପର୍କ ଯୋଡିବା, ଯୋଡି ହୋଇ ରହିବା ଭଳି ଆଦର୍ଶରେ ଭିଜିଯିବାକୁ ପଡେ ଏହି ପର୍ବରେ। ଆନନ୍ଦରେ ଭୁରି ଭୋଜନରେ ଆପ୍ୟାୟିତ ହୋଇ ଖେଳପଡିଆରେ, ଗାଁ ଖୁଲିରେ, ନାଚ ମଣ୍ଡପରେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବା ଆଦି କାର୍ଯ୍ୟମାନ ଯୋଡି ହୋଇଯାଏ ଏହି ପର୍ବ ସହିତ। ମା'ସମଲେଶ୍ୱରୀଙ୍କ କୃପାରୁ ବର୍ଷଟିଏ ଭଲକରି ବଞ୍ଚେଇ ରଖିବା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ଏହି ପର୍ବ ପାଳିତ ହୁଏ, ତାହା ବର୍ଷର ପ୍ରତିଦିନ ଉପଯୋଗ କରାଗଲେ ନୂଆଁଖାଇର ଅନ୍ତର୍ଧ୍ୱନି ପ୍ରତିଧ୍ୱନିତ ହେଉଥିବା କାଳକାଳକୁ।

ଡ. ଦ୍ୱାରିକାନାଥ ନାୟକ, ବୀରମହାରାଜପୁର



ନୂଆଁଖାଇ ପାଇଁ ଗୁରୁବାର ବଲାଙ୍ଗୀରରେ ବସିଛି ତିହାରହାଟ୍।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ବୌଦ୍ଧଗଡ଼

'ପବିତ୍ର ନୂଆଁଖାଇ-୨୦୧୮' ଅବସରରେ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

**ଶ୍ରୀମତୀ ଦୀପ୍ତିପ୍ରଭା ସ୍ୱାଇଁ**, ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୌଦ୍ଧଗଡ଼

**ଇଂ. ମନୋରଞ୍ଜନ ପଣ୍ଡା**
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୌଦ୍ଧଗଡ଼

**ଶ୍ରୀଯୁକ୍ତ ଲଳିତ କୁମାର ମେହେର**
ଉପନଗରପାଳ ଓ ସମସ୍ତ ସଭ୍ୟ/ସଭ୍ୟାବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୌଦ୍ଧଗଡ଼

## ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜୁହାର । ମାଁ ସୁରେଶ୍ୱରୀଙ୍କଠାରେ ପ୍ରାର୍ଥନା ସୁବର୍ଣ୍ଣପୁର ଜିଲ୍ଲାର ଚାଷୀଙ୍କ ମଙ୍ଗଳ କରନ୍ତୁ।

**ମଧୁସୂଦନ ମିଶ୍ର**
ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା ଅଧ୍ୟକ୍ଷ
ଡୁଙ୍ଗୁରିପାଲି ଆର୍‌ଏମ୍‌ସି

**ଉଦିତ୍ କୁମାର ବାବୁ**
ସମ୍ପାଦକ,
ଡୁଙ୍ଗୁରିପାଲି ଆର୍‌ଏମ୍‌ସି

## ନୂଆଁଖାଇ ଅଭିନନ୍ଦନ
## ପ୍ରଗତିପଥେ ଜଳବିଭାଜିକା ଉନ୍ନୟନ ଓ ମୃତ୍ତିକା ସଂରକ୍ଷଣ ବିଭାଗ, ସୁବର୍ଣ୍ଣପୁର

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ-୨୦୧୮ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର। ଆମ ସୁବର୍ଣ୍ଣପୁର ଜିଲ୍ଲାରେ ବର୍ଷାଜଳ ଉପରେ ନିର୍ଭର କରୁଥିବା ଅଞ୍ଚଳରେ ଆୟବୃଦ୍ଧି, ଉତ୍ପାଦିକା ଶକ୍ତି ବୃଦ୍ଧି ଓ ଜୀବିକା ନିରାପତ୍ତାକୁ ଧାରଣକ୍ଷମ କରିବା ପାଇଁ ସହଯୋଗମୂଳକ ଜଳବିଭାଜିକା ଉନ୍ନୟନ ତଥା ଏହାର ପ୍ରାଣବସ୍ତୁ ସମନ୍ୱିତ ଚାଷପଦ୍ଧତି (Integrated Farming System) ମାଧ୍ୟମରେ ଗ୍ରାମୀଣ ଜୀବିକାର ବିକାଶ ପାଇଁ ସମନ୍ୱିତ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ (I.W.M.P. / PMKSY)ରେ ଉଲୁଣ୍ଡା ବ୍ଲକ୍‌ରେ ୨୦୧୦-୧୧ ମସିହାରେ ଗୋଟିଏ କ୍ଲଷ୍ଟରରେ ୪୧ଟି ଗ୍ରାମକୁ ନେଇ ଗଠିତ ୧୧ଟି କ୍ଷୁଦ୍ର ଜଳ ବିଭାଜିକା ଦ୍ୱାରା ୫୫୦୦ ହେକ୍ଟର ଓ ଉଲୁଣ୍ଡା, ସୋନପୁର ଓ ବୀରମହାରାଜପୁର ବ୍ଲକ୍‌ରେ ୨୦୧୨-୧୩ ମସିହାରେ ୩ଟି କ୍ଲଷ୍ଟରରେ ୭୩ଟି ଗ୍ରାମକୁ ନେଇ ଗଠିତ ୨୪ଟି କ୍ଷୁଦ୍ର ଜଳ ବିଭାଜିକା ଦ୍ୱାରା ୧୬୭୫୪ ହେକ୍ଟର ଜମି ଉପଚାର ପାଇଁ ହେକ୍ଟର ପିଛା ୧୨୦୦୦ରୁ ୧୫୦୦୦ ଟଙ୍କା ଖର୍ଚ୍ଚ କରିବା ପାଇଁ କାର୍ଯ୍ୟ ହାତକୁ ନିଆଯାଇଥିଲା।

ଏହି ଜଳବିଭାଜିକା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସ୍ଥାନୀୟ ଜନସାଧାରଣ, ରାଜନୈତିକ ବ୍ୟକ୍ତି, ସମାଜସେବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ସରକାରୀ କର୍ମଚାରୀଙ୍କ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ଅଟେ।

**ବ୍ରଜବନ୍ଧୁ ପାଣିଗ୍ରାହୀ**
ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା,
ସୋନପୁର, ଜିଲ୍ଲା: ସୁବର୍ଣ୍ଣପୁର

**ମଧୁସୂଦନ ମିଶ୍ର**
ଜିଲ୍ଲାପାଳ ତଥା ମିଶନ ମୁଖ୍ୟ
ଜଳବିଭାଜିକା ଉନ୍ନୟନ ମିଶନ, ଜିଲ୍ଲା: ସୁବର୍ଣ୍ଣପୁର

## ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼

**ସଫାଧାନ** **ଶୁଖାଧାନ** **ଉଚିତ ଦାମ**

**ପବିତ୍ର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ୨୦୧୮ ଅବସରରେ**
ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼ ଅଞ୍ଚଳର ସମସ୍ତ ଚାଷୀଭାଇ, ବ୍ୟବସାୟୀ ତଥା ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆପଣମାନଙ୍କର ସୁଖ ସମୃଦ୍ଧି, ଉନ୍ନତି ଓ ପ୍ରଗତି କାମନା କରୁଅଛୁ।

**ସମ୍ପାଦକ**
ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼

**ଅଧ୍ୟକ୍ଷ**
ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼

**ସମସ୍ତ ସଭ୍ୟ ବୃନ୍ଦ**
**ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼**

## ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ 'ନୂଆଁଖାଇ'-୨୦୧୮- ଉପଲକ୍ଷେ

''ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ-୨୦୧୮ର ଶୁଭ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଉଦ୍ୟାନକୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର''।

**ଶ୍ରୀ ନରେନ୍ଦ୍ର କୁମାର ସାହୁ**
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ସୋନପୁର

## ସୁବର୍ଣ୍ଣପୁର ପୌର ପରିଷଦ, ସୁବର୍ଣ୍ଣପୁର

ମହାନ୍‌ଗଣପର୍ବ ନୂଆଁଖାଇ / ନବାନ୍ନ-୨୦୧୮
ଉପଲକ୍ଷେ ଓଡ଼ିଶାର ସମସ୍ତ ପରମ୍ପରା ଓ ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ସୁବର୍ଣ୍ଣପୁର ପୌର ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



**ଶ୍ରୀମତୀ ସିମନ୍ତିନୀ ନାଏକ**, ଅଧ୍ୟକ୍ଷା
ଓ କାଉନସିଲର ବୃନ୍ଦ
ପୌର ପରିଷଦ, ସୁବର୍ଣ୍ଣପୁର



**ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ର**
ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁବର୍ଣ୍ଣପୁର

Your classified advertisement published in Dharitri will be listed free in Dharitri online edition : www. dharitri. com

## ପ୍ରଗତିପଥେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି

ସମସ୍ତ ଅଞ୍ଚଳବାସୀଙ୍କୁ ନୂଆଁଖାଇ ଅଭିନନ୍ଦନ ଜଣାଇବା ସହିତ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।

**ଆମର ସଂକଳ୍ପ**
- ଦିବଂଗତ ବିଧାୟକ ସୁବଳ ସାହୁ ଶିଶୁ ଉଦ୍ୟାନର ଶୁଭାରମ୍ଭ
- ଗଙ୍ଗାଧର ସମାଧିପୀଠର ଉନ୍ନତୀକରଣ
- ନୂତନ ଟାଉନ ହଲର ନିର୍ମାଣ
- କଇଁରଟିକିରା ପୋଲ ନବୀକରଣ
- ଦୈନିକ ବଜାରର ଉନ୍ନତୀକରଣ
- ବିଭିନ୍ନ ପୋଖରୀଗୁଡ଼ିକର ନବୀକରଣ ଓ ସୌନ୍ଦର୍ଯ୍ୟକରଣ

**ନିବେଦନ**
- ପ୍ରତ୍ୟେକ ୱାର୍ଡର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା-ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

**ଶ୍ରୀ ଭାଗୀରଥି ପ୍ରଧାନ**
କାର୍ଯ୍ୟନିର୍ବାହୀ ଅଧିକାରୀ

**ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ**
ଉପାଧ୍ୟକ୍ଷ ଓ ପାରିଷଦ ବୃନ୍ଦ।

**ଶ୍ରୀମତୀ ମୀନା ସେଠ୍**
ଅଧ୍ୟକ୍ଷା

**ରିତା ସାହୁ**
ମାନ୍ୟବର ବିଧାୟିକା
ବିଜେପୁର

## ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ

**ପେଲେସ୍ ଗାର୍ଡେନ୍, ସୋନପୁର**
ଫୋ.ନଂ.- (୦୬୬୫୪) ୨୨୧୦୨୧, ମୋ. ନଂ.- ୯୪୩୭୧୫୧୮୨୧, ୮୮୯୫୦୦୨୩୯୭
Email ID: prajnabharateerhs@gmail.com

**ଶୁଭେଚ୍ଛା**

ନୂଆଁଖାଇ-୨୦୧୮ ଅବସରରେ ସନ୍ତୋଷ କୁମାର ପୂଜାହାରୀ, ପରିଚାଳନା ନିର୍ଦ୍ଦେଶକ ତଥା ପ୍ରଜ୍ଞାଭାରତୀ ପରିବାରବର୍ଗ, ସମସ୍ତଙ୍କର ମଙ୍ଗଳ କାମନା ପୂର୍ବକ ମାଁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ନିକଟରେ ସମସ୍ତଙ୍କର ଚଲାପଥ କୁସୁମିତ ହେବା ପାଇଁ ପ୍ରାର୍ଥନା କରୁଅଛୁ।

*ପରିଚାଳନା ନିର୍ଦ୍ଦେଶକ*
*ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ*

## ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ

**ନୂଆଁଖାଇ ଉପଲକ୍ଷେ ବୌଦ୍ଧ ଜିଲ୍ଲାର ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**
- ୨୦୧୮-୧୯ ଖରିଫ ଋତୁରେ ଧାନ ବିକ୍ରୟ କରିବା ନିମନ୍ତେ ଚାଷୀଭାଇମାନେ ନିକଟସ୍ଥ SCS ରେ ନାମ ପଞ୍ଜୀକରଣ କରାନ୍ତୁ।
- ଜିଲ୍ଲାର ୪୨ଟି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଉଅଛି।
- ଧାନ କ୍ରୟବେଳେ ଏଫ୍.ଏ.କ୍ୟୁ ମାନ ନିରୂପଣ ନିମନ୍ତେ ସମସ୍ତ ବର୍ଗୀକରଣ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଉଅଛି।
- ଉତ୍ପାଦିତ ଶସ୍ୟର ସୁରକ୍ଷା ନିମନ୍ତେ ବିଭିନ୍ନ ସ୍ଥାନରେ ଗୋଦାମ ଗୃହ ଓ ଅସ୍ଥାୟୀ ମଣ୍ଡିରେ ତାରପୋଲିନ୍ ଯୋଗାଣ ହେଉଅଛି।
- କୃଷକ ଓ ସମବାୟ କର୍ମଚାରୀଙ୍କୁ ବର୍ଗୀକରଣ ଉପରେ ତାଲିମ ପ୍ରଦାନ କରାଯାଉଅଛି।
- ବୌଦ୍ଧ ସହରର କେନ୍ଦ୍ର ଭାଗରେ ଏକ ଆଦର୍ଶ ବଜାର ପ୍ରାଙ୍ଗଣ ନିର୍ମାଣ ନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଅଛି।
- ଆଗାମୀ ବର୍ଷରେ ମନମୁଣ୍ଡା ବଜାର ପ୍ରାଙ୍ଗଣଠାରେ କପା ନିମନ୍ତେ e-NAM ମଣ୍ଡି କରିବା ଯୋଜନା ରହିଅଛି।
- ସମସ୍ତ ଚାଷୀ ଓ ବ୍ୟବସାୟୀ e-NAM ରେ କ୍ରୟବିକ୍ରୟ କରିବା ନିମନ୍ତେ ପଞ୍ଜୀକରଣ କରିବାକୁ ଅନୁରୋଧ।

**(ଏନ୍.ସି. ଜ୍ୟୋତି ରଂଜନ ନାୟକ, OAS-I (SB))**
ଉପ-ଜିଲ୍ଲାପାଳ, ବୌଦ୍ଧ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ

**(ସୀତାଂଶୁ କୁମାର ରାଉତ, OAS (SAG))**
ଜିଲ୍ଲାପାଳ, ବୌଦ୍ଧ ତଥା ଅଧ୍ୟକ୍ଷ
ଜିଲ୍ଲା ଧାନ କ୍ରୟ କମିଟି, ବୌଦ୍ଧ

## ପ୍ରଗତିପଥେ ପଞ୍ଚାୟତ ସମିତି, ସୋନପୁର

| ଯୋଜନା | ଅନୁଦାନ | ଖର୍ଚ୍ଚ | ଲକ୍ଷ୍ୟ ଧାର୍ଯ୍ୟ | ଲକ୍ଷ୍ୟ ହାସଲ |
|---|---|---|---|---|
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା | | | ୮୮୦ | ୨୮୦ |
| ବିଜୁ ପକ୍କାଘର | | | ୨୦ | ୧୮ |
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ୭୨.୫୦ ଲକ୍ଷ (୨୦୧୭-୧୮) | ୫୨.୪୦ | ୨୬ | ୧୮ |
| ବିଜୁ କେ.ବି.କେ. | ୧୨୦.୫୦ ଲକ୍ଷ (୨୦୧୮-୧୯)<br>୯୭.୫୦ ଲକ୍ଷ | ୨୦.୦୦<br>୪୦.୫୦ | ୪୯<br>୨୮ | ୦୮<br>୧୨ |



**ମନ୍ଦାକିନୀ ନାଗ**, ଅଧ୍ୟକ୍ଷ
ପଞ୍ଚାୟତ ସମିତି, ସୋନପୁର



**ନିରଞ୍ଜନ ନାଏକ**, ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପଞ୍ଚାୟତ ସମିତି, ସୋନପୁର


## ନୂଆଁଖାଇ ବାର୍ତ୍ତା

ଆଜି ଆମର୍ ପଶ୍ଚିମ୍ ଓଡ଼ିଶାର୍ ବଡ଼ ତିହାର୍ ନୂଆଁଖାଇ । ନୂଆଁଖାଇ ଚାଷ୍ ଆରୁ ଚାଷୀର୍ ତିହାର୍। ଆମର୍ ସମ୍‌କର ତିହାର୍। ଇ ଉସତ୍ ଆନନ୍ଦ୍ ସମିୟାଥି ମାଏନତା ସିଆନ୍ ସୁଜନ୍, ମାଁ ମାଉସୀ, ନାନୀ ବହେନ୍ ଆରୁ ଭାଏଦଦା ମାନ୍‌କୁ ମୋର୍ ନୂଆଁଖାଇର୍ ଜୁହାର୍। ମାଁ ସମଲେଇ ଆରୁ ତେତିଶ୍ କୁଟି ଦେ'ଦେବତା ସମ୍‌କୁ ଖୁସିଥି ରଖିଥାଉନ୍। ଉସତ୍ ଆନନ୍ଦ୍‌ଥି ଗଜ୍‌ଗଜଉଛେ ଆମର୍ ପଶ୍ଚିମ୍ ଓଡ଼ିଶା। ଆସୁନ୍ ଆଜିର୍ ଦିନେ ପଶ୍ଚିମ ଓଡ଼ିଶାକେ ଆମେ ସଭେଁ ମିଶିକରି ଆଗ୍‌କେ ନେବାର୍ ଲାଗି କିରିୟା କରମାଁ।

ସ୍ୱା./-
**(କିଶୋର କୁମାର ମହାନ୍ତି)**
**ଅଧ୍ୟକ୍ଷ**
**ପଶ୍ଚିମ ଓଡ଼ିଶା ବିକାଶ ପରିଷଦ**


## କୃଷି ବିଭାଗ ତରଫରୁ ଚାଷୀମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସୁବିଧା

- ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ବିଭିନ୍ନ ଯୋଜନାର ରିହାତି ଓ ପ୍ରୋତ୍ସାହନ ରାଶିର ଲାଭ ପାଇବା ପାଇଁ ନିଜର ନାମ ନିକଟସ୍ଥ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ କରାନ୍ତୁ।
- ଧାନ ଧାଡି ବୁଣା ଓ ଧାଡି ରୁଆ କରନ୍ତୁ ଏବଂ ପୁଞ୍ଜ କ୍ଷେତ୍ର ପ୍ରଦର୍ଶନ (Cluster Demonstration) ଅନ୍ତର୍ଗତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନେ ପ୍ରୋତ୍ସାହନ ରାଶି ହେକ୍ଟର ପ୍ରତି ୧୫୦୦ ଟଙ୍କାର ଲାଭ ପାଆନ୍ତୁ।
- ଜଳନିଧି-୧ ଯୋଜନାରେ ମିଳୁଥିବା ସୁଫଳ ପାଇଁ ପଞ୍ଜୀକୃତ ଚାଷୀ ଅନଲାଇନ (ଏଗ୍ରୀସନେଟ ଓଡିଶା ପୋର୍ଟାଲରେ) ଆବେଦନ କରିପାରିବେ।
- ଜଳନିଧି-୨ ଯୋଜନାରେ ମିଳୁଥିବା ସୁଫଳ ପାଇଁ
  (କ) ଗୋଷ୍ଠୀ ଅଗଭୀର ନଳକୂପ ପ୍ରକଳ୍ପ ସ୍ଥାପନ ପାଇଁ – ଓଡିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।
  (ଖ) କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ପାଇଁ ଓଡିଶା କୃଷି ଶିଳ୍ପ ନିଗମ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପୁଞ୍ଜିନିବେଶ ରିହାତି ନିମନ୍ତେ ଅନଲାଇନ ଆବେଦନ କରିପାରିବେ (http:/apicol.nic.in)
- ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ – ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତି ତିଆରି ଏବଂ ବ୍ୟବହାର କରୁଥିବା ପ୍ରତିଭାବାନ ଚାଷୀ ଭାଇ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନିତ ଓ ପୁରସ୍କୃତ କରାଯିବ। ଆଗ୍ରହୀ ଚାଷୀ ଭାଇ ଓ ଭଉଣୀମାନେ ଆବେଦନ ପତ୍ର ଚଳିତ ବର୍ଷ ୩୧ ଅକ୍ଟୋବର ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (FIAC) ର ଡ୍ରପ ବକ୍ସରେ ଦାଖଲ କରିପାରିବେ।
- ଚଳିତ ଖରିଫ ଋତୁଠାରୁ ସମସ୍ତ ଖୁଚୁରା ସାର ବିକ୍ରୟ କେନ୍ଦ୍ରରେ PoS ମେଶିନ ମାଧ୍ୟମରେ ସାର ବିକ୍ରୟ କରାଯାଉଛି, ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କି, ସାର କିଣିବାକୁ ଯିବା ସମୟରେ ସାଙ୍ଗରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର କିମ୍ବା କିଷାନ କ୍ରେଡିଟ କାର୍ଡ ନେଇ ଯିବା ବାଧ୍ୟତାମୂଳକ ଅଟେ।

**କୃଷି ଉପନିର୍ଦ୍ଦେଶକ, ବରଗଡ଼**

## ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

ସାଳିହା ବଗିଚା, ଲାୟନ୍‌ସ ଲେନ- ୭୬୮୦୦୧, ଫୋନ ନମ୍ବର:୨୫୪୯୦୯୮, ଇମେଲ Secretarysdasbp@gmail.com
ପତ୍ର ସଂଖ୍ୟା: ୩୦୩୦ ତା ୧୨.୯.୧୮

**ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ପକ୍ଷରୁ ପଶ୍ଚିମ ଓଡ଼ିଶା ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା**

ଆମେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ପକ୍ଷରୁ ପଶ୍ଚିମ ଓଡିଶାର ମହାନ ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ସମ୍ବଲପୁର ପ୍ରାଧିକରଣ ଅଞ୍ଚଳର ଜନସାଧାରଣ ତଥା ସମଗ୍ର ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛୁ । ଏହା ସହିତ ଆମ୍ଭେ ଆମ ଅଞ୍ଚଳର ଜନସାଧାରଣଙ୍କ ସୁଖ ସମୃଦ୍ଧି ଓ ଶାନ୍ତି କାମନା କରୁଅଛୁ ।

ଏହି ଅବସରରେ ଆମେ ପ୍ରାଧିକରଣ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାକୁ ସମୀଚୀନ ମନେ କରୁଛୁ। ଇତି ମଧ୍ୟରେ ଗୌରୀଶଙ୍କର ସାହାଣୀ ପାର୍କର ନବୀକରଣ କରାଯାଇ ଆକର୍ଷଣୀୟ କରାଯାଇଛି। ଏହାକୁ ଆହୁରି ଆକର୍ଷଣ କରିବାକୁ ପୁନରାୟ ଆର୍ଥିକ ବ୍ୟବସ୍ଥା କରାଯାଇ କାର୍ଯ୍ୟାରମ୍ଭ ହେବାକୁ ଯାଉଛି । ସେହିପରି ଶିଳ୍ପାଞ୍ଚଳ ରେଙ୍ଗାଲିରେ ୫ଏକରରୁ ଅଧିକ ଜାଗାରେ ଏକ ବଡଧରଣର ପାର୍କ ନିର୍ମାଣ ଆଗେଇ ଚାଲିଛି। ବୁର୍ଲା କିର୍ବା ହାଉସିଂ କଲୋନୀରେ ମଧ୍ୟ ଏକ ମିନି ପାର୍କ ନିର୍ମାଣାଧୀନ । ଏସଡିଏର ଜାଗା ଓ ସରକାରୀ ଜାଗାରେ ଜିଲା ସ୍କୁଲ ଛକରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗୀୟ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଏମସିଏଲ ସହାୟତାରେ ସୌନ୍ଦର୍ଯ୍ୟକରଣ କରାଯାଇଛି ।

ଏହା ସଙ୍ଗେ ସଙ୍ଗେ ପ୍ରାଧିକରଣର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିବାକୁ ଏବଂ ଗ୍ରାହକମାନଙ୍କୁ ସୁବିଧା ଯୋଗାଇ ଦେବାକୁ ବୁର୍ଲା କିର୍ବାରେ ୪୯ଟି ଦୋକାନ ଘରବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଆଗେଇ ଚାଲିଛି । ସେହିପରି ରିଙ୍ଗରୋଡରେ ଓ ଅଇଁଠାପାଲି ବସଷ୍ଟାଣ୍ଡରେ ଫୁଡ ପ୍ଲାଜା ନିର୍ମାଣ ହେବାର ପ୍ରସ୍ତାବ ସହ ଆର୍ଥିକ ବ୍ୟବସ୍ଥା କରାଯାଇଛି । ଗୋଶାଳା ପାଖରେ ଏକ ଟ୍ରକ ଟର୍ମିନାଲ ମଧ୍ୟ ନିର୍ମାଣ ହେବା ଯୋଜନା କରାଯାଇଛି । ମହାନଦୀର ଅପରପାର୍ଶ୍ୱରେ ଗୃହ ନିର୍ମାଣ ଯୋଜନା ପାଇଁ ଜମି ଅଧିଗ୍ରହଣର ଉଦ୍ୟମ ହେଉଛି ଏହା ବ୍ୟତୀତ ସପ୍ତେ ସେତୁ ନିକଟବର୍ତ୍ତୀ ଅଞ୍ଚଳରେ ଏକ ପିକ୍‌ନିକ୍ ସ୍ଥଳ ନିର୍ମାଣ ପାଇଁ ଯୋଜନା କରାଯାଇ ଆର୍ଥିକ ବ୍ୟବସ୍ଥା କରାଯାଇଛି। ମୁଦିପଡାରେ ଥିବା ଏସ୍‌ଡିଏ ଜାଗାରେ ୧୦୦୦ ସିଟି ବିଶିଷ୍ଟ ଟାଉନ ହଲ ପଶ୍ଚିମ ଓଡିଶା ବିକାଶ ପରିଷଦ ସହାୟତାରେ ହେବା ସହିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣର ଯୋଜନା ରହିଛି ।

ସମ୍ବଲପୁର ପ୍ରାଧିକରଣ ଅଞ୍ଚଳକୁ ଯୋଜନାବଦ୍ଧ ଭାବରେ ଗଢି ତୋଳିବା ପାଇଁ ସମନ୍ୱିତ ବିକାଶ ଯୋଜନାକୁ ସଂଶୋଧିତ ଆକାରରେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି । ଏହି ଅଞ୍ଚଳକୁ ଯୋଜନାବଦ୍ଧ ଭାବରେ ଗଢି ତୋଳିବାକୁ ଆପଣମାନେ ଗୃହର ପ୍ଲାନ ମଞ୍ଜୁରୀ ସହ ପ୍ଲାନ ଅନୁଯାୟୀ ଗୃହ ନିର୍ମାଣ କରିବା ଏବଂ ପରିବେଶକୁ ସର୍ବାଙ୍ଗ ସୁନ୍ଦର କରିବାରେ ସହଯୋଗ ପାଇଁ ଆମ୍ଭେ ନିବେଦନ କରୁଅଛୁ ।

ସ୍ୱା./-
**ସଚିବ**

ସ୍ୱା./-
**ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
ଏସ.ଡି.ଏ

ସ୍ୱା./-
**ବିଜୟ କୁମାର ମହାନ୍ତି**
ଅଧ୍ୟକ୍ଷ ଏସ.ଡି.ଏ.

## ବଲାଙ୍ଗୀର ପୌରସଂସ୍ଥା, ବଲାଙ୍ଗୀର

ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ-୨୦୧୮ ଉପଲକ୍ଷେ ବଲାଙ୍ଗୀର ପୌର ପରିଷଦ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛି। ଏହି ଶୁଭ ଅବସରରେ ମାଁ ପାଟଣେଶ୍ୱରୀ ଓ ମାଁ ସମଲେଶ୍ୱରୀଙ୍କ ଅପାର କରୁଣାରୁ ସମସ୍ତେ ମିଳିମିଶି ଏହି ପର୍ବକୁ ପାଳନ କରି ସୁଖ, ଶାନ୍ତିରେ ସହାବସ୍ଥାନ କରନ୍ତୁ ଏହା ହିଁ ମାଁଙ୍କ ଠାରେ ପ୍ରାର୍ଥନା।



**ଶ୍ରୀମତୀ ସନ୍ତୋଷିନୀ ବେହେରା**
ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗୀର



**ଶ୍ରୀମତୀ ଲିପିଶ୍ରୀ ସାଏ**
ଉପାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗୀର



**ଶ୍ରୀ ବିପିନ ବିହାରୀ ଦୀପ**
ନିର୍ବାହୀ ଅଧିକାରୀ
ପୌର ସଂସ୍ଥା, ବଲାଙ୍ଗୀର



"ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍)ର ଉନ୍ନତମାନର ଯୁଦ୍ଧବିମାନ ଉତ୍ପାଦନ କ୍ଷମତା ନ ଥିବାରୁ ଉପା ଶାସନ ଅମଳରେ ରାଫେଲ୍ ଚୁକ୍ତି ବିଫଳ ହୋଇଥିଲା।
- ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ



## ସଂକ୍ଷେପରେ

### ପ୍ରଧାନ ବିଚାରପତି ହେବେ ଜଷ୍ଟିସ୍ ଗୋଗୋଇ

**ନୂଆଦିଲ୍ଲୀ, ୧୩।୯(ପି.ଟି.):** ସୁପ୍ରିମକୋର୍ଟର ୪୬ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଗୁରୁବାର ନିଯୁକ୍ତ ହୋଇଛନ୍ତି ଜଷ୍ଟିସ୍ ରଞ୍ଜନ ଗୋଗୋଇ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ନିଯୁକ୍ତିପତ୍ରରେ ମୋହର ମାରିବା ପରେ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ସିଜେଆଇ ଜଷ୍ଟିସ୍ ଦୀପକ ମିଶ୍ର ଅବସର ଗ୍ରହଣ କରିବାର ଦିନକ ପରେ ଅର୍ଥାତ୍ ଅକ୍ଟୋବର ୩ରେ ଜଷ୍ଟିସ୍ ଗୋଗୋଇ ଦାୟିତ୍ୱ ନେବେ। ନୂଆ ସିଜେଆଇଙ୍କ କାର୍ଯ୍ୟକାଳ ପ୍ରାୟ ୧୩ ମାସ ରହିବ ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେ ୨୦୧୯ ନଭେମ୍ବର ୧୭ରେ ଅବସର ଗ୍ରହଣ କରିବେ। ୧୯୫୪ ନଭେମ୍ବର ୧୮ରେ ଜନ୍ମିତ ଜଷ୍ଟିସ୍ ଗୋଗୋଇ ୧୯୭୮ରେ ଓକିଲାତି ଅଭ୍ୟାସ ଆରମ୍ଭ କରିଥିଲେ। ଗୁଆହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ସେ ୨୦୦୧ ଫେବୃୟାରୀ ୨୮ରେ ନିଯୁକ୍ତ ହୋଇଥିଲେ। ୨୦୧୦ ସେପ୍ଟେମ୍ବର ୯ରେ ସେ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି ହୋଇଥିଲେ। ୨୦୧୧ ଫେବୃୟାରୀରେ ଜଷ୍ଟିସ୍ ଗୋଗୋଇ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୨ ଏପ୍ରିଲରେ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଗତମାସ ଜଷ୍ଟିସ୍ ମିଶ୍ର ନୂଆ ସିଜେଆଇଙ୍କ ନିଯୁକ୍ତି ଲାଗି ବରିଷ୍ଠତା ଭିତ୍ତିରେ ଜଷ୍ଟିସ୍ ଗୋଗୋଇଙ୍କ ନାମ ସୁପାରିସ କରିଥିଲେ। ସୁପ୍ରିମକୋର୍ଟର ପରମ୍ପରା ରକ୍ଷାକରି ସେ ଏହି ନିଷ୍ପତ୍ତି ନେଇଥିଲେ।

### କାଲିଫର୍ଣିଆରେ ଗୁଳିକାଣ୍ଡ: ୬ ନିହତ

ଲସ୍ ଏଞ୍ଜେଲସ୍, ୧୩।୯(ପି.ଟି.) କାଲିଫର୍ଣିଆରେ ବୁଧବାର ଜଣେ ବନ୍ଧୁକଧାରୀ ଗୁଳିକାଣ୍ଡ ଘଟାଇଛନ୍ତି। ଏଥିରେ ୬ ଜଣ ପ୍ରାଣ ହରାଇଛନ୍ତି। ଆକ୍ରମଣକାରୀ ସ୍ତ୍ରୀଙ୍କ ସମେତ ୫ ଜଣଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି ବୋଲି ଜଣେ ପୋଲିସ ମୁଖପାତ୍ର ସୂଚନା ଦେଇଛନ୍ତି। ବିଶ୍ୱ ଜନସଂଖ୍ୟାର ୪ ପ୍ରତିଶତ ଲୋକ ଆମେରିକାରେ ଅଛନ୍ତି। କିନ୍ତୁ ବିଶ୍ୱରେ ଥିବା ମୋଟ ଅସ୍ତ୍ରର ୪୦ ପ୍ରତିଶତ ସେମାନଙ୍କଠାରେ ରହିଛି। ଆମେରିକାର ୮୫୭ ବନ୍ଧୁକ ସାଧାରଣ ଲୋକଙ୍କ ନିକଟରେ ରହିଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ବନ୍ଧୁକର ବହୁଳ ବ୍ୟବହାର ଯୋଗୁ ଆମେରିକାରେ ଗୁଳିକାଣ୍ଡ ଘଟଣା ଅଧିକ ଘଟୁଥିବା କୁହାଯାଉଛି।

### ମୋଦିଙ୍କୁ 'ନିରକ୍ଷର' କହିଲେ ନିରୁପମ୍

ମୁମ୍ବାଇ, ୧୩।୯(ପି.ଟି.) ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ ପ୍ରଦର୍ଶନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ସମାଲୋଚନା କରି ମୁମ୍ବାଇ କଂଗ୍ରେସ ମୁଖ୍ୟ ସଞ୍ଜୟ ନିରୁପମ୍ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମୋଦି ଜଣେ 'ନିରକ୍ଷର'। ତାଙ୍କ ଫିଲ୍ମ ଦେଖି ଛାତ୍ରୀଛାତ୍ରମାନେ କିଛି ଶିକ୍ଷା ଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି। ନିରୁପମ୍ଙ୍କ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାଜପା। ଗୈରିକ ଦଳର ମହାରାଷ୍ଟ୍ର ଶାଖା ମୁଖପାତ୍ର ଶୈନା ଏନ୍‌ସି କହିଛନ୍ତି, ନିରୁପମ୍ ଜଣେ 'ପାଗଳ'।

# ଜାତୀୟ ରାଜନୀତିରେ ମାଲ୍ୟା ଝଡ଼

ନୂଆଦିଲ୍ଲୀ, ୧୩।୯(ପି.ଟି.)





- ଜେଟ୍‌ଲୀ ଗୋପନ ବୁଝାମଣା କରିଥିଲେ: ରାହୁଲ
- କିଙ୍ଗଫିଶରରେ ଗାନ୍ଧୀ ପରିବାରର ଅଂଶଧନ ସ୍ପଷ୍ଟ ହେଉ : ଭାଜପା

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ନେଇ ଏବେ ଜାତୀୟ ରାଜନୀତିରେ ଝଡ ସୃଷ୍ଟି ହୋଇଛି। ଲଣ୍ଡନରେ ପ୍ରତ୍ୟର୍ପଣ ମାମଲାର ସାମ୍ନା କରୁଥିବା ମାଲ୍ୟା ବୁଧବାର ଅଦାଲତ ଯିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସମ୍ପର୍କରେ ଏକ ବିସ୍ଫୋରକ ବୟାନ ଦେଇଥିଲେ। ଦେଶ ଛାଡିବା ପୂର୍ବରୁ ଅର୍ଥମନ୍ତ୍ରୀଙ୍କୁ ସେ ଭେଟିଥିଲେ ଏବଂ ଦେଶ ଛାଡୁଥିବା କହିଥିଲେ ବୋଲି ମାଲ୍ୟା ଉଲ୍ଲେଖ କରିଥିଲେ। ଖାଲି ସେତିକି ନୁହେଁ ଋଣ ବିବାଦର ସମାଧାନ ଲାଗି ଅର୍ଥମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିବା ସେ ସ୍ପଷ୍ଟ କରିଥିଲେ। ତାଙ୍କର ଏହି ବୟାନ ପରେ ଦେଶର ରାଜନୀତିରେ ଝଡ ସୃଷ୍ଟି ହୋଇଛି। ଲଣ୍ଡନ ପଳାଇବା ଲାଗି ମାଲ୍ୟାଙ୍କ ସହ ଜେଟ୍‌ଲୀ ଗୋପନ ବୁଝାମଣା କରିଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଥିବା ବେଳେ ଭାଜପା ମଧ୍ୟ ଏହାର ଦୃଢ଼ ଜବାବ ଦେଇଛି।

ରାଜନୈତିକ ଫାଇଦା ମିଳିବା ଆଶାରେ ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ବିବାଦରେ ନିଜକୁ ସାମିଲ କରିଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜେଟ୍‌ଲୀଙ୍କ ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ମିଛ କହୁଛନ୍ତି ବୋଲି ଉଲ୍ଲେଖ କରି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି ଯେ, ଜେଟଲୀ ପଳାତକ ମଦ ବ୍ୟବସାୟୀଙ୍କୁ ସଂସଦର ବାରଣ୍ଡାରେ ନୁହେଁ ବରଂ ସେଣ୍ଟ୍ରାଲ ହଲ୍‌ରେ ଭେଟିଥିଲେ। ସେ ଲଣ୍ଡନ ପଳାଉଛନ୍ତି ବୋଲି ମାଲ୍ୟା ସେତେବେଳେ ତାଙ୍କୁ ଜଣାଇଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ଏ ସମ୍ପର୍କରେ ତଦନ୍ତକାରୀ ଏଜେନ୍ସିକୁ ଜଣାଇବା ପରିବର୍ତ୍ତେ ଜଣେ ଆର୍ଥିକ ଅପରାଧୀଙ୍କୁ ପଳାଇବାକୁ ସୁଯୋଗ ଦେଲେ। ଜେଟ୍‌ଲୀ ସୋସିଆଲ ମିଡିଆରେ ବଡ଼ ବଡ଼ ଗପ ଲେଖନ୍ତି। କିନ୍ତୁ ମାଲ୍ୟାଙ୍କ ସମ୍ପର୍କରେ ଆଜି ଯାଏ କିଛି ଉଲ୍ଲେଖ କଲେ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ମାଲ୍ୟାଙ୍କ ସହ ଜେଟ୍‌ଲୀଙ୍କ ଗୋପନ ବୁଝାମଣା ହୋଇଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ଏହି କାରଣରୁ ସେ ଇସ୍ତଫା ଦିଅନ୍ତୁ ବୋଲି ରାହୁଲ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭାଜପା ମଧ୍ୟ ରାହୁଲଙ୍କୁ ପାଲଟା ଜବାବ ଦେଇଛି। ଦଳର ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି ଯେ, ମାଲ୍ୟାଙ୍କ ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାର ଲାଇନ୍ସରେ ଗାନ୍ଧୀ ପରିବାରର ଅଂଶଧନ ରହିଥିବା ନେଇ ରାହୁଲ ସ୍ପଷ୍ଟ କରନ୍ତୁ। କାରଣ ରାହୁଲ ଓ ସୋନିଆ ଗାନ୍ଧୀଙ୍କୁ ଏହି ଏୟାର ଲାଇନ୍ସରେ ମାଗଣାରେ ଯିବା ଆସିବା କରିବାକୁ ସୁଯୋଗ ଦିଆଯାଉଥିଲା। ଅନ୍ୟପକ୍ଷରେ ଋଣରେ ବୁଡିଥିବା କିଙ୍ଗଫିଶରକୁ ସୁରକ୍ଷା ଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ସେତେବେଳେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହି ଅବସରରେ ସେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏସ୍‌ବିଆଇ ମଧ୍ୟରେ ହୋଇଥିବା ଚିଠିର ଆଦାନପ୍ରଦାନ କପି ଦେଖାଇଥିଲେ। କିଙ୍ଗ୍‌ଫିଶରକୁ ଋଣ ପ୍ରଦାନ ବେଳେ କିଭଳି ନିୟମ ଉଲ୍ଲଂଘନ ହୋଇଥିଲା ଚିଠିରୁ ତାହା ପ୍ରମାଣିତ ବୋଲି ପାତ୍ର ଦର୍ଶାଇଛନ୍ତି। ଉଲ୍ଲେଖଥାଉ କି, ଲଣ୍ଡନ ଯିବା ପୂର୍ବରୁ ସେ ଜେଟ୍‌ଲୀଙ୍କୁ ଭେଟିଥିଲେ ବୋଲି ମାଲ୍ୟା ବୁଧବାର କହିବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହାକୁ ଖଣ୍ଡନ କରିଥିଲେ। କିଙ୍ଗ୍‌ଫିଶର ଏୟାରଲାଇନ୍ସ ମୁଖ୍ୟଙ୍କ ସହ ତାଙ୍କର କୌଣସି ସାକ୍ଷାତ ହୋଇନାହିଁ ବୋଲି ଜେଟ୍‌ଲୀ ସ୍ପଷ୍ଟ କରିଥିଲେ। ମାଲ୍ୟାଙ୍କୁ ସାକ୍ଷାତ ପାଇଁ ସେ ସମୟ ଦେଇ ନଥିଲେ ବୋଲି ଅର୍ଥମନ୍ତ୍ରୀ ତାଙ୍କ ସଫେଇରେ କହିଥିଲେ।

# ଟଳିଲେ ୮ ଆତଙ୍କବାଦୀ

## କଶ୍ମୀରରେ ସୁରକ୍ଷାବଳକୁ ବଡ଼ ସଫଳତା

- ୩ ସ୍ଥାନରେ ଏନ୍‌କାଉଣ୍ଟର
- କୁପ୍‌ୱାଡ଼ାରେ ୩ ଅନୁପ୍ରବେଶକାରୀ ନିହତ
- ରେଆସିରେ ଟଳିଲେ ୩ ଜେଇଏମ୍ ଆତଙ୍କବାଦୀ
- ଘରେ ପଶି ବିସ୍କୁଟ ଖାଇ ଚମ୍ପଟ ମାରିଥିଲେ
- ସୋପୋରରେ ୨ ଆତଙ୍କବାଦୀ ନିହତ



ଶ୍ରୀନଗର/ଜମ୍ମୁ, ୧୩।୯(ପି.ଟି.)

ଜମ୍ମୁ-କଶ୍ମୀରରେ ଗୁରୁବାର ସୁରକ୍ଷାବଳକୁ ବଡ଼ଧରଣର ସଫଳତା ମିଳିଛି। ତିନୋଟି ସ୍ଥାନରେ ପୃଥକ୍ ଦମନ ଅଭିଯାନରେ ୮ ଆତଙ୍କବାଦୀଙ୍କୁ ନିହତ କରିଛନ୍ତି ସୁରକ୍ଷାକର୍ମୀ। ଗୁଳି ବିନିମୟବେଳେ ୧୨ ଯବାନ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ୩ ଜଣ କୁପ୍‌ୱାଡ଼ା ଅନ୍ତର୍ଗତ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିକଟରେ ଟଳିପଡ଼ିଛନ୍ତି। ରେଆସିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୩ ସଦସ୍ୟ ଏବଂ ସୋପୋରରେ ୨ ଆତଙ୍କବାଦୀଙ୍କୁ ଦମନ କରାଯାଇଛି।

କୁପ୍‌ୱାଡ଼ା ଜିଲା ଅନ୍ତର୍ଗତ କେରନ୍ ସେକ୍ଟରସ୍ଥିତ ଦାଟ୍ ଗଲି ଅଞ୍ଚଳରେ ଥିବା ଏଲ୍‌ଓସି ନିକଟରେ କେତେଜଣ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ସେମାନଙ୍କ ସନ୍ଦେହଜନକ ଗତିବିଧି ଜମ୍ମୁ-କଶ୍ମୀର ରାଇଫଲ୍ସର ଯବାନଙ୍କ ନଜରକୁ ଆସିଥିଲା। ସେମାନେ ଆତଙ୍କବାଦୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିବାରୁ ଗୁଳିମାଡ଼ ଆରମ୍ଭ ହୋଇଥିଲା। ଦୁଇପକ୍ଷ ମଧ୍ୟରେ ଘମାଘୋଟ ଗୁଳି ବିନିମୟ ପରେ ଉକ୍ତ ସ୍ଥାନରୁ ୩ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଶେଷ ଖବର ସୁଦ୍ଧା ସେଠାରେ ସନ୍ଧାନକାର୍ଯ୍ୟ ଜାରି ରହିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ।

ସେହିପରି ରେଆସି ଜିଲାର କାକ୍ରିଆଲ ଅଞ୍ଚଳସ୍ଥିତ ମାତା ବୈଷ୍ଣୋଦେବୀ ବିଶ୍ୱବିଦ୍ୟାଳୟରେ ସୁରକ୍ଷାବାହିନୀର ମିଳିତ ଟିମ୍‌ର ଏନ୍‌କାଉଣ୍ଟରରେ ୩ ଜେଇଏମ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ନିକଟରେ ପାକିସ୍ତାନରୁ ଆସି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥିଲେ ଏହି ତିନି ଆତଙ୍କବାଦୀ (୧୮ରୁ ୨୨ ବର୍ଷୀୟ)। ବୁଧବାର ସେମାନେ ଜମ୍ମୁ-ଶ୍ରୀନଗର ହାଇୱେରେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରି ଏକ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଏହାପରେ ସେଠାରେ ଆରମ୍ଭ ହୋଇଥିଲା ବଡ଼ଧରଣର ଅପରେଶନ। ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସୁରକ୍ଷାକର୍ମୀ ଡ୍ରୋନ୍ ଏବଂ ହେଲିକପ୍ଟର ମଧ୍ୟ ବ୍ୟବହାର କରିଥିଲେ। ଘଣ୍ଟା ଘଣ୍ଟା ଅପରେଶନ ପରେ ଶେଷରେ ୩ ଜେଇଏମ୍ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୁଳିମାଡ଼ରେ ୩ ଅଫିସରଙ୍କ ସମେତ ୧୨ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଡିଏସ୍‌ପି ମୋହନଲାଲ ଅଛନ୍ତି। ତେବେ ଆତଙ୍କବାଦୀମାନେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ବୁଧବାର ରାତି ୮ଟାରେ ଯାଇଥିଲେ ବୋଲି ଅପରେଶନବେଳେ ଜଣାପଡ଼ିଛି। ପିନ୍ଧାବସ୍ତ୍ର ନେବା ସହ ବିସ୍କୁଟ ଖାଇ ଏବଂ ପାଣି ପିଇ ଆତଙ୍କବାଦୀମାନେ ଚମ୍ପଟ ମାରିଥିଲେ। ସେମାନେ ଏକ ଗାଡ଼ିଦେବାକୁ ମଧ୍ୟ କହିଥିଲେ। କିନ୍ତୁ ତାଙ୍କ ପାଖରେ ଗାଡ଼ି ନ ଥିବାରୁ ମନା କରିଦେଲେ ବୋଲି ବ୍ୟକ୍ତି ଜଣକ କହିଛନ୍ତି। ଆତଙ୍କବାଦୀମାନେ ତାଙ୍କ ଘରୁ ରାତି ୯ଟା ୧୦ରେ ଯିବା ପରେ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ଝାଜ୍ଜର-କୋଟଲି ଜଙ୍ଗଲ ଓ ଏହାର ଆଖପାଖରେ ସୁରକ୍ଷା ଛାଉଣୀ କରାଯାଇଛି।

# ୟୁପିରୁ ହିଜବୁଲ ଆତଙ୍କବାଦୀ ଗିରଫ

ଲକ୍ଷ୍ନୌ, ୧୩।୯(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଆତଙ୍କ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗୁରୁବାର ଜଣେ ହିଜବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ତାଙ୍କ ନାମ ହୁରୈରା ଆକା କମରୁଦ୍ଦିନ୍। ସେ କାନପୁରରୁ ଧରାପଡ଼ିଛନ୍ତି। ଗଣେଶ ପୂଜାରେ ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ କରି ଆକ୍ରମଣ ଘଟାଇବାକୁ ସେ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଜଣାପଡ଼ିଛି। ଆସାମର ହୋଜାଇ ନିବାସୀଙ୍କୁ କମରୁଦ୍ଦିନ୍ ଏକେ-୪୭ ରାଇଫଲ୍ ଧରିଥିବା ଏକ ଫଟୋ ଗତ ଏପ୍ରିଲରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହା ପରେ ତାଙ୍କ ଉପରେ ସୁରକ୍ଷାବଳର ନଜର ରହିଥିଲା। ତାଙ୍କୁ ଧରିବା ଲାଗି ଉତ୍ତରପ୍ରଦେଶ (ୟୁପି) ଏଏସ୍‌ପି ଦୀନେଶ ଯାଦବ ଏବଂ ଡେପୁଟି ଏସ୍‌ପି ଦୀନେଶ ପୁରୀ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ତାଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ପରେ କାନପୁରର

### ଗଣେଶ ପୂଜାରେ ଘଟାଇଥାଆନ୍ତେ ଆକ୍ରମଣ



ଚୋର ଥାନା ଅନ୍ତର୍ଗତ ଶିବନଗରରୁ ଗୁରୁବାର କମରୁଦ୍ଦିନ୍‌ଙ୍କୁ ଗିରଫ କରାଯାଇଛି। ପଚରାଉଚରାବେଳେ ସେ ଆତଙ୍କବାଦୀ ସଙ୍ଗଠନ ହିଜବୁଲ ମୁଜାହିଦ୍ଦିନ୍‌ର ସଦସ୍ୟ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ମୋବାଇଲ ଫୋନ୍‌ରୁ ଅନେକ ତଥ୍ୟ ଏବଂ ଆକ୍ରମଣ ଯୋଜନା ସମ୍ପର୍କରେ ଜଣାପଡ଼ିଛି। ୨୦୧୭ ଏପ୍ରିଲରେ ସଙ୍ଗଠନର କଶ୍ମୀରୀ କମାଣ୍ଡରମାନେ ତାଙ୍କୁ ତାଲିମ ଦେଇଥିଲେ ବୋଲି କମରୁଦ୍ଦିନ୍ କହିଛନ୍ତି।

## ଫୁର୍‌ସତ

### ଗଣେଶଙ୍କୁ ୫୮୦କେଜି ଲଡୁ ଅର୍ପଣ

**ହାଇଦ୍ରାବାଦ୍:** ଲଡୁ ଭଗବାନ୍ ଗଣେଶଙ୍କର ପ୍ରିୟ ପ୍ରସାଦ ହୋଇଥିବାରୁ ଭକ୍ତମାନେ ଶ୍ରଦ୍ଧାରେ ଏହାକୁ ଭୋଗ ଲଗାନ୍ତି। ହାଇଦ୍ରାବାଦସ୍ଥିତ ଫିଲ୍ମ ନଗର ଦୈବ ସନ୍ନିଧାନମ୍ (ଟେମ୍ପୁଲ ପରିସର)ରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଉଛି। ଗଣେଶଙ୍କୁ ମହାପ୍ରସାଦ ରୂପେ ଏକ ଲଡୁ ଅର୍ପଣ କରାଯାଇଛି। ଏହାର ଓଜନ ୫୮୦ କିଲୋଗ୍ରାମ୍। ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର ତପେଶ୍ୱରମ୍‌ଠାରେ ସୁରୁଚି ଫୁଡ୍ ଦ୍ୱାରା ଏହି ଲଡୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ



ସୁରୁଚି ଫୁଡ୍‌ସ ମୁଖପାତ୍ର ଉତ୍ପଳପତି ରାମଭଦ୍ରା ରାଜୁ କହନ୍ତି, ୩ଲକ୍ଷ ଟଙ୍କା ମୂଲ୍ୟର ଏହି ଲଡୁକୁ ଉତ୍ସବର ୩ଦିନ ଭକ୍ତମାନଙ୍କୁ ବଣ୍ଟନ କରାଯିବ। ଗତବର୍ଷ ସେମାନେ ମଧ୍ୟ ୫୦୦କି.ଗ୍ରା. ଓଜନର ଏକ ଲଡୁ ଗଣେଶଙ୍କୁ ଅର୍ପଣ କରିଥିଲେ।

# ମୁନ୍ ମିଶନ୍ ପାଇଁ ପାରାଶ୍ୟୁଟ୍ ପରୀକ୍ଷା

**ୱାଶିଂଟନ୍:** ମୁନ୍ ମିଶନ୍‌ରେ ଯିବାକୁ ଥିବା ଓରିୟନ୍ ସ୍ପେସ୍‌କ୍ରାଫ୍ଟର ମହାକାଶଚାରୀଙ୍କ ନିମନ୍ତେ ପାରାଶ୍ୟୁଟ୍‌ର ସମ୍ପୂର୍ଣ୍ଣ ଏବଂ ସଫଳ ପରୀକ୍ଷା କରାଯାଇଥିବା ନାସା ପକ୍ଷରୁ କୁହାଯାଇଛି। ଚନ୍ଦ୍ର ଏବଂ ଅନ୍ୟାନ୍ୟ ଗ୍ରହ ଉପଗ୍ରହକୁ ମାନବ ମିଶନ୍ ଲାଗି ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ଆରିଜୋନା ଅଞ୍ଚଳରେ ଏଥିପାଇଁ ୮ଥର ପରୀକ୍ଷା କରାଯିବା ପରେ ଇଞ୍ଜିନିୟରମାନେ ଓରିୟନ୍‌ର ପାରାଶ୍ୟୁଟ୍



ବ୍ୟବସ୍ଥାର ମୂଲ୍ୟାଙ୍କନ କରିଛନ୍ତି। ସ୍ୱାଭାବିକ ଅବତରଣ ସହିତ କୌଣସି କାରଣରୁ ଏ କ୍ଷେତ୍ରରେ ସମସ୍ୟା ଦେଖାଦେଲେ ତାହା କିପରି ଦୂର ହୋଇପାରିବ ତାହା ମଧ୍ୟ ପରୀକ୍ଷା କରାଯାଇଛି। ଇଞ୍ଜିନିୟରମାନେ ଏଥିପାଇଁ ବିଭିନ୍ନ ଏରୋଡାଇନାମିକ୍ କୌଶଳ ବ୍ୟବହାର କରିଥିଲେ। ମହାକାଶଚାରୀମାନେ କିପରି ନିରାପଦରେ ପୃଥିବୀ ଫେରିପାରିବେ ତାହା ସୁନିଶ୍ଚିତ କରିବାକୁ ବାରମ୍ବାର ପରୀକ୍ଷା କରାଯାଇଛି। ଏ ସମ୍ପର୍କରେ ଓରିୟନ୍ ପ୍ରୋଗ୍ରାମ ମ୍ୟାନେଜର ମାର୍କ କିରାସିକ୍ କହନ୍ତି, ମାନବ ମିଶନ୍ ଲାଗି ଓରିୟନ୍ ସ୍ପେସ୍‌କ୍ରାଫ୍ଟର ପରୀକ୍ଷା ପାଇଁ ଅବିଶ୍ୱନୀୟ କଠିନ ପରିଶ୍ରମ କରାଯାଉଛି। ଏଥିପାଇଁ ଯଥେଷ୍ଟ କୌଶଳ ଅବଲମ୍ବନ କରାଯାଉଛି। ପାରାଶ୍ୟୁଟ୍ ଅବତରଣ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ। ଏହାକୁ ବାରମ୍ବାର ପରୀକ୍ଷା କରିବା ଦ୍ୱାରା ଆମର ଆତ୍ମବିଶ୍ୱାସ ବୃଦ୍ଧିପାଇପାରିବ ବୋଲି କିରାସିକ୍ ପ୍ରକାଶ କରିଥିଲେ।

### ଇତିହାସର ଆଇନାରେ

#### ସେପ୍ଟେମ୍ବର ୧୪ର ପ୍ରମୁଖ ଘଟଣା

୧୯୯୭ ସେପ୍ଟେମ୍ବର ୧୪ରେ ହାଓଡା-ଅହମ୍ମଦାବାଦ ଏକ୍ସପ୍ରେସ ଦୁର୍ଘଟଣା ଘଟି ୫ଟି ବଗି ନଦୀରେ ପଡିଯିବା କାରଣରୁ ୮୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୭୫ ଆହତ ହୋଇଥିଲେ। ଟ୍ରେନର ଏହି ୫ଟି ବଗିରେ ୩୦୦ ଯାତ୍ରୀ ରହିଥିଲେ। ଇଞ୍ଜିନ ସହିତ ୩ ଟି ବଗି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଥିଲା।

୧୯୬୦ ସେପ୍ଟେମ୍ବର ୧୪ରେ ଅର୍ଗାନାଇଜେଶନ୍ ଅଫ୍ ପେଟ୍ରୋଲିୟମ ଏକ୍ସପର୍ଟିଂ କଣ୍ଟ୍ରିଂ(ଓପିଇସି)ର ଗଠନ ହୋଇଥିଲା। ଏହାର ପ୍ରଥମ ୫ଟି ଦେଶ ମଧ୍ୟରେ ଇରାନ୍, କୁଏଟ୍, ସୌଦି ଆରବ,ଭେନିଜୁଏଲା ରହିଛନ୍ତି। ୨୦୧୮ ସୁଦ୍ଧା ଏଥିରେ ୧୫ଟି ଦେଶ ସଦସ୍ୟ ରହିସାରିଛନ୍ତି। ଏହି ସବୁ ଦେଶ ଗୁଡିକରେ ବିଶ୍ୱର ୪୪ % ତୈଳ ଉତ୍ପାଦନ ହୋଇଥାଏ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। **ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୪.୫ |
| ଚାନ୍ଦବାଲି | ୩୫.୩ | ୨୬.୪ |
| କଟକ | ୩୪.୬ | ୨୪.୨ |
| ପାରାଦ୍ୱୀପ | ୩୪.୫ | ୨୮.୧ |
| ଭୁବନେଶ୍ୱର | ୩୫.୨ | ୨୫.୨ |
| ଗୋପାଳପୁର | ୩୫.୦ | ୨୬.୫ |
| ପୁରୀ | ୩୪.୬ | ୨୭.୫ |
| ଅନୁଗୋଳ | ୩୪.୬ | ୨୩.୬ |
| ବାରିପଦା | ୩୪.୪ | ୨୫.୪ |
| ଝାରସୁଗୁଡ଼ା | ୩୧.୯ | ୨୫.୨ |
| କେନ୍ଦୁଝର | ୩୨.୬ | ୨୩.୪ |
| ସମ୍ବଲପୁର | ୩୨.୫ | ୨୩.୫ |
| ସୁନ୍ଦରଗଡ଼ | ୩୪.୦ | ୨୨.୦ |
| ହୀରାକୁଦ | ୩୩.୦ | ୨୪.୮ |
| ତାଳଚେର | ୩୪.୬ | ୨୫.୮ |
| ଭବାନୀପାଟଣା | ୩୪.୦ | ୨୩.୫ |
| ବଲାଙ୍ଗୀର | ୩୪.୫ | ୨୫.୦ |
| କୋରାପୁଟ | ୨୯.୬ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୫.୦ | ୨୩.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୨ | ୨୩.୫ |
| ଦାରିଙ୍ଗିବାଡ଼ି | ୨୯.୦ | ୨୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସୌନ୍ଦର୍ଯ୍ୟ ପାଇଁ ଗର୍ବିତ ହୁଅନ୍ତୁ ମହିଳା



ଜାହ୍ନବୀ କପୁର

**ମୁମ୍ବାଇ:** ପ୍ରତ୍ୟେକ ମହିଳା ତାଙ୍କ ସୌନ୍ଦର୍ଯ୍ୟ ପାଇଁ ଗର୍ବ ଅନୁଭବ କରିବା ଉଚିତ। ଏ ବାବଦରେ କୌଣସି ଅନୁଶୋଚନା କରିବା ଉଚିତ ନୁହେଁ ବୋଲି ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ପ୍ରକାଶ କରିଛନ୍ତି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଜାହ୍ନବୀ କହିଲେ, ପ୍ରତ୍ୟେକ ମହିଳାଙ୍କର ସୌନ୍ଦର୍ଯ୍ୟ ଭିନ୍ନ ଭିନ୍ନ। ସେହି ଦୃଷ୍ଟିରୁ ପ୍ରତ୍ୟେକେ ଏଥିପାଇଁ ଗର୍ବିତ ହେବା ଉଚିତ। ସେମାନେ ଅନ୍ୟ କାହାକୁ ଅନୁସରଣ କରିବା ଆବଶ୍ୟକ ନାହିଁ। କାରଣ ଦୁଇଜଣଙ୍କ ରୂପ କେବେ ସମାନ ହୋଇପାରିବ ନାହିଁ। ତେଣୁ ସେମାନେ ଅନ୍ୟର ସୌନ୍ଦର୍ଯ୍ୟ ଦେଖି ନିଜକୁ ନ୍ୟୁନ ମନେକରିବା ଉଚିତ ନୁହେଁ। ଜାହ୍ନବୀଙ୍କୁ ବିଉଟି ବ୍ରାଣ୍ଡ 'ନାୟିକା' ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ପ୍ରଥମକରି ସେ ଏକ ବୃତ୍ତି ସହ ଜଡ଼ିତ ହୋଇଥିବାରୁ ଖୁବ୍ ସମ୍ମାନିତ ମନେକରନ୍ତି। ତାଙ୍କ ମା' ଶୁଟିଂ ପାଇଁ ଯିବାକୁ କିପରି ସୁନ୍ଦର ଭାବରେ ସଜେଇ ହୁଅନ୍ତି ତାହା ଦେଖିଥିବା କଥା ସେ ମନେପକାଇଥିଲେ। ତେବେ 'ଧଡ଼କ'ରେ ଅଭିନୟ କରିଥିବା ଜାହ୍ନବୀ ନିଜ ରୂପଚର୍ଯ୍ୟା ଲାଗି ଦେଶୀୟ ଟେକ୍‌ନିକ୍ ବ୍ୟବହାର କରନ୍ତି ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଲୋକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ପସନ୍ଦ କରନ୍ତି। ଏହା ମୋ କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିଲକ୍ଷିତ ହୁଏ ଏବଂ କୃତ୍ରିମତାକୁ ମୁଁ ବିରୋଧ କରେ ବୋଲି ସେ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଜାହ୍ନବୀ କରନ୍ ଜୋହରଙ୍କ 'ତଖତ୍'ରେ ଦେଖାଦେବେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.

**ଏସିଆ କପ୍‌ର ୧୪ତମ ସଂସ୍କରଣ ଏଥର ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବା ଆସନ୍ତା ୧୫ରୁ ୨୮ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଏସିଆର ୬ଟି ଦେଶ ଅଂଶଗ୍ରହଣ କରିବେ ଓ ଏଥିରେ ମୋଟ ୧୩ଟି ମ୍ୟାଚ ଖେଳାଯିବ। ୧୯ ତାରିଖରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ ଓ ଏହି ମ୍ୟାଚ ଉପରେ ସାରା ବିଶ୍ୱର ନଜର ରହିଛି। ଏଥର ଚାମ୍ପିୟନ ହୋଇ ଭାରତ ସପ୍ତମଥର ପାଇଁ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି...**

# ଏସିଆ କପ୍ କ୍ରିକେଟ୍




ନିର୍ମଳ କୁମାର ମିଶ୍ର

୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଏବଂ ଏସିଆନ୍ କ୍ରିକେଟ୍ କାଉନସିଲ ଦ୍ୱାରା ପରିଚାଳିତ ଏସିଆ କପ୍ କ୍ରିକେଟ୍‌ର ୧୪ତମ ସଂସ୍କରଣ ୟୁଏଇରେ ତୃତୀୟ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ପ୍ରଥମେ ଭାରତରେ ଏହି ଟୁର୍ନାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଭାରତ ପାକିସ୍ତାନ ମଧ୍ୟରେ ଚାଲିଥିବା ରାଜନୈତିକ ଶୀତଳଯୁଦ୍ଧ ପାଇଁ ଶେଷରେ ଏହି ଟୁର୍ନାମେଣ୍ଟକୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର କରାଯାଇଛି। ୨୦୧୫ ମସିହା ଅକ୍ଟୋବର ୨୯ ତାରିଖରେ ସିଙ୍ଗାପୁରଠାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ କ୍ରିକେଟ୍ କାଉନସିଲ (ଏସିସି) ବୈଠକରେ ବିସିସିଆଇ ଏହି ଟୁର୍ନାମେଣ୍ଟକୁ ଭାରତରେ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଶା କରାଯାଉଥିଲା ଭାରତରେ ଏହି ଟୁର୍ନାମେଣ୍ଟ ଖେଳା ହେଲେ ଭାରତ ଗସ୍ତରେ ପାକିସ୍ତାନ ଆସିବ ଓ ଏହା ହେଲେ ଉଭୟ ଦେଶ ମଧ୍ୟରେ ଦୀର୍ଘ ଦିନରୁ ବନ୍ଦ ରହିଥିବା ଦ୍ୱିପାକ୍ଷିକ ସିରିଜ ଖେଳାଯିବା ପାଇଁ ପଥ ପରିଷ୍କାର ହେବ। ମାତ୍ର ପାକିସ୍ତାନ ସରକାର ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଭାରତରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟକୁ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳାଯିବା ପାଇଁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)କୁ ଅନୁରୋଧ କରାଯିବା ପରେ ଏହି ବିବାଦର ପୂର୍ଣ୍ଣଚ୍ଛେଦ ପଡିଥିଲା। ପ୍ରତି ୨ବର୍ଷରେ ଥରେ ଖେଳାଯାଉଥିବା ଏହି ଏକଦିବସୀୟ ଟୁର୍ନାମେଣ୍ଟରେ ଏସିଆ ମହାଦେଶର ୬ଟି ଦେଶ ଅଂଶଗ୍ରହଣ କରିବେ। ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇଥିବା ୫ଟି ଟେଷ୍ଟ ଖେଳୁଥିବା ଦେଶ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ସହ ଏସିଆ କପ୍‌ର କ୍ୱାଲିଫାୟାର ଟୁର୍ନାମେଣ୍ଟ ଚାମ୍ପିୟନ ହଂକଂ ମଧ୍ୟ ଅଂଶଗ୍ରହଣ କରିବ। କ୍ୱାଲିଫାୟାର ବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚଗୁଡିକ ଭାରତରେ ଅଗଷ୍ଟ ୨୯ତାରିଖରୁ ସେପ୍ଟେମ୍ବର ମାସ ୬ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିଲା। ଏହି ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପର୍ଯ୍ୟାୟରେ ମୋଟ ୧୬ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ଟୁର୍ନାମେଣ୍ଟରେ ହଂକଂ, ମାଲେସିଆ, ନେପାଳ, ଓମାନ, ସିଙ୍ଗାପୁର ଏବଂ ୟୁଏଇ ଅଂଶଗ୍ରହଣ କରିଥିଲେ ଓ ଶେଷରେ ହଂକଂ ଚାମ୍ପିୟନ ହୋଇ ଏସିଆ କପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

ଚଳିତ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ମୋଟ ୧୩ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ୬ଟି ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-ଏ ରେ ଭାରତ, ପାକିସ୍ତାନ ଓ କ୍ୱାଲିଫାୟର ଟିମ୍ ସ୍ଥାନ ପାଇଥିବା ବେଳେ ଗ୍ରୁପ୍-ବି ରେ ଆଫଗାନିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟର ୨ଟି ମ୍ୟାଚ୍ ଆବୁଧାବି ଏବଂ ଦୁବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ।

ପୂର୍ବରୁ ଖେଳାଯାଇଥିବା ୧୩ଟି ସଂସ୍କରଣ ମଧ୍ୟରୁ ଟିମ୍ ଇଣ୍ଡିଆ ସର୍ବାଧିକ ୬ଥର ଚମ୍ପିୟନ ହୋଇଥିବାବେଳେ ଶ୍ରୀଲଙ୍କା ୫ଥର ଏବଂ ପାକିସ୍ତାନ ୨ଥର ଟାଇଟଲ ହାସଲ କରିଛି। ଖେଳାଯାଇଥିବା ୧୩ଟି ସଂସ୍କରଣ ମଧ୍ୟରୁ ୧୨ଟି ସଂସ୍କରଣ ଏକଦିବସୀୟ ଫର୍ମାଟରେ ଖେଳାଯାଇ ଥିଲା। ତେବେ ୨୦୧୬ରେ ବାଂଲାଦେଶରେ ଖେଳାଯାଇଥିବା ଟୁର୍ନାମେଣ୍ଟ ଟି୨୦ ଫର୍ମାଟରେ ଖେଳାଯାଇଥିଲା। ୨୦୧୬ ଟି୨୦ ବିଶ୍ୱକପ୍‌କୁ ଆଖି ଆଗରେ ରଖି ଭାଗନେଇଥିବା ଦଳଗୁଡିକ ସର୍ବସମ୍ମତି କ୍ରମେ ଟି୨୦ ଫର୍ମାଟରେ ଖେଳିବାକୁ ରାଜି ହୋଇଥିଲେ। ଏଥିରେ ୫ଟି ଟିମ୍ ଭାଗନେଇଥିବା ବେଳେ ମୋଟ ୧୧ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଂଲାଦେଶରେ ପଞ୍ଚମଥର ପାଇଁ ଅନୁଷ୍ଠିତ ଏହି ଏସିଆକପ୍‌ରେ ଭାରତ ବାଂଲାଦେଶକୁ ଫାଇନାଲରେ ୮ ଉଇକେଟରେ ହରାଇ ୬ଷ୍ଠ ଥର ପାଇଁ ଚାମ୍ପିୟନ ହୋଇଥିଲା। ଭାରତ ୧୯୮୪, ୧୯୮୮, ୧୯୯୦, ୧୯୯୪, ୨୦୧୦ ଏବଂ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ଏସିଆ କପ୍‌ରେ ପାକିସ୍ତାନର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। କିନ୍ତୁ ଏଥର ଏହି ଟୁର୍ନାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚ ବେଶ୍ ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

ସେହିପରି ଶ୍ରୀଲଙ୍କା ଦଳ ୧୯୮୬, ୧୯୯୮, ୨୦୦୪ ଏବଂ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ପାକିସ୍ତାନ ୨୦୧୦ ଏବଂ ୨୦୧୨ରେ ଟାଇଟଲ ହାସଲ କରିଥିଲା। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଟିମ୍ ଇଣ୍ଡିଆ ଏସିଆ କପରେ ଏପର୍ଯ୍ୟନ୍ତ ୪୮ଟି ମ୍ୟାଚ ଖେଳି ୩୧ଟିରେ ବିଜୟୀ ହୋଇଛି ଓ ୧୬ଟିରେ ପରାଜୟବରଣ କରିଛି। ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ଭାରତର ଜିତିବାର ହାର ୬୫.୯୫% । ୨୦୧୬ରେ ଖେଳାଯାଇଥିବା ସଂସ୍କରଣରେ ଭାରତ ଟି୨୦ ଫର୍ମାଟରେ ମୋଟ ୫ଟି ମ୍ୟାଚ ଖେଳି ସବୁଥିରେ ବିଜୟୀ ହୋଇଥିଲା। ୨୦୧୫ ମସିହାରେ ସିଙ୍ଗାପୁରଠାରେ ଅନୁଷ୍ଠିତ ଏସିସି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ରୋଟେଶନ୍ ଭିତ୍ତିରେ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଛି।

ଭାରତ ୧୯୮୬ ମସିହାରେ ଏହି ଟୁର୍ନାମେଣ୍ଟରେ ଭାଗନେଇ ଥିବାବେଳେ ପାକିସ୍ତାନ ୧୯୯୦ରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇନଥିଲା ଏବଂ ରାଜନୈତିକ ଦ୍ୱନ୍ଦ୍ୱ ଯୋଗୁ ୧୯୯୩ ମସିହାରେ ଏହାକୁ ବାତିଲ କରାଯାଇଥିଲା। ଏସିଆ କପ୍‌ରେ ବାଂଲାଦେଶ ବିପକ୍ଷରେ ପାକିସ୍ତାନ ସର୍ବାଧିକ ସ୍କୋର କରିଥିଲା। ପାକିସ୍ତାନ ୭ ଉଇକେଟ ହରାଇ ୩୮୫ ରନ୍ କରି ସର୍ବାଧିକ ରନ ସ୍କୋର କରିବାରେ ଶୀର୍ଷରେ ରହିଛି। ସେହିପରି ଭାରତ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦ୍ୱିତୀୟ ସ୍ଥାନରେ ରହିଛି। ହଂକଂ ବିପକ୍ଷରେ ୪ ଉଇକେଟ ହରାଇ ଭାରତ ୩୭୪ ରନ୍ କରିଥିଲା ଓ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର ବିବେଚିତ ହୋଇଛି। ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୨୧ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ କରାଯାଇଛି। ସେହିପରି ସର୍ବନିମ୍ନ ସ୍କୋର ୮୭ ରନ୍ ବାଂଲାଦେଶ ରେକର୍ଡ କରାଯାଇଥିବାବେଳେ ୩ଥର ମଧ୍ୟ ୧୦୦ରୁ କମ୍ ରନ୍ କରିଛି। ଏଥିରେ ଏପର୍ଯ୍ୟନ୍ତ ୪୭ଟି ଶତକ ସ୍କୋର କରାଯାଇଥିବା ବେଳେ ୮୧ଟି ଅର୍ଦ୍ଧଶତକ ସ୍କୋର ହୋଇଛି। ଭାରତୀୟ ଅଧିନାୟକ ବିରାଟ କୋହଲି ସର୍ବାଧିକ ୧୧ଟି ମ୍ୟାଚ୍‌ରୁ ୧୦ଟି ଇନିଂସ ଖେଳି ସର୍ବାଧିକ ୬୧୩ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବାଧିକ ୩ଟି ଶତକ ରହିଥିବାବେଳେ ସର୍ବାଧିକ ରନ୍ ହେଉଛି ୧୮୩ । ସେହିପରି ଅନ୍ୟ ସଫଳ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ମହେନ୍ଦ୍ର ସିଂ ଧୋନୀ ଗୋଟିଏ ଶତକ ସହ ୫୭୧ ରନ୍ ସଂଗ୍ରହ କରିଛନ୍ତି। ଅପରାଜିତ ୧୦୯ ରନ ହେଉଛି ତାଙ୍କର ସର୍ବାଧିକ ସ୍କୋର। ସେହିପରି ସୁରେଶ ରାଇନା ୫୪୧ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୧୧୬ ନଟ ଆଉଟ୍ ରହିଛି। ଏଥିରେ ଦୁଇଟି ଶତକ ସାମିଲ ରହିଛି। ସେହିପରି ଭାରତର ତାରକା ସ୍ପିନର ରବୀନ୍ଦ୍ର ଜାଡେଜା ୧୦ଟି ମ୍ୟାଚ୍ ଖେଳି ସର୍ବାଧିକ ୧୨ଟି ଉଇକେଟ ଅକ୍ତିଆର କରିଛନ୍ତି।

ଚଳିତ ଏସିଆ କପ୍‌ର କାର୍ଯ୍ୟସୂଚୀ ନେଇ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ନିଜର ଅସନ୍ତୋଷ ଜାହିର କରିଛନ୍ତି। ଭାରତ ୪୮ଘଣ୍ଟା ମଧ୍ୟରେ ୨ଟି ବ୍ୟାକ ଟୁ ବ୍ୟାକ ୫୦ ଓଭର ମ୍ୟାଚ ଖେଳିବାକୁ ରହିଥିବାରୁ ଖେଳାଳିମାନେ ଆଘାତ ପ୍ରାପ୍ତ ହେବାର ସମ୍ଭାବନା ରହିଛି ବୋଲି କହିଥିଲେ। ଅତ୍ୟଧିକ ତାପମାତ୍ରା ରହିଥିବା ଜଳବାୟୁରେ ଭାରତ କ୍ରମାଗତ ୨ଦିନରେ ୨ଟି ୫୦ ଓଭର ମ୍ୟାଚ ଖେଳିବ। ଖେଳାଳିମାନଙ୍କର ନିୟମ ଅନୁସାରେ ୪୮ ଘଣ୍ଟାରେ ବିଶ୍ରାମ ଆବଶ୍ୟକ ରହିଥାଏ। ତେଣୁ ଭାରତ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବ ବୋଲି ସେହ୍ୱାଗ କହିଛନ୍ତି।

ଭାରତ ପକ୍ଷରୁ ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ତାରକା ଓପନର ରୋହିତ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପାକିସ୍ତାନର ନେତୃତ୍ୱ ନେବେ ସରଫରାଜ ଅହମ୍ମଦ, ଶ୍ରୀଲଙ୍କା ଅଧିନାୟକ ଦାୟିତ୍ୱରେ ରହିବେ ଦିନେଶ ଚଣ୍ଡିମଲ। ଆଫଗାନିସ୍ତାନର ନେତୃତ୍ୱ ନେବେ ଅସଗର ଷ୍ଟାନିକ୍‌ଜାଇ। ସେହିପରି ବାଂଲାଦେଶ ତରଫରୁ ଅଧିନାୟକ ଦାୟିତ୍ୱ ବହନ କରିବେ ମସରଫି ମୁରତାଜ। ବିସିସିଆଇ ପକ୍ଷରୁ ଏକ ୧୬ଜଣିଆ ଦଳ ଏସିଆକପ୍ ପାଇଁ ଘୋଷଣା କରାଯାଇଛି।

### ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ (ଉପ-ଅଧିନାୟକ), ଲୋକେଶ ରାହୁଲ୍, ମହେନ୍ଦ୍ର ସିଂ ଧୋନି (ଉଇକେଟ କିପର), ମନୀଷ ପାଣ୍ଡେ, କେଦାର ଯାଦବ, ଅମ୍ବାତି ରାଇଡୁ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ୟୁଜବେନ୍ଦ୍ର ଚହଲ୍, କୁଲଦୀପ ଯାଦବ, ଅକ୍ଷର ପଟେଲ୍, ଜସ୍‌ପ୍ରୀତ ବୁମରା, ଭୁବନେଶ୍ୱର କୁମାର, ସାର୍ଦ୍ଦୁଳ ଠାକୁର ଓ ଖଲିଲ୍ ଅହମ୍ମଦ୍।


ଟିମ୍ ଇଣ୍ଡିଆ ତାରକା ଖେଳାଳି।

## କାର୍ଯ୍ୟସୂଚୀ

(ସବୁ ମ୍ୟାଚ୍ ସନ୍ଧ୍ୟା ୫ଟାରୁ ଆରମ୍ଭ)

**ଗ୍ରୁପ୍ ଏ':** ହଂକଂ, ଭାରତ, ପାକିସ୍ତାନ
**ଗ୍ରୁପ୍ ବି':** ଆଫଗାନିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା

| | |
|---|---|
| **ଗ୍ରୁପ୍ ପର୍ଯ୍ୟାୟ** | |
| ସେପ୍ଟେମ୍ବର ୧୫ | ବାଂଲାଦେଶ- ଶ୍ରୀଲଙ୍କା (ଦୁବାଇ) |
| ସେପ୍ଟେମ୍ବର ୧୬ | ପାକିସ୍ତାନ- ହଂକଂ(ଦୁବାଇ) |
| ସେପ୍ଟେମ୍ବର ୧୭ | ଶ୍ରୀଲଙ୍କା- ଆଫଗାନିସ୍ତାନ (ଆବୁଧାବି) |
| ସେପ୍ଟେମ୍ବର ୧୮ | ଭାରତ- ହଂକଂ (ଦୁବାଇ) |
| ସେପ୍ଟେମ୍ବର ୧୯ | ଭାରତ- ପାକିସ୍ତାନ (ଦୁବାଇ) |
| ସେପ୍ଟେମ୍ବର ୨୦ | ବାଂଲାଦେଶ- ଆଫଗାନିସ୍ତାନ (ଆବୁଧାବି) |
| **ସୁପର ଫୋର ପର୍ଯ୍ୟାୟ** | |
| ସେପ୍ଟେମ୍ବର ୨୧ | ଗ୍ରୁପ୍ ଏ' ବିଜେତା- ଗ୍ରୁପ୍ ବି' ଉପବିଜେତା (ଦୁବାଇ) |
| ସେପ୍ଟେମ୍ବର ୨୧ | ଗ୍ରୁପ୍ ବି' ବିଜେତା- ଗ୍ରୁପ୍ ଏ' ଉପବିଜେତା(ଆବୁଧାବି) |
| ସେପ୍ଟେମ୍ବର ୨୩ | ଗ୍ରୁପ୍ ଏ' ବିଜେତା- ଗ୍ରୁପ୍ ଏ' ଉପବିଜେତା (ଦୁବାଇ) |
| ସେପ୍ଟେମ୍ବର ୨୩ | ଗ୍ରୁପ ବି' ବିଜେତା- ଗ୍ରୁପ୍ ବି' ଉପବିଜେତା (ଆବୁଧାବି) |
| ସେପ୍ଟେମ୍ବର ୨୫ | ଗ୍ରୁପ ଏ' ବିଜେତା- ଗ୍ରୁପ ବି' ବିଜେତା (ଦୁବାଇ) |
| ସେପ୍ଟେମ୍ବର ୨୬ | ଗ୍ରୁପ ଏ ଉପବିଜେତା- ଗ୍ରୁପ୍ ବି ଉପବିଜେତା (ଆବୁଧାବି) |
| **ଫାଇନାଲ** | |
| ସେପ୍ଟେମ୍ବର ୨୮ | ଟାଇଟଲ ମୁକାବିଲା (ଦୁବାଇ) |

**ଜାପାନାର ପ୍ରଥମ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ୨୦ ବର୍ଷୀୟା ନାଓମି ଓସାକା ଇତିହାସ ସୃଷ୍ଟି କରିଛନ୍ତି। ୟୁଏସ୍ ଓପନ୍ ଫାଇନାଲରେ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କ ଭଳି ଖେଳାଳିଙ୍କୁ ଚକ୍‌ମା ଦେଇଥିବାରୁ ଏହି ବିଜୟ ବେଶ୍ ଗୁରୁତ୍ୱ ବହନ କରୁଛି। ଆଗକୁ ତାଙ୍କର ଲମ୍ବା ଭବିଷ୍ୟତ ରହିଛି ଓ ସେ ବିଶ୍ୱ ଟେନିସରେ ନିଜର ଶ୍ରେଷ୍ଠତ୍ୱ ପ୍ରମାଣ କରିବେ ବୋଲି ଆଶା କରାଯାଉଛି...**

# ଉଦୀୟମାନ ଓସାକା

ଜାପାନର ନାଓମି ଓସାକା ଏବେ ବିଶ୍ୱ ଟେନିସର ସବୁଠାରୁ ଚର୍ଚ୍ଚିତ ଖେଳାଳି। ମାତ୍ର ୨୦ ବର୍ଷ ବୟସରେ ସେ ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ନାମେଣ୍ଟ ଜିତି ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ପୁଣି ପ୍ରଥମ ଜାପାନ ଖେଳାଳିଭାବେ ସେ ଗ୍ରାଣ୍ଡସ୍ଲାମ ଜିତି ଇତିହାସ ସୃଷ୍ଟି କରିବା ସହ ସାରା ବିଶ୍ୱର ଦୃଷ୍ଟିଆକର୍ଷଣ କରିଛନ୍ତି। ୟୁଏସ୍ ଓପନ ଫାଇନାଲ ମ୍ୟାଚରେ ସେ ଅଭିଜ୍ଞ ଆମେରିକୀୟ ତାରକା ତଥା ହଟ୍ ଫେଭରାଇଟ ସେରେନା ୱିଲିୟମ୍ସଙ୍କୁ ୬-୨, ୬-୪ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଓସାକାଙ୍କ ଏହି ବିଜୟ ଅସାଧାରଣ ଥିଲା। ଫାଇନାଲ ମ୍ୟାଚରେ ବେଶ୍ ବିବାଦ ସୃଷ୍ଟି ହୋଇଥିଲେ ମଧ୍ୟ ସେ ବିଚଳିତ ନ ହୋଇ ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କରି ସେରେନାଙ୍କୁ ଚକ୍‌ମା ଦେଇଥିଲେ। ଅବଶ୍ୟ ସେରେନା ଏହି ବିବାଦ ସୃଷ୍ଟି କରିଥିଲେ। କୌଣସି ୟୁରୋପୀୟ, ଆମେରିକୀୟ କିମ୍ବା ଲାଟିନ ଆମେରିକୀୟ ଖେଳାଳି ଏତେ କମ୍ ବୟସରେ ଗ୍ରାଣ୍ଡସ୍ଲାମ ଜିତିବା କିଛି ନୂଆ କଥା ନୁହଁ। କିନ୍ତୁ ଜଣେ ଜାପାନ ତଥା ଏସୀୟ ଖେଳାଳିଭାବେ ଏହି ସଫଳତା ପାଇବା ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ଗ୍ରାଣ୍ଡସ୍ଲାମ ବିଜୟ ପରେ ଓସାକାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ସେରେନାଙ୍କଠାରୁ ୧୬ ବର୍ଷ ଛୋଟ ହୋଇଥିଲେ ମଧ୍ୟ ଓସାକା ଅତି ସହଜରେ ଫାଇନାଲରେ ବିଜୟୀ ହୋଇଥିଲେ। ଏହି ସଫଳତା ସହ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ୭ ନମ୍ବର ସ୍ଥାନକୁ ଉଠିଛନ୍ତି। ୟୁଏସ୍ ଓପନ ବିଜୟ ପରେ ସେ ବେଶ୍ ଖୁସି ଜାହିର କରିଥିଲେ।

ଜାପାନାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଓସାକା ନ୍ୟୁୟର୍କରେ ପ୍ରତିପାଳିତ ହୋଇଛନ୍ତି। ମା' ତାଙ୍କର ଜାପାନୀ ହୋଇଥିଲେ ମଧ୍ୟ ବାପା ହେଉଛନ୍ତି ହାଇତିର ନାଗରିକ। ସେ ହାଇତି କିମ୍ବା ଆମେରିକା ତରଫରୁ ପ୍ରତିନିଧିତ୍ୱ କରିପାରିଥାନ୍ତେ। ତେବେ ଶେଷରେ ସେ ଜାପାନ ତରଫରୁ ବିଶ୍ୱ ଟେନିସ୍‌ରେ ପ୍ରତିନିଧିତ୍ୱ କରିବାକୁ ନିଷ୍ପତ୍ତି ନେଇଥିଲେ। ଓସାକା ଏବେ ଫ୍ଲୋରିଡାରେ ରହୁଛନ୍ତି। ଓସାକା ଜାପାନ ଟେନିସ ଆସୋସିଏଶନରୁ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୩ ସେପ୍ଟେମ୍ବରରେ ସେ ପୋସାଦାର ଟେନିସରେ ସାମିଲ ହୋଇଥିଲେ ଓ ୨୦୧୪ରେ ସେ ଡବ୍ଲ୍ୟୁଟିଏ ଟୁର ଟେନିସ୍‌ରେ ପଦାର୍ପଣ କରିଥିଲେ। ୨୦୧୧ ବ୍ୟାଙ୍କ ଅଫ୍ ୱେଷ୍ଟ କ୍ଲାସିକ ଟୁର୍ନାମେଣ୍ଟରେ ୟୁଏସ୍ ଓପନ ଚାମ୍ପିୟନ ତଥା ଅଭିଜ୍ଞ ଅଷ୍ଟ୍ରେଲିଆ ଖେଳାଳି ସାମନ୍ଥା ଷ୍ଟୋସୁରଙ୍କୁ ଅଢେଇ ଘଣ୍ଟାରେ ପରାସ୍ତ କରି ସେତେବେଳେ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହା ପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସେ ବେଶ୍ ସକ୍ରିୟ ରହିଛନ୍ତି। ଚଳିତ ବର୍ଷ ସେ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଗ୍ରାଣ୍ଡସ୍ଲାମ ପଦାର୍ପଣରେ ସେ ଅଷ୍ଟ୍ରେଲିଆନ ଓପନରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହାପରେ ସେ ଫ୍ରେଞ୍ଚ୍ ଓପନରେ ତୃତୀୟ ରାଉଣ୍ଡ, ୱିମ୍ବେଲଡନରେ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ ମଧ୍ୟ ଶେଷ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନ୍‌ରେ ବାଜି ମାରିଛନ୍ତି। ଦୁଇଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଥିବା ଓସାକା ଡବଲ୍ସରେ ସେତେଟା ସଫଳ ହୋଇପାରିନାହାନ୍ତି। ଏପର୍ଯ୍ୟନ୍ତ ୪ଜଣ କୋଚ୍‌ଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଇଛନ୍ତି। ସେ ପାଟ୍ରିକ ତଉମା, ପୂର୍ବତନ ଆମେରିକୀୟ ପେସାଦାର ଟେନିସ ଖେଳାଳି ହାରୋଲ୍ଡ ସୋଲୋମୋନ, ଡେଭିଡ ଟେଲର ଓ ସାସ୍‌ଚା ବାଜିନଙ୍କ ଠାରୁ ପ୍ରଶିକ୍ଷଣ ନେଇଛନ୍ତି। ଉଭୟ ଜାପାନ ଓ ଆମେରିକାର ନାଗରିକତ୍ୱ ହାସଲ କରିଥିବା ଓସାକା ଜାପାନୀ ଭାଷାରେ ଭଲ ଭାବେ କଥା ହୋଇ ପାରନ୍ତି ନାହିଁ। ଓସାକା ଫେଡ କପ୍ ଓ ହପମାନ କପ୍‌ରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଓସାକାଙ୍କ ମା' ହାଇତିର ଜଣେ କୃଷ୍ଣକାୟ ବ୍ୟକ୍ତିଙ୍କୁ ବାହା ହୋଇଥିଲେ। ଏଥି ପାଇଁ ସେ ତାଙ୍କ ପରିବାର ସହ ୧୦ ବର୍ଷ ସମ୍ପର୍କ ରଖି ନ ଥିଲେ। ଜାପାନକୁ ଗଲେ ଲୋକେ ମୋତେ ଦେଖି ଦ୍ୱନ୍ଦ୍ୱରେ ପଡନ୍ତି। ସେମାନେ ଜଣେ କଳା ଝିଅକୁ ଗ୍ରହଣ କରିବରେ କୁଣ୍ଠିତ ଥାନ୍ତି। ଓସାକାଙ୍କ ଭଉଣୀ ମାରି ମଧ୍ୟ ଜଣେ ପେସାଦାର ଟେନିସ ଖେଳାଳି। ସାଥୀ ହୋଇ ଦୁଇ ଭଉଣୀ ଡବଲ୍ସ ଖେଳିଥାନ୍ତି। ୩ ବର୍ଷ ହୋଇଥିବା ବେଳେ ଓସାକା ପରିବାର ସହ ଆମେରିକା ଚାଲିଯାଇଥିଲେ। ଏବେ ସେ ଫ୍ଲୋରିଡାରେ ରହୁଛନ୍ତି। ୨୦ ବର୍ଷରେ ପଦାର୍ପଣ କରିଥିବାରୁ ଓସାକାଙ୍କ ଆଗରେ ଲମ୍ବା ଭବିଷ୍ୟତ ରହିଛି। ଦକ୍ଷତା, ପ୍ରତିଭା, କଠିନ ପରିଶ୍ରମ କରିବାର ଇଚ୍ଛା ପାଖରେ ଥିବାରୁ ତାଙ୍କୁ ମହିଳା ଟେନିସ୍‌ର ଡାର୍କ ହର୍ସ କୁହାଯାଉଛି। ଭବିଷ୍ୟତରେ ସେ ସେରେନାଙ୍କ ଭଳି ସଫଳତା ହାସଲ କରିବେ ବୋଲି ଜୋର ଦେଇ କୁହାଯାଇ ପାରେ।



### ସଂକ୍ଷେପରେ...

- ପୂରା ନାମ: ନାଓମି ଓସାକା
- ଦେଶ : ଜାପାନ
- ବର୍ଷ: ୨୦ ବର୍ଷ
- ଉଚ୍ଚତା: ୫ ଫୁଟ ୧୧ ଇଞ୍ଚ୍
- ଖେଳିବା ଶୈଳୀ: ଡାହାଣହାତୀ ( ଟୁ ହ୍ୟାଣ୍ଡେଡ ବ୍ୟାକ ହ୍ୟାଣ୍ଡ)
- ଡବ୍ଲ୍ୟୁଟିଏ: ୨ଟି ଟାଇଟଲ
- ଗ୍ରାଣ୍ଡସ୍ଲାମ: ଗୋଟିଏ (ୟୁଏସ୍ ଓପନ) ଟାଇଟଲ

## ପରଫର୍ମାନ୍ସ

ଇଂଲଣ୍ଡରେ ଲଣ୍ଡା ହୋଇ ଟିମ୍ ଟୋକା
ବିରାଟ ନମ୍ବର ୱାନ୍
ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷରେ ରହିଛି
କେଡ଼େ ଭାଗ୍ୟ ଟାଣ ଧନ
କୋହଲି- ଅନୁଷ୍କା ଦିନ
ମାଟିକୁ ଛୁଇଁଲେ ସୁନା ହୋଇଯାଏ
ଅମାରେ ଦେଖନ୍ତି ଜହ୍ନ।।।୧



ଇଂଲଣ୍ଡଠୁଁ ୪-୧ରେ ହାରିକି
ଇଣ୍ଡିଆ ବି ଏକ ଭାଇ
ଏକଶ ପନ୍ଦର ପଏଣ୍ଟରେ ଆଗ
ସାଉଥ ଆଫ୍ରିକା ଦୁଇ
ତିନିରେ କଙ୍ଗାରୁ ଥାଇ
ପୂରବ ର୍‍ୟାଙ୍କିଙ୍ଗ୍ ସହିତ ସିହଂମ
ରିଟର୍ନ କରିବ ସେହି।।।। ୨

ଭାରତୀୟ ଲେଡି କ୍ରିକେଟ ଟିମ୍‌ର
ଝୁଲଣ, ମିତାଲି ନୂଆ
କୀର୍ତ୍ତିମାନ ରଚି ରେକର୍ଡରେ ଫାଷ୍ଟ
ଦେଖିବୁ ଶ୍ରୀଲଙ୍କା ଯାଆ
ଫର୍‌ଫର୍ମାନ୍ସ ସହ ବା...
ଲକ ଟାଣିଥିଲେ ପଛକୁ ଫେରେନି
ଲୋକ, ନାଉରିଆ, ନାଆ।।। ୩

-ସୁବାସ ଚନ୍ଦ୍ର ପ୍ରଧାନ

# କାଲିର ଦିନ ମଜୁରିଆ ଆଜିର କୋଟିପତି

ଚଣ୍ଡିଗଡ଼,୧୩।୯

କାଲି ଯିଏ ଦିନକୁ ଅତି କଷ୍ଟରେ ୨୫୦ ଟଙ୍କା ମଜୁରି ପାଉଥିଲା ଆଜି ସେ ଦେଢ଼କୋଟି ଟଙ୍କାର ମାଲିକ। ନିଜ ପଡ଼ିଶାଘରୁ ୨୦୦ ଟଙ୍କା ଉଧାର କରି ଲଟେରି ଟିକେଟ୍ କିଣି ସେ ଏହି ଦେଢ଼ କୋଟି ଟଙ୍କା ହାସଲ କରିଛନ୍ତି। ସ୍ଥାନୀୟ ଡାକବାଲା ତାଙ୍କୁ ଏହି ଖବର ଦେଲାବେଳେ ସେ ନିଜେବି ଏହାକୁ ବିଶ୍ୱାସ କରି ପାରୁ ନ ଥିଲେ। କିନ୍ତୁ ଯେତେବେଳେ ତାଙ୍କ ଲଟେରି ଟିକେଟ ନମ୍ବର ମିଳାଇଲେ ତାଙ୍କର ଖୁସି କହିଲେ ନ ସରେ। ହାଁ ପଞ୍ଜାବର ମନ୍ଦିଭ୍ ଗ୍ରାମର ୪୦ ବର୍ଷ ବୟସ୍କ ମନୋଜ କୁମାରଙ୍କ ଭାଗ୍ୟରେ ଏଭଳି ଘଟିଛି। ସ୍ୱାମୀ ସ୍ତ୍ରୀ ଉଭୟେ ଇଟା ଭାଟିରେ ଦିନକୁ ୨୫୦ ଟଙ୍କା ମଜୁରିରେ କାମ କରୁଥିବା ବେଳେ କିଛି ମାସ ପୂର୍ବରୁ ସ୍ଥାନୀୟ ସରକାରଙ୍କ ରାଖୀ ବମ୍ପର ଲଟେରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ନିଜ ପାଖରେ ପଇସା ନ ଥିବାରୁ ପଡିଶା ଘରୁ ୨୦୦ ଟଙ୍କା ଧାର୍ କରି ଲଟେରି ଟିକଟ କାଟିଥିଲେ। ଏବେ ସେହି ଲଟେରି ମାଧ୍ୟମରେ ସେ ୧.୫କୋଟି ଟଙ୍କା ଜିତିଛନ୍ତି। ଏହି ଖବର ସ୍ଥାନୀୟ ଡାକବାଲା ମନୋଜଙ୍କୁ ଜଣାଇଥିଲେ। ଏସମ୍ପର୍କରେ ଜଣାପଡିବା ପରେ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହୋଇଛି। ଏବେ ଏହି ଟଙ୍କାକୁ ବିନିଯୋଗ କରି ସେ ତାଙ୍କ ୪ ସନ୍ତାନଙ୍କୁ ପାଠପଢ଼ାଇ ତାଙ୍କ ଭବିଷ୍ୟତ ଗଢ଼ିବାପାଇଁ ଚିନ୍ତା କରୁଛନ୍ତି। ସେହିପରି ନିଜ ପାଇଁ ଖଣ୍ଡେ ଭଲ ଘର ତୋଳିବାକୁ ମଧ ଯୋଜନା କରିଛନ୍ତି ବୋଲି ମନୋଜ କୁହନ୍ତି। ଶେଷରେ ମନୋଜ ଭାବବିହ୍ୱଳ ହୋଇ କହିଛନ୍ତି, ଏହି ଟଙ୍କା ଯଦି ମତେ ଆଉ କିଛି ମାସ ପୂର୍ବରୁ ମିଳିଥାଆନ୍ତା ହୁଏତ ମୋ ଅସୁସ୍ଥ ବାପାଙ୍କ ଚିକିତ୍ସାରେ ଲଗାଇ ପାରି ଥାଆନ୍ତି।

























## ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆପଣଙ୍କୁ ୧୯୩୪ ମସିହାଠାରୁ ଅନବରତ ଭାବେ ଗରିବ ଚାଷୀଙ୍କୁ ସବୁଜ ବିପ୍ଳବରେ ସାମିଲ କରି ସ୍ୱଳ୍ପ ସୁଧରେ ଚାଷରଣ ପ୍ରଦାନ କରି ସେବା କରିଆସୁଛି। ସବୁ ଶ୍ରେଣୀର ଲୋକଙ୍କୁ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କମାନଙ୍କଠାରୁ ଜମା ଉପରେ ଅଧିକ ସୁଧ ପ୍ରଦାନ କରି ଆସୁଅଛି। ଏହାଛଡା ଜମାକାରୀଙ୍କ ଜମାରାଶିକୁ ବୀମା ପରିସରଭୁକ୍ତ କରିବା ସହିତ ଋଣୀଦାର ଓ ଅଣଋଣୀଦାର ଚାଷୀଙ୍କ ଫସଲକୁ ମଧ ବୀମାଭୁକ୍ତ କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାର ସୁଯୋଗ ସୃଷ୍ଟି କରିଛି।

**ଆମର ମୁଖ୍ୟ ଆକର୍ଷଣ**

- ସମସ୍ତ ପ୍ରକାର କୃଷିଭିତ୍ତିକ ଋଣ ଦେବାରେ ଅଗ୍ରଣୀ ବ୍ୟାଙ୍କ।
- ସରକାରଙ୍କ ଦ୍ୱାରା ପ୍ରଯୋଜିତ ସମସ୍ତ ପ୍ରକାର ଯୋଜନା ଅନୁଯାୟୀ ତଳସ୍ତରର ସଭ୍ୟଙ୍କୁ ଅର୍ଥନୈତିକ ଉନ୍ନତି ସକାଶେ ଋଣ ପ୍ରଦାନ।
- ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଳିତ ଦାୟିତ୍ୱ ଗୋଷ୍ଠୀଙ୍କୁ ସମସ୍ତ ପ୍ରକାର ଋଣ ଦେବାରେ ସାହାଯ୍ୟ ଓ ସହଯୋଗ ପ୍ରଦାନ।
- ଭାରତ ସରକାରଙ୍କ ନୂତନ ଅର୍ଥନୀତି ଅନୁଯାୟୀ ଋଣ ସୀମାକୁ ବର୍ଦ୍ଧିତ କରି ଚାଷୀଙ୍କର ଉନ୍ନତି ସକାଶେ ଋଣ ଦେବାର ପରିକଳ୍ପନା।
- ନୂତନ ବାସଗୃହ ନିର୍ମାଣ ଓ ନୂତନ ଯାନ କ୍ରୟ ନିମନ୍ତେ ଋଣ ପ୍ରଦାନ ତଥା ଚାକିରିଆମାନଙ୍କ ନିମନ୍ତେ ବ୍ୟକ୍ତିଗତ ଋଣ ପ୍ରଦାନ।
- ବ୍ୟାଙ୍କର ଶାଖାମାନଙ୍କରେ କମ୍ପ୍ୟୁଟର ସେବା ପ୍ରଦାନ ସହିତ ବଲାଙ୍ଗୀର ଓ ସୁବର୍ଣ୍ଣପୁରଠାରେ ATM ସେବା ପ୍ରଦାନ କରାଯାଉଛି।
- ମହିଳାମାନଙ୍କ ନିମନ୍ତେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାରେ ମହିଳା ଶାଖା ମାଧ୍ୟମରେ ସ୍ୱତନ୍ତ୍ର ଜମା ଓ ଋଣ ସେବା ପ୍ରଦାନ।
- ଅନୁଷ୍ଠାନ ଆପଣଙ୍କର ଆଶୀର୍ବାଦ ଓ ସହଯୋଗ କାମନା କରେ।

ପବିତ୍ର ନୂଆଁଖାଇ ଅବସରରେ ଆମେ ଆମର ଅଗଣିତ ଚାଷୀ, ବୁଣାକାର, ଅଂଶୀଦାର, ଜମାକାରୀ ଓ ଗ୍ରାହକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ ।

ନୂଆଁଖାଇ ଜୁହାର

ଶ୍ରୀ ହରୀଶ ଚନ୍ଦ୍ର ଦାସ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

ଶ୍ରୀ ଲକ୍ଷ୍ମଣ କୁମାର ମେହେର
ସଭାପତି
ଓ ପରିଚାଳନା ପରିଷଦର ସମସ୍ତ ସଦସ୍ୟ, ସଦସ୍ୟା ବୃନ୍ଦ
ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ




**୧୫ ସେପ୍ଟେମ୍ବର ୨୦୧୮ ସୁଦ୍ଧା ଅଗ୍ରିମ କରର ୨ୟ କିସ୍ତି ପୈଠ କରନ୍ତୁ**

**ଅଗ୍ରିମ କର ପୈଠ କରିବା କେଉଁ ଟିକସଦାତାଙ୍କ ଦାୟିତ୍ୱ**

- ବେତନଭୋଗୀ କର୍ମଚାରୀଙ୍କ ସମେତ ଯେକୌଣସି ଆସେସି, ଟିକସ କାଟ/ଉତ୍ସରେ ସଂଗୃହୀତ ହେଲା ପରେ ଆର୍ଥିକବର୍ଷ ପାଇଁ ଯେଉଁମାନଙ୍କର ଟିକସ ଉତ୍ତରଦାୟିତା ଟ.୧୦,୦୦୦/– କିମ୍ବା ତଦୂର୍ଦ୍ଧ୍ୱ ହେଉଥିବ ।

ବ୍ୟବସାୟ/ବୃତ୍ତିରୁ କୌଣସି ଆୟ କରୁ ନ ଥିବା ନିବାସୀ ବରିଷ୍ଠ ନାଗରିକଙ୍କୁ ପୈଠ କରିବାକୁ ପଡ଼ିବ ନାହିଁ ।

**ଦେୟପୈଠର ପଦ୍ଧତି**

- ସମସ୍ତ କର୍ପୋରେଟ୍ ଏବଂ ଆୟକର ଅଧିନିୟମର ଧାରା ୪୪ ଏବି ଅଧୀନରେ ଖାତା ସମୀକ୍ଷିତ ହେବାର ଆବଶ୍ୟକତା ଥିବା ଅନ୍ୟାନ୍ୟ ଆସେସିମାନଙ୍କ ପାଇଁ ଇ–ପୈଠ ବାଧ୍ୟତାମୂଳକ।
- ଅନ୍ୟାନ୍ୟ ଟିକସଦାତାଙ୍କ ପାଇଁ ମଧ ଇ–ପୈଠ ସୁବିଧାଜନକ କାରଣ ଏହା ଠିକ୍ ଶ୍ରେୟକୁ ସୁନିଶ୍ଚିତ କରିଥାଏ।

**ଅଗ୍ରିମ ଟିକସ ପୈଠର ସମୟସୂଚୀ**

| ଧାର୍ଯ୍ୟ ତାରିଖ | ପରିମାଣ |
|---|---|
| ୧୫ ସେପ୍ଟେମ୍ବର, ୨୦୧୮ କିମ୍ବା ତାହା ପୂର୍ବ ସୁଦ୍ଧା | ପୈଠଯୋଗ୍ୟ ଅଗ୍ରିମ କରର ୪୫% |
| ୧୫ ଡିସେମ୍ବର, ୨୦୧୮ କିମ୍ବା ତାହା ପୂର୍ବ ସୁଦ୍ଧା | ପୈଠଯୋଗ୍ୟ ଅଗ୍ରିମ କରର ୭୫% |
| ୧୫ ମାର୍ଚ୍ଚ, ୨୦୧୯ କିମ୍ବା ତାହା ପୂର୍ବ ସୁଦ୍ଧା | ପୈଠଯୋଗ୍ୟ ଅଗ୍ରିମ କରର ୧୦୦% |

ପରିଦର୍ଶନ କରନ୍ତୁ: www.incometaxindia.gov.in
ପ୍ରାଧିକୃତ ବ୍ୟାଙ୍କ ଶାଖା ଠାବ । ଚାଲାଣ ଫର୍ମ । ଇ–ପୈଠ । ଚାଲାଣ ସ୍ଥିତି ଅନୁସନ୍ଧାନ ପାଇଁ

davp 15401/13/0037/1819

**ଅଗ୍ରିମ କର କମ୍ ପୈଠ କରିବା/ ପୈଠ ନ କରିବା କିମ୍ବା ପୈଠରେ ବିଳମ୍ବ କରାଗଲେ ସୁଧ ଲାଗୁ ହେବ।**

@IncomeTaxindia

www.incometaxindia.gov.in
www.cleanmoney.gov.in
ପରିଦର୍ଶନ କରନ୍ତୁ

ଡାଉନ୍‌ଲୋଡ୍ କରନ୍ତୁ "ଆୟକର ସେତୁ" ଟିକସଦାତା ସେବା ମଡ୍ୟୁଲ୍ ଏବଂ ମୋବାଇଲ ଆପ୍ଲିକେସନ୍

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ

## ସଂକ୍ଷେପରେ

### ଦିଲ୍ଲୀରେ ପେଟ୍ରୋଲ ୮୧ ଟଙ୍କା

**ନୂଆଦିଲ୍ଲୀ,୧୩-୯:** ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି କ୍ରମାଗତ ଜାରି ରହିଛି। ଗୁରୁବାର ଦିଲ୍ଲୀ ଓ ମୁମ୍ବାଇରେ ପେଟ୍ରୋଲ ୧୩ ପଇସା ଏବଂ ଡିଜେଲ ୧୧ ପଇସା ମହଙ୍ଗା ହୋଇଛି। ଫଳରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧ ଟଙ୍କାରେ ପହଞ୍ଚିଯାଇଛି। ସେହିପରି ଡିଜେଲ ଲିଟର ପିଛା ୭୩.୦୮ ଟଙ୍କା ହୋଇଛି। ଅନୁରୂପ ଭାବେ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୮୮.୮୯ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୭.୫୮ ଟଙ୍କାରେ ବିକ୍ରି ହେଉଛି। ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ତେଲ ଦର ଉପରେ ପଡୁଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

### 'ଉନ୍ନତ ଗଭର୍ନାନ୍ସ ଲାଗି ସିଏସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ଭୁବନେଶ୍ୱର,୧୩-୯:** ଉନ୍ନତ ଗଭର୍ନାନ୍ସ ଲାଗି କମ୍ପାନୀ ସେକ୍ରେଟାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କର୍ପୋରେଟଗୁଡିକର ଅଭିବୃଦ୍ଧି ଭଳି ପ୍ରମୁଖ ପ୍ରସଙ୍ଗକୁ ବିଚାର କରିଲେ ଏହାର ପ୍ରତି କ୍ଷେତ୍ରରେ ସ୍ୱଚ୍ଛତା ଉପରେ କାର୍ଯ୍ୟ କରାଯିବା ଆବଶ୍ୟକ। ରାଜ୍ୟର ଗଭର୍ନାନ୍ସ କ୍ଷେତ୍ରରେ ସିଏସ୍‌ମାନେ ଯୋଗ ଦାନ ରଖି ପାରିବେ। ସ୍ଥାନୀୟ ବିଜୁ ନାଟ୍ୟ କେନ୍ଦ୍ରଠାରେ ଆୟୋଜିତ ଦି ଇନଷ୍ଟିଚ୍ୟୁଟ ଅଫ କମ୍ପାନୀ ସେକ୍ରେଟାରୀ(ଆଇସିଏସଆଇ) ଭୁବନେଶ୍ୱର ଚାପ୍ଟରର ୩୭ ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇ ରାଜ୍ୟ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ଏହା କହିଛନ୍ତି। ଆଇସିଏସଆଇ ପ୍ରଫେଶନାଲ ବଡି ମେକ୍ ଇନ୍ ଓଡିଶା କନକ୍ଲେଭ ପରିଦର୍ଶନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ନିକଟରେ ଆଇସିଏସ୍‌ଆଇ ଭୁବନେଶ୍ୱରରେ ଏହାର ୪୬ତମ ଜାତୀୟ ଅଧିବେଶନ ଆୟୋଜନ କରିଥିବାରୁ ଏହାର ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ଚାପ୍ଟରର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

> ରୁଷିଆରେ ତୈଳ ଓ ବାଷ୍ପ କ୍ଷେତ୍ର ସନ୍ଧାନ କରିବା ପାଇଁ ଦେଶର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପ୍ରୟାସ କରୁଛନ୍ତି।
> – ଧର୍ମେନ୍ଦ୍ର ପ୍ରଧାନ, ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ



> ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଆସନ୍ତା ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର ଉର୍ଜିତ ପଟେଲ୍ ଦୁର୍ନୀତି ବିରୋଧୀ ପାଠ ପଢାଇବେ।
> – କେ.ଭି. ଚୌଧୁରୀ, ସିଭିସି



# ସ୍ଥାପନ ହେବ ୧୪ ଜାତୀୟ ନିଯୁକ୍ତି ଜୋନ୍

**ନୂଆଦିଲ୍ଲୀ, ୧୩-୯**

- ସୃଷ୍ଟିହେବ ୧ କୋଟି ନିଯୁକ୍ତି ସୁଯୋଗ
- ଖର୍ଚ୍ଚ ହେବ ୧ ଲକ୍ଷ କୋଟି
- ଶ୍ରମଶକ୍ତି ଭିତ୍ତିକ ଶିଳ୍ପକୁ ମିଳିବ ପ୍ରାଧାନ୍ୟ
- ସ୍ଥାପନ ହେବ ୩୫ ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର




ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ୧ କୋଟି ଯୁବତୀଯୁବକଙ୍କ ପାଇଁ କେନ୍ଦ୍ର ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ। ଏହି ଲକ୍ଷ୍ୟ ହାସଲ କରିବା ସକାଶେ ଦେଶର ବିଭିନ୍ନ ପ୍ରାନ୍ତରେ ଜାତୀୟ ନିଯୁକ୍ତି ଜୋନ୍ ସ୍ଥାପନ କରାଯିବ। ଏ ବାବଦ ୧ ଲକ୍ଷ କୋଟି ଟଙ୍କାର ନିବେଶ ଯୋଜନା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ଏହି ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ପାଇଁ ଜାହାଜ ମନ୍ତ୍ରଣାଳୟ ଏବଂ ନୀତି ଆୟୋଗ ମଧ୍ୟରେ ଆଲୋଚନା ଚାଲିଛି। ସୂତ୍ରରୁ ମିଳିଥିବା ଖବର ଅନୁସାରେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଯୋଜନାକୁ ନେଇ କାର୍ଯ୍ୟାଧାରା ଆରମ୍ଭ ହେବ।

ଜଣେ ସରକାରୀ ଅଧିକାରୀଙ୍କ କହିବା ଅନୁସାରେ, ଏହି ଜାତୀୟ ନିଯୁକ୍ତି ଜୋନ୍‌ରେ ଟିକସ ଛାଡ଼, ପୁଞ୍ଜି ସହାୟତା, ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଆଦି ବିଭିନ୍ନ ସୁବିଧା କରାଯିବ। ଦେଶର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ପ୍ରାଥମିକ ପର୍ଯ୍ୟାୟରେ ଏହିଭଳି ୧୪ଟି ଜାତୀୟ ନିଯୁକ୍ତି ଜୋନ୍ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଛି। ଏହି ଜୋନ୍ ଅନ୍ତର୍ଗତ ୩୫ଟି ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର ରହିବ। ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ, ସିମେଣ୍ଟ, ଆସବାବପତ୍ରଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ ଉତ୍ପାଦନ ନିର୍ମାଣ ଆଧାରିତ କ୍ଲଷ୍ଟର ତିଆରି କରାଯିବ। ଯେଉଁ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟିହେବ ସେହିଭଳି କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯିବ। ଏହାକୁ ନେଇ ଜାହାଜ ମନ୍ତ୍ରଣାଳୟ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟିର ମଞ୍ଜୁରୀ ଲୋଡିଛି। ଏହାପରେ ବିଭିନ୍ନ ଆନ୍ତଃମନ୍ତ୍ରଣାଳୟ ପରାମର୍ଶ ଆବଶ୍ୟକ ପଡିବ। ପ୍ରାଥମିକ ପର୍ଯ୍ୟାୟରେ ୧ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପାଇଁ ଆକଳନ କରାଯାଇଛି। ପ୍ରତି ଜୋନ୍ ପାଇଁ ୨୦୦୦ ଏକର ଲେଖାଏ ଜମି ଆବଶ୍ୟକ ପଡିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଭୁବନେଶ୍ୱରରେ ଖୋଲିଲା 'କଲିକତା ଫ୍ୟାଶନ ବଜାର'



**ଭୁବନେଶ୍ୱର,୧୩-୯(ବ୍ୟୁରୋ)**

କଲିକତା ଭିତ୍ତିକ ରିଟେଲ୍ ଶୋ'ରୁମ୍ ଚେନ୍ ଅମ୍ରିତା ରିଟେଲ୍ସ ଭୁବନେଶ୍ୱରସ୍ଥିତ କଳ୍ପନା ଛକଠାରେ ଏହାର ତୃତୀୟ ଶୋ'ରୁମ୍ 'କଲିକତା ଫ୍ୟାଶନ ବଜାର' ଉଦ୍‌ଘାଟନ କରିଛି। ପୂର୍ବରୁ ଢେଙ୍କାନାଳ ଓ କଟକରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଥିବା ବେଳେ ଭୁବନେଶ୍ୱରରେ ସଦ୍ୟ ଉନ୍ମୋଚିତ ଶୋ'ରୁମ୍‌କୁ ମିଶାଇ ପୂର୍ବଭାରତରେ ଏହି ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଗୁରୁବାର ଗଣେଶ ପୂଜା ଅବସରରେ ଭୁବନେଶ୍ୱର ଶୋ'ରୁମ୍‌ର ଉଦ୍‌ଘାଟନ ଅବସରରେ ଅମ୍ରିତା ରିଟେଲ୍‌ସର ସିଏମ୍‌ଡି ଗୌରୀ ଶଙ୍କର ଗୋଏଙ୍କା ସୂଚନା ଦେଇ କହିଛନ୍ତି, ଏହି କମ୍ପାନୀ ୨୦୧୬ ମସିହାରେ ଆରମ୍ଭ ହୋଇଥିଲା। ମଧ୍ୟବିତ୍ତ ପରିବାରକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ରେଡିମେଡ୍ ପୋଷାକ ଏବଂ ଶାଢି ଏଠାରେ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ବର୍ତ୍ତମାନ କମ୍ପାନୀ ପୂର୍ବଭାରତରେ ନିଜର ସ୍ଥିତି ସଂପ୍ରସାରଣ କରୁଥିବାବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆଉ ୭ ରୁ ୮ଟି ଶୋ'ରୁମ୍ ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୪ରୁ ୫ଟି ଶୋ'ରୁମ୍ ଓଡିଶାରେ ଖୋଲିବା ପାଇଁ ଯୋଜନା ରହିଛି ବୋଲି ଗୋଏଙ୍କା ପ୍ରକାଶ କରିଛନ୍ତି। ରେଡିମେଡ୍ ଶାର୍ଟ ଏବଂ ଶାଢି ପାଇଁ କଲିକତାରେ ଏହାର ଦୁଇଟି ମାନୁଫାକ୍ଚରିଂ ୟୁନିଟ୍ ମଧ୍ୟ ରହିଛି।

ବର୍ତ୍ତମାନର ପାର୍ବଣ ସମୟକୁ ଦୃଷ୍ଟିରେ ରଖି କଲିକତା ଫ୍ୟାଶନ ବଜାରରେ ୫୯୯ ଟଙ୍କା କ୍ରୟରେ ଲକି ଡ୍ର କୁପନ, ୧୫୦୦ ଟଙ୍କା କ୍ରୟରେ ଲଞ୍ଚ୍ ବକ୍ସ, ୩୦୦୦ ଟଙ୍କା କ୍ରୟରେ ସର୍ଭିଂ ସେଟ୍, ୫୦୦୦ ଟଙ୍କା କ୍ରୟରେ ବ୍ୟାଗ୍ ଏବଂ ୧୦୦୦୦ ଟଙ୍କା କ୍ରୟରେ ଡିନର ସେଟ୍ ମାଗଣାରେ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ମନୀଷ ତୁଲସ୍ୟାନ, ନିଦେଶ ଗୋଏଙ୍କା, ନୀତିନ୍ ଗୋଏଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ୟୁନିୟନ ବ୍ୟାଙ୍କର ସ୍ୱଚ୍ଛତା ପକ୍ଷ

**ଭୁବନେଶ୍ୱର,୧୩-୯**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ଆର୍.ଏଲ୍. ମିନାଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ବ୍ୟାଙ୍କର 'ଦେଶ ବନାଏଙ୍ଗେ ସ୍ୱଚ୍ଛ ହମାରା' ସ୍ଲୋଗାନ ଲୋକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଭୁବନେଶ୍ୱର ମୁଖ୍ୟ ଶାଖାର ସହାୟକ ମହାପ୍ରବନ୍ଧକ ଜି.ବି. ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ବିନୟ କୁମାର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।




## ୟୁକୋ ବ୍ୟାଙ୍କର ସ୍ୱାସ୍ଥ୍ୟ ବୀମା ଶିବିର

**ଭୁବନେଶ୍ୱର,୧୩-୯**

ୟୁକୋ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ଲାଗି ଏକ ସ୍ୱାସ୍ଥ୍ୟ ବୀମା ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ ଅଫିସର୍ସ ସଂଘ ଏବଂ ଆମ୍ରି ହସ୍ପିଟାଲର ମିଳିତ ପ୍ରଚେଷ୍ଟାରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଆମ୍ରି ହସ୍ପିଟାଲ ପକ୍ଷରୁ ଡ. ରଞ୍ଜିତ କୁମାର ଉଦଘାଟନ କରିଥିଲେ। ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିରେ ଏକ ସ୍ୱାସ୍ଥ୍ୟ ବୀମା ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ପରବର୍ତ୍ତୀ ପିଢ଼ିର ଆର୍‌ଓ ପ୍ୟୁରିଫାୟର ଆଣିଲା କେଣ୍ଟ

**ଭୁବନେଶ୍ୱର,୧୩-୯**

ୱାଟର ପ୍ୟୁରିଫାୟର ବର୍ଗରେ ପ୍ରମୁଖ କମ୍ପାନୀ କେଣ୍ଟ ଆର୍‌ଓ ସିଷ୍ଟମ୍‌ସ ଲିମିଟେଡ୍ ପକ୍ଷରୁ ପରବର୍ତ୍ତୀ ପିଢିର ଆର୍‌ଓ ପ୍ୟୁରିଫାୟର ବଜାରକୁ ଆସିଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେଣ୍ଟ ଆର୍‌ଓର ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ମହେଶ ଗୁପ୍ତା ଏହାର ବଜାର ପ୍ରବେଶ କରାଇଛନ୍ତି। କମ୍ପାନୀ ଏହି ବର୍ଗରେ ୪ ନୂଆ ପ୍ରଡକ୍ଟକୁ ବଜାରକୁ ଆଣିଛି। ଏହାର ଷ୍ଟୋରେଜ ଟ୍ୟାଙ୍କରେ ୟୁଭି ପ୍ରୋଟେକ୍ସନ ବୈଶିଷ୍ଟ୍ୟ ରହିଛି। ସେହିଭଳି ପ୍ୟୁରିଫାୟରଗୁଡିକରେ ରିୟଲ ଟାଇମ୍ ଡିଜିଟାଲ ଡିସ୍ପଲେ ଅଫ୍ ପ୍ୟୁରିଟି ସଂଯୋଗ ହୋଇଛି। ଏହା ଫିଲ୍‌ଟର ଲାଇଫ୍‌ର ସନ୍ତୁଳନ, ସ୍ୱଚ୍ଛ ପାଣିରେ ଥିବା ବିଶୁଦ୍ଧ ଉପାଦାନ, ଶୁଦ୍ଧ ଜଳର ପ୍ରବାହ ହାର, କାର୍ଯ୍ୟ ପରିଚାଳନାରେ ତ୍ରୁଟି ଥିଲେ ସତର୍କ ସୂଚନା ପ୍ରଦାନ କରିବ ବୋଲି କମ୍ପାନୀ ସୂଚନା ଦେଇଛି। ସେହିଭଳି ଏଥିରେ ଥିବା ଏଲ୍‌ଇଡି ପ୍ୟାନେଲ ବାସ୍ତବ ସମୟରେ ସ୍ୱଚ୍ଛ ଜଳର ମାନକୁ ପ୍ରଦର୍ଶନ କରିଥାଏ।


ମହେଶ ଗୁପ୍ତା

# ଅଭିବୃଦ୍ଧି ଲାଗି ଉଦ୍ଭାବନକୁ ଆଧାର କରିଛୁ: ଗୁପ୍ତା

**ବଜାରରେ ରିଭର୍ସ ଓସ୍‌ମୋସିସ୍(ଆର୍‌ଓ)ଟେକ୍ନୋଲୋଜି ଯୁକ୍ତ ୱାଟର ପ୍ୟୁରିଫାୟର ଚାହିଦା ଏବେ ବଢିଛି। ଉକ୍ତ ବର୍ଗରେ କେଣ୍ଟ ଏକ ପ୍ରମୁଖ ବ୍ରାଣ୍ଡ। ୧୯୯୮ରେ ସ୍ଥାପନ ହୋଇଥିବା ଏହି କମ୍ପାନୀ ବର୍ତ୍ତମାନ ଆର୍‌ଓ ଟେକ୍ନୋଲୋଜି ୱାଟର ପ୍ୟୁରିଫାୟର କ୍ଷେତ୍ରରେ ଦେଶରେ ସିଂହଭାଗ ବଜାର ଅଂଶ ହାସଲ କରିଛି। କମ୍ପାନୀର ଅଧ୍ୟକ୍ଷ ମହେଶ ଗୁପ୍ତା ଧରିତ୍ରୀକୁ ଦେଇଥିବା ସାକ୍ଷାତକାର...**

**ୱାଟର ପ୍ୟୁରିଫାୟର ବ୍ୟବସାୟକୁ କେମିତି ପ୍ରବେଶ କଲେ?**

ଆଇଆଇଟି କାନପୁରରୁ ମେକାନିକାଲ ଇଞ୍ଜିନିୟରିଂ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋଲିୟମରୁ ମାଷ୍ଟର ଡିଗ୍ରୀ ପରେ ଇଣ୍ଡିଆନ ଅଏଲରେ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଚାକିରି କରିଥିଲି। ଏହା ପରେ ଏସ୍.ଏସ୍ ଇଞ୍ଜିନିୟରିଂ ଭଳି କମ୍ପାନୀ ମଧ୍ୟ ସ୍ଥାପନ କରିଥିଲି। ମାତ୍ର ୧୯୯୮ରେ ମୋ ପିଲାମାନଙ୍କର ଜଣ୍ଡିସ ଭଳି ଘଟଣା ଜୀବନରେ ଏକ ନୂଆ ମୋଡ ଆଣିଥିଲା। ଦୂଷିତ ଜଳ ଯୋଗୁ ଏପରି ରୋଗ ବ୍ୟାପିଥିଲା। ବଜାରରେ ଭଲ ୱାଟର ପ୍ୟୁରିଫାୟର ନ ଥିବା ଯୋଗୁ ବିଦେଶରୁ ବିଭିନ୍ନ କମ୍ପୋନେଣ୍ଟ ମଗାଇ ଏକ ୱାଟର ପ୍ୟୁରିଫାୟର ପ୍ରସ୍ତୁତ କରିଥିଲି। ଏହା ଭଲ ଚାଲିଲା। ଏହାପରେ ଅନ୍ୟ କେତେ ଜଣଙ୍କ ପାଇଁ ଏପରି ପ୍ୟୁରିଫାୟର ପ୍ରସ୍ତୁତ କରିବାକୁ ସୁଯୋଗ ମିଳିଥିଲା। ଏହାକୁ ବୃହତ୍ ଉପାୟରେ ଉତ୍ପାଦନ କରିବାକୁ ନିଷ୍ପତ୍ତି ହେଲା। ୧ ଲକ୍ଷ ଟଙ୍କା ନିବେଶରେ ସେହିବର୍ଷ କେଣ୍ଟ କମ୍ପାନୀ ସ୍ଥାପନ ହୋଇଥିଲା।

**କେଣ୍ଟକୁ ଏଭଳି ସ୍ଥିତିକୁ ଆଣିବାରେ କିଭଳି ଚ୍ୟାଲେଞ୍ଜ ସାମ୍ନା କରିଛନ୍ତି?**

ଆର୍‌ଓ ଟେକ୍ନୋଲୋଜି ୱାଟର ପ୍ୟୁରିଫାୟର କ୍ଷେତ୍ରରେ ବର୍ତ୍ତମାନ ଆମେ ୪୦% ବଜାର ଅଂଶ ହାସଲ କରିଛୁ। ୨୦୧୭-୧୮ ଆର୍ଥିକ ବର୍ଷରେ ୮୫୦ କୋଟି ଟଙ୍କା କାରବାର କରିଛୁ। ଏହା ଆସନ୍ତା ବର୍ଷ ୯୫୦ କୋଟି ଛୁଇଁବା ନେଇ ଆଶା ରହିଛି। କମ୍ପାନୀକୁ ଏଭଳି ସ୍ଥିତିକୁ ଆଣିବା ଲାଗି ଅନେକ ଚ୍ୟାଲେଞ୍ଜ୍ ସାମ୍ନା କରିବାକୁ ପଡିଛି। କମ୍ପାନୀ ସ୍ଥାପନ ସମୟରେ ବଜାରରେ ଉପଲବ୍ଧ ଥିବା ଅନ୍ୟ କମ୍ପାନୀଗୁଡିକର ପ୍ୟୁରିଫାୟର ୪ରୁ ୫ ହଜାର ଟଙ୍କା ମଧ୍ୟରେ ଉପଲବ୍ଧ ହେଉଥିଲା। ମାତ୍ର ଆମର ଉତ୍ପାଦଗୁଡିକ ଉନ୍ନତ ଆର୍‌ଓ ଟେକ୍ନୋଲୋଜିଯୁକ୍ତ ହୋଇଥିବାରୁ ପ୍ରାୟ ୨୦ ହଜାର ଟଙ୍କାରେ ବିକ୍ରି ହେଉଥିଲା। ଅନ୍ୟ ଉତ୍ପାଦଠାରୁ ଆମ ଉତ୍ପାଦ ୪ଗୁଣା ଅଧିକ ଦାମ ପଡୁଥିବାରୁ ଲୋକଙ୍କୁ ବୁଝାଇ ବଜାରର ଉତ୍ପାଦ ବିକ୍ରି କରିବା କଷ୍ଟକର ଥିଲା। ଉତ୍ପାଦର ଗୁଣବତ୍ତା ତଥା ମାର୍କେଟିଂ ଷ୍ଟ୍ରାଟେଜି ଯୋଗୁ ଏହି କ୍ଷେତ୍ରରେ ଆମେ ସଫଳ ହେଲୁ। ସେହିଭଳି ଉତ୍ପାଦକୁ ଲୋକାଦୃତ କରିବା ଲାଗି ଟିଭି ତଥା ଅନ୍ୟାନ୍ୟ ବିଜ୍ଞାପନକୁ ବିଚାର କରିଥିଲୁ।

**ଘରୋଇ ପ୍ୟୁରିଫାୟର ବଜାରକୁ କେମିତି ଦେଖୁଛନ୍ତି। ଏହାକୁ ନେଇ କମ୍ପାନୀର ଯୋଜନା କ'ଣ?**

ଘରୋଇ ବଜାରରେ ଆର୍‌ଓ ୱାଟର ପ୍ୟୁରିଫାୟର ପେନିଟ୍ରେଶନ ହାର ମାତ୍ର ୩% ରହିଛି। ଏହା ଅତି ନଗଣ୍ୟ। ସିଂହଭାଗ ଲୋକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ରହିଛି। ସ୍ୱଚ୍ଛ ଜଳ ପ୍ରଦାନ ନେଇ ଗୁଣବତ୍ତା ପ୍ରଡକ୍ଟ ଉପରେ ଆମେ କାର୍ଯ୍ୟ କରୁଛୁ। ଘରୋଇ ବଜାର ୧୫% ହାରରେ ଅଭିବୃଦ୍ଧି ହାସଲ କରିବାର କ୍ଷମତା ରହିଛି। ୱାଟରପ୍ୟୁରିଫାୟାର ବର୍ଗରେ ଏଠାରେ ୬ ହଜାର କୋଟି ଟଙ୍କାର ବଜାର ରହିଛି। ଏହା ମଧ୍ୟରେ ୩,୫୦୦ କୋଟି ଟଙ୍କାର ସଙ୍ଗଠିତ ବଜାର ରହିଛି। ବର୍ତ୍ତମାନ ଲୋକଙ୍କ ଚାହିଦା ବଢୁଛି। ଏହାକୁ ନେଇ ଯୋଜନା ଧାର୍ଯ୍ୟ କରିଛୁ। ବର୍ତ୍ତମାନ ରୁର୍କିଠାରେ ଥିବା ପ୍ଲାଣ୍ଟରୁ ବର୍ଷକୁ ୫ ଲକ୍ଷ ୟୁନିଟ୍ ପ୍ୟୁରିଫାୟର ଉତ୍ପାଦନ ହେଉଛି। ନଏଡାଠାରେ ୧୧୫ କୋଟି ଟଙ୍କା ନିବେଶରେ ଅନ୍ୟ ଏକ ପ୍ଲାଣ୍ଟ ସ୍ଥାପନ ହୋଇଛି। ଏହା ଶୀଘ୍ର କାର୍ଯ୍ୟକ୍ଷମ ହେବ। ସେହିଭଳି ଉତ୍ତରପ୍ରଦେଶରେ ୨୦୦ କୋଟି ନିବେଶରେ ଆଉ ଏକ ପ୍ଲାଣ୍ଟ ନେଇ ଯୋଜନା ଚୂଡାନ୍ତ ହୋଇଛି। ସେହିଭଳି ଓଡ଼ିଶାରେ ବ୍ୟବସାୟ କ୍ଷେତ୍ରରେ ଭଲ ଅଭିବୃଦ୍ଧି କରୁଛୁ। ଏବେ ପ୍ରତିବର୍ଷ ୨୦,୦୦୦ ପ୍ୟୁରିଫାୟର ବିକ୍ରି କରୁଛୁ। ଗତବର୍ଷ ୫୦ କୋଟି ଟଙ୍କାର ବ୍ୟବସାୟ ଏଠାରେ ହୋଇଥିଲା।

**କେଣ୍ଟ ପ୍ରଡକ୍ଟ କାହିଁକି ଭିନ୍ନ?**

ନିଜ ପ୍ରଡକ୍ଟ ସର୍ବୋତ୍ତମ ବୋଲି ପ୍ରତି କମ୍ପାନୀ ଦାବି କରିଥାନ୍ତି। ମାତ୍ର ଗ୍ରାହକଙ୍କ ଭଲ ପାଇବା ଦ୍ୱାରା ଏହି ସ୍ଥାନକୁ ଆମେ ଉନ୍ନିତ ହୋଇପାରିଛୁ। ପ୍ରଡକ୍ଟ କ୍ଷେତ୍ରରେ ଉଦ୍ଭାବନକୁ ସର୍ବଦା ଗୁରୁତ୍ୱ ଦେଉଛୁ। ସେହିଭଳି ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ଲୋକମାନେ ପ୍ରତି କ୍ଷେତ୍ରରେ ଦୂଷିତ ପଦାର୍ଥ ତଥା ଦୂଷିତ ବାୟୁ ସଂସ୍ପର୍ଶରେ ଆସୁଛନ୍ତି। ଲୋକଙ୍କ ଆବଶ୍ୟକତା ଆଧାରରେ ୱାଟରପ୍ୟୁରିଫାୟର ବାଦ୍ ଏୟାର ପ୍ୟୁରିଫାୟର, ସ୍ମାର୍ଟ କିଚେନ ଆପ୍ଲାଏନ୍ସ ଭଳି ଅନ୍ୟ ଭାଲ୍ୟୁ ଆଡେଡ ପ୍ରଡକ୍ଟ ପ୍ରସ୍ତୁତି ଉପରେ କାର୍ଯ୍ୟ କରୁଛୁ। ଆମ ଉତ୍ପାଦଗୁଡିକ ଆର୍‌ଓ ତଥା ୟୁଭି କ୍ଷମତାଯୁକ୍ତ । ଉଦ୍ଭାବନ ବାଣିଜ୍ୟ ବୃଦ୍ଧି ଲାଗି ଏକ ପ୍ରମୁଖ ଉତ୍ପାଦନ ବୋଲି ଆମର ବିଶ୍ୱାସ। ଅପରପକ୍ଷରେ ଆମ ପ୍ରଡକ୍ଟଗୁଡିକ ୟୁଏସ୍‌ଏର ସ୍ୱାଧୀନ ଏଜେନ୍ସି ଯଥା-ୟୁଏସ୍‌ଏଫ୍, ଡବ୍ଲ୍ୟୁକ୍ୟୁଏ ସାର୍ଟିଫାଏଡ୍


## ODISHA STATE HOUSING BOARD

offers

An Invitation to own your **Dream Home** at Kharavela Enclave, a premium category HIG Apartment Complex in a very prime location at Jagamara (Near Khandagiri Square), Bhubaneswar.

Booking Open !!! Hurry !!!

Kharavela ENCLAVE (Under Construction)

A premium Apartment Complex for Higher Income Group customers covering 104 nos. of 3 BR, 4BR & 4 BR Deluxe units in its apartment complex "Kharavela Enclave" at Dharmavihar, Jagamara over Ac.1.720 of land with ample open space, quality construction under self financing scheme. **Out of 104 nos. of units, 80 units have been allotted. OSHB now offers the vacant 24 nos. of units for sale.**

| Category of flats | No. of Units | Built up area of each flat in sft. | Super Built up Area (sft.) / Unit | Provisional Sale price (Rs.)/ Unit | E.M.D. / Unit (in Rs.) |
|---|---|---|---|---|---|
| **Block-A** | | | | | |
| 3BR Apartment | 17 | 1410 | 1670 | 74,14,300 | 7,42,000 |
| **Block-B** | | | | | |
| 4BR Apartment | 04 | 1432 | 1706 | 75,80,000 | 7,60,000 |
| 4BR Deluxe | 03 | 1764 | 2102 | 93,14,000 | 9,31,000 |

- **The Provisional Sale Price includes cost of covered parking. No other Hidden Cost.**
- The flats will be sold in finished shape along with necessary amenities and infrastructure.
- E.M.D. is to be paid along with application and will be adjusted towards cost. Allottees will have to pay balance cost as would be intimated by OSHB.
- G.S.T. and other statutory dues as applicable from time to time will be charged extra .
- The intending applicants are requested to purchase the brochure along with the prescribed application forms on payment of Rs.1,000/- in cash (non-refundable) from OSHB Head Office, Sachivalaya Marg, Bhubaneswar.
- Applicants interested to obtain the brochure through Post, may send their request to Chief Accounts Officer before 06.10.2018 along with a Demand Draft of Rs.1,150/- favouring "Orissa Housing Board Fund" payable at Bhubaneswar.
- The brochure and application form can also be downloaded from the Website of OSHB, www.oshb.org. and the cost of the brochure can be paid along with EMD and other dues separately.
- There is also provision for submission of online application through the official Website www.oshb.org.

Tie up arrangement with HDFC Bank for EMD financing as per eligibility.



*Be a part of Elite Community*

**Booking Opens from : 17.9.2018 to 22.10.2018**

Housing Commissioner-cum-Secretary
**ODISHA STATE HOUSING BOARD**
Sachivalaya Marg, Kharavela Nagar, Bhubaneswar - 751001
Phone: (0674)2393524, 2393277/2392587
Epbax (0674)2391542, 2390141 – Extn. 134/ 142/ 127/ 155
Visit us at : **www.oshb.org**

OSHB : AT YOUR SERVICE FOR LAST 50 SUCCESSFUL YEARS SINCE 1968

ଲୋଇସିଂହା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇର ହାର୍ଦ୍ଦିକ ଅଭିନନ୍ଦନ ।
ଭାରତୀୟ ଜନତା ପାର୍ଟି
ନୂଆଁଖାଇ ଜୁହାର
ସୁଦିପ କୁମାର ସା
ସଭାପତି ଯୁବା ମୋର୍ଚ୍ଚା, ଲୋଇସିଂହା
ଉତ୍ତମ କବାଟ
ଜିଲ୍ଲା ଉପ-ସଭାପତି ଯୁବା ମୋର୍ଚ୍ଚା

ଆମର୍ ଶିଘା ତିହାର୍ "ନୂଆଁଖାଇ" ଲାଗି
ବଲାଙ୍ଗିର ଜିଲ୍ଲା ପାଟଣାଗଡ ନିର୍ବାଚନ ମଣ୍ଡଳୀ ସାଙ୍ଗେ ସାରା ପଶ୍ଚିମ୍ ଓଡିଶା ବାସୀ କେ ଆମର୍ "ନୂଆଁଖାଇ ଜୁହାର" । ମାଁ ପାଟ୍‌ନେଶ୍ୱରୀ ତାର୍ ଛତର୍ ବୈରଗ୍ ତଲେ ସମ୍‌କୁ ଆଶ୍ରା ଟିକେ ଦେଇଥାଉ ବୋଲି ମାଁ ଠାନେ ଆମର୍ ଗୁହାରୀ
ନୂଆଁଖାଇ ଜୁହାର
ଡା. ସୁଧୀର ପରିଚ୍ଛା

ନୂଆଁଖାଇ ଜୁହାର
ମାଁ ସୁରେଶ୍ୱରୀଙ୍କ ଠାରେ ପ୍ରାର୍ଥନା ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଚମ୍ପୁଲାଲ ଅଗ୍ରୱାଲ
ସୋନପୁର

ନୂଆଁଖାଇ ଜୁହାର
ମାଁ ସୁରେଶ୍ୱରୀଙ୍କ ଠାରେ ପ୍ରାର୍ଥନା ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ମଙ୍ଗଳ କରନ୍ତୁ।
ଶ୍ରୀବତ୍ସ ମଲ୍ଲିକ
ସମାଜସେବୀ, ସୋନପୁର

ପଶ୍ଚିମ ଓଡିଶାର ପବିତ୍ର ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସମସ୍ତ ଭାଇ-ଭଉଣୀ ଓ ଗୁରୁଜନ ମାନଙ୍କୁ ମୋର ଜୁହାର ଓ ଶୁଭେଚ୍ଛା ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ବଳରାମ ସା
ଭାରତୀୟ ଜନତା ପାର୍ଟି, ଲୋଇସିଂହା ବିଧାନ ସଭା ମଣ୍ଡଳୀ

ପବିତ୍ର ଗଣପର୍ବ 'ନୂଆଖାଇ' ଅବସରରେ ଆପଣ ସମସ୍ତଙ୍କର ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି କାମନା କରୁଛି।
"ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ତଥା କଳାହାଣ୍ଡିବାସୀଙ୍କୁ ନୂଆଖାଇ ଜୁହାର"
ବିଶ୍ୱନାଥ କର
ସମାଜସେବୀ ଓ ଆଇନଜୀବୀ

ପଶ୍ଚିମ ଓଡିଶାର ପବିତ୍ର ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ସମସ୍ତ ଭାଇ-ଭଉଣୀ ଓ ଗୁରୁଜନ ମାନଙ୍କୁ ଜୁହାର ଓ ଶୁଭେଚ୍ଛା ।
ନୂଆଁଖାଇ ଜୁହାର
ଜ୍ୟୋତିର୍ମୟ ରାଉତ
ମଣ୍ଡଳ ସଭାପତି, ଲୋଇସିଂହା

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ସମସ୍ତଙ୍କୁ ଜୁହାର । ମାଁ ସୁରେଶ୍ୱରୀଙ୍କଠାରେ ପ୍ରାର୍ଥନା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ସରୋଜ କୁମାର କମ୍ପ
ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ସଭାପତି

ନୂଆଖାଇ ଅବସରରେ ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଅଶୋକ ଚନ୍ଦ୍ର ଦୋରା
ଗୁଡ ଭେଲା ବ୍ଲକ ଅଧ୍ୟକ୍ଷ ତଥା ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ' ଅବସରରେ ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି କାମନା କରୁଛୁ। ଆଗାମୀ ଦିନ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ କଳାହାଣ୍ଡି ଅଗ୍ରଣୀ ଭୂମିକା ଗ୍ରହଣ ପାଇଁ ସଂକଳ୍ପ କରିବା ।
LWSIT
ଲୁଥରେନ ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ଟ୍ରଷ୍ଟ
ଜୁନାଗଡ଼

ନୂଆଖାଇ ଜୁହାର୍
ନୂଆଖାଇ ଉପଲକ୍ଷେ ସବୁ ସିଆନ୍ ସୁଜନ୍ ମାନ୍‌କେ ଆମର୍ ଜୁହାର୍। ମାଁ ତାର୍ ପନତ୍ କାନିଥି ସବ୍‌କୁ ଭଲ୍‌ରେ ରଖିଥାଉ– ଇଟା ଆମର୍ ବିନ୍ତି।
ଡ. ଶ୍ରୀକର ମିଶ୍ର
ପ୍ରତିଷ୍ଠାତା, ସାଇଟ୍, ସଦାଇପାଲି
ମନୋଜ କୁମାର ମିଶ୍ର, ସମ୍ପାଦକ, ଡିପ୍ଲୋମା
ନାରାୟଣ ପ୍ରସାଦ ମିଶ୍ର, ସମ୍ପାଦକ, ନର୍ସିଂ ସାଇଟ୍ କଲେଜ

ନୂଆଁଖାଇ ଜୁହାର
ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ୨୦୧୮-୧୯ ବର୍ଷର ଗଣପର୍ବ ନୂଆଁଖାଇ ଅବସରରେ କୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଜୁହାର୍।
ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତ ଚାଷୀ ଭାଇ ଓ ଭଉଣୀମାନେ କୃଷି ବିଭାଗର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ ସ୍ଥାପନ କରି ନିର୍ଦ୍ଦିଷ୍ଟ ତଥା ଆବଶ୍ୟକୀୟ ମାତ୍ରାର ଔଷଧ ପ୍ରୟୋଗ କରି ରୋଗ ଓ ପୋକ ନିୟନ୍ତ୍ରଣ କରିବାରେ ସଫଳ ହୋଇ ନିଜର ଆୟକୁ ଦ୍ୱିଗୁଣିତ କରିବା ପୂର୍ବକ ସୁବର୍ଣ୍ଣପୁର ଜିଲ୍ଲାକୁ କୃଷିକ୍ଷେତ୍ରରେ ସମଗ୍ର ଓଡିଶାରେ ପୁନଶ୍ଚ ପ୍ରଥମ ସ୍ଥାନ ଅଧିକାର କରି ଆମ ଜିଲ୍ଲାରମାନକୁ ସର୍ବାଗ୍ରେ ରଖିବାରେ ସହାୟକ ହୁଅନ୍ତୁ।
ଇ ବଛର୍ ସବୁ ବଛର୍ ନୁ ଅଧିକ ଅମଳ ହେଉ। ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ। ଇଟା ହିଁ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀଙ୍କ ପାଖରେ ପ୍ରାର୍ଥନା।
ଶ୍ରୀଯୁକ୍ତ ସନ୍ତୋଷ କୁମାର ଜେନା, ଉ.କୃ.ନି. ଓ ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ମଧୁସୂଦନ ମିଶ୍ର, ଭା.ପ୍ର.ସେ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

ନୂଆଖାଇ ଜୁହାର
ନୂଆଁଖାଇ ଅବସରରେ ଭଟଲିବାସୀଙ୍କ ସୁଖ ସମୃଦ୍ଧି ପ୍ରଭୁ ଦଧିବାନଙ୍କଠାରେ କାମନା କରୁଛି । ସମସ୍ତଙ୍କ ଚଲାପଥ କୁସୁମିତ ହେଉ ।
ବିଶ୍ୱନାଥ ସାହୁ
ତହସିଲଦାର , ଭଟଲି

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ'ରେ ପଶ୍ଚିମ ଓଡ଼ିଶାବାସୀଙ୍କୁ ଜୁହାର।
ମାଁ ସମଲେଇ, ମାଣିକେଶ୍ୱରୀ, ଲଙ୍କେଶ୍ୱରୀ ସମସ୍ତଙ୍କୁ ସୁଖ, ସମୃଦ୍ଧି ଭରି ଦିଅନ୍ତୁ।
ଭୀମସେନ ବରାଳ
ଜୁନାଗଡ଼

ପୌର ପରିଷଦ, ବେଲପାହାଡ଼
॥ ନୂଆଁଖାଇ ଜୁହାର ॥
ଆସନ୍ତା ତା୧୪।୦୯।୨୦୧୮ରିଖ ଶୁକ୍ରବାର ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବେଲପାହାଡ଼ ସହରର ସମସ୍ତ ଜନସାଧାରଣଙ୍କୁ ପୌର ପରିଷଦ ତରଫରୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ। ସମସ୍ତଙ୍କ ଉତ୍ତରୋତ୍ତର ଉନ୍ନତି ହେଉ ଏହାହିଁ ମାଁ ସମଲେଇଙ୍କଠାରେ ଆମର କାମନା।
ଶ୍ରୀ ଲୋକନାଥ କୁମାର ତିୱାରୀ, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼
ଶ୍ରୀ ପର୍ଶୁରାମ ସାହୁ, ଅଧ୍ୟକ୍ଷ, ପୌର ପରିଷଦ, ବେଲପାହାଡ଼
ଶ୍ରୀମତୀ ଅନୁପମା ଭଏଁସା
ଉପାଧ୍ୟକ୍ଷା ଏବଂ
ପରିଷଦର ସମସ୍ତ ସଭ୍ୟ ଓ ସଭ୍ୟା

ନୂଆଁଖାଇ ଜୁହାର ୨୦୧୮
ବଛର୍ ଯାକର୍ ତିହାର ସତେ ଆମର୍ ନୂଆଁଖାଇ ତୁମ୍‌କୁ ସେତେ ଗହକି ହେଉ ଜୁହାର କରୁଛେଁ ଭାଇ ।
ବଲାଙ୍ଗିର ବାସୀଙ୍କୁ ନୂଆଁଖାଇ ଅଭିନନ୍ଦନ
ଡା. ବାସୁଦେବ ପତି

ପଶ୍ଚିମ ଓଡିଶାର ମହାନ୍ କୃଷି ଭିତ୍ତିକ ଗଣପର୍ବ
"ନୂଆଖାଇ"ର ଜୁହାର୍ ।
ମାଁ ସୁରେଶ୍ୱରୀ ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ମଙ୍ଗଳ କରନ୍ତୁ - ଏହା ହିଁ ପ୍ରାର୍ଥନା ।
ବରୁଣ ସୁନା
ସାଧାରଣ ସଂପାଦକ, ଜିଲ୍ଲା କଂଗ୍ରେସ କମିଟୀ, ସୁବର୍ଣ୍ଣପୁର

See Career Appointment on every Wednesday & Saturday

Classified Display on Every Tuesday and Friday Size 6 cm x 8 cm

ନୂଆଖାଇ ଜୁହାର
ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ନୁଆଁ ଗୁଣାର୍ ଗର୍‌ସେ ମିଲି ମିଶି ଥିମା ପୁର୍‌ଷେ
ବିଜୁ ଜନତା ଦଳ
ଶ୍ରୀମତି ଟୁକୁନି ସାହୁ
ବିଧାୟିକା ଟିଟିଲାଗଡ଼

ODISHA STATE OTHER BACKWARD CLASSES DEVELOPMENT COUNCIL
ନୂଆଖାଇ ଜୁହାର
President : BALARAM SINGH YADAV
ODISHA STATE OTHER BACKWARD CLASSES DEVELOPMENT COUNCIL
Web. www.balramsinghyadav.com, Tel. 0880646664, 7873580001

ନୂଆଁଖାଇ ଜୁହାର
ଆମର୍ ମାଟିର୍ ଶିଘା ପରବ୍ "ନୂଆଁଖାଇ" ଥି ବଲାଙ୍ଗିର ବାସୀଙ୍କୁ ଜୁହାର ।
ଗୋପାଳଜୀ ପାଣିଗ୍ରାହୀ
ବରିଷ୍ଠ ବିଜେପି ନେତା

ବିଜୁ ଜନତା ଦଳ
ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ "ନୂଆଁଖାଇ" ଉପଲକ୍ଷେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସମେତ ସୁବର୍ଣ୍ଣପୁର ଜିଲ୍ଲା ବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଛି ଏବଂ ଅଞ୍ଚଳର ବିକାଶରେ ସମସ୍ତଙ୍କ ସହଯୋଗର ଆଶା ରଖୁଛି ।
ଶ୍ରୀଯୁକ୍ତ ପଦ୍ମନାଭ ବେହେରା
ବିଧାୟକ, ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ

ପୌର ପରିଷଦ, ଟିଟିଲାଗଡ଼
ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଟିଟିଲାଗଡ଼ ପୌର ପରିଷଦ ତରଫରୁ ସମସ୍ତଙ୍କୁ ନୂଆଁଖାଇ ଜୁହାର । ମାଁ ଘଣ୍ଟାଶୁଣୀ ସମସ୍ତଙ୍କ ଚଳାପଥ ସୁଖମୟ ଓ ପୁଷ୍ପିତ କରନ୍ତୁ, ଏହାହିଁ ମା'ଙ୍କ ଠାରେ କାମନା
ଆସନ୍ତୁ ସମସ୍ତେ ମିଶି ସହରକୁ ବିକାଶ ଦିଗରେ ଆଗେଇ ନେବା ସହ ପଲିଥିନ ମୁକ୍ତ କରିବାକୁ ସଙ୍କଳ୍ପ ନେବା
ଶ୍ରୀମତୀ ଅଞ୍ଜନା ବର୍ମା, ଉପାଧ୍ୟକ୍ଷା
ଶ୍ରୀ ଗୋବର୍ଦ୍ଧନ ନାଗ, ପୌରାଧ୍ୟକ୍ଷ
ପୌର ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ
ଅନିତା ଚନ୍ଦନ, ବଳଦେବ ଲାଲ୍, ବନିତା ଜାନି, ଯଶୋବନ୍ତ ଛତ୍ରିଆ, ସନ୍ତୋଷିନୀ ସୁନାନୀ, ତପସିନୀ ସାହୁ
ନିତ୍ୟାନନ୍ଦ ଚନ୍ଦନ, କୃଷ୍ଣଚନ୍ଦ୍ର ସରାଫ୍, ରଶ୍ମିତା ପ୍ରଧାନ, ଜ୍ୟୋତି ବେହେରା, ସରିତା ବେହେରା, ସୁମିତ୍ରା ସେଠ୍, ସୁନୀଲ ସାହୁ
ନିର୍ବାହୀ ଅଧିକାରୀ ଓ ସମସ୍ତ ପୌର ପରିଷଦ କର୍ମଚାରୀ ବୃନ୍ଦ

ବିଜୁ ଜନତା ଦଳ
ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ, ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ଯୋଗେନ୍ଦ୍ର ବେହେରା
ନିହାର ରଞ୍ଜନ ବେହେରା

ନୂଆଁଖାଇ ଜୁହାର୍
ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆପଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପାଖରେ ସମ୍ବଲପୁର ଜିଲ୍ଲାବାସୀଙ୍କ ସୁଖ, ସମୃଦ୍ଧି ଓ ସଫଳତା ପାଇଁ ପ୍ରାର୍ଥନା କରୁଛୁ।
ଡ଼ା. ପ୍ରମୋଦ ରଥ
ସଭାପତି
ଜିଲ୍ଲା ବିଜୁ ଜନତା ଦଳ, ସମ୍ବଲପୁର

ନୂଆଁଖାଇ ଜୁହାର୍
ସମରେନ୍ଦ୍ର

# ଗୋଷ୍ଠୀ ସଂଘର୍ଷ, ୪ ଗିରଫ

**ବିଜେପୁର, ୧୩।୯ (ଡି.ଏନ.ଏ)** ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ପଡା ଗ୍ରାମରେ କଥା କଟାକଟିରୁ ଦୁଇ ଗୋଷ୍ଠୀ ମଧ୍ୟରେ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଛି । ଆପୋସ ବୁଝାମଣା ହୋଇ ନ ପାରିବାରୁ ପୋଲିସ ଦୁଇ ଗୋଷ୍ଠୀର ୪ଜଣଙ୍କୁ ଗୁରୁବାର ଗିରଫ କରି ସୋହେଲା କୋର୍ଟକୁ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଡା ଗ୍ରାମର ମୁରଲୀ ଭୁଏ (୫୫) ତାଙ୍କ ପୁଅ ନିର୍ମଳ ଭୁଏ (୨୪) ଏବଂ ୱାର୍ଡ ସଭ୍ୟ କରୁଣା ମହାନନ୍ଦ (୫୫) ଓ ରାହାସ ମେହେର (୪୮) ।



ଯୁକ୍ତିତର୍କରୁ ଗଣ୍ଡଗୋଳ ହୋଇ ଗିରଫ ହୋଇଥିବା ୪ ଅଭିଯୁକ୍ତ ।

ପୋଲିସ ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ମୁରଲୀ ଓ ତାଙ୍କ ପୁତ୍ର ନିର୍ମଳ ବିଲ କାମ ସାରି ଘରକୁ ଫେରୁଥିଲେ । ଏହି ସମୟରେ ମୁରଲୀ ଓ ଉଭୟ ୱାର୍ଡ ସଭ୍ୟଙ୍କ ମଧ୍ୟରେ ବିହନ ମିନି କିଟ୍ସ ବଣ୍ଟନ କଥାକୁ ନେଇ ବଚସା ହୋଇଥିଲା। ମୁରଲୀ ଓ ନିର୍ମଳ ଉତ୍କ୍ଷିପ୍ତ ହୋଇ ୱାର୍ଡସଭ୍ୟ କରୁଣାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ପ୍ରତିପକ୍ଷ ୱାର୍ଡ ସଭ୍ୟ ଦ୍ୱୟ ଉକ୍ତ ଟାଙ୍ଗିଆକୁ ଛଡ଼ାଇ ଆଣି ମୁରଲୀ ଓ ନିର୍ମଳଙ୍କୁ ଆକ୍ରମଣ କରିଥିଲେ । ଉଭୟଙ୍କ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ୱାର୍ଡ ସଭ୍ୟ କରୁଣା ମହାନନ୍ଦଙ୍କ ଏତଲାକୁ ଭିତ୍ତିକରି ମୁରଲୀ ଭୁଏ ଓ ନିର୍ମଳ ଭୁଏଙ୍କ ନାଁରେ ଏକ ମାମଲା (ନଂ.୧୪୪/୧୮) ରୁଜୁ ହୋଇଛି। ସେହିପରି ମୁରଲୀ ଭୁଏଙ୍କ ଅଭିଯୋଗକୁ ନେଇ ପୋଲିସ ୱାର୍ଡ ସଭ୍ୟ କରୁଣା ମହାନନ୍ଦ ଓ ରାହାସ ମେହେରଙ୍କ ନାମରେ ଅନ୍ୟ ଏକ ମାମଲା (ନଂ. ୧୪୫/୧୮) ରୁଜୁ କରି ତଦନ୍ତ ଚଳାଇଛି ।















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୪/୨୦୧୮ Sambalpur, Friday, September 14/ 2018


ନୂଆଁଖାଇ ପାଇଁ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ମା' ସମଲେଶ୍ୱରୀଙ୍କ ମନ୍ଦିର ।

## ଜେଇଇ ମେନ୍ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟ୍ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ହେବାକୁ ଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍-୨୦୧୯ ଲାଗି ଆବେଦନ ପାଇଁ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର ବାଧ୍ୟତାମୂଳକ ନୁହେଁ। ଏ ନେଇ ଏନ୍‌ଟିଏ ଏକ ବିଜ୍ଞପ୍ତି ପ୍ରକାଶ କରି ସ୍ପଷ୍ଟ କରିଛି। ଏନ୍‌ଟିଏ କହିଛି, ଛାତ୍ରୀଛାତ୍ରମାନେ ଆଧାର ନମ୍ବର ପରିବର୍ତ୍ତେ ପାସ୍‌ପୋର୍ଟ ନମ୍ବର, ରାଶନ କାର୍ଡ ନମ୍ବର ଏବଂ ବ୍ୟାଙ୍କ ଖାତା ନମ୍ବର ଦେଇପାରିବେ। ଏଥିସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅବଧି ଥିବା ଅନ୍ୟ କୌଣସି ପରିଚୟପତ୍ରର ନମ୍ବର ଆବେଦନ ଫର୍ମରେ ଦେଇପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଅନ୍‌ଲାଇନ୍‌ରେ ଫର୍ମ ଆବେଦନ ବେଳେ ଛାତ୍ରୀଛାତ୍ରମାନେ ପରିଚୟପତ୍ର ନମ୍ବର ଲେଖିବା ଅପଶନରେ ଏହାକୁ ପୂରଣ କରିବେ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।





ନୂଆଁଖାଇ ତିହାର ପାଇଁ ଶାଢୀ କିଣା ଚାଲିଛି ।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ବଣିକ ସଂଘର ନୂତନ କର୍ମକର୍ତ୍ତା

**ପାଇକମାଳ,୧୩।୯(ଡି.ଏନ.ଏ):** ପାଇକମାଳ ଧର୍ମଶାଳା ଠାରେ ବଣିକ ସଂଘର ଏକ ବୈଠକ ପୂର୍ବତନ ସଭାପତି ଜଗମୋହନ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ବ୍ୟବସାୟୀ ମାନଙ୍କର ବ୍ୟାଙ୍କଗତ ସମସ୍ୟା ସହ ଅନ୍ୟାନ୍ୟ ସୁବିଧା ଅସୁବିଧା ଉପରେ ଆଲୋଚନା ହୋଇଥିଲା । ପରେ ସଭାପତି ଭାବେ ଅନୀଲ ଅଗ୍ରୱାଲ, ସମ୍ପାଦକ ଯୁଗଳ କିଶୋର ମେହେର, କୋଷାଧକ୍ଷ ସୁରେଶ ଅଗ୍ରୱାଲ, ଉପ ସଭାପତି ମହେଶ ଅଗ୍ରୱାଲ, ମହମ୍ମଦ ବସିରି ଓ ସହ ସମ୍ପାଦକ ଭାବେ ରମେଶ ଅଗ୍ରୱାଲ ମନୋନିତ ହୋଇଛନ୍ତି । ଏହାସହ ୧୫ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି ।

### ସାମ୍ବାଦିକ ସଂଘର ଶୋକସଭା

**ଝାରବନ୍ଧ, ୧୩।୯ (ଡି.ଏନ.ଏ):** ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଖବରଦାତା ଶାନ୍ତନୁ ବିଶ୍ୱାଳଙ୍କ ବିୟୋଗରେ ଝାରବନ୍ଧ ବ୍ଲକ ସାମ୍ବାଦିକ ସଂଘ, ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ଖବରଦାତା ନକୁଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଦେବେନ୍ଦ୍ର ସାହୁ, ପ୍ରଦୀପ ପ୍ରଧାନ, ଶିବ ପ୍ରସାଦ ପଟେଲ, ଜୋହନ କୁମ୍ଭାର, ଟିକେଲାଲ ସିଜାର, ଗୋପାଳ ଗର୍ଗ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଶ୍ୟାମସୁନ୍ଦର ବେହେରା, ନରେନ୍ଦ୍ର ପ୍ରଧାନ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ବିବେଚିତ

**ତଲଗାଁ,୧୩।୯(ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଗଣ୍ଡାପାଜୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ମହାକୁଡ ଓ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପଦ୍ମଜ ପତି ଜିଲାର ଶ୍ରେଷ୍ଠଶିକ୍ଷକ ଭାବେ ରାଜ୍ୟ ସ୍ତରୀୟ ପୁରସ୍କାର ପାଇଁ ବିବେଚିତ ହୋଇଛନ୍ତି । ଏହି ପୁରସ୍କାର ଆଗାମୀ ଗାନ୍ଧି ଜୟନ୍ତୀରେ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି ।

### କାର୍ ଧକ୍କାରେ ଯୁବକ ମୃତ

**ବୌଦ୍ଧ,୧୩।୯(ସ୍ୱ.ପ୍ର):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବାମଣ୍ଡା ଠାରେ କାର୍ ଧକ୍କାରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାମଣ୍ଡା ଗ୍ରାମର ଗଜାନନ ପ୍ରଧାନ (୩୨) । ସେ ସନ୍ଧ୍ୟାରେ ରାସ୍ତା କଡରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବେଳେ ବୌଦ୍ଧ ପଟୁ ଚାରିଛକ ଆଡକୁ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକ ତାଙ୍କୁ ବୌଦ୍ଧ ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

### ଭାଗବତ କଥା ଜ୍ଞାନଯଜ୍ଞ ଉଦ୍‌ଯାପିତ

**ଜାମଟିକ୍ରା, ୧୩।୯(ଡି.ଏନ୍.ଏ.):** ଅତାବିରା ଅଗ୍ରସେନ ଭବନଠାରେ ଚାଲିଥିବା ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ମାରୱାଡି ସମାଜ ପକ୍ଷରୁ ଗତ ବୁଧବାର ଜ୍ଞାନଯଜ୍ଞ ଆରମ୍ଭ ହୋଇଥିଲା । ଯଜ୍ଞରେ ଅଞ୍ଚଳବାସୀଙ୍କ ସହଯୋଗରେ ଘଣ୍ଟ, ଶଙ୍ଖ, ବାଜା ଓ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବୃନ୍ଦାବନ ଧାମରୁ କଥା ବାଚକ ବାଳକୃଷ୍ଣ ସରଣଜୀ ମହାରାଜଙ୍କୁ ସ୍ୱାଗତ କରାଯାଇଥିଲା । ବୁଧବାର ପ୍ରଥମ ଦିନରେ କଳସ ସ୍ଥାପନ, ଭଗବାନ ମାହାତ୍ମ୍ୟ ଏବଂ ଶୁକଦେବଙ୍କ ପୂଜା କାର୍ଯ୍ୟ ହୋଇଥିଲା । ଦୀର୍ଘ ସପ୍ତାହ ଧରି ଜ୍ଞାନଯଜ୍ଞ ହୋଇଥିଲା । ପ୍ରତ୍ୟେକ ଦିନ ଅପରାହ୍ଣରେ ଭାଗବତ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ଡୁମ୍ବେରବାହାଲ ଗାଁରେ ଜଣ୍ଡିସ୍ ଆତଙ୍କ

**ପାଇକମାଳ, ୧୩।୯ (ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ଡୁମ୍ବେରବାହାଲ ଗ୍ରାମରେ ଜଣ୍ଡିସ ବ୍ୟାପବାରେ ଲାଗିଛି । ଗ୍ରାମର କେତେକ ଲୋକଙ୍କୁ ଥଣ୍ଡା, କାଶ ତଥା ଜ୍ୱର ହେବା ସହ ଆଖି ହଳଦିଆ ଦେଖାଯାଉଛି । ଗ୍ରାମର ଜୟସିଂ ଦନ୍ତା (୫୦) ଏହି ରୋଗରେ ଆକ୍ରାନ୍ତ ହୋଇ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏହା ଜଣାପଡିବା ପରେ ମାଣ୍ଡୋସିଲର ଡା. ନାରାୟଣ ପସାୟତ, ଡା. କୌଶିକ ନାୟକ, ଫାର୍ମାସିଷ୍ଟ ଯାଦବ ଭୋଇ, ସିଡିପିଓ କାନ୍ତି ସାହୁ, ଏଏନଏମ ଅଞ୍ଜନା ସାହୁ, ପଦ୍ମିନୀ ପଣ୍ଡା, ଏସଏଲଭି ପାଞ୍ଚାଳି ସୁନା, ଅଙ୍ଗନୱାଡି କର୍ମୀ ପଦ୍ମିନୀ ବିଶ୍ୱାଳ, ଆଶା କର୍ମୀ ଗିରିଜା ବାଗ ପ୍ରମୁଖ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ବିକାଶ ବାଗ, ବୁଦ୍ଧଦେବ ବାଗ, କାମିନୀ ବାଗ, ଗାୟତ୍ରୀ ହଂସ, ମାନସ ହଂସ ପ୍ରମୁଖଙ୍କୁ ଡାକ୍ତରଖାନା ଯାଇ ଚିକିତ୍ସିତ ହେବା ପାଇଁ ଶିବିରରେ ଥିବା ଡାକ୍ତରମାନେ ପରାମର୍ଶ ଦେଇଛନ୍ତି । ଲଗାତାର ବର୍ଷା ଯୋଗୁ ନଳକୂପ ଓ ପୋଖରୀ ପାଣି ବ୍ୟବହାର କରିଥିବାରୁ ଜଣ୍ଡିସ ବ୍ୟାପିଥିବା ଜଣାପଡିଛି ।

## ବକ୍ରତୁଣ୍ଡ ମହାକାୟ...



ଗୁରୁବାର ବରଗଡ଼ ଜିଲା ଭେଡେନ ବ୍ଲକ ତଳିପଡାର ବୃକୋଦର ୟଙ୍ଗ୍ ଆସୋସିଏଶନ ପକ୍ଷରୁ କଦଳୀ ନିର୍ମିତ ୧୧ ଫୁଟ୍ ଉଚ୍ଚ ଗଣେଶ ମୂର୍ତ୍ତିକୁ ପୂଜା କରାଯାଉଛି ।

## ବୋଡାସମ୍ବର ଯୁବସେନା କଲା ବୃକ୍ଷରୋପଣ

**ପଦ୍ମପୁର, ୧୩।୯ (ଡି.ଏନ.ଏ)**

ଗଣେଶପୂଜା ଅବସରରେ ବରଗଡ଼ ଜିଲା ପଦ୍ମପୁର ବୋଡାସମ୍ବର ଯୁବସେନା ତରଫରୁ ବ୍ରାହ୍ମଣଡିହି ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣଡିହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତି ବୃକ୍ଷର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର ସମେତ ଗ୍ରାମର ସନ୍ତୋଷ ମେହେର. କମଳଲୋଚନ ମେହେର, ପ୍ରଧାନଶିକ୍ଷକ ଗୁରୁବାରୁ ମିରି, ଘନଶ୍ୟାମ ସାହୁ, ବୋଡାସମ୍ବର ଯୁବସେନା ସଭାପତି ଡିଲେଶ୍ୱର ବାଗ, ଅର୍ସଦ ଖାନ୍, ମହମ୍ମଦ ଗନି, ସୋହେଲ ଅଲ୍ଲି ଓ ବୁକୁ ମେହେର ପ୍ରମୁଖ ୧୫୦ଟି ଚାରା ରୋପଣ କରିଥିଲେ ।




ବୋଡାସମ୍ବର ଯୁବସେନା ପକ୍ଷରୁ ବୃକ୍ଷରୋପଣ କରାଯାଉଛି ।

## ନାଟକ କଞ୍ଚାମୁରୁଖି ମଞ୍ଚସ୍ଥ

**ବରଗଡ଼ ଅଫିସ୍,୧୩।୯**

ବରଗଡ଼ ଖଜୁରଟିକ୍ରା ବଳରାମ ଦେବ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ ଅବସରରେ ନାଟକ କଞ୍ଚାମୁରୁଖି ମଞ୍ଚସ୍ଥ ହୋଇଥିଲା । ସୁମନ୍ତ ଭୋଇଙ୍କ ରଚିତ ଏହି ନାଟକରେ ଅଶୋକ ବେହେରା ନିର୍ଦ୍ଦେଶନା ଦେଇଥିଲେ । ପ୍ରତ୍ୟେକ ଗ୍ରାମରେ ବର୍ତ୍ତମାନ ଘଟୁଥିବା ଘଟଣାବଳୀ ଉପରେ ନାଟକଟି ଆଧାରିତ ଥିଲା । ଗ୍ରାମର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଆସୁଥିବ ସରକାରୀ ଅନୁଦାନକୁ କିଭଳି ଭାବେ ସ୍ୱାର୍ଥାନ୍ୱେଷୀ ଲୋକେ ତାର ଦୁରୁପଯୋଗ କରୁଛନ୍ତି, ତାକୁ କଳାକାରମାନେ ସେମାନଙ୍କ ଅଭିନୟରେ ନିଖୁଣ ଭାବେ ପ୍ରତିପାଦିତ କରିଥିଲେ । ନାଟକର ବିଭିନ୍ନ ଭୂମିକାରେ ଟୁକୁ ପରିଡ଼ା, ପ୍ରଭାତ ବେହେରା, ଗଗନ ଭୋଇ, ପ୍ରସନ୍ନଜିତ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ ।

## ବ୍ରିଜ୍ ଭାଙ୍ଗିଛି, ପ୍ରଶାସନର ନିଘାନାହିଁ

**ବରଗଡ଼ ଅଫିସ୍,୧୩।୯**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଫୋରଲେନ ରାଜପଥରୁ ଆମ୍ବସଡ଼ା ଯାଇଥିବା ରାସ୍ତାରେ ଗୌରାଙ୍ଗଟିକ୍ରା ବ୍ରିଜ୍ ଦୀର୍ଘ ୨ମାସ ହେଲା ଭାଙ୍ଗି ପଡ଼ିଛି। ପ୍ରବଳ ବର୍ଷାରେ ବ୍ରିଜ୍‌ଟି ଧୋଇ ହୋଇ ଯାଇଥିଲା। ସେହି ଦିନଠାରୁ ରାସ୍ତାରେ ଯାତାୟାତ ଠପ୍ ପଡ଼ି ଯାଇଛି । ଛାତ୍ରୀଛାତ୍ର ସ୍କୁଲକୁ ଯିବାରେ ଅସୁବିଧା ଭୋଗୁ ଥିବାବେଳେ ଚାଷୀମାନେ ଅନୁରୂପ ସମସ୍ୟାରେ ପଡ଼ିଛନ୍ତି। ଏହାସତ୍ତ୍ୱେ ସେହି ବ୍ରିଜ ମରାମତି କରାଯାଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବ୍ରିଜ ମରାମତି ନ ହେଲେ ଆନ୍ଦୋଳନ ହେବ ବୋଲି ପୂର୍ବତନ ବିଧାୟକ ସାଧୁ ନେପାକ ଏକ ବିବୃତିରେ କହିଛନ୍ତି ।



ଗୌରାଙ୍ଗଟିକ୍ରା ଠାରେ ଭଙ୍ଗା ବ୍ରିଜକୁ ଲୋକେ ଦେଖୁଛନ୍ତି ।

# ନିଆରା ଢଙ୍ଗରେ ନୂଆଧାନ ବଣ୍ଟନ

**ଘଣ୍ଟାପଡା,୧୩।୯(ଡି.ଏନ.ଏ.)**

ଆଜି ପଶ୍ଚିମ ଓଡିଶାରେ ପାଳିତ ହେବ କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ। ଏଥିପାଇଁ ଗାଁ ମାନଙ୍କରେ ପ୍ରସ୍ତୁତି ସରି ଯାଇଛି । ଲୋକେ ଘର ଲିପାପୋଛା ଠାରୁ ଆରମ୍ଭ କରି ନୂଆଁ ଦ୍ରବ୍ୟ ଓ ଡ୍ରେସ କିଣାକିଣି କରିଛନ୍ତି । ଚଳଚଞ୍ଚଳ ହୋଇଉଠିଛି ଗାଁରୁ ସହର । ଦୂରରେ ଥିବା ଆତ୍ମୀୟ ପରିଜନ ଘରକୁ ଫେରିଛନ୍ତି। ଏହି ପର୍ବକୁ ଆହୁରି ସରସ ସୁନ୍ଦର କରିବା ପାଇଁ କନ୍ଧମାଳ ବ୍ଲକ ଘଣ୍ଟାପଡା ବିଲବିଟ ପ୍ରଗଣାର ଆଦିବାସୀମାନେ ବେଶ୍ ଉତ୍ସାହିତ ଅଛନ୍ତି । ପ୍ରଗଣାର ସଭାପତି ବିବସ୍ତ କଅଁର ଓ ଉପ ସଭାପତି ସର୍ବେଶ୍ୱର ସାହୁଙ୍କ ଆହ୍ୱାନ କ୍ରମେ ବୁଧବାର ଆଦିବାସୀମାନଙ୍କର ଏକ ମହା ସମାରୋହ ଦେଖିବାକୁ ମିଳିଥିଲା ବରଗାଁ ପଞ୍ଚାୟତର ଲେନ୍ଦ୍ରିମାଳ ଗ୍ରାମରେ। ଶହ ଶହ ଆଦିବାସୀ ମହିଳାପୁରୁଷ ଉପସ୍ଥିତ ହୋଇ ପାରମ୍ପରିକ ବେଶଭୂଷା, ଅସ୍ତ୍ରଶସ୍ତ୍ର, ଢାପ, ଲୁହା, ନିସାନ ଆଦି ବାଦ୍ୟର ତାଳେ ତାଳେ ନାଚଗୀତ ମାଧ୍ୟମରେ ପୂଜନ କରିଥିଲେ ଇଷ୍ଟଦେବୀ ମାଁ କନ୍ଧେନବୁଢୀଙ୍କୁ। ବିଲବିଟ ପ୍ରଗଣାର ବିଭିନ୍ନ ମୌଜାର ୧୮ ଝାଙ୍କର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନିଆରା ଢଙ୍ଗରେ ନୂଆଁ ଧାନ ବଣ୍ଟନ କରିଥିଲେ ନୂଆଁଖାଇ ପାଇଁ । କାର୍ଯ୍ୟକ୍ରମରେ ଗ୍ରାମର ଠାକୁରାଣୀ ପୂଜକ ସର୍ବେଶ୍ୱର ସାହୁ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ନୂଆଁଧାନ ବଣ୍ଟନ କରାଯାଇଥିଲା । ଆଞ୍ଚଳିକ କନ୍ଧ ସମାଜ ସଭାପତି ସାମନ୍ତ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି । ବିଲବିଟ ପ୍ରଗଣାବାସୀ ବେଶ ଆନନ୍ଦିତ ଥିବା ସମ୍ପାଦକ ଧନେଶ୍ୱର ଭୋଇ କହିଛନ୍ତି ।



କନ୍ଧମାଳ ବ୍ଲକ ଘଣ୍ଟାପଡା ବିଲବିଟ ପ୍ରଗଣାରେ ନୂଆଧାନ ବଣ୍ଟନ କରାଯାଉଛି ।

# ଶାନ୍ତି ନିକେତନରେ ହଳଧର ସମ୍ବର୍ଦ୍ଧିତ

**ବରଗଡ଼ ଅଫିସ୍,୧୩।୯**

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସାଧନା ପୀଠ ତଥା ପ୍ରସିଦ୍ଧ ଶିକ୍ଷାୟତନ ଶାନ୍ତି ନିକେତନରେ ଆୟୋଜିତ ଏକ ଜାତୀୟ ସେମିନାରରେ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଛନ୍ତି । ବିଶ୍ୱ ଭାରତୀର ସେଣ୍ଟର ଫର ଏନଡେଞ୍ଜର ଲାଙ୍ଗୁଏଜ ପକ୍ଷରୁ ଆୟୋଜିତ ଡିବେଟିଂ ଅନ ଇଣ୍ଡିଆନ ଏସପିରେସନାଲ ଲାଙ୍ଗୁଏଜ ଶୀର୍ଷକ ଏହି ସେମିନାରରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବହୁ ଭାଷାବିତ୍, ସମୀକ୍ଷକ, ଗବେଷକ, ପତ୍ରକାର ଏବଂ କଳା ବିଶାରଦ ଯୋଗ ଦେଇଥିଲେ। ଗତ ୯ରୁ ୧୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ତ୍ରିଦିବସୀୟ ସେମିନାରର ଦ୍ୱିତୀୟ ସନ୍ଧ୍ୟାରେ ପଶ୍ଚିମ ଓଡ଼ିଶାର ଲୋକଗୀତ ଓ ସଙ୍ଗୀତର ସ୍ୱାତନ୍ତ୍ର୍ୟ ଏବଂ ବୈଶିଷ୍ଟ୍ୟ ଗୁଡ଼ିକୁ ଅତି ଚମତ୍କାର ଢଙ୍ଗରେ ହଳଧର ଉପସ୍ଥାପନ କରିଥିଲେ। ତାଙ୍କ ଆକର୍ଷଣୀୟ କଣ୍ଠରେ ପରିବେଷିତ ଲୋକଗୀତ ଓ ନିଜସ୍ୱ କବିତା ଆବୃତ୍ତି ଉପସ୍ଥିତ ଛାତ୍ରୀଛାତ୍ର, ଗବେଷକ ଓ ବୁଦ୍ଧିଜୀବୀମାନଙ୍କୁ ପ୍ରଭାବିତ କରିଥିଲା। ଉକ୍ତ ସେମିନାରକୁ ପ୍ରଥମ ଦିନ ବିଶିଷ୍ଟ ଭାଷାବିତ୍ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରସିଦ୍ଧ ପତ୍ରକାର ରାହୁଲ ଦେବ ଏବଂ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର କୈଳାସ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପରଦିନ ପୂର୍ବାହ୍ନରେ ଓଡ଼ିଆ ବିଭାଗ ପକ୍ଷରୁ ଲୋକକବି ହଳଧର ଏବଂ ଡଃ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡଃ କୈଳାସ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଡଃ ଗିରିବାଳା ମହାନ୍ତି କବି ହଳଧରଙ୍କ କାବ୍ୟାଞ୍ଜଳିରୁ କେତେକ କବିତା ପାଠ କରି ଶୁଣାଇଥିଲେ । କବି ଫେରିବା ସମୟରେ କଲିକତା ପ୍ରେସକ୍ଲବଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଗସ୍ତରେ କବିଙ୍କ ସହିତ ଅଭିମନ୍ୟୁ ସାହିତ୍ୟ ସଂସଦ ସଭାପତି ତଥା କବି ଅଶୋକ କୁମାର ପୂଜାହାରୀ ଥିଲେ ।




ଶାନ୍ତି ନିକେତନରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଭେଡେନ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ଭେଡ଼େନ, ୧୩।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲ ଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବିଇଓ ମଛିନ୍ଦ୍ର ମଲିକ ମୁଖ୍ୟଅତିଥି, ଏବିଇଓ ଅଭିମନ୍ୟୁ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ତାପସ କୁମାର କର୍ମି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିଳ୍ପ ବିପ୍ଳବ – ଆମେ ପ୍ରସ୍ତୁତ କି ଶୀର୍ଷକ ଉପରେ ପ୍ରଥମେ ଲିଖିତ ପରୀକ୍ଷା ଓ ପରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ବିଭିନ୍ନ ହାଇସ୍କୁଲର ୨୪ ଜଣ ଛାତ୍ରୀଛାତ୍ର ଯୋଗ ଦେଇ ନିଜସ୍ୱ ମତାମତ ରଖିଥିଲେ। ଚିଚିଣ୍ଡା ହାଇସ୍କୁଲରର ସ୍ୱସ୍ତିକ ବେହେରା ପ୍ରଥମ, ରୁଷୁଡ଼ା ହାଇସ୍କୁଲରର ଭକ୍ତିରାଣୀ ବନିଆଁ ଦ୍ୱିତୀୟ ଓ ରେଶମ ହାଇସ୍କୁଲର ନିହାରାଣୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଞ୍ଜୀବ କୁମାର ପ୍ରଧାନ, ମନୋଜ କୁମାର ପଟେଲ ଓ ଗୋପବନ୍ଧୁ ନାଏକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଭେଡ଼େନ ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଆଜି ନୂଆଖାଇ ତିହାର, ଚଳଚଞ୍ଚଳ ବୌଦ୍ଧ

**ବୌଦ୍ଧ,୧୩।୯(ସ୍ୱ.ପ୍ର)**

ଆଜି ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଖାଇ ତିହାର । କୃଷି ଭିତ୍ତିକ ଏହି ପର୍ବ ପାଇଁ ପୁରା ବୌଦ୍ଧ ଜିଲା ଚଳଚଞ୍ଚଳ ହୋଇପଡିଛି । ଦୋକାନ ବଜାର ଭିଡ ଥିବା ସହ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସମସ୍ତେ ଲାଗିପଡିଛନ୍ତି । ନୂଆଖାଇ ଦିନ ନୂଆ ଚାଉଳର ଖିରି ଭୋଗ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ନିକଟରେ ଲାଗି ହୋଇଥାଏ । ଘର ସବୁ ଲିପାପୋଛା କାର୍ଯ୍ୟ ଶେଷ ହୋଇଛି । ବାହାରେ କାମ କରୁଥିବା ଲୋକେମାନେ ଗାଁକୁ ଆସିବାରେ ଲାଗିଛନ୍ତି । ନୂଆଖାଇରେ ନୂଆ ଜିନିଷ ବ୍ୟବହାର ହେଉଥିବାରୁ ମାଟିପାତ୍ର, କୁଲେଇ, ନୂଆଧାନ, ବିଭିନ୍ନ ପତ୍ର ବିକ୍ରି ହେବାରେ ଲାଗିଛି । ଚାଷୀ ନିଜ ଚାଷଜମିରେ ପୂଜା କରିବାକୁ ସମସ୍ତ ପ୍ରସ୍ତୁତି କରିଛି। ବୌଦ୍ଧର ଇଷ୍ଟ ଦେବୀ ମା ଭୈରବୀଙ୍କ ମନ୍ଦିରକୁ ନୂଆ ରଙ୍ଗରେ ସଜାଯାଇଛି। ମା'ଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ପରେ ନବାନ୍ନ ଅର୍ପଣ କରାଯିବ । ପରେ ଲୋକେ ନିଜ ଘରେ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରି ନୂଆ ଖାଇବେ । ନୂଆ ଖାଇବା ପରେ ଜୁହାର ଭେଟ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି ।



ନୂଆଖାଇ ପାଇଁ ଗୁରୁବାର ବରଗଡ଼ ଥାନା ସମ୍ମୁଖ ରାସ୍ତା କଡରେ ଜଣେ ଶିଶୁ ନୂଆଧାନ ଓ କୁରେଇ ପତ୍ର ପସରା ମେଲାଇ ଗରାଖ ଅପେକ୍ଷାରେ ରହିଛନ୍ତି ।



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ

## ସଂକ୍ଷେପରେ

### ଅଙ୍ଗ ନଦୀରୁ ଚାଲିଛି ବେଆଇନ ବାଲି ଚାଲାଣ

**ପଦ୍ମପୁର, ୧୩।୯ (ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ନିକଟ ଅଙ୍ଗ ନଦୀରୁ ପାଣି ନ ଛାଡୁଣୁ ବାଲି ମାଫିଆମାନେ ବାଲି ନେବା ଆରମ୍ଭ କରିଦେଲେଣି । ପଦ୍ମପୁର ଅନ୍ତର୍ଗତ ଲଖମରା, ଜଗଦଲପୁର, ଗୁକୁଲିପାହାଡ ଆଦି ଅଞ୍ଚଳର ଶହ ଶହ ଗାଡିରେ ଛତିଶଗଡକୁ ବାଲି ଚାଲାଣ ହେଉଛି। ବିନା ଲିଜ୍‌ରେ ନଦୀର ଅତି ଗଭୀରକୁ ଏବଂ ନିର୍ଦ୍ଦିଷ୍ଟ ଏରିଆ ବାହାରୁ ବାଲି ଖନନ କରାଯାଉଛି । ସ୍ଥାନୀୟ କେତେକ ନ୍ୟସ୍ତ ସ୍ୱାର୍ଥ ଲୋକ ଟ୍ରାକ୍ଟର ପିଛା ୫ଶହ ଏବଂ ଡମ୍ଫର ପିଛା ୨ହଜାର ଟଙ୍କା ଆଦାୟ କରୁଛନ୍ତି । ଅଙ୍ଗ ନଦୀର ୫ରୁ ଊର୍ଦ୍ଧ୍ୱ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ ଚାଲିଛି । ଏ ସମ୍ପର୍କରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କୁ ପଚରାଯିବାରୁ ସେ କହିଲେ, ବାଲି ଚୋରା ଚାଲାଣ ରୋକିବା ପାଇଁ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ନିକଟରେ ପଦ୍ମପୁର ତହସିଲର ଏକ ଟିମ୍ ଚଢ଼ାଉ କରି ଛତିଶଗଡକୁ ଚାଲାଣ ହେଉଥିବା ନମ୍ବର ବିହୀନ ୬ଟି ଟ୍ରାକ୍ଟରଠାରୁ ୭୨ ହଜାର ଟଙ୍କା ଅସୁଲି ହୋଇଛି ବୋଲି କହିଥିଲେ ।

### ଚାନ୍ଦା ଆଦାୟ କରି ୩ ଗିରଫ

**ସୋନପୁର,୧୩।୯(ନି.ପ୍ର.):** ସୋନପୁର-ଡୁଙ୍ଗୁରିପାଲି ରାଜ୍ୟ ରାଜପଥର ବିଶାଳପାଲି ଛକ ଠାରେ ଚାନ୍ଦା ଆଦାୟ କରିବା ଅଭିଯୋଗରେ ବିନିକା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ବୁଧବାର ରାତି ସାଢେ ୧୨ଟାରୁ ଗୋଟାଏ ମଧରେ ବିନିକା ରଥପଡାର ମିଥୁନ ଦାନୀ(୨୫), ଧୀବରପଡାର ପପୁନ ବେହେରା(୨୩) ଓ ଡେଲି ମାର୍କେଟ୍‌ର ଅଜାମିଳ ଭୋଇ(୪୨) ବଳପୂର୍ବକ ଚାନ୍ଦା ଆଦାୟ କରୁଥିଲେ । ରାମପୁର ଅଭିମୁଖେ ଯାଉଥିବା ଏକ ପରିବା ବୋଝେଇ ୪୦୭ ଟ୍ରକ୍‌କୁ ସେମାନେ ରାସ୍ତା ମଝିରେ ଅଟକ ରଖିଥିଲେ । ସୂଚନା ପାଇ ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚଢାଉ କରି ମିଥୁନ, ପପୁନ ଓ ଅଜାମିଳଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତଙ୍କ ନିକଟରୁ ୪ଟି ମୋବାଇଲ ଓ ୧୨୦୦ଟଙ୍କା ଜବତ ହୋଇଛି। ମନଇଚ୍ଛା ରାସ୍ତାରେ ଗାଡିମୋଟର ଅଟକାଇ ବଳପୂର୍ବକ ଚାନ୍ଦା ଆଦାୟ କରାଗଲେ ଏଣିକି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ସୂଚନା ଦେଇଛନ୍ତି।

### ରାସ୍ତା ଅବସ୍ଥା ଶୋଚନୀୟ ୨ ଦୁର୍ଘଟଣା,୪ ଆହତ

**ସମ୍ବଲପୁର,୧୩।୯(ବ୍ୟୁରୋ) :** ସମ୍ବଲପୁର ଜିଲା ୫୫ ନମ୍ବର ଜାତୀୟ ରାଜପଥ ଯୁଯୁମୁରା ଥାନା ଅଧୀନ ମାରୱାଡ଼ି ବନ୍ଧ ଓ ଫାୟାର ଅଫିସ ସମ୍ମୁଖରେ ୨ ପୃଥକ ଦୁର୍ଘଟଣା ଘଟି ୪ ଆହତ ହୋଇଛନ୍ତି। ମାରୱାଡି ବନ୍ଧରେ ମଧାହ୍ନ ୧୨ଟା ସମୟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଆରୋହୀ ହାତୀବାରି ଗ୍ରାମର ମନୋଜ ସାହୁଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଜନ୍ମିତ ଛୋଟ ଶିଶୁ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସନ୍ଧ୍ୟା ୬ଟା ସମୟରେ ସେହି ସ୍ଥାନରେ ଆଉ ଏକ ବାଇକ୍ ସହ ବୋଲେରୋ ମୁହାଁମୁହିଁ ହୋଇଥିଲା।

ନୂଆଁଖାଇ ତିହାର ହାଟ ସରଗରମ

# ଉତ୍ସାହ ପାଖେ ହାର୍ ମାନୁଛି ଦରଦାମ୍

**ବୀରମହାରାଜପୁର,୧୩।୯(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ସକାଶେ ଗାଁଠାରୁ ସହର ସବୁ ଚଳଚଞ୍ଚଳ । ନବାନ୍ନ ତିଥିରେ ନୂଆଁ ବସ୍ତ୍ର ପରିଧାନ ସାଙ୍ଗକୁ ଛ ତିଅଣ ନଅ ଭଜା ପ୍ରସ୍ତୁତ କରି ପରିବାର ସହିତ ଖାଇବାର ମଜା ନିଆରା। ଧନୀଠାରୁ ଗରିବ ସଭିଏଁ ଏଇଥି ପାଇଁ ସଜବାଜ ହେଉଥିବାରୁ ତିହାର ହାଟ ସରଗରମ ହୋଇଛି । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଗୁରୁବାର ବସିଥିବା ହାଟର ଅନୁଭୂତି ଥିଲା ନିଆରା। ଦୈନନ୍ଦିନ ଏଠାରେ ଚାଲିଥିବା ସକାଳର ଡେଲି ମାର୍କେଟର ପରିସୀମା ଥିଲା ଖୁବ ବ୍ୟାପକ । ଏଠାକାର ମୁଖ୍ୟ ଛକଠାରୁ ଚତୁଃପାର୍ଶ୍ୱ ରାସ୍ତା ଉପରେ ପନିପରିବା ସହ ବିଭିନ୍ନ ପଣ୍ୟଦ୍ରବ୍ୟ ପସରା ମେଲିଥିବାରୁ ଯାନାବାହନ ଚଳାଚଳ ପ୍ରାୟତଃ ଅପରାହ୍ନ ଯାଏଁ ବନ୍ଦ ହୋଇଯାଇଥିଲା । ବଜାର ଭିଡ ଯୋଗୁ ଦୁଇଚକିଆ ଯାନରେ ଯିବା ମଧ୍ୟ ମୁସ୍କିଲ ଥିଲା । ତାହାରି ଭିତରେ ରାତି ଯାଏଁ ଚାଲିଥିଲା ଏଥରର ନୂଆଖାଇ ତିହାର ହାଟ। ଦରଦାମକୁ ଖାତିର ନ କରି ଲୋକେ ନୂଆ ନୂଆ ଜିନିଷ କିଣିବାରେ ମସଗୁଲ ଥିବା ପରିଲକ୍ଷିତ ହୋଇଥିଲା। ତିହାର ହାଟରେ ଭେଟ ପଡିଥିବା କେତେଜଣ ଗ୍ରାହକଙ୍କ ସହ ଆଳାପରୁ ଜଣା ପଡିଲା ଯେ, ଉତ୍ସାହ ପାଖେ ଦରଦାମ ହାର ମାନିଛି। ଯେତେ ଟଙ୍କା ହେଲେ ବି ଲୋକେ ସେମାନଙ୍କ ମନ ପସନ୍ଦର ଜିନିଷ କିଣୁଛନ୍ତି। ଦରଦାମ ସେମାନଙ୍କୁ ଅଟକାଇ ପାରୁନି।



ନୂଆଁଖାଇ ପାଇଁ ବୀରମହାରାଜପୁର ହାଟରେ ଲୋକେ ଧାନକେଣ୍ଡା କିଣୁଛନ୍ତି।

## ସେମାନେ ଯାହା କୁହନ୍ତି



ଫି ବର୍ଷ ତିହାର ହାଟକୁ ଆସେ। କିଛି ଆକର୍ଷଣୀୟ ଜିନିଷ ସହ ନବାନ୍ନ ପାଇଁ ସଉଦା କରିଥାଏ । ଏବର୍ଷ ଅନୁକୂଳ ପାଗ ହେତୁ ବଡ ହାଟ ବସିଥିଲା । ପ୍ରାୟ ଏକ ହଜାର ଦୋକାନୀ ପସରା ମେଲିଥିଲେ । ତେଣୁ ରାସ୍ତା ଘାଟ ଜାମ ହୋଇ ପଡିଥିଲା।
-ଅନନ୍ତ ମଲ୍ଲିକ, (ବୁରୋଘାଟ)



ଏଥର ଖରିଫ ଚାଷ ଭଲ ହୋଇଥିବାରୁ ଚାଷୀକୁଳ ଖୁସିରେ ଅଛନ୍ତି । ତେଣୁ ନବାନ୍ନରେ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତି କରିବାକୁ ଅଞ୍ଚଳରେ ଉତ୍ପାଦିତ ହେଉଥିବା ବିଭିନ୍ନ ରକମର ପନିପରିବା ଆସିଥିଲା । ଦରଦାମକୁ ଖାତିର ନ କରି ଲୋକେ ବଜାର କରିଥିବାରୁ ଚାଷୀମାନେ ବି ଭଲ ରୋଜଗାର କରିଛନ୍ତି ।-
-ଚମ୍ପେଶ୍ୱର ମହାକୁର (ଲୁମ୍ବରଜେନା)



ମୁଁ ବୀରମହାରାଜପୁର କଲେଜରେ ଯୁକ୍ତ ୩ ଶ୍ରେଣୀରେ ପଢୁଛି । ଶୁକ୍ରବାର ନୂଆଁଖାଇ ପର୍ବ ପାଳନ କରୁଥିବାରୁ ଘର ପାଇଁ ସଉଦା କରିବାକୁ ତିହାର ହାଟ ଆସିଥିଲି। ବିଭିନ୍ନ କିସମର ପନିପରିବା ମଧ୍ୟରୁ କିଛି କିଛି କିଣିଲି । ଏହା ମୋର ପ୍ରଥମ ଅନୁଭୂତି । ତେଣୁ ଦରଦାମର ତାରତମ୍ୟ ଦେଖୁନାହିଁ ।-
-ଚନ୍ଦ୍ରିକା ପଧାନ, କଲେଜ ଛାତ୍ରୀ, (ମାଣିକପୁର)



ବରଷକରେ ଥରେ ଆମର ବହୁ ପ୍ରତୀକ୍ଷିତ ନୂଆଖାଇ ଆସିଥିବାରୁ ଏହି ଅବସରରେ ଆବଶ୍ୟକ ସଉଦା କରିବାକୁ ହାଟ ଯାଇଥିଲି । ଅନ୍ୟ ଦିନ ଭଳି କେହି ବି ଗ୍ରାହକ ମୂଲଚାଲ କରୁ ନ ଥିଲେ । କେବଳ ନୂଆଦ୍ରବ୍ୟ କିଣିବାରେ ସେମାନଙ୍କର ଉତ୍ସୁକତା ଥିଲା ।
-ଗୋପୀନାଥ କର୍ଣ୍ଣ, ବ୍ୟବସାୟୀ, (ଉଫୁଲା)



ମୋ ଘର ବୀରମହାରାଜପୁରଠାରୁ ୨୦ କି.ମି. ଦୂରରେ ଥିଲେ ସୁଦ୍ଧା ଏଠାରେ ରହି ବ୍ୟବସାୟ କରୁଛି । ଆଜି ଆମ ଗାଁ ତଥା ଅଖପାଖରୁ ଶତାଧିକ ଲୋକ ବୀରମହାରାଜପୁର ମୁଖ୍ୟ ତିହାର ହାଟକୁ ଆସିଥିଲେ । ଏ ବର୍ଷ ପନିପରିବା ଦର ଅତ୍ୟଧିକ ଚଢ଼ା ନ ଥିଲା । ସବୁ କିଛି କିଲୋ ୨୦ରୁ ୫୦ ଟଙ୍କା ମଧ୍ୟରେ ମିଳୁଥିଲା । ହେଲେ ବି ଆମେ ସେଥିପାଇଁ ଜମା ଖାତିର ନ କରି ସଉଦା କଲୁ ।
-ସୁଦାମ ପାତ୍ର, ପାନ ଦୋକାନୀ, (ଲୁତୁରପଙ୍କ)

### ବହୁବିଧ ଦାବି ନେଇ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୧୩।୯**

ଝାରସୁଗୁଡ଼ା ରେଲୱେ ଷ୍ଟେଶନ ସଂକ୍ରାନ୍ତୀୟ ବିଭିନ୍ନ ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବୁଧବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଚୌକିପଡ଼ା ରେଳ ଓଭରବ୍ରିଜ୍ ନିର୍ମାଣ, ଏସ୍କାଲେଟର କାର୍ଯ୍ୟକ୍ଷମ କରିବା, ରେଲୱେ କଲୋନୀ ପାର୍ଶ୍ୱରେ ଥିବା ଟିକେଟ ବୁକିଂ କେନ୍ଦ୍ରରେ ୮ ଘଣ୍ଟା ପରିବର୍ତ୍ତେ ୨୪ ଘଣ୍ଟିଆ ସେବା ଯୋଗାଇବା, ହମସଫର ଏକ୍ସପ୍ରେସ୍ ଏବଂ ପୁରୀ-ହବିବ୍‌ଗଞ୍ଜ ଏକ୍ସପ୍ରେସ୍ ଟ୍ରେନକୁ ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଯାଏ ସମ୍ପ୍ରସାରିତ କରିବା ସହ ଏଠାରେ ଷ୍ଟପେଜ୍ ଘୋଷଣା କରିବା, ଝାରସୁଗୁଡ଼ାରୁ ବିଳାସପୁର ଦେଇ ଆହ୍ଲାବାଦକୁ ଏକ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ସେହିପରି ବର୍ତ୍ତମାନ ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଉପରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଭଳି ଜିଲା ନିର୍ଭରଶୀଳ। ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ସହ ଷ୍ଟେଶନ ରୋଡ୍‌କୁ ବିକଶିତ କରିବାକୁ ଦାବି କରାଯାଇଛି। ଆଞ୍ଚଳିକ ବିକାଶ ପରିଷଦର ମନମୋହନ ପାଣ୍ଡେ, ରବୀନ୍ଦ୍ର ଦୀକ୍ଷିତ, ତ୍ରିନାଥ ଗୁଆଲ, ନିରଦାକାନ୍ତ ମିଶ୍ର, ଗଣେଶ ନାୟକଙ୍କ ସମେତ ବହୁ ସଦସ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି।

## ପର୍ଯ୍ୟଟନସ୍ଥଳ ହେବ ଭୀମ ମଣ୍ଡଳୀ

**ରେଢ଼ାଖୋଲ,୧୩।୯(ଡି.ଏନ.ଏ)**

**ପର୍ଯ୍ୟଟନ ଶିଳ୍ପର ନୂଆ ଅଧ୍ୟାୟ**
- ବିସ୍ତୃତ ରିପୋର୍ଟ ଦେବେ ଜିଲାପାଳ
- ଜିଲା ପର୍ଯ୍ୟଟନ ଅଧିକାରୀ ବି ସର୍ଭେ ରିପୋର୍ଟ ଦେବେ
- ଚିଠି ଲେଖିଲେ ପର୍ଯ୍ୟଟନ ସଚିବ

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ଅଧୀନ ଭୀମ ମଣ୍ଡଳିକୁ ପର୍ଯ୍ୟଟନ ସ୍ଥଳ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଭୀମମଣ୍ଡଳିକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାକୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଲେଖି ଦାବି କରିଥିଲେ । ଏ ନେଇ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ନୀତିନ ଭାନୁଦାସ ଜାୱଲେ ଗତ ୧ ତାରିଖ ପତ୍ର ସଂଖ୍ୟା ୮୧୮୪ (ଟିଏସଏସ)ରେ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କୁ ଭୀମମଣ୍ଡଳୀକୁ ଚିହ୍ନଟ କରି ଏକ ବିସ୍ତୃତ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ମଧ ଭୀମ ମଣ୍ଡଳୀର ସ୍ଥାନ ଚିହ୍ନଟ ସହ ଏକ ସର୍ଭେ ରିପୋର୍ଟ ଜିଲାପାଳଙ୍କ ମାଧମରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଯୋଗ୍ୟ ଯେ, ରେଢ଼ାଖେଲେରୁ ନାକଟିଦେଉଳ ଯିବା ରାସ୍ତାରେ ପ୍ରାୟ ୨୮ କି.ମି. ପରେ ପଡିବ ପେଣ୍ଠବାହାଲ ଗାଁ। ଏହି ଗାଁ ନିକଟରେ ବହିଯାଇଥିବା ଚମ୍ପାଳି ଯୋରର କଡରେ ପ୍ରାୟ ୫କି.ମି. ଯିବା ପରେ ପଡିବ ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଭୀମ ମଣ୍ଡଳି । କିମ୍ବଦନ୍ତି କହେ ପଞ୍ଚୁପାଣ୍ଡବମାନେ ଅଜ୍ଞାତ ବାସ ସମୟରେ ଏହି ସ୍ଥାନରେ ରହିଥିଲେ । ଭୀମଙ୍କ ଦ୍ୱାରା ବନ୍ଧାଯାଇଥିବା ପଥର ବନ୍ଧ ଓ ବଡ ବଡ ଗୁମ୍ଫା ଏଠାରେ ରହିଛି। ଏଠାରେ ଏକ ଗୁପ୍ତେଶ୍ୱର ମନ୍ଦିର ମଧ ରହିଛି । ଭୀମ ମଣ୍ଡଳିରେ ଥିବା ଗୁମ୍ଫାରେ ଛୋଟ ଛୋଟ କୋଠରି ମଧ ରହିଛି।

## ଆଜି ନୂଆଁଖାଇ: ଗାଁଠୁ ସହର ଚଳଚଞ୍ଚଳ

**ସୋନପୁର,୧୩।୯(ନି.ପ୍ର.)**

ପଶ୍ଚିମ ଓଡିଶାର କୃଷି ଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ ଶୁକ୍ରବାର ପାଳନ ହେବ। ଏଥିପାଇଁ ସଜେଇ ହୋଇଛି ଗାଁ ଦାଣ୍ଡ, ସାହିପଡିଶା, ଦିଅଁ ଦେଉଳ, ଦେବଦେବୀ ଓ ଘରଦ୍ୱାର । ଗାଁଠୁ ସହର ଉତ୍ସବର ମାହୋଲ । ବାହାରେ ରହୁଥିବା ଲୋକେ ନିଜ ନିଜ ଘରକୁ ଫେରି ଆସିଛନ୍ତି । ସ୍ୱକୁଟୁମ୍ବ ଓ ସାହି ପଡିଶାଙ୍କ ସହିତ ମିଶି ନୂଆଁଖାଇ(ନବାନ୍ନ ଭକ୍ଷଣ) ପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି । ଅନ୍ୟବର୍ଷ ଅପେକ୍ଷା ଚଳିତ ବର୍ଷ କିପରି ଅଧିକା ଜାକଜମକରେ ପର୍ବ ପାଳନ ହେବ ସେ ଦିଗରେ ସମସ୍ତେ ଲାଗି ପଡିଛନ୍ତି । ନୂଆଁଖାଇରେ ନୂଆ ଚାଉଳ, ନୂଆ ବସ୍ତ୍ର ସାଙ୍ଗକୁ ନୂଆ ପାତ୍ରର ବ୍ୟବହାର କରାଯାଇ ଥାଏ । ଘରେ ଘରେ ନୂଆଁ ଚାଉଳରେ ପ୍ରସ୍ତୁତ ନୈବେଦ୍ୟକୁ ନୂଆଁ ପାତ୍ରରେ ଇଷ୍ଟଦେବାଦେବୀଙ୍କୁ ଅର୍ପଣର ବିଧି ରହିଛି । ଗଣପର୍ବ ଅବସରରେ ପ୍ରଚଳିତ ନୂଆଁ ସରିଆ ଧାନରୁ ପ୍ରସ୍ତୁତ ହୁଏ ଚୁଡା । ଏହାକୁ ଇଷ୍ଟଦେବୀଙ୍କ ଠାରେ ସମସ୍ତେ ନୂଆଁ ଭୋଗ ଅର୍ପଣ କରିଥାନ୍ତି । ଗୁରୁବାର ସୋନପୁରର ମଙ୍ଗଳବାର ବଜାର, ବିଜୁ ପଟ୍ଟନାୟକ ଛକ ଓ ମଝିପଡାରେ ଖାସ ଏଥିପାଇଁ ହାଟ ବସିଥିଲା । ପନିପରିବା ସହ ଫଳମୂଳ ଓ ଅନ୍ୟାନ୍ୟ ସାମଗ୍ରୀ ଦର ଆକାଶଛୁଆଁ ରହିଥିଲେ ମଧ ଲୋକେ ବଜାରରୁ ଜିନିଷପତ୍ର କିଣାକିଣି କରିଥିଲେ । ଜିଲା ବାହାର ଅଞ୍ଚଳର ଚାଷୀ ବଜାରରେ ସରିଆ ଧାନକୁ ବିଡା ପ୍ରତି ୧୦ଟଙ୍କା ଓ ୫ଟଙ୍କା ମୂଲ୍ୟରେ ବିକ୍ରି କରିଥିଲେ । ସେହିଭଳି ସରିଆ ଧାନରୁ ପ୍ରସ୍ତୁତ ଚୁଡା, ଖଲିପତ୍ର, କୁରେପତ୍ର, ମାଟିପାତ୍ର ଓ ବାଉଁଶ ପାତିଆର ମଧ ଭାଉ ଥିଲା । ମାଟିପାତ୍ର ଓ ବାଉଁଶ ପାତିଆରେ ପ୍ରସ୍ତୁତ ଭୁଗା ଓ ଚାଙ୍ଗୁଡିର ଚାହିଦା ଅଧିକ ରହିଥିଲା, କାରଣ ନୂଆ ଚାଉଳକୁ ନବାନ୍ନ ଭାବରେ ମାଟିପାତ୍ରରେ ଭଗବାନଙ୍କୁ ସମର୍ପଣ କରାଯାଇ ଥାଏ । ସହରାଞ୍ଚଳରେ ଷ୍ଟେନ୍‌ଲେସ୍ ଷ୍ଟିଲ୍, ପିତଳ, କଂସା ପାତ୍ରର ବ୍ୟବହାରର ବ୍ୟାପକତା ରହିଛି । କିନ୍ତୁ ନୂଆଁଖାଇ ଭଳି ପର୍ବଦିନ ପବିତ୍ରତା ପାଇଁ ମାଟିପାତ୍ର ବ୍ୟବହାର କରା ଯାଇଥାଏ । ମାଟି ପାତ୍ରର ଚାହିଦା ପାଇଁ ଏକ ମାସ ପୂର୍ବରୁ ମାଟି ହାଣ୍ଡି, ସରେଇ ଓ ପାତଳି ପ୍ରସ୍ତୁତ କରୁଥିବା ଲୋକ ସପରିବାରେ ଏହି ସମଗ୍ରୀ ତିଆରିରେ ଲାଗିଥିଲେ । ବଜାରରେ ଏବେ ମାଟି ପାତ୍ର ୨୦ରୁ ୧୦୦ଟଙ୍କା ଦରରେ ବିକ୍ରି ହୋଇଛି । ସେହିପରି ଡ୍ରେସ, ଶାଢି ଓ କସମେଟି କ୍ସ ସୋରୁମରେ ପ୍ରବଳ ଭିଡ ଲାଗି ରହିଛି । ରାତି ପାହିଲେ ଅର୍ଥାତ୍ ଶୁକ୍ରବାର ସମଲେଇ ମନ୍ଦିରରୁ ସକାଳ ୭ଟା ୪୫ ମିନିଟ୍‌ରୁ ୮ଟା ୧୫ ମଧରେ ସ୍ୱତନ୍ତ୍ର ଭାବେ ପାହୁର ଶୋଭାଯାତ୍ରା ବାହାରିବ । ନୂଆଁଖାଇ ପାହୁର ପର୍ବ ପୁରାତନ ଗଡଜାତ ରାଜ୍ୟର ପ୍ରଚଳିତ ପ୍ରଥା, ପରମ୍ପରା ଓ ଧାର୍ମିକ ନୀତିନିୟମ ଅନୁସାରେ ନବାନ୍ନଭୋଗ ଓ ପୂଜା ସାମଗ୍ରୀ ଅର୍ପଣ ପାଇଁ ଏହା ଅଷ୍ଟଚଣ୍ଡୀ ଓ ମଝିପଡାସ୍ଥିତ ଅନ୍ନପୂର୍ଣ୍ଣାଙ୍କ ପୀଠକୁ ଯିବ । ପଣ୍ଡିତ ସଭାରେ ସକାଳ ଘ୮.୩୧ମିନିଟ୍‌ରୁ ଘ୮.୪୫ମିନିଟ୍ ମଧ୍ୟେ ଅମୃତ ସମୟରେ ନବାନ୍ନ ଭୋଗ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କୁ ଅର୍ପଣ କରାଯିବା ପରେ ନିର୍ଦ୍ଧାରିତ ଶୁଭଲଗ୍ନରେ ଜିଲାବାସୀ ନବାନ୍ନ ଭକ୍ଷଣ କରିବେ ।



ମଙ୍ଗଳବାର ବଜାର ହାଟରେ ମହିଳା ଚାଷୀ ସରିଆ ଧାନ ଓ କୁରେଇ ପତ୍ର ବିକ୍ରି କରୁଛନ୍ତି ।

## ଭାଜପା ଯୁବମୋର୍ଚ୍ଚାର ପ୍ରଶିକ୍ଷଣ କର୍ମଶାଳା

**ବରଗଡ଼ ଅଫିସ୍,୧୩।୯**

ବରଗନ ଜିଲା ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପଡ଼ା ଗ୍ରାମରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମିଶନ ନୂଆଁ ଓଡ଼ିଶା ପାଇଁ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ପ୍ରୀତେଶ ବହିଦାର ଏଥିରେ ଅଧ୍ୟକ୍ଷତା କରିଥିଲେ । ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର ମୁଖ୍ୟଅତିଥି, ଅଶୋକ ପାଣିଗ୍ରାହୀ, ଗୋବର୍ଦ୍ଧନ ଭୋଏ, ହଳପାଣି ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଜିଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ରାଜ୍ୟରେ ପ୍ରାକୃତିକ ସମ୍ପଦ ଭରପୂର ଥିବାବେଳେ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ରାଜ୍ୟ ବାହାରକୁ ବହୁ ଲୋକେ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ସେମାନେ ମତ ରଖିଥିଲେ । ସେହିପରି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଇରାସିସ ଆଚାର୍ଯ୍ୟଙ୍କ ଗିରଫଦାରିକୁ ନିନ୍ଦା କରାଯାଇଥିଲା । ଯୁବନେତା ଶୁଭମ ମିଶ୍ର, ବିକ୍ରମ ସେଠ, ସ୍ୱାଧୀନ ମହାପାତ୍ର, ମନୋରଞ୍ଜନ ମେହେର ପ୍ରମୁଖ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।



କର୍ମଶାଳାରେ ମଞ୍ଚାସୀନ ଭାଜପା ନେତାମାନେ ।

ସ୍ୱଚ୍ଛତା ପକ୍ଷ ପାଳନ ଉପଲକ୍ଷେ ପ୍ରତିଯୋଗିତା

## ଭାଗନେଲେ ଶତାଧିକ ଛାତ୍ରୀଛାତ୍ର, କୃତୀ ପ୍ରତିଯୋଗୀ ସମ୍ମାନିତ

**ବୀରମହାରାଜପୁର,୧୩।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଟାଙ୍ଗରସାହି ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ସ୍ୱଚ୍ଛତାପକ୍ଷ ପାଳନ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶତାଧିକ ମନୋନୀତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିରେ ସ୍ୱଚ୍ଛତା ଉପରେ ପର୍ଯ୍ୟବେଷିତ କୁଇଜ୍, ପ୍ରବନ୍ଧଲିଖନ, ଚିତ୍ରାଙ୍କନ, ସଂଗୀତ, ବାର୍ତ୍ତା ଲିଖନ ଏବଂ ବିତର୍କ ସହ ଚିତ୍ର ପ୍ରଦର୍ଶନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗୀ ମାନଙ୍କ ମଧ୍ୟରୁ କୁଇଜରେ ହିଲୁଙ୍ଗ ଉପ୍ରା ସ୍କୁଲର ଶୁଭେନ୍ଦୁଶେଖର ସିଂ, ବିତର୍କରେ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲର ପ୍ରମିଳା ସାହୁ, ଚିତ୍ରାଙ୍କନରେ ଅମରପାଲି ଉପ୍ରା ସ୍କୁଲର ଇପ୍‌ସିତା ଅନନ୍ୟା ସାହୁ, ସଂଗୀତରେ ସଂଗ୍ରାମପୁର ଉନ୍ନିତ ହାଇସ୍କୁଲର ବିଚିତ୍ରା ସେଠୀ, ପ୍ରବନ୍ଧ ଲିଖନରେ ଖଣ୍ଡହତା ହାଇସ୍କୁଲର ପ୍ରୀତିରାଣୀ ମେହେର, ବାର୍ତ୍ତା ଲିଖନରେ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲର ବିଉଟି ଚାନ୍ଦ ଏବଂ ପ୍ରଦର୍ଶନୀରେ ସୁବଲୟା ଉପ୍ରା ସ୍କୁଲର ସୁପ୍ରଭା ନାଏକ ଶ୍ରେଷ୍ଠ ବିବେଚିତ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ସହିତ ସମ୍ମାନିତ ହୋଇଛନ୍ତି। ଏହି ଉତ୍ସବ ଅବସରରେ ଅନୁଷ୍ଠିତ ସମାରୋହରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି, ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଏବଂ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବାରଣା ଡୁଙ୍ଗଡୁଙ୍ଗ ଓ ବୀରମହାରାଜପୁର ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଏବିଇଓ ଗରୁଡଧ୍ୱଜ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିଆରସିସି ଅଭିମନ୍ୟୁ ବଗର୍ତ୍ତି ସ୍ୱାଗତ ସମ୍ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅକ୍ଷୟ କୁମାର ରାୟ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଶେଷରେ ପଦ୍ମନାଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷକ ବିଜୟ ତ୍ରିପାଠୀ, ଭାବଗ୍ରାହୀ ମେହେର, ଅଭିମନ୍ୟୁ ଲୁହା, ସୁରେନ୍ଦ୍ର ଓତା, ସୁନୀଲ ମହାପାତ୍ର, ହେମନ୍ତ ସେଠୀ, ପ୍ରଦ୍ୟୁମ୍ନ ସେଠୀ, ଦୁଃଖନାଶନ ସାହୁ, ରାଜେଶ ମେଣ୍ଡିଲି ଓ ସ୍ୱାଧୀନ ବିଶ୍ୱାଳଙ୍କ ସହ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।



ସ୍ୱଚ୍ଛତା ପକ୍ଷ ପାଳନ ସମାରୋହରେ କୃତୀ ଛାତ୍ରୀଛାତ୍ରମାନେ ଅତିଥିଙ୍କ ଗହଣରେ ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।

- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ବହୁବିଧ ଦାବି ନେଇ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୧୩।୯:** ଝାରସୁଗୁଡ଼ା ରେଲୱେ ଷ୍ଟେଶନ ସଂକ୍ରାନ୍ତୀୟ ବିଭିନ୍ନ ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବୁଧବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଚୌକିପଡ଼ା ରେଳ ଓଭରବ୍ରିଜ୍ ନିର୍ମାଣ, ଏସ୍କାଲେଟର କାର୍ଯ୍ୟକ୍ଷମ କରିବା, ରେଲୱେ କଲୋନୀ ପାର୍ଶ୍ୱରେ ଥିବା ଟିକଟ ବୁକିଂ କେନ୍ଦ୍ରରେ ୮ ଘଣ୍ଟା ପରିବର୍ତ୍ତେ ୨୪ ଘଣ୍ଟିଆ ସେବା ଯୋଗାଇବା, ହମସଫର ଏକ୍ସପ୍ରେସ୍ ଏବଂ ପୁରୀ-ହବିବ୍‌ଗଞ୍ଜ ଏକ୍ସପ୍ରେସ୍ ଟ୍ରେନକୁ ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଯାଏ ସମ୍ପ୍ରସାରିତ କରିବା ସହ ଏଠାରେ ଷ୍ଟପେଜ୍ ଘୋଷଣା କରିବା, ଝାରସୁଗୁଡ଼ାରୁ ବିଳାସପୁର ଦେଇ ଆହ୍ଲାବାଦକୁ ଏକ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି।

### ରାସ୍ତା ଅବସ୍ଥା ଶୋଚନୀୟ ୨ ଦୁର୍ଘଟଣା, ୪ ଆହତ

**ସମ୍ବଲପୁର,୧୩।୯(ବ୍ୟୁରୋ) :** ସମ୍ବଲପୁର ଜିଲା ୫୫ ନମ୍ବର ଜାତୀୟ ରାଜପଥ ଯୁଯୁମୁରା ଥାନା ଅଧୀନ ମାରୱାଡ଼ି ବନ୍ଧ ଓ ଫାୟାର ଅଫିସ ସମ୍ମୁଖରେ ୨ ପୃଥକ ଦୁର୍ଘଟଣା ଘଟି ୪ ଆହତ ହୋଇଛନ୍ତି। ମାରୱାଡି ବନ୍ଧରେ ମଧ୍ୟାହ୍ନ ୧୨ଟା ସମୟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଆରୋହୀ ହାତୀବାରି ଗ୍ରାମର ମନୋଜ ସାହୁଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଜନ୍ମିତ ଛୋଟ ଶିଶୁ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସନ୍ଧ୍ୟା ୬ଟା ସମୟରେ ସେହି ସ୍ଥାନରେ ଆଉ ଏକ ବାଇକ୍ ସହ ବୋଲେରୋ ମୁହାଁମୁହିଁ ହୋଇଥିଲା। ବାଇକ୍‌ରେ ଥିବା ୩ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଜୁଜୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବଡା ଗହ ଗହ ନୂଆଁଖାଇ

# କୁରୁଲ ଗାଁରେ ନୂଆଁଖାଇ ନୂଆ ଉତ୍ସାହ

**ବଲାଙ୍ଗୀର ଅଫିସ, ୧୩।୯**

ନୂଆଁଖାଇ ଆସିବା ପରେ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ନୂଆ ଉତ୍ସାହ ଦେଖାଦିଏ । ନୂଆଁଖାଇ ସପ୍ତାହେ ପୂର୍ବରୁ ସମସ୍ତେ ନୂଆଖାଇ ପ୍ରସ୍ତୁତିରେ ଲାଗିପଡନ୍ତି। ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍‌ର କୁରୁଲ ଗାଁରେ ନୂଆଖାଇ ପର୍ବକୁ ବଡ ଉତ୍ସାହର ସହ ପାଳନ କରାଯାଏ। ଏହି ଗାଁର ଅଧିକାଂଶ ବ୍ୟକ୍ତି କୃଷି ଜୀବନ ସହ ଜଡିତ ଥିବାରୁ ଏଠାରେ କୃଷିଭିତ୍ତିକ ନୂଆଁଖାଇ ତିହାରର ଅସଲ ଛାପ ଆଜି ବି ଦେଖିହୁଏ। ସପ୍ତାହେ ଆଗରୁ ଗାଁର ପ୍ରତ୍ୟେକ ପରିବାର ନୂଆଁଖାଇ ପାଇଁ ପ୍ରସ୍ତୁତିରେ ଲାଗିଛନ୍ତି। ଘରକୁ ସଫାସୁତରା କରିବା ସହ ଆସବାବପତ୍ର, ବାସନକୁସନ, ଲୁଗା ସଫେଇରେ ଲାଗିଥିଲେ। ବିଭିନ୍ନ ଘରେ ନୂଆଁଖାଇ ପୂଜା ପାଇଁ ଯେଉଁ ଭୋଗରାଗ ତିଆରି ହୋଇଥାଏ ତାହାର ପ୍ରସ୍ତୁତିରେ କରିଥିଲେ। ନୂଆ ମାଟିହାଣ୍ଡି, ପାତ୍‌ଲି, ଘନାହାଣ୍ଡିରେ ମୁଗ, ବିରି ପାଗ କରୁଛନ୍ତି। ଏହି ଗାଁରେ କେବେଠାରୁ ନୂଆଁଖାଇ ପାଳନ କରାଯାଇ ଆସୁଛି ତାର କିଛି ବି ନିର୍ଦ୍ଦିଷ୍ଟ ହିସାବ ନାହିଁ । ପିଢ଼ି ପିଢ଼ି ଧରି ଏହି ନୂଆଁଖାଇ ପାଳନ କରାଯାଇ ଆସୁଛି ଅତି ଉତ୍ସାହର ସହ। ନୂଆଁଖାଇ ଦୁଇଦିନ ପୂର୍ବରୁ ଅର୍ଥାତ ବାଲି ତୃତୀୟା ତିଥିରେ ଗାଁର ଗୌନ୍ତିଆ ଘରେ ଭୋଗ ପ୍ରସ୍ତୁତ କରାଯାଏ । ଗାଁର ସମଲେଇ ମନ୍ଦିରରେ ରାତିରେ ପୂଜା କରାଯାଏ। ପରେ ନୂଆଖାଇ ଦିନ ଭୋର ପ୍ରାୟ ୪ଟାରୁ ଗାଁର ମହିଳାମାନେ ବନ୍ଧକୁ ଗାଧୋଇ ଯାଆନ୍ତି । ସେଠାରୁ ଫେରିବା ପରେ ଭୋଗ ପ୍ରସ୍ତୁତିରେ ଲାଗିପଡନ୍ତି। ପ୍ରଥମେ ଗାଁର ସମଲେଇ ମନ୍ଦିର, ଜଗନ୍ନାଥ ମନ୍ଦିର, ରାମଜୀ ମନ୍ଦିରରେ ନୂଆଁକୁଣ୍ଡାରେ ପ୍ରସ୍ତୁତ ଭୋଗ ଲଗାଯାଏ। ପରେ ଗାଁର ଘରେ ଘରେ ସମସ୍ତେ ନିଜ ନିଜ ଇଷ୍ଟଦେବୀଦେବ ଓ ପିତୃଦେବଙ୍କୁ ପୂଜା କରନ୍ତି। ସମସ୍ତେ ଘରୁ ବାହାରି ମନ୍ଦିର ଦର୍ଶନ କରନ୍ତି । ଘରକୁ ଫେରି ପ୍ରସ୍ତୁତ ନୂଆଁକୁଣ୍ଡାକୁ ପରିବାର ଭିତରେ ମିଳିତ ଭାବେ ଖାଇଥାନ୍ତି । ସମସ୍ତେ ବଡରୁ ସାନକ୍ରମେ ମୁଣ୍ଡିଆ ମାରିବା ପରେ ଘରୁ ବାହାରି ଜୁହାରଭେଟ୍ ହୋଇଥାନ୍ତି' କୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରନ୍ତି । ସନ୍ଧ୍ୟାରେ ଫୁଟବଲ ଖେଳ ହୋଇଥାଏ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଏସବୁ କାର୍ଯ୍ୟକ୍ରମ ରହିଥିବା ଗାଁର ହାଇସ୍କୁଲ ଶିକ୍ଷକ ଦିଗାମ୍ବର ନାଏକ କହିଛନ୍ତି । ନୂଆଖାଇ କିଭଳି ଗାଁକୁ ଗୋଟିଏ ପରିବାର କରିଦିଏ ସୂଚନା ଦେଇଥିଲେ।କୁରୁଲ ଗାଁର ସ୍ନେହଲତା ପଟେଲ ନୂଆଁଖାଇ ପାଇଁ ଘନାହାଣ୍ଡିରେ ମୁଗ ଭାଜୁଛନ୍ତି।

### ସେମାନେ ଯାହା କୁହନ୍ତି



"ନୂଆଁଖାଇ ଆମକୁ ଗୋଟିଏ ପରିବାର ଭାବେ ଗଢ଼ି ତୋଳିଦିଏ । ଏହିଦିନ ସମସ୍ତେ ମତଭେଦ ଭୁଲି ଏକ ପରିବାର ଭାବେ ବ୍ୟବହାର କରିଥାନ୍ତି। କୁରୁଲ ଗାଁରେ ନୂଆଁଖାଇ ବହୁତ ଉତ୍ସାହର ସହ ପାଳନ କରିଥାଉଁ ।

**-ଯଜ୍ଞେଶ୍ୱର ନାଏକ, ଗୌନ୍ତିଆ, କୁରୁଲ**



"ନୂଆଁଖାଇ ପାଳନ କରିବା ପୂର୍ବରୁ ଯେଉଁ ମାହୋଲ ଗାଁରେ ତିଆରି ହୋଇଥାଏ ତାହା ବାସ୍ତବିକ ନୂଆଁଖାଇକୁ ଆହୁରି ପ୍ରାସଙ୍ଗିକ କରିଦିଏ । କୁରୁଲ ଗାଁରେ ଛୋଟରୁ ବଡ ସମସ୍ତେ ସ୍ନେହଶୀଳ ଭାବ ପ୍ରଦର୍ଶନ କରନ୍ତି । ନୂଆଁଖାଇ ବାସ୍ତବିକ ଏକ ଏକାତ୍ମ ବାର୍ତ୍ତା ଦିଏ ।

**-ଦିଗାମ୍ବର ନାଏକ, ଶିକ୍ଷକ, କୁରୁଲ**



"ନୂଆଁଖାଇ ତିହାର ପାଇଁ ପରିବାରର ସମସ୍ତେ ମିଶି ମଜାମଜଲିସ କରିଥାଉଁ। ଖାଇବା ସମୟ ବେଶ୍ ଭଲ ଲାଗିଥାଏ। ସାଙ୍ଗମାନେ ସେଦିନ ବିଭିନ୍ନ ଲୋକଙ୍କ ଘରକୁ ଯାଇ ଜୁହାର ଭେଟ୍ ହୋଇଥାଉଁ ।

**-ଉର୍ମିଳା ସେଠ, ଛାତ୍ରୀ, କୁରୁଲ**



"ନୂଆଁଖାଇ ତିହାର ପାରସ୍ପରିକ ସହଯୋଗର ତିହାର। ମତାନ୍ତର, ମନାନ୍ତର ଭୁଲି ସମସ୍ତେ ସ୍ନେହଶ୍ରଦ୍ଧାରେ ଏକାକାର ହେଉଥିବାରୁ ଖୁବ ଭଲ ଲାଗେ । ଗୁରୁଜନ, ମହିଳାମାନଙ୍କୁ ସମ୍ମାନ ମିଳିଥାଏ।

**-ସୁବର୍ଣ୍ଣ ପଟେଲ, ଗୃହୁଣୀ, କୁରୁଲ**



କୁରୁଲ ଗାଁର ସ୍ନେହଲତା ପଟେଲ ନୂଆଁଖାଇ ପାଇଁ ଘନାହାଣ୍ଡିରେ ମୁଗ ଭାଜୁଛନ୍ତି ।

## ଖପ୍ରାଖୋଲ ଉତ୍ସବ ମୁଖର

**ଖପ୍ରାଖୋଲ,୧୩।୯(ଡି.ଏନ୍.ଏ.)**

ଆଜି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏନେଇ ଖପ୍ରାଖୋଲ ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। କୃଷିଭିତ୍ତିକ ଏହି ପର୍ବ ଭାଇଚାରା, ଏକତାର ପ୍ରତୀକ ହୋଇଥିବା ବେଳେ ଦୂରଦୁରାନ୍ତରୁ ପରିବାର ସହିତ ଗୋଟିଏ ସ୍ଥାନରେ ନୂଆଁଖାଇବା ପାଇଁ ଫେରି ଆସିଥାନ୍ତି ପ୍ରବାସୀମାନେ। ଏନେଇ ଗୁରୁବାର ବସ୍‌ଷ୍ଟାଣ୍ଡରେ ଭିଡ଼ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁସାରେ ନିଜ ବନ୍ଧୁ, ମୈତ୍ର ପରିବାର ମଧ୍ୟରେ ଚାଉଳ, ମୁଗ, ପନିପରିବା ସହ ନୂଆଁ ଲୁଗା ଦେବା ନେବା(ତିହାରି) ଆଜି ବି' ଗାଁରେ ରହିଛି। ଏହା ଗ୍ରାମ୍ୟ ଜୀବନର ଏକତା, ଭାଇଚାରା, ସଦ୍‌ଭାବନାର ଉଦାହରଣ। ନୂଆଁଖାଇ ୧୫ ଦିନ ଆଗରୁ ପ୍ରସ୍ତୁତି ଚାଲିଥିଲେ ମଧ୍ୟ ନୂଆଁଖାଇ ଦିନକ ଆଗରୁ ତିହାରି ବଜାର ବସୁଥିବା ବେଳେ ପନିପରିବା, ଘରକରଣା ଜିନିଷ ସହ ନୂଆଁ ଧାନ ପାଇଁ ବଜାରରେ ଭିଡ ପରିଲକ୍ଷିତ ହୋଇଥିଲା। ଆବଶ୍ୟକତାକୁ ଦେଖି ପନିପରିବା ଦର ମଧ୍ୟ ଆକାଶଛୁଆଁ ରହିଥିଲା। ହେଲେ ଲୋକେ ପନିପରିବା, ଘରକରଣା ଜିନିଷ ଉତ୍ସାହର ସହ କିଣି ନେଉଥିବା ଦେଖିବାକୁ ମିଳିଥିଲା।

## ବର୍ଷା ଅଭାବ: ନୂଆଁଖାଇ ଖୁସି ଉଭାନ

**ଟିକ୍ରାପଡ଼ା(ଡି.ଏନ୍.ଏ.):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଶୁକ୍ରବାର ପାଳିତ ହେଉଥିବା ବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବଲାଙ୍ଗୀର ଜିଲା ସଇନ୍ତଳା ବ୍ଲକ ଟିକ୍ରାପଡ଼ା, ଜୁରାବନ୍ଧ, ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଞ୍ଚଳରେ ଲୋକଙ୍କ ମନରୁ ନୂଆଁଖାଇ ଖୁସି ଉଭାନ ହୋଇଯାଇଛି। ବର୍ଷା ଅଭାବ ଫଳରେ ବିଲମାନଙ୍କରେ ପାଣି ଟୋପାଏ ନାହିଁ। ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଜିଲାରେ ମାତ୍ର ୨ ପ୍ରତିଶତ ଜମି ଜଳସେଚିତ ରହିଥିବା ବେଳେ ଅଣ ଜଳସେଚିତ ଜମିକୁ ପାଣି ଯୋଗାଇଦେବାକୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେବେ ପରମ୍ପରା ରକ୍ଷା କରିବାକୁ ଯାଇ ଯେନତେନ ପ୍ରକାରେ ନୂଆଁଖାଇ ପାଳନ କରିବାକୁ ଲୋକେ ମନସ୍ଥ କରିଥିବା ଜଣାପଡିଛି।



ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ତୁଷୁରା ମାରୱାଡ଼ି ମହିଳା ସମିତି ପକ୍ଷରୁ ଗୁରୁବାର ଏକ ନିମ୍ବ ଗଛକୁ ଗଣେଶଙ୍କ ପ୍ରତିକୃତି ଭାବେ ପୂଜା କରାଯାଇଛି।

# ନୂଆ ଅନ୍ନ, ନବଜୀବନ ପର୍ବ

ଭାରତୀୟ ଜନଜୀବନରେ ନୂଆ ଅନ୍ନକୁ ପୂଜା କରିବାର ଭିନ୍ନ ବିଧି ରହିଛି । ନୂଆ ଫସଲ ଅମଳ ହେବା ପରେ ବିଭିନ୍ନ ପ୍ରକାର ଉତ୍ସବ, ପ୍ରଥା, ପରମ୍ପରା ଆମ ସାମାଜିକ ସଂସ୍କୃତି ସହ କେଉଁ କାଳରୁ ଯୋଡି ହୋଇଆସିଛି । ତେବେ ସମଗ୍ର ପଶ୍ଚିମ ଓଡ଼ିଶାର ବିସ୍ତୃତ ଅଞ୍ଚଳରେ ପାଳନ କରାଯାଉଥିବା ନୂଆଁଖାଇ ତିହାରର ସ୍ୱାତନ୍ତ୍ରତା ରହିଛି। ଅତୀବ ଉତ୍ସାହର ସହ ଗ୍ରାମ, ଜନପଦ, ପୁରପଲ୍ଲୀରେ ନୂଆଁଖାଇ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଆସୁଛି। ନୂଆଁଖାଇକୁ ଏକ କୃଷିଭିତ୍ତିକ ପର୍ବ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ଏକ ଗଣପର୍ବ ଭାବେ କେଉଁ ଯୁଗରୁ ମାନ୍ୟତା ପାଇଛି। କିଛି ବର୍ଷ ପୂର୍ବରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଭିନ୍ନ ଭିନ୍ନ ଦିନ ନୂଆଁଖାଇ ପାଳନ କରାଯାଉଥିଲା । ପ୍ରଥମେ ଗ୍ରାମ, ସହରସ୍ଥିତ ଇଷ୍ଟଦେବାଦେବୀ ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହେଉଥିଲା। ପରେ ଗଡଜାତ ସମୟରେ ରାଜଉଆସରୁ ରାଜପୁରୋହିତମାନେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରି ଡିଙ୍ଗୁରା ପିଟାଇ ଜନସାଧାରଣଙ୍କୁ ନୂଆଁଖାଇ ତିଥି, ଲଗ୍ନ ସମ୍ପର୍କରେ ଜଣାଇଦେଉଥିଲେ। ପଶ୍ଚିମ ଓଡ଼ିଶାର ବିଶେଷକରି ସମଲେଶ୍ୱରୀ, ପାଟଣେଶ୍ୱରୀ, ସୁରେଶ୍ୱରୀ, ମାଣିକେଶ୍ୱରୀ ଓ ଅନ୍ୟାନ୍ୟ ଇଷ୍ଟଦେବୀ ମନ୍ଦିରରେ ଏବେ ମଧ୍ୟ ଲଗ୍ନ ଧାର୍ଯ୍ୟ କରାଯାଇ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି । ତେବେ ବେଶ୍ କିଛି ବର୍ଷ ହେଲା ସମଗ୍ର ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳରେ ଗୋଟିଏ ଦିନ ଅର୍ଥାତ୍ ଭାଦ୍ରବ ଶୁକ୍ଳ ପଞ୍ଚମୀରେ ନୂଆଁଖାଇ ଉତ୍ସାହର ସହ ପାଳନ କରାଯାଉଛି । ଏଭଳି ନିଷ୍ପତ୍ତି ଦ୍ୱାରା ସମଗ୍ର ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଭାଇଚାରା ଓ ଏକାତ୍ମ ଭାବର ତିହାର ଭାବେ ନୂଆ ଦିଗନ୍ତ ସୃଷ୍ଟି କରିଛି। ସାଧାରଣ ଭାବେ ଆଲୋଚନା କଲେ ନୂଆଁଖାଇ ଏକ ପାରିବାରିକ ଶୃଙ୍ଖଳାର ପର୍ବ । ସାମ୍ପ୍ରତିକ ସମୟରେ ବିଭିନ୍ନ କାରଣରୁ ଯୁଗ୍ମ ପରିବାରଗୁଡିକ ଭାଙ୍ଗିଯାଇ ଅତ୍ୟନ୍ତ ଛୋଟ ପରିବାର ହୋଇଯାଇଛି । କର୍ମବ୍ୟସ୍ତତା ଏବଂ ପରଦେଶକୁ ଯାଇ ଚାକିରି କରିବା ଏବେ ସାଧାରଣ କଥା ହୋଇଯାଇଥିବାରୁ ମୂଳ ପରିବାରକୁ ଫେରିବା ଏକ ପ୍ରକାର କଷ୍ଟ ହେଉଛି। ଏଭଳି ସମୟରେ ନୂଆଁଖାଇ ତିହାର ସାମାଜିକ ଏକାକାର, ଭାଇଚାର ଓ ପାରିପାରିକ ଶୃଙ୍ଖଳାର ଏକ ଅଭିନ୍ନ ବନ୍ଧନ ଭାବେ ସାମାଜିକ ଦାୟିତ୍ୱ ନିଭାଇ ଆସୁଛି। ଯିଏ ଯେତିକି ଦୂରଦୂରାନ୍ତରରେ, କର୍ମଜଞ୍ଜାଳରେ ବ୍ୟସ୍ତ ଥିଲେ ବି ନୂଆଁଖାଇ ତିହାର ଆସିବା ପରେ ନିଜ ପରିବାର ସଦସ୍ୟ, ନିଜ ଗାଁକୁ ଫେରି ଏକାତ୍ମ ହେବାର ଏକ ଭିନ୍ନ ଭାବାବେଗରେ ଶିହରିତ ହେଉଛନ୍ତି। ନୂଆଖାଇ ସାମାଜିକ ବନ୍ଧନ ଓ ଯୁଗ୍ମଜୀବନର ମହନୀୟ ବାର୍ତ୍ତାକୁ ଆଜି ବି ପ୍ରଚାର କରିଆସିଛି। ନୂଆଁଖାଇର ପ୍ରାୟ ଏକ ସପ୍ତାହ ଆଗରୁ ସମଗ୍ର ପଶ୍ଚିମ ଓଡ଼ିଶାର ଗାଁ ଗହଳି, ନଗର ଜନପଦରେ ନୂଆ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥାଏ। ନୂଆଁଖାଇ ପ୍ରସ୍ତୁତି ପାଇଁ ସମସ୍ତ ଲାଗିପଡନ୍ତି । ନୂଆଖାଇ ଦିନ ଭୋର ସକାଳୁ ମହିଳାମାନେ ଦେବୀଦେବାଙ୍କୁ ପୂଜାବିଧିରେ ଲାଗିପଡନ୍ତି। ପୁରୁଷମାନେ ଇଷ୍ଟଙ୍କୁ ପୂଜା ସହ ପିତୃଶ୍ରାଦ୍ଧ କର୍ମ, କ୍ଷେତପୂଜା, ଗୁହାଳ ପୂଜା ସହ ଭିନ୍ନ ଭିନ୍ନ ପରିବାରରେ କର୍ମ ସଂସ୍କୃତି ଅନୁଯାୟୀ ପୂଜା କରିଥାନ୍ତି। ଗାଁ ସହରରେ ସର୍ବପ୍ରଥମେ ଗ୍ରାମ ଇଷ୍ଟ ଦେବୀଦେବଙ୍କଠାରେ ନୂଆଁକୁଣ୍ଡାରେ ପ୍ରସ୍ତୁତ ନୂଆଚୁରା ଲଗାଯାଏ । ପୂଜାବିଧି ସମ୍ପନ୍ନ ପରେ ଗାଁର ଘରେ ଘରେ ପୂଜା କରାଯାଇ ଏହି ଅବସରରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ, ପିଠାପଣା ଖିଆପିଆ କରାଯାଏ। ପରେ ପରିବାର ଲୋକଙ୍କ ବଡରୁ ସାନକ୍ରମେ ମୁଣ୍ଡିଆ ମାରନ୍ତି । ଏପରି କି ଗାଁରେ ସାମୂହିତ ଜୁହାର ଭେଟ୍ କାର୍ଯ୍ୟକ୍ରମ ଗାଁକୁ ଏକାକାର କରିଦିଏ। ଏହିଦିନ ସମସ୍ତେ ପୂର୍ବର ମତାନ୍ତର, ମନାନ୍ତରକୁ ସହଜରେ ଭୁଲାଇ ଦେଇ ଏକାତ୍ମ ଓ ଭାଇଚାରର ନୂଆ ବାର୍ତ୍ତା ଦିଅନ୍ତି। ବାସ୍ତବରେ ନୂଆଁଖାଇ ତିହାରର ଏଭଳି ମହନୀୟ ବାର୍ତ୍ତା ଏବେ ଦେଶବିଦେଶକୁ ବ୍ୟାପୀ ସାରିଛି। ଚାରିଆଡେ ନୂଆଁଖାଇ ଭେଟ୍‌ଘାଟ୍ କରାଯାଇ ଏହି ମହାନ ପର୍ବକୁ ପାଳନ କରିବା ବେଳେ ସମସ୍ତେ ନୂଆ ଉତ୍ସାହ ଓ ନବଜୀବନବୋଧ ଅନୁଭବ କରୁଛନ୍ତି।

**ରିପୋର୍ଟ – ବୀରେନ୍ଦ୍ର କୁମାର ଝାଙ୍କର**

## ଅଙ୍ଗ ନଦୀରେ ମାତିଛନ୍ତି ବାଲି ବ୍ୟବସାୟୀ

**ପଦ୍ମପୁର, ୧୩।୯ (ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ନିକଟ ଅଙ୍ଗ ନଦୀରୁ ପାଣି ନ ଛାଡୁଣୁ ବାଲି ମାଫିଆମାନେ ବାଲି ନେବା ଆରମ୍ଭ କରିଦେଲେଣି । ପଦ୍ମପୁର ଅନ୍ତର୍ଗତ ଲଖମରା, ଜଗଦଲପୁର, ଗୁକୁଲିପାହାଡ ଆଦି ଅଞ୍ଚଳର ଶହ ଶହ ଗାଡିରେ ଛତିଶଗଡକୁ ବାଲି ଚାଲାଣ ହେଉଛି । ବିନା ଲିଜ୍‌ରେ ନଦୀର ଅତି ଗଭୀରକୁ ଏବଂ ନିର୍ଦ୍ଦିଷ୍ଟ ଏରିଆ ବାହାରୁ ବାଲି ଖନନ କରାଯାଉଛି। ସ୍ଥାନୀୟ କେତେକ ନ୍ୟସ୍ତ ସ୍ୱାର୍ଥ ଲୋକ ଟ୍ରାକ୍ଟର ପିଛା ୫ଶହ ଏବଂ ଡମ୍ପର ପିଛା ୨ହଜାର ଟଙ୍କା ଆଦାୟ କରୁଛନ୍ତି । ଅଙ୍ଗ ନଦୀର ୫ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ ଚାଲିଛି। ଏ ସମ୍ପର୍କରେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାରଙ୍କୁ ପଚରାଯିବାରୁ ସେ କହିଲେ, ବାଲି ଚୋରା ଚାଲାଣ ରୋକିବା ପାଇଁ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ନିକଟରେ ପଦ୍ମପୁର ତହସିଲର ଏକ ଟିମ୍ ଚଢ଼ାଉ କରି ଛତିଶଗଡକୁ ଚାଲାଣ ହେଉଥିବା ନମ୍ବର ବିହୀନ ୬ଟି ଟ୍ରାକ୍ଟରଠାରୁ ୭୨ ହଜାର ଟଙ୍କା ଅସୁଲି ହୋଇଛି ବୋଲି କହିଥିଲେ ।

## ଫଟୋରେ ଖବର







ବଲାଙ୍ଗୀର ଗୋପାଳଜୀ ମନ୍ଦିରଠାରେ ପୂଜା କମିଟି ପକ୍ଷରୁ ପ୍ଲାଷ୍ଟିକ୍ ଚାମଚ୍‌ରେ ତିଆରି ହୋଇଥିବା ମନ୍ଦିର ସୁଉଚ୍ଚ ଗଣେଶ ମୂର୍ତ୍ତି (ବାମ)। ବଲାଙ୍ଗୀର ହସ୍ପିଟାଲ ରୋଡଠାରେ ଟେରାକୋଟା ଶୈଳୀରେ ତିଆରି ହୋଇଥିବା ଗଣେଶ ପ୍ରତିମୂର୍ତ୍ତି (ମଝି)। ବଲାଙ୍ଗୀର ରାଧାରାଣୀପଡାଠାରେ କେଶରରେ ତିଆରି ହୋଇଥିବା ଗଣେଶଙ୍କ ପ୍ରତିମୂର୍ତ୍ତି।

## ସଂକ୍ଷେପରେ

### ପ୍ରତାରଣା କରି ବିବାହିତ ପ୍ରେମିକ ଜେଲ ଗଲେ

ଭବାନୀପାଟଣା,୧୩।୯(ଡି.ଏନ.ଏ.)
ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପରିଆ ଗ୍ରାମର ଜଣେ ବିବାହିତ ଯୁବକ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ପରେ ପ୍ରତାରଣ କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ହେଲେ ପରିଆ ଗ୍ରାମର ଗୁଣନିଧୀ ଶବର । ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।
ପରିଆ ଗ୍ରାମର ଜଣେ ବିବାହିତ ଯୁବକ ଗୁଣନିଧୀ ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଗତ ୨୦୧୮ ମେ ୧୨ ତାରିଖରେ ଉଭୟ ଗାଁରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତା ଯୁବତୀଙ୍କୁ ସାଙ୍ଗରେ ନେଇ ଗୁଣନିଧୀ ଗୁଜୁରାଟ ଚାଲିଯାଇଥିଲା। ସେଠାରୁ ଫେରି ଗୁଣନିଧୀ କେସିଙ୍ଗା ନିକଟସ୍ଥ ବ୍ରାହ୍ମଣୀ ଗାଁରେ ତାଙ୍କୁ ରଖିଥିଲେ। ପରେ ସମ୍ପୃକ୍ତା ଯୁବତୀଙ୍କୁ ଏକୁଟିଆ ଛାଡି ଗତ ୩୦ ତାରିଖରେ ଗୁଣନିଧୀ ଚାଲିଯାଇଥିଲା। ଗୁଣନିଧୀ ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେବା ସହ ପ୍ରତାରିତ କରିଥିଲା। ଏ ସମ୍ପର୍କରେ ସମ୍ପୃକ୍ତା ଯୁବତୀ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସଦର ଥାନା ପୋଲିସ ଅନୁସନ୍ଧାନ କରି ବୁଧବାର ପ୍ରତାରଣା କରିଥିବା ବିବାହିତ ପ୍ରେମିକ ଗୁଣନିଧୀଙ୍କୁ ପରିଆ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗୁଣନିଧୀ ଜଣେ ବିବାହିତ ଏବଂ ତାଙ୍କ ଗୋଟିଏ ଝିଅ ଅଛି।



### ଗଣେଶପୂଜାରେ ବିପଞ୍ଚି ଉନ୍ମୋଚିତ

ରିଷିଡା,୧୩।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଷ ପୂଜା ଉପଲକ୍ଷେ ସାହିତ୍ୟ ପତ୍ରିକା ବିପଞ୍ଚି ଉନ୍ମୋଚିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନଶିକ୍ଷକ ଦିଲୀପ କୁମାର ରଣା ପତ୍ରିକାକୁ ଉନ୍ମୋଚନ କରିଥିଲେ। ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବିଭିନ୍ନ ସ୍ଥାନରେ ଗଣେଶପୂଜା

ରିଷିଡା,୧୩।୯(ଡି.ଏନ.ଏ.)
ରିଷିଡାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଠାରେ ୧୦ଟି ସ୍ଥାନରେ ପୂଜା ମଣ୍ଡପ କରାଯାଇ ପୂଜା କରାଯାଉଛି । ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନରେ ବିନାୟକଙ୍କ ପୂଜା କରାଯାଉଛି । ଏହି ସ୍ଥାନରେ ରାତ୍ରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେଉଛି । ଆସନ୍ତା ଶୁକ୍ରବାର ନୂଆଁଖାଇ ଥିବାରୁ ଏହି ପୂଜା ଆଡମ୍ବର ସହକାରେ ପାଳନ କରାଯାଉଛି ।





ନୂଆଁଖାଇ ପାଇଁ ଜୁନାଗଡ ସହରରେ ଭିଡ (ବାମ)। ବଜାରରେ ନୂଆଁଧାନ ବିକ୍ରି ହେଉଛି।

# ଗାଁ ନୁ ସହର ସବୁଠାନେ ତିହାରିଆ ମାହୋଲ

ଜୁନାଗଡ,୧୩।୯(ଡି.ଏନ.ଏ.)

**ଆଏଜ୍ ନୂଆଁଖାଇ**

ଆଏଜ୍ ପଶ୍ଚିମ ଓଡିଶାର ଗଣପରବ ନୂଆଁଖାଇ। ସେଥିର ଲାଗି ଗାଁ ନୁ ସହର ସବୁଠାନେ ତିହାରିଆ ମାହୋଲ। ହାଟ, ବାଟ, ମନ୍ଦିର, ପୋଖରୀତୁଠ, ଘର ଦ୍ୱାର ସବୁ ଆଡେ ନୂଆଁଖାଇର ଝଲକ। ଇତିମଧ୍ୟରେ ଗୃହିଣୀମାନେ ଘରର ସମସ୍ତ ଜିନିଷ ଟେକାରଖା, ସଫା ସୁତୁରା କରିସାରି ନୂଆଁଖାଇ ପାଇଁ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଗୃହ କର୍ତ୍ତାମାନେ ବଜାର ସଉଦା ସବୁ କିଣିସାରିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ ଅଞ୍ଚଳର ଲୋକେ ଏଥର ଆନନ୍ଦ ଓ ଉତ୍ସାହର ସହ ନୂଆଁଖାଇ ପର୍ବ ପାଳନ ପ୍ରସ୍ତୁତିରେ ଲାଗିପଡିଛନ୍ତି। ବାରମ୍ବାର ଲଘୁଚାପଜନିତ ଲଗାଣ ବର୍ଷା ଓ ହାତୀ ନଦୀ ବଢି ଯୋଗୁ ଚଳିତବର୍ଷ ଧାନଚାଷ ବିଳମ୍ବ ହୋଇଛି। ଫଳରେ ଜୁନାଗଡ ବ୍ଲକ ଅଞ୍ଚଳରେ ନୂଆଁଖାଇ ପାଇଁ ସବୁଠି ନୂଆଧାନ ମିଳୁନାହିଁ। କେବଳ ପାହାଡିଆ ଅଞ୍ଚଳରେ ନୂଆଁଧାନ ମିଳୁଛି। ଫଳରେ ନବାର୍ଣ୍ଣ ଭୋଗ ଲଗାଇବା ସକାସେ ଲୋକେ ବିଭିନ୍ନ ହାଟବଜାରକୁ ଯାଇ ନୂଆଁଧାନ କିଣିବାକୁ ବାଧ ହେଉଛନ୍ତି । ଗୋଟିଏ ଲେଖାଏଁ ଧାନ କେଣ୍ଡା ବିଭିନ୍ନ ହାଟରେ ୧୦ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ନବାର୍ଣ୍ଣ ଭୋଗ ଲଗାଇବା ଲାଗି ସରଗି, କଦଳୀ, କୁରେଇ, ସାରୁ, ଭଲିଆ, ମହୁଲ, ପଣସ, ଶିଆଳ ଆଦିପତ୍ର ବିଡା ଗତଥର ୫ଟଙ୍କା ଥିବା ବେଳେ ଏଥର ୧୦ ଟଙ୍କାରେ ବିକ୍ରି ହେଉଛି । ହାଟରେ ଯେଉଁ ନୂଆହାଣ୍ଡି ଆଗରେ ୧୦ ଟଙ୍କାରେ ମିଳୁଥିଲା ଏଥର ତାହା ୨୦ ଟଙ୍କାରେ ବିକ୍ରି ହେଉଛି । ଏ ଅଞ୍ଚଳରେ ଥିବା ସାପ୍ତାହିକ ହାଟ ମାନଙ୍କରେ ନୂଆଁଖାଇ ସକାସେ ପ୍ରବଳ ଭିଡ ହୋଇଥିବା ଦେଖିବାକୁ ମିଳିଥିଲା । ନବାର୍ଣ୍ଣ ଭକ୍ଷଣ ପାଇଁ ନୂଆଁ ଦନା, ନୂଆମାଟି ହାଣ୍ଡି, ନୂଆଧାନ ବିକ୍ରେତାଙ୍କ ପାଖରେ ଅଧିକ ଭିଡ ରହିଥିଲା । ଚାଷୀ ଅମଳ କରିଥିବା ନୂଆଧାନକୁ ନୂଆଖାଇରେ ଇଷ୍ଟଦେବୀଙ୍କ ପାଖରେ ଅର୍ପଣ କରିବା ପରେ ନିଜେ ନୂଆଁ ଅର୍ଣ୍ଣ ଗ୍ରହଣ କରିଥାନ୍ତି । ଏପରିକି ଆକାଶ ଛୁଆଁ ପରିସ୍ଥିତି ସର୍ତ୍ତେ ବି ଲୋକେ ପରମ୍ପରାର ରକ୍ଷାଲାଗି ବାଧ ହୋଇ ଚଢାଦର ଦେଇ ବିଭିନ୍ନ ଜିନିଷ କିଣୁଥିବା ଦେଖିବାକୁ ମିଳିଛି । ତେବେ ଏ ସବୁକୁ ଖାତିର ନକରି ଏହି ଅଞ୍ଚଳର ଲୋକେ ନୂଆଁଖାଇ ପାଇଁ ପ୍ରସ୍ତୁତି କରିସାରିଛନ୍ତି । ଏପଟେ ଜିଲା ତଥା ରାଜ୍ୟ ବାହାରେ ରହୁଥିବା ସଦସ୍ୟ ମାନେ ମଧ୍ୟ ଖୁସିରେ ପରିବାର ସହ ନୁଆଁଖାଇ ପାଳନ କରିବା ପାଇଁ ଘରକୁ ଆସୁଥିବା ଦେଖିବାକୁ ମିଳୁଛି। ଯେତେ ଅଭାବ ଅସୁବିଧା ଥିଲେ ବି ଧାର ଉଧାର କରି ଇବଛର ନୁଆଖାଇଁ ତିଆର କେ ପାଳନ କରମୁ ବୋଲି ଅଞ୍ଚଳବାସୀ କହୁଛନ୍ତି। ସାମାଜିକ ଭାଇଚାରା, ଜୁହାର ଭେଟ୍ ପରମ୍ପରାର ଏହି ନୁଆଁଖାଇ ପର୍ବ ଅଞ୍ଚଳବାସୀଙ୍କ ପାଇଁ ପାଳିବା ଚଳିତ ବର୍ଷ ପାଇଁ କଷ୍ଟସାଧ ହେଉଥିଲେ ମଧ୍ୟ ଆଗ୍ରହ କମି ନ ଥିବା ପରିଲକ୍ଷିତ ହେଉଛି ।

# କଳାହାଣ୍ଡିରେ ନୂଆଁଖାଇର ଏକ ଭିନ୍ନ ପରମ୍ପରା

ଭବାନୀପାଟଣା,୧୩।୯(ଡି.ଏନ.ଏ.)

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କଳାହାଣ୍ଡି ଜିଲାର କେତେକ ଅଞ୍ଚଳରେ ହର୍ଷୋଲ୍ଲାସରେ ପାଳିତ ହୋଇଯାଇଛି । ପଶ୍ଚିମ ଓଡିଶାରେ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପାଳିତ ହେଉଥିବା ବେଳେ କଳାହାଣ୍ଡି ଜିଲାରେ କୌଣସି ନିର୍ଦ୍ଦିଷ୍ଟ ତିଥିରେ ସମଗ୍ର ଜିଲାରେ ନୂଆଁଖାଇ ପାଳିତ ହୋଇ ନ ଥାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରତିପଦାରୁ ଆରମ୍ଭ କରି ଆଶ୍ୱିନ ମାସ ବିଜୟା ଦଶମୀ ତିଥିରେ ଭିନ୍ନ ଭିନ୍ନ ଅଞ୍ଚଳରେ ସ୍ଥାନୀୟ ପରମ୍ପରା ଅନୁଯାୟୀ ଭିନ୍ନ ତିଥିରେ ନୂଆଖାଇ ପାଳିତ ହୋଇଥାଏ । ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ପଥର୍ଲାରେ ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ନୂଆଁଖାଇ ପାଳିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଜୁନାଗଡ, କଳମପୁର, କୋକସରା, ଧର୍ମଗଡ, ଗୋଲାମୁଣ୍ଡା, ନର୍ଲା, କେସିଙ୍ଗା ଓ କର୍ଲାମୁଣ୍ଡା ଅଞ୍ଚଳରେ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି । ଚଳିତବର୍ଷ ପାଗ ଭଲ ଥିବାରୁ ନୂଆଁଖାଇ ପର୍ବ ବିଭିନ୍ନ ପିଠା ପଣା ତିଆର କରି ନୂଆ ବସ୍ତ୍ର ପରିଧାନ କରି ଏକା ସାଙ୍ଗରେ ପରିବାର ଲୋକ ନୂଆଁ ଖାଇଥିଲେ । ଏହା ପରେ ଇଷ୍ଟଦେବୀଙ୍କୁ ପ୍ରଣାମ ଜଣାଇ ଆଶୀର୍ବାଦ ଭୀକ୍ଷା କରିବା ସହ ଘର ଘର ବୁଲି ବୟୋଜ୍ୟେଷ୍ଠଙ୍କୁ ଜୁହାର କରିଥାନ୍ତି । ନୂଆଁଖାଇ ଉପଲକ୍ଷେ ଘୁମୁରା ବାଦ୍ୟ ଯନ୍ତ୍ରକୁ ପୂଜାର୍ଚ୍ଚନା କରି ଘୁମୁରା ଦଳଗୁଡିକ ଘୁମୁରା ବଜାଇ ଗ୍ରାମ ପରିକ୍ରମା କରିଥିଲେ । କେତେକ ଗ୍ରାମରେ ନୂଆଁଖାଇ ଭେଟଘାଟ ମଧ୍ୟ ଆୟୋଜିତ ହେବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ସୂଚନାଯୋଗ୍ୟ ଯେ ଭାଦ୍ରବ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ମ.ରାମପୁର ଡୋକରୀ ଦେବୀଙ୍କଠାରେ ନୂଆ ଭୋଗ ଅର୍ପଣ କରି ମ.ରାମପୁର ଅଞ୍ଚଳବାସୀ ନୂଆଁଖାଇ ପାଳନ କରିଥିଲେ । ସେହିପରି ଭାଦ୍ରବମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ କେସିଙ୍ଗା ବ୍ଲକ୍ ଉତ୍କେଲା ଅଞ୍ଚଳରେ ନୂଆଁଖାଇ ପାଳିତ ହୋଇଥିଲା । ପରମ୍ପରା ଅନୁଯାୟୀ କଳାହାଣ୍ଡି ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କଠାରେ ଆସନ୍ତା ୧୯ ତାରିଖ ବୁଧବାର ନବାନ୍ନ ଭୋଗ ଅର୍ପଣ କରାଯାଇ ଭବାନୀପାଟଣା ସହରବାସୀ ସମେତ ଆଖପାଖ ଅଞ୍ଚଳ, କଳାହାଣ୍ଡି ଗଡଜାତ ଜମିଦାରୀ ଅଞ୍ଚଳ ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା, ମହୁଲପାଟଣା, କର୍ଲାପାଟ ଅଞ୍ଚଳରେ ନୂଆଁଖାଇ ପାଳିତ ହେବ । ଏହାଛଡା ପରମ୍ପରା ଅନୁଯାଇ ଆଶ୍ୱିନ ମାସ ଶୁକ୍ଳପକ୍ଷ ନବମୀ ତିଥରେ ମା' ମାଣିକେଶ୍ୱରୀଙ୍କ ପବିତ୍ର ଛତରଯାତ୍ରା ଦିନ ବୁଢାରାଜା ମନ୍ଦିରରେ ନବାନ୍ନ ଭୋଗ ଲାଗି କରି କଳାହାଣ୍ଡି ରାଜପରିବାର ନୂଆଁ ଖାଇବେ । ସର୍ବୋପରି ଏହିସବୁ ତିଥିରେ କୌଣସି କାରଣରୁ ନବାନ୍ନ ଗ୍ରହଣ କରି ନ ଥିବା ପରିବାର ବିଜୟା ଦଶମୀ ତିଥିରେ ନବାନ୍ନ ଗ୍ରହଣ କିରବା ପରମ୍ପରା ରହି ଆସିଛି ।

# ୩୮ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଜୁନାଗଡ,୧୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ପଞ୍ଚାୟତରେ ବୁଧବାର ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି, ଭାରପ୍ରାପ୍ତ ବିଏସଏସଓ ସୁମନ୍ତ ମାଝି, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନେତ୍ରାନନ୍ଦ ସାହୁ, ଜିଆରଏସ ଆଶୁତୋଷ ପଣ୍ଡା, ୟୁଥ୍ ସାନ୍ତନୁ ବଣିଆ, ସମିତିସଭ୍ୟା ମେନକା କରଙ୍କ ସମେତ ସ୍ଥାନୀୟ ୱାର୍ଡ ସଦସ୍ୟମାନେ ଯୋଗଦେଇ ପଞ୍ଚାୟତର ୩୮ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ଯେଉଁ ହିତାଧିକାରୀମାନେ ବିଛଣାରେ ପଡିଥିଲେ ସେହି ହିତାଧିକାରୀଙ୍କୁ ସରପଞ୍ଚ ଅଜୟ ବେହେରା ଘରକୁ ଯାଇ ଭତ୍ତା ପ୍ରଦାନ କରିଥିଲେ।



ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

## ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶୋକ ସଭା

ଭବାନୀପାଟଣା,୧୩।୯(ଡି.ଏନ.ଏ.)

କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘ ୫ ଖାରବେଳ ନଗର ଭୁବନେଶ୍ୱର ତରଫରୁ ଉପ ସଭାପତି ସୁବାଶ ଚନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ ପୂର୍ବତନ ସାଧାରଣ ସମ୍ପାଦକ ଶତୃଘନ ପ୍ରଧାନଙ୍କ ବିୟୋଗରେ ଗୁରୁବାର ପୁରୁଣାପଡାସ୍ଥିତ ଶତୃଘନ ପ୍ରଧାନଙ୍କ ଭବନରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ସୁଧିର କୁମାର ରଥ ସଭାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଜିଲା ସଂଘ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ପ୍ରଧାନ ଓ ଚକ୍ରଧର ମିଶ୍ର ଯୋଗଦାନ କରି ସ୍ୱର୍ଗତ ପ୍ରଧାନଙ୍କ ସଙ୍ଗଠାନିକ ଦକ୍ଷତା ଓ ପ୍ରାଥମିକ ଶିକ୍ଷକ ସମାଜ ପାଇଁ କରିଯାଇଥିବା କାର୍ଯ୍ୟ ଓ ଗୁଣାବଳି ବର୍ଣ୍ଣନା କରିଥିଲେ। ଓଡିଶା ରାଜ୍ୟ ପ୍ରାଥମିକ ଶିକ୍ଷକଙ୍କୁ ସରକାରୀ ଶିକ୍ଷକ କରିବା ଦାବି ଉପରେ ସେ ପ୍ରାୟ ୪୯ ଦିନ ଆମରଣ ଅନସନ କରିଥିଲେ। ଶୋକ ସଭାରେ ଅଶୋକ ବାବୁ, ସରତ ଦ୍ୱିବେଦୀ, ରେହେମତଉଲ୍ଲା ଖାଁ, ରମାକାନ୍ତ ଗୋପାଳଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

# ଆଜି ନବାନ୍ନ ଭକ୍ଷଣ, ପୁରପଲ୍ଲୀ ଚଳଚଞ୍ଚଳ



ନୂଆଁଖାଇ ପାଇଁ ଜଣେ ବ୍ୟକ୍ତି କୁରେଇପତ୍ର ସଂଗ୍ରହ କରୁଛନ୍ତି।

ରିଷିଡା,୧୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ଶୁକ୍ରବାର ସକାଳ ୮ଟା ୪୫ ମିନିଟ ରୁ ୯. ୨୦ ମିନିଟ ମଧ୍ୟରେ ନବାନ୍ନ ଭକ୍ଷଣ କରିବେ । ବୁଧବାର ଓ ଗୁରୁବାର ଦୋକାନ ବଜାର ପ୍ରବଳ ଭିଡି ପରିଲକ୍ଷିତ ହୋଇଥିଲା । ନୂଆଁଖାଇ ପାଇଁ ନୂଆଧାନ, କୁରେଇପତ୍ର ସଂଗ୍ରହ କରିସାରିଲେଣି । ନିଜ ଇଷ୍ଟ ଦେବଦେବୀଙ୍କୁ ନୂଆ ଅନ୍ନ ଅର୍ପଣ କରିସାରିବା ପରେ ପରିବାର ସମସ୍ତେ ଏକତ୍ର ବସି ନୂଆ ଅନ୍ନଗ୍ରହଣ କରିବେ । ରିଷିଡା ଓ ତେଲେସିଂହା ଭଳି ଜନବହୁଳ ଅଞ୍ଚଳରେ ନୂଆଖାଇ ଭେଟଘାଟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେବ । ବିଭିନ୍ନ ସମ୍ବଲପୁରୀ ଓ ଲୋକନୃତ୍ୟ ପାଇଁ କଳାକାରମାନେ ସଜବାଜ ହେଲେଣି ।

# ଭବାନୀପାଟଣାରେ ନୂଆଁଖାଇ ପାଇଁ ଜମୁଛି ତିହାର ହାଟ

ଭବାନୀପାଟଣା,୧୩।୯(ଡି.ଏନ.ଏ.)

ଆସନ୍ତା ୧୯ ତାରିଖରେ କଳାହାଣ୍ଡି ଜିଲାର ଭବାନୀପାଟଣା, ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା ଅଞ୍ଚଳରେ ନୂଆଁଖାଇ ଗଣପର୍ବ ପାଳିତ ହେବ। ଏଥିପାଇଁ ଜିଲାର ପୁରପଲ୍ଲୀ ଚଳଚଞ୍ଚଳ ହୋଇଉଠିଛି । ଜିଲାର ବିଭିନ୍ନ ସ୍ଥାନରେ ତିହାରୀ ହାଟରେ ପ୍ରବଳ ଭିଡ ହେଉଛି। ଜିଲାର ଭବାନୀପାଟଣା ସହରରେ ଥିବା ମଙ୍ଗଳବାର ଓ ଶନିବାର ବଜାର, ସାପ୍ତାହିକ ହାଟରେ ପ୍ରବଳ ଭିଡ ହୋଇଥିଲା । ନୂଆଁଖାଇର ପୂର୍ବ ହାଟପାଳିକୁ ତିହାରୀ ହାଟ ବୋଲି କୁହାଯାଏ। ଏଥର ତିହାରୀ ହାଟରେ ପ୍ରାୟ ଦୁଇ କୋଟି ଟଙ୍କାର କାରବାର ହୋଇଛି । ଚଳିତବର୍ଷ ଗୁରୁବାର ନୂଆଁଖାଇ ପଡୁଥିବାରୁ ମଙ୍ଗଳବାର ତିହାରୀ ହାଟ ଥିଲା । ନୂଆଁଖାଇ ପାଇଁ ବିଭିନ୍ନ ପୂଜା ସାମଗ୍ରୀଠାରୁ ଆରମ୍ଭ କରି ନୂଆଁ ଲୁଗା, ଘରୋଇ ଉପକରଣ, ପନିପରିବା କିଣାବିକା ଲାଗି ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ଓ ବେପାରୀଙ୍କ ଭିଡ ଜମିଥିଲା । ଆଦିବାସୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସମ୍ପ୍ରଦାୟର ଲୋକେ ହାଟକୁ ଆସିଥିଲେ । ଅନ୍ୟ ହାଟପାଳିଠାରୁ ଏହି ତିହାରୀ ହାଟପାଳି ସମ୍ପୂର୍ଣ୍ଣ ନିଆରା । ପ୍ରାୟ ଏକରୁ ଦେଢ କି.ମି. ବ୍ୟାପି ଏହି ସାପ୍ତାହିକ ହାଟରେ ନୂଆଁଲୁଗାଠାରୁ ଆରମ୍ଭ କରି ମାଟି ହାଣ୍ଡି, ଖଲିଦନା, ବାଉଁଶ ତିଆରି କୁଲାଟୁପା, ମସଲା ବାଟିବା ପାଇଁ ପଥରର ଶିଳ ଏବଂ ଶିଲ୍ପା ପ୍ରଭୃତିଠାରୁ ଆରମ୍ଭ କରି ଯିଏ ଯାହା ଖୋଜିଲା ହାଟରୁ ପାଇ କିଣିକି ନୂଆଁଖାଇ ପାଇଁ ନିଜ ଘରକୁ ନେଉଥିବା ଦେଖିବାକୁ ମିଳିଥିଲା । ଦୂର ଦୂରାନ୍ତରୁ ବହୁ ବ୍ୟାପାରୀ ମଧ୍ୟ ଲୋକଙ୍କ ଚାହିଦା ମୁତାବକ ଆବଶ୍ୟକ ଜିନିଷ ଆଣି ସେମାନଙ୍କ ପସରା ମେଲିଥିବା ଦେଖିବାକୁ ମିଳିଥିଲା। ଲୋକେ ବାଛିବାଛି ନୂଆଁଖାଇବା ପାଇଁ ଲୁଗା ପଟାଠାରୁ ଆରମ୍ଭ କରି ନୂଆଁଖାଇ ପାଇଁ ଆବଶ୍ୟକ ସାମଗ୍ରୀ କିଣୁଥିବା ଦେଖାଯାଇଥିଲା । ନୂଆଁଖାଇ ପରଦିନ 'ବାସି' ପର୍ବ ପାଳନରେ ମଦ ମାଂସରେ ଲୋକେ ବୁଡିଯାନ୍ତି । ତେଣୁ ଏହି ହାଟରେ ଛେଳି, ମେଣ୍ଢା, କୁକୁଡା ମଧ୍ୟ ବହୁଳ ଭାବେ ବିକ୍ରି ହୋଇଥିଲା। ତେବେ ହାଟରେ ନୂଆଁଧାନ ବିକ୍ରି ହେଉଥିବା ବେଳେ ଏବର୍ଷ ତାହା ମିଳି ନ ଥିଲା । ନୂଆଁଖାଇ ଏକ ପ୍ରଧାନ କୃଷି ଭିତ୍ତିକ ପର୍ବ । ଏହି ପର୍ବ ପୂର୍ବଦିନ ପଡୁଥିବା ତିହାରୀ ହାଟକୁ ସମସ୍ତେ ଅପେକ୍ଷା କରିଥାନ୍ତି । ହାଟରେ ଲୁଗା ଦୋକାନୀମାନେ ବେଶ୍ ଦି ପିସାଇ ଅର୍ଜନ କରନ୍ତି । ପ୍ରାୟ ସବୁ ଦୋକାନୀ ବର୍ଷକର ଲାଭ ଏହି ତିହାରୀ ହାଟରେ ମିଳିଥାଏ ବୋଲି ଏକତ୍ରିତ ହୋଇଥାନ୍ତି ।



ନୂଆଁଖାଇ ପାଇଁ ଭବାନୀପାଟଣା ତିହାର ହାଟରେ ଗ୍ରାହକଙ୍କ ଅପେକ୍ଷାରେ ବ୍ୟବସାୟୀ।

ଟ୍ରାଫିକ, ସହର ମଧ୍ୟରେ ଭାରିଯାନ ଚଳାଚଳ ସମସ୍ୟା ସମାଧାନ ଦାବି

# ଛାତ୍ର ସଙ୍ଗଠନ ପ୍ରଶାସନର ଦ୍ୱାରସ୍ଥ

ଭବାନୀପାଟଣା,୧୩।୯(ଡି.ଏନ.ଏ.)

ଭବାନୀପାଟଣା ସହରର ଟ୍ରାଫିକ ବ୍ୟବସ୍ଥାକୁ କଡକଡି ଭାବେ ଲାଗୁ କରି ସହର ଭିତରେ ଭାରିଯାନ ଚଳାଚଳ ସକାଳ ୮ଟାରୁ ୧୨ଟା ଓ ଅପରାହ୍ନ ୩ଟାରୁ ରାତି ୧୦ଟା ଯାଏଁ ବନ୍ଦ କରିବା ପାଇଁ କଲେଜ ଛାତ୍ରୀଛାତ୍ର ଦାବି କରିଛନ୍ତି। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ଓ ପୂରାତନ ଛାତ୍ର ସଙ୍ଗଠାନ ପକ୍ଷରୁ ଗୁରୁବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋପୀନାଥମଣି ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ସକାଳ ପ୍ରାୟ ୧୦ଟା ବେଳେ ସ୍ଥାନୀୟ ରିଜର୍ଭ ପୋଲିସ ଛକଠାରେ ଶାସ୍ତ୍ରୀଜୀ ବିଦ୍ୟାଳୟ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ପ୍ରାଚି ବନସଲ ଟ୍ରକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସରକାରୀ ମହାବିଦ୍ୟାଳୟର ଜଣେ ଛାତ୍ରୀ ଏକ ଟ୍ରକ ଦୁର୍ଘଟଣାରେ ଏନ୍ଏଚ୍ ୨୬ର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ମୁଖରେ ମୃତ୍ୟୁବରଣ କରିଥିଲେ। ଶହ ଶହ ଟ୍ରକ, ବସ୍, ବେଦାନ୍ତର ମାଲବାହୀ ଟ୍ରକ୍ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ରାସ୍ତା ଖରାପ ହେବା ସହ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କ ଜୀବନପ୍ରତି ଦୁର୍ଘଟଣାର ସମ୍ଭାବନା ରହୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସହର ଭିତରକୁ କୌଣସି ଭାରିଯାନ ପ୍ରବେଶ କଲେ ଯାନବାହାନ ଆଇନ ଅନୁଯାୟୀ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ଏଥି ସହିତ ଦେପୁରରୁ ପାଷ୍ଟିକୁଡିକୁ ସଂଯୋଗ କରୁଥିବା ରାସ୍ତା ପୋଲ ନିର୍ମାଣ କାମକୁ ଖୁବଶୀଘ୍ର ଶେଷ କରିବା, କ୍ଷିପ୍ରବେଗରେ ଗାଡିଚାଳକଙ୍କୁ ଜରିମାନା ଆଦାୟ, ଶୀଘ୍ର ରିଂଗ ରୋଡ ନିର୍ମାଣ ଦାବି ନେଇ ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର, ଯୁବନେତା ମଣ୍ଟୁ ନାଏକ, ଛାତ୍ରନେତା ହରିସ ଅହୀର, ବ୍ରହ୍ମର୍ଷୀ ନାଏକ ଯାଦବ, ଆଶିଷ ମହାପାତ୍ର, ରାହୁଲ ରୟ କୋବି, ଉତ୍କଳ ହରପାଲ ପ୍ରମୁଖ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାତ୍ର, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ ଓ ଡେପ୍ୟୁଟି କଲେକ୍ଟର ସୁରେନ୍ଦ୍ର ତ୍ରିପାଠୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି।

**ଭବାନୀପାଟଣା ସହର**



ଭବାନୀପାଟଣା ସହରର ଟ୍ରାଫିକ୍ ସମସ୍ୟା ସମାଧାନ ନେଇ ଛାତ୍ରମାନେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ରାଇଜିଂସନ୍ ପବ୍ଲିକ୍ ସ୍କୁଲରେ ଜଳ ସ୍ୱଚ୍ଛତା ଦିବସ ପାଳିତ**
ନୂଆପଡା ଜିଲା ସିନାପାଲିସ୍ଥିତ ରାଇଜିଂ ସନ୍ ପବ୍ଲିକ୍ ସ୍କୁଲରେ ଜଳ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । ଏଥିରେ ସ୍କୁଲ ଛାତ୍ରଛାତ୍ରୀମାନେ ଜଳ ହିଁ ଜୀବନ ଓ ତାକୁ କିପରି ସଂରକ୍ଷଣ କରାଯାଇ ପାରିବ ସେହି ବିଷୟରେ ବୁଝାଯାଇଥିଲା ।

**ସଂକ୍ଷେପରେ**

## ଭବାନୀପାଟଣାରେ ନୂଆଁଧାନ, କୁରେ ପତ୍ରର ଚାହିଦା ବଢ଼ିଛି

**ଭବାନୀପାଟଣା, ୧୩।୯ (ଡି.ଏନ.ଏ.)**

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ଘରେ ଘରେ ପ୍ରସ୍ତୁତି ସରିଯାଇଛି । ଗଣେଶ ପୂଜା ପରେ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ନୂଆଁଖାଇ ତିହାର ପଡେ । ତେବେ ଜିଲାର ଭବାନୀପାଟଣା, ଥୁ.ରାମପୁର, ଜୟପାଟଣା, ଲାଞ୍ଜିଗଡ ଭଳି କେତେକ ଅଞ୍ଚଳରେ ପଞ୍ଚମୀ ପରିବର୍ତ୍ତେ ଦଶମୀ ତିଥିରେ ନୂଆଁ ଖିଆଯାଏ । ଗୁରୁବାର ଭବାନୀପାଟଣା ସହରରେ ନୂଆଁଖିଆ ତିହାରର ବଜାର ବେସ୍ ଭିଡ ପରିଲକ୍ଷିତ ହୋଇଥିଲା । ଏହା ହେଉଛି ଏହି ଅଞ୍ଚଳର ସବୁଠୁ ବଡ ପର୍ବ । କେଉଁ ଆବାହମାନ କାଳରୁ ଏହି ଅଞ୍ଚଳର ଚାଷୀମାନେ ସେମାନଙ୍କ ପ୍ରଥମ କରି ଅମଳ ହେଉଥିବା ଫସଲକୁ ସେମାନଙ୍କ ଇଷ୍ଟଦେବୀଙ୍କୁ ସମର୍ପଣ କରିଥାନ୍ତି । ଏହି ପର୍ବକୁ ପ୍ରକୃତି ପୂଜା ବି କୁହାଯାଇଥାଏ । ପ୍ରକୃତି ସହ ମଣିଷ ଅଙ୍ଗାଙ୍ଗୀ ଭାବରେ ଜଡିତ । ପ୍ରକୃତି କୋଳରେ ଫଳ ଫୁଲ ସଂଗ୍ରହ କରି ଖାଇଥାଏ । ତେଣୁ ପ୍ରକୃତିକୁ ମା' ଉପରେ ପୂଜା କରିଥାଏ । ଆଜିକାଲି ସହର ପାଖରେ ନୂଆଧାନ ମିଳୁ ନ ଥିବାରୁ ଦୂର ଦୂରାନ୍ତର ଗାଁ ମାନଙ୍କରୁ ଲୋକ ଆଣି ବଜାରରେ ବିକ୍ରି କରୁଛନ୍ତି । ପନିପରିବାର ଦର ଆକାଶ ଛୁଆଁ ହୋଇଛି । ନୂଆଁଖାଇ ପାଇଁ ଏହାର ଚାହିଦା ଦୁଇଗୁଣ ହୋଇଯାଇଛି । ଗାଁରେ ଲୋକମାନେ ମାଟିଘର ଲିପାପୋଛା ସାରି ଚାଉଳ ଚୁନା କରି ରଖିଲେଣି । ନୂଆଁଖାଇ ଦିନ ମଣ୍ଡାପିଠା, ଖିରି ପୁରୀ ଇତ୍ୟାଦି କରି ଖିଆପିଆ କରିବେ । ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ଜୁହାର ଭେଟ ହେବେ । ନୂଆଁଖାଇ ପରଦିନ ମାଛ, ମାଂସ କରି ଛାଡଖାଇ ପାଳିବେ । ଯିଏ ଯୁଆଡେ ଅଛନ୍ତି ସମସ୍ତେ ନିଜ ଜନ୍ମମାଟିକୁ ଫେରିବେ ।

ନ୍ୟାଶନାଲ କଲେଜ ସରକାରୀ ମାନ୍ୟତା ଦାବି

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ନୂଆପଡା ଅଫିସ, ୧୩।୯**

ନୂଆପଡ଼ା ଜିଲା ସଦର ମହକୁମାର ଗୋଟିଏ ମାତ୍ର ସର୍ବପୁରାତନ ନ୍ୟାଶନାଲ କଲେଜକୁ ଏଯାଏ ସରକାରୀ ମାନ୍ୟତା ଦିଆଯାଇ ନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବହ୍ନି ଜଳିବାରେ ଲାଗିଛି। ଏଥିପାଇଁ ପୁରାତନ ଛାତ୍ରମାନେ ମଙ୍ଗଳବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବାବେଳେ ଗୁରୁବାର କଲେଜର ଛାତ୍ରୀଛାତ୍ର, ନୂଆପଡା ବିକାଶ ମଞ୍ଚ ତରଫରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ । ଅତିରିକ୍ତ ଜିଲାପାଳ ସରକାରଙ୍କୁ ଜଣାଇ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି । ଆଗାମୀ ଦିନରେ ଦାବି ପୂରଣ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ସରକାର କିଛିଦିନ ତଳେ ରାଜ୍ୟର ୧୧ଟି କଲେଜକୁ ସରକାରୀ ମାନ୍ୟତା ପ୍ରଦାନ କରି କୋଟି କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି । ହେଲେ ସତୁରି ଦଶକର ନୂଆପଡା ନ୍ୟାଶନାଲ କଲେଜକୁ ସରକାର ଉପେକ୍ଷା କରି ଏହି ସୁଯୋଗ ଦେଇ ନ ଥିବା ନେଇ ନୂଆପଡା ସହରରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ପୁରାତନ ଛାତ୍ର ନିର୍ମଳ ରାଉତଙ୍କ ନେତୃତ୍ୱରେ ପୁରାତନ ଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଅନଶନରେ ବସିଥିଲେ । ଦୁଇ ଦିନ ଗଡିଯାଇଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ନ୍ୟାଶନାଲ କଲେଜର ଛାତ୍ରୀଛାତ୍ର, ନୂଆପଡା ବିକାଶ ମଞ୍ଚ ବହୁ କର୍ମକର୍ତ୍ତା ଜିଲାପାଳଙ୍କ ଅଫିସକୁ ଘେରାଉ କରିଥିଲେ। ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଆନ୍ଦୋଳନକାରୀଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଏହା ଉପରେ ଜିଲାପାଳଙ୍କ ସହ ଆଲୋଚନା କରି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ। ଆଗାମୀ ଦିନରେ ଏହାର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ପଟେଲ କହିଛନ୍ତି । ପ୍ରଶାସନ ତରଫରୁ ଉପଜିଲାପାଳ ତରଣୀସେନ ନାଏକ, ନୂଆପଡା ବିକାଶ ମଞ୍ଚ ତରଫରୁ ସଭାପତି ଟିଟୁ ପଣ୍ଡା ପ୍ରମୁଖ ଆଲୋଚନାରେ ସାମିଲ ଥିଲେ। ଆଲୋଚନାବେଳେ ନୂଆପଡା ଏକ ଉପାନ୍ତ ତଥା ଅବହେଳିତ ଜିଲା। ରାଜ୍ୟର ଅନ୍ୟାନ୍ୟ ଜିଲା ଅପେକ୍ଷା ଏଠାରେ ଉଚ୍ଚ ଶିକ୍ଷାର ମାନ ଦିନକୁ ଦିନ ତଳକୁ ଖସିବାକୁ ଲାଗିଛି । ଠିକ ଏତିକିବେଳେ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବାବେଳେ ଏଠିକାର ପିଲା ଖର୍ଚ୍ଚାନ୍ତ ହୋଇ ପାଠ ପଢୁଛନ୍ତି । ଏଥିପାଇଁ ପ୍ରଶାସନିକସ୍ତର ଏବଂ ରାଜ୍ୟ ସରକାର ଆଖି ବୁଜି ଦେଉଥିବାରୁ ଏହା ଜିଲାବାସୀଙ୍କୁ ଶକ୍ତ ଧକ୍କା ଦେଇଛି ବୋଲି ଛାତ୍ରନେତାମାନେ କହିଥିଲେ। ଏହାକୁ ନେଇ ସେମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ସରକାର କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଆଗାମୀ ଦିନରେ ଆନ୍ଦୋଳନକୁ ଜିଲାବ୍ୟାପି କରାଯିବ ବୋଲି ଛାତ୍ରନେତାମାନେ କହିଛନ୍ତି। ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ପରେ ପୁରାତନ ଛାତ୍ରମାନେ ଆନ୍ଦୋଳନରୁ ଓହରିଯାଇଛନ୍ତି।


ନ୍ୟାଶନାଲ କଲେଜ ସମସ୍ୟା ନେଇ ଛାତ୍ର ନେତା, ନୂଆପଡା ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

- କଲେଜ ଛାତ୍ରୀଛାତ୍ର ଜିଲା ପ୍ରଶାସନକୁ ଭେଟିଲେ
- ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଆନ୍ଦୋଳନ

# ରାଇଜିଂସନ୍ ପବ୍ଲିକ୍ ସ୍କୁଲରେ ଜଳ ସ୍ୱଚ୍ଛତା ଦିବସ ପାଳିତ

**ସିନାପାଲି, ୧୩।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିସ୍ଥିତ ରାଇଜିଂ ସନ୍ ପବ୍ଲିକ୍ ସ୍କୁଲରେ ଜଳ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀମାନେ ଜଳ ହିଁ ଜୀବନ ଓ ତାକୁ କିପରି ସଂରକ୍ଷଣ କରାଯାଇ ପାରିବ ସେହି ବିଷୟରେ ଲିଖିତ ଭାବେ ମତ ପ୍ରଦାନ କରିଥିଲେ । ଅଷ୍ଟମ ଶ୍ରେଣୀର ସୁରଜ ଅଗ୍ରୱାଲ, ହର୍ଷିତ କାଛି, ବିବେକ ଅଗ୍ରୱାଲ, ସପ୍ତମ ଶ୍ରେଣୀର ଅଙ୍କିତ ଜଗତ, କୁନାଲ ଅଗ୍ରୱାଲ, ସ୍ମୃତିଶ୍ରୀ ପଣ୍ଡା, ଷଷ୍ଠ ଶ୍ରେଣୀର ଯୁବରାଜ ଅଗ୍ରୱାଲ, ଉପମା ମରୀ ସାହୁ, ଅନମୋଲ ଯୋଶୀ, ଆଦ୍ୟାଂଶ ପାଢଯୋଷୀ, ସ୍ୱସ୍ତିକ ସ୍ୱରୂପ ପଣ୍ଡା, ଆଶୀଷ ମେହେର, ସମୀର ମାଝି, ପଙ୍କଜ ନାଏକ, ମୁସକାନ ବେଗମ୍ ଯୁକ୍ତା, ମୁଖୀ ମାଝି ତଥା ପଞ୍ଚମ ଓ ଚତୁର୍ଥ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ମାର୍ଗଦର୍ଶକ ଭାବେ ଶିକ୍ଷକ ତେଜୁରାମ ନାଏକ ଏବଂ ମୋହନଲାଲ ହରପାଲ, ଡିଙ୍ଗର ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।


ସିନାପାଲିସ୍ଥିତ ରାଇଜିଂ ସନ୍ ପବ୍ଲିକ୍ ସ୍କୁଲରେ ଜଳ ସ୍ୱଚ୍ଛତା ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର ।

ଡିଇଓ, ଡିପିସିଙ୍କୁ ତାଲା ପକାଇବା ଘଟଣା

# ୧୦ ଗ୍ରାମବାସୀଙ୍କ ବିରୋଧରେ ଥାନାରେ ଏତଲା

**ଭବାନୀପାଟଣା, ୧୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଫଟ୍‌କାମାଲ ପଞ୍ଚାୟତ ଲଟ୍‌କାବାହାଲି ଗାଁର ପ୍ରାଥମିକ ବିଦ୍ୟାଳୟର କୋଠା ବିପଦ ସଙ୍କୁଳ ହୋଇଥିବାରୁ ଗତ କିଛିଦିନ ହେଲା ଛାତ୍ରଛାତ୍ରୀମାନେ ରାସ୍ତାରେ ବସି ପାଠ ପଢୁଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଓ ସର୍ବଶିକ୍ଷା ଅଭିଯାନ ଜିଲାପ୍ରକଳ୍ପ ସଂଯୋଜକ ଗବାକ୍ଷ ନାଏକ ଲଟକାବାହାଲି ସ୍କୁଲ ପରିଦର୍ଶନରେ ଯାଇଥିବା ବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ୨ ଅଧିକାରୀଙ୍କୁ ସ୍କୁଲ ଭିତରେ ୪ ଘଣ୍ଟା ଧରି ତାଲା ପକାଇ ରଖିଥିଲେ । ଖବର ପାଇ ସଦରଥାନା ଅଧିକାରୀ ଓ କେସିଙ୍ଗା ବିଡିଓ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ବିଜୁ କେବିକେ ଯୋଜନାରେ ସ୍କୁଲର କୋଠା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୪ ଘଣ୍ଟା ପରେ ୨ ଅଧିକାରୀଙ୍କୁ ଗ୍ରାମବାସୀ ଛାଡିଥିଲେ । ଏହି ପ୍ରସଙ୍ଗରେ ଗତ ବୁଧବାର ରାତିରେ ଜିଲାଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସ୍କୁଲରେ ତାଲା ମାରି ଦୁଇ ଅଧିକାରୀଙ୍କୁ ଅଟକ ରଖିବା ଘଟଣାକୁ ନେଇ ୧୦ ଜଣ ଗ୍ରାମବାସୀଙ୍କ ବିରୋଧରେ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ସୂଚନାଯୋଗ୍ୟ ଯେ, ବିପଦସଙ୍କୁଳ କୋଠା ଯୋଗୁ ଲଟକାବାହାଲି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାସ୍ତାରେ ପାଠ ପଢୁଥିବା ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡିଇଓ ଓ ଡିପିସି ସ୍କୁଲର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିବା ବେଳେ ଏହି ୨ ଅଧିକାରୀଙ୍କୁ ଗ୍ରାମବାସୀ ତାଲା ପକାଇ ରଖିଥିଲେ ।

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ, ୩ ଗୁରୁତର

**ରାଉରକେଲା ଅଫିସ, ୧୩।୯**

ବୁଧବାର ସନ୍ଧ୍ୟାରେ ରେଳ ଷ୍ଟେଶନ ନିକଟ ଗାନ୍ଧୀ ରୋଡ୍ ଅଞ୍ଚଳରେ ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟି ଏକ ଦମ୍ପତି ଓ ତାଙ୍କ ପଡ଼ୋଶୀ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତି ପୋଡ଼ି ଗୁରୁତର ହୋଇଛନ୍ତି। ସେମାନେ ହେଲେ ମନଜିତ ସିଂ (୫୦), ତାଙ୍କ ସ୍ତ୍ରୀ ଅମରଜିତ କୌର (୪୫) ଓ ଅମରେଶ ଲାଲ। ଅମରେଶଙ୍କୁ ସ୍ଥାନୀୟ ଆଇଜିଏଚ୍‌ରେ ଚିକିତ୍ସା କରାଯାଉଥିବାବେଳେ ମନଜିତ ଓ ଅମରଜିତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ ଅମରେଶ ପେସାରେ ଜଣେ ବିରିଆନି ବ୍ୟବସାୟୀ। ନିଜ ଘରେ ବିରିଆନି ପ୍ରସ୍ତୁତ ପାଇଁ ସେ ଗ୍ୟାସ୍ ଚୁଲା ଜଳାଇବା ବେଳେ ଲିକ୍ ଯୋଗୁ ନିଆଁ ଲାଗିଯାଇଥିଲା। ପରେ ଏହି ନିଆଁ ମନଜିତଙ୍କ ଘରକୁ ବ୍ୟାପିଥିଲା। ନିଆଁକୁ ଆୟତ୍ତ କରିବାକୁ ଯାଇ ସମସ୍ତେ ଗୁରୁତର ଭାବେ ପୋଡ଼ିଯାଇଥିଲେ।

# ୪ ଫୁଟର ରଣା ସାପ ଉଦ୍ଧାର

**ରାଉରକେଲା ଅଫିସ, ୧୩।୯**

ଗତ କିଛିଦିନ ହେବ ସହରର ବିଭିନ୍ନ ସ୍ଥାନରେ ବିଷଧର ସାପଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବୁଧବାର ରାତି ଅଢ଼େଇଟାରେ ଆଇଡିଏଲ୍ ଫାଣ୍ଡି ଅନ୍ତର୍ଗତ କାଳୀମନ୍ଦିର ନିକଟ ସୂର୍ଯ୍ୟ ସିଂଙ୍କ ଘରୁ ଏକ ୪ଫୁଟିଆ ରଣା ସାପ ଉଦ୍ଧାର କରାଯାଇଛି।

ଦିବ୍ୟାଙ୍ଗଙ୍କୁ ବିଧାୟକ ଧମକ ଦେବା ଘଟଣା

# ବିଧାୟକଙ୍କୁ ଗିରଫ ଦାବିରେ ଭିନ୍ନକ୍ଷମ ମଞ୍ଚର ଗଣଧାରଣା

**ଭବାନୀପାଟଣା, ୧୩।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବୋଡ଼େନ ପଞ୍ଚାୟତ ଇଛାପୁର ଗ୍ରାମର ଦିବ୍ୟାଙ୍ଗ ଯୁବକ ଟଙ୍କଧର ଖର୍ସେଲଙ୍କୁ ଗତ ଜୁଲାଇ ୨୪ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଜୀବନରେ ମାରିଦେବା ଧମକ ଘଟଣା ପ୍ରତିବାଦରେ ଓଡିଶା ଭିନ୍ନକ୍ଷମ ମଞ୍ଚ କଳାହାଣ୍ଡି ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଓ ଗଣଧାରଣା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରୁ ଓଡିଶା ବିକଳାଙ୍ଗ ମଞ୍ଚର ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଘଡାଘାଟ ଛକଠାରେ ଅଳ୍ପ ସମୟ ପାଇଁ ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଦେଇଥିଲେ। ଓଡିଶା ବିକଳାଙ୍ଗ ମଞ୍ଚ କଳାହାଣ୍ଡି ଶାଖା ସଂଯୋଜକ ହେମନ୍ତ କୁମାର ତାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଧାରଣାରେ ଶତାଧିକ ଭିନ୍ନକ୍ଷମ ଯୋଗଦେଇଥିଲେ। ସରକାର ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କ ସୁରକ୍ଷା, ହକ୍, ଅଧିକାର, ଜୀବନ ଜୀବିକାର ପରିବର୍ତ୍ତନ ନିମନ୍ତେ ନୂତନ ଅଧିନିୟମ ପ୍ରଣୟନ କରୁଥିବା ବେଳେ ଜୁନାଗଡ ବିଧାୟକ ଜଣେ ଭିନ୍ନକ୍ଷମଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେବା ଘଟଣା ଏକ ଦଣ୍ଡନୀୟ ଅପରାଧ ବୋଲି ବିକଳାଙ୍ଗ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି । ଏଥି ସହ ପୋଲିସରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣାକୁ ନିନ୍ଦା କରାଯାଇଛି। ଏହି ଅବସରରେ ଜୁନାଗଡ ବିଧାୟକଙ୍କୁ ଗିରଫ କରିବା ଦାବି କରି ୨ ଦଫା ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା ।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା

**ସିନାପାଲି, ୧୩।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଅଞ୍ଚଳ ବିଭିନ୍ନ ସ୍ଥାନରେ ବେଶ୍ ଯାକଜମକର ସହ ଗଣେଶ ପୂଜା ପାଳିତ ହେଉଛି । ବହୁ ସ୍ଥାନରେ ଆକର୍ଷଣୀୟ ତୋରଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସ୍ଥିର ହୋଇଛି। ଚଳିତ ବର୍ଷ ସିନାପାଲି ହାଇସ୍କୁଲପଡାରେ ଆୟୋଜିତ ଗଣେଶ ପୂଜା ୨୭ ତମ ବର୍ଷରେ ପଦାର୍ପଣ କରିଛି । ଏହି ପୂଜା କମିଟି ସଭାପତି ଭାବେ ନରୋତ୍ତମ ମେହେର ଓ ସମ୍ପାଦକ ହେମସାଗର ମେହେର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପିଙ୍କୁ ମେହେର, ପିଣ୍ଟୁ ମେହେର, ଲୁରୁ ମେହେର, ଦେବେନ୍ଦ୍ର ମେହେର, ନବୀନ ମେହେର, ସତ୍ୟ ମେହେର, ରୋମାଞ୍ଚଳ ମେହେର, ରିଙ୍କୁ ମେହେର, ତନ୍ମୟ ପଣ୍ଡା, ଛୋଟୁ ମେହେର, ହେମାନନ୍ଦ ମେହେର, ଦୀପୁ ମେହେର, ପ୍ରମୋଦ ମେହେର, କ୍ରିଷ୍ଣା ମେହେର, ରିକି ମେହେର ପ୍ରମୁଖ କମିଟି ସଦସ୍ୟ ରହିଛନ୍ତି । ଏ ବର୍ଷ ବେଶ୍ ଆକର୍ଷଣୀୟ ତୋରଣ ସହ ନିଳଜୀ ବନ୍ଧପଡାଠାରେ ପାଳିତ ହେଉଥିବା ଗଣେଶ ପୂଜାରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହେବାର ସ୍ଥିର ହୋଇଛି । ଗଣ୍ଡାବାହାଲିଠାରେ ସୁନ୍ଦର ତୋରଣ ସହ ସୁଉଚ୍ଚ ଗଣେଶ ମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇପାରିଛି । ଏହା ସହ ସିନାପାଲି ବସ୍‌ଷ୍ଟାଣ୍ଡ, ଭାଟିପଡା, ଜଗନ୍ନାଥ ଛକ, ରାବଣ ଛକ, ଶ୍ରୀରାମ ଛକ, ଡେଲିମାର୍କେଟ, ଶ୍ରୀନଗର, ମହାଜନପଡା, କାପସି, ଯୁଗେନପଦରଠାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମେଢ ଦେଖିବାକୁ ମିଳୁଛି ।


କଳାହାଣ୍ଡି ଜିଲା ମ.ରାମପୁର କଳାମନ୍ଦିରଛକଠାରେ ଅନୁଷ୍ଠିତ ପୂଜା ମଣ୍ଡପରେ ଶଗଡ଼ ଗାଡ଼ି ଉପରେ ବିରାଜିତ ଗଣେଶଙ୍କ ମୂର୍ତ୍ତି ପୂଜା ପାଉଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା

**ଜୁନାଗଡ, ୧୩।୯ (ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରଭାଟି ଗ୍ରାମରେ ଗୁରୁବାର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତ ମହିଳା ହେଉଛନ୍ତି ରିତାଞ୍ଜଳି ଶତପଥୀ (୩୬) । ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇ ନାକେଦମ ହେବାକୁ ପଡିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଚାରଭାଟି ଗ୍ରାମର ସୁଦାମ ଶଥପଥୀଙ୍କ ସ୍ତ୍ରୀ ରିତାଞ୍ଜଳିଙ୍କୁ ଗୁରୁବାର ଭୋରେ ବାନ୍ତି ହେବା ପରେ ହଠାତ ତଳେ ପଡିଯାଇ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ସ୍ୱାମୀ ସୁଦାମଙ୍କଠୁ ଜଣାପଡିଛି। ସକାଳେ ରିତାଞ୍ଜଳିଙ୍କୁ ଦାହ କରିବା ପାଇଁ ପରିବାରବର୍ଗ କାଠ ଯୋଗାଡ କରୁଥିବା ବେଳେ ଗ୍ରାମବାସୀ ଜାଣିପାରି ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ଜୁନାଗଡ ପୋଲିସରେ ଖବର ଦେଇଥିଲେ। ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ପ୍ରାଥମିକ ତଦନ୍ତ କରି ଏହା ହତ୍ୟାକାଣ୍ଡ ନୁହେଁ ବୋଲି କହିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଏହା ହତ୍ୟାକାଣ୍ଡ ଓ ସତ୍ୟାତା ପାଇଁ ରିତାଞ୍ଜଳିଙ୍କ ଶବ ବ୍ୟବଚ୍ଛେଦ କରାଯାଉ ବୋଲି ଦାବି କରିଥିଲେ। ଏହାକୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା । ଯାହାକୁ ଆୟତ୍ତ କରିବାକୁ ଯାଇ ପୋଲିସକୁ ନାକେଦମ ହେବାକୁ ପଡିଥିଲା।


ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରି ଘଟଣା ସ୍ଥଳରେ ଅନୁଦ୍ଧାନ କରୁଛନ୍ତି।

**ତଦନ୍ତ କରିବାକୁ ଯାଇ ପୋଲିସ ନାକେଦମ୍**

ଖବର ପାଇ ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ଗ୍ରାମବାସୀ ପୋଲିସକୁ ଏହା ହତ୍ୟାକାଣ୍ଡ ସନ୍ଦେହ କରି ଏକ ଲିଖିତ ଅଭିଯୋଗ କରିଥିଲେ । ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ରୋଗ ଯୋଗୁ ରିତାଞ୍ଜଳିଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ୱାମୀ ଘର ଓ ମା' ଘର ପକ୍ଷରୁ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିବା ବେଳେ ଗ୍ରାମବାସୀ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ଲିଖିତ ଅଭିଯୋଗ ଦେଇଥିବା ଜଣାପଡିଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୧୮) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ସତ୍ୟାସତ୍ୟ ଜଣାପଡିବ ବୋଲି ତଦନ୍ତ କରୁଥିବା ପୋଲିସ ଏସ୍‌ଆଇ ଉମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ, ୩ ଗୁରୁତର

**ରାଉରକେଲା ଅଫିସ,୧୩।୯-** ବୁଧବାର ସନ୍ଧ୍ୟାରେ ରେଳ ଷ୍ଟେଶନ ନିକଟ ଗାନ୍ଧୀ ରୋଡ୍ ଅଞ୍ଚଳରେ ଗ୍ୟାସ୍ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟି ଏକ ଦମ୍ପତି ଓ ତାଙ୍କ ପଡ଼ୋଶୀ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତି ପୋଡ଼ି ଗୁରୁତର ହୋଇଛନ୍ତି। ସେମାନେ ହେଲେ ମନଜିତ ସିଂ (୫୦), ତାଙ୍କ ସ୍ତ୍ରୀ ଅମରଜିତ କୌର (୪୫) ଓ ଅମରେଶ ଲାଲ। ଅମରେଶଙ୍କୁ ସ୍ଥାନୀୟ ଆଇଜିଏଚ୍‌ରେ ଚିକିତ୍ସା କରାଯାଉଥିବାବେଳେ ମନଜିତ ଓ ଅମରଜିତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ ଅମରେଶ ପେସାରେ ଜଣେ ବିରିଆନି ବ୍ୟବସାୟୀ। ନିଜ ଘରେ ବିରିଆନି ପ୍ରସ୍ତୁତ ପାଇଁ ସେ ଗ୍ୟାସ୍ ଚୁଲା ଜଳାଇବା ବେଳେ ଲିକ୍ ଯୋଗୁ ନିଆଁ ଲାଗିଯାଇଥିଲା। ପରେ ଏହି ନିଆଁ ମନଜିତଙ୍କ ଘରକୁ ବ୍ୟାପିଥିଲା। ନିଆଁକୁ ଆୟତ୍ତ କରିବାକୁ ଯାଇ ସମସ୍ତେ ଗୁରୁତର ଭାବେ ପୋଡ଼ିଯାଇଥିଲେ।



### ୪ଫୁଟର ରଣା ସାପ ଉଦ୍ଧାର

**ରାଉରକେଲା ଅଫିସ,୧୩।୯–** ଗତ କିଛିଦିନ ହେବ ସହରର ବିଭିନ୍ନ ସ୍ଥାନରେ ବିଷଧର ସାପଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏନେଇ ମୃତାହତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଏପରି ଅବସ୍ଥାରେ ବିପଦରେ ପଡ଼ିଥିବା ଲୋକେ ସ୍ନେକ ହେଲ୍ପ ଲାଇନର ସହାୟତା ନେଉଛନ୍ତି। ବୁଧବାର ରାତି ଅଢ଼େଇଟାରେ ଆଇଡିଏଲ୍ ଫାଣ୍ଡି ଅନ୍ତର୍ଗତ କାଳୀମନ୍ଦିର ନିକଟ ସୂର୍ଯ୍ୟ ସିଂଙ୍କ ଘରୁ ଏକ ୪ଫୁଟିଆ ରଣା ସାପ ଉଦ୍ଧାର କରାଯାଇଛି। ସୂଚନାନୁସାରେ ସାପଟି ଖଟିଆ ତଳେ ଗୁଡ଼େଇ ହୋଇ ରହିଥିବା ଦେଖି ପରିବାର ଲୋକେ ପୋଲିସ ସହାୟତା ଗାଡ଼ିକୁ ଖବର ଦେଇଥିଲେ। ଏନେଇ ଆର୍ମି ସଂଗଠନର ସାପ ଧରାଳି ଦେବାନନ୍ଦ ବେହେରାଙ୍କୁ ଖବର ଦିଆଯାଇଥିଲା। ସେ ଆସି ଏହି ସାପକୁ ଧରିବା ପରେ ଗୁରୁବାର ସକାଳେ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଥିଲେ।

### ମଧୁବୈଶ୍ୟ ସମାଜର ଇଷ୍ଟ ପୂଜନ

**ରାଉରକେଲା ଅଫିସ,୧୩।୯-** ସେକ୍ଟର-୯ ଇ ବ୍ଲକ ମା' ମଙ୍ଗଳା ମନ୍ଦିର ପରିସରରେ ମଧୁବୈଶ୍ୟ ଗୁଡ଼ିଆ ସମାଜ ପକ୍ଷରୁ ଇଷ୍ଟ ଦେବତା ଗଣେଶଙ୍କ ୯ମ ବାର୍ଷିକ ପୂଜୋତ୍ସବ ଶେଷ ହୋଇଛି। ଏଥିରେ ସଭାପତି ସୁରେନ୍ଦ୍ର ସାହୁ ଯୋଗଦେଇ ବିଧି ବିଧାନରେ ପୂଜା କାର୍ଯ୍ୟ କରିଥିଲେ। କଂଗ୍ରେସ ନେତା ବୀରେନ ସେନାପତି, ବିଜେଡି ନେତା ଅମର ମହାନ୍ତି ଓ କନୟା ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂଜାରେ ରାଉରକେଲା ସମେତ ସୁନ୍ଦରଗଡ଼, ବଣାଇଁ, ବଡ଼ଗାଁ, ରାଜଗାଙ୍ଗପୁର, କୁଆଁରମୁଣ୍ଡା, ବନ୍ଧମୁଣ୍ଡା, ସାରନଗରୀ ଓ କାଲୁଙ୍ଗା ଆଦି ଅଞ୍ଚଳରୁ ସମାଜର ବହୁ ସଦସ୍ୟ ଯୋଗଦେଇଥିଲେ। ମଧୁବୈଶ୍ୟ ସମାଜ କର୍ମକର୍ତ୍ତା ସହଯୋଗ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କୈଳାସ ସାହୁ, କାଙ୍ଗାଳି ସାହୁ, ଅର୍ଜୁନ ସାହୁ, ମନୋରଞ୍ଜନ ସାହୁ, ଉଦୟନାଥ ସାହୁ, ଭୀମସେନ ସାହୁ, ଦିଲୀପ ସାହୁ, ପଦ୍ମଲୋଚନ ସାହୁ, ପ୍ରକାଶ ସାହୁ, ବିଶ୍ୱଜିତ ପୃଷ୍ଟି ଓ ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦେଶୀ ପୁଞ୍ଜିନିବେଶକୁ ବିରୋଧ, ୨୮ରେ ଭାରତ ବନ୍ଦ

**ରାଉରକେଲା ଅଫିସ,୧୩।୯**

ୱାର୍ଲ୍ଡ ମାର୍ଟ ଡିଲ ଓ ଦେଶରେ ବିଦେଶୀ ପୁଞ୍ଜିନିବେଶ ବିରୋଧରେ ଆସନ୍ତା ୨୮ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏନେଇ କନ୍‌ଫେଡେରେଶନ ଅଫ୍ ଅଲ୍ ଅଣ୍ଡିଆ ଟ୍ରେଡର୍ସ (କେଟ୍) ରାଉରକେଲା ଶାଖା ପକ୍ଷରୁ ଗତ ୧୨ ତାରିଖରେ ବ୍ରାହ୍ମଣୀ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ବରିଷ୍ଠ କର୍ମକର୍ତ୍ତା ବ୍ରିଜମୋହନ ଅଗ୍ରୱାଲ, ଇସ୍ପାତ ମାର୍କେଟ ବ୍ୟବସାୟୀ ସଂଘ ଅଧ୍ୟକ୍ଷ ଶଙ୍କର ଜେନା, ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଧ୍ୟକ୍ଷ ଶୁଭ ପଟ୍ଟନାୟକ, ସ୍ୱଦେଶୀ ଜାଗରଣ ମଞ୍ଚ ସଂଯୋଜକ ରମାକାନ୍ତ ପାତ୍ର ଓ କେଟ୍‌ର ରାଉରକେଲା ଅଧ୍ୟକ୍ଷ ସୁନୀଲ ପ୍ରସାଦ ପ୍ରମୁଖ କହିଥିଲେ ଯେ ବିଦେଶୀ ପୁଞ୍ଜି ଦେଶୀୟ ବ୍ୟବସାୟୀଙ୍କୁ ସଙ୍କଟରେ ପକାଇଛି। କ୍ଷୁଦ୍ର ବ୍ୟବସାୟରେ ବେଆଇନ ପୁଞ୍ଜିନିବେଶ ଯୋଗୁ ଦେଶର ଲକ୍ଷାଧିକ



କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ପକ୍ଷରୁ ବ୍ରାହ୍ମଣୀ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

କ୍ଷୁଦ୍ର ବ୍ୟବସାୟୀ ଆଜି ସଙ୍କଟରେ ପଡ଼ିଛନ୍ତି। ଅନ୍‌ଲାଇନ ବ୍ୟବସାୟ ଆଳରେ ବିଦେଶୀ ବେପାରୀଙ୍କୁ ସରକାର ପ୍ରଶ୍ରୟ ଦେଉଛନ୍ତି। ଏମାନେ ବିଭିନ୍ନ ଉପାୟରେ ଗ୍ରାହକଙ୍କୁ ନିଜ ମାୟାଜାଲରେ ଫସାଇ ଭାରତରେ ଆସ୍ଥାନ ଜମାଇବାରେ ଲାଗିଛନ୍ତି। ୱାର୍ଲ୍ଡ ମାର୍ଟ ଓ ଫ୍ଲିପ କାର୍ଟ ଭଳି କମ୍ପାନୀ ଛୋଟ ବଡ଼ ବ୍ୟବସାୟୀଙ୍କ ପାଇଁ ବିପଦ ସୃଷ୍ଟି କଲେଣି। ସେହିଭଳି ଆମାଜନ ଓ ଆଲିବାବା ଭଳି କମ୍ପାନୀ ଏବେ ବଜାର ମାଡ଼ି ବସିବାକୁ ଉଦ୍ୟମ କରି ସଫଳ ହେବାରେ ଲାଗିଛନ୍ତି। ଏପରି ଅବସ୍ଥାରେ ଛୋଟ ବେପାରୀଙ୍କ ସ୍ଥିତି ହିଜିଯିବା ଅବସ୍ଥାରେ ପହଞ୍ଚିଲାଣି। ଏ ନେଇ ବ୍ୟବସାୟୀ ସଂଗଠନ ନ୍ୟାୟାଳୟର ଆଶ୍ରୟ ନେଇଛି। ବିଦେଶୀ ପୁଞ୍ଜିନିବେଶକୁ ବାଧା ଦେବାକୁ ସରକାରଙ୍କୁ ନିବେଦନ ସତ୍ତ୍ୱେ ଆଜିପର୍ଯ୍ୟନ୍ତ କିଛି ଫଳ ମିଳି ନାହିଁ। ଅନ୍‌ଲାଇନ ଓ ଅଫ୍‌ଲାଇନ ବ୍ୟବସାୟ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କୁ କ୍ଷତିରେ ପକାଇବ। ଏନେଇ ସାଧାରଣରେ ସଚେତନତା ସୃଷ୍ଟି କରିବାକୁ ଆସନ୍ତା ୧୫ ତାରିଖରୁ ପ୍ରୟାସ ଆରମ୍ଭ ହେବ। ଏକ ଡିଜିଟାଲ ରଥଯାତ୍ରା ଆରମ୍ଭ କରାଯିବ। ଏହା ଦିଲ୍ଲୀଠାରେ ଉଦ୍‌ଯାପିତ ହେବ। ଦେଶର ୧୨୦ ପ୍ରମୁଖ ଓ ୫ଶହରୁ ଊର୍ଦ୍ଧ୍ୱ ଛୋଟବଡ଼ ସହରରେ ରଥ ପରିକ୍ରମା କରି ସଚେତନତା ସୃଷ୍ଟି କରାଯିବ। ସରକାର ଏ ଦିଗରେ ଉଚିତ ପଦକ୍ଷେପ ନ ନେଲେ ପରିସ୍ଥିତି ଅଣାୟତ ହେବ ବୋଲି ସଂଗଠନ ଚେତାବନୀ ଦେଇଛି। ସରକାର ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଏଥିରେ ନିବେଦନ କରାଯାଇଥିଲା। କାରଣ ଏହା ୨୦୧୬ ପ୍ରେସ ନୋଟର ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ କରିଥିଲେ ମଞ୍ଚାସୀନ କର୍ମକର୍ତ୍ତା। ଦେଶରେ ପ୍ରଥମ ଥର ପାଇଁ ବ୍ୟବସାୟୀଙ୍କ ପକ୍ଷରୁ ଏଭଳି ବନ୍ଦ ଡାକରା ଦିଆଯିବା ପଛରେ ଯଥାର୍ଥ କାରଣ ରହିଛି ବୋଲି କୁହାଯାଇଥିଲା। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦେଶର ସାଢ଼େ ୬କୋଟି ବ୍ୟବସାୟୀ ଓ ୧୪ କୋଟି କର୍ମଚାରୀ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି। ଏହା ଏକ ବିରଳ ଦୃଷ୍ଟାନ୍ତ ବୋଲି କହିଥିଲେ ସଂଗଠନ କର୍ମକର୍ତ୍ତା।

# ଫଟୋରେ ଗଣେଶପୂଜାର ଝଲକ...


ରାଉରକେଲା ଛେଣ୍ଡ ଭିଏସ୍ଏସ୍ ମାର୍କେଟ ଅଞ୍ଚଳରେ ଶଙ୍ଖରେ ତିଆରି ଗଣେଶ ମୂର୍ତ୍ତି। ଏଥିରେ ୭୦ ହଜାର ଶଙ୍ଖ ବ୍ୟବହାର କରାଯାଇଥିବା ଆୟୋଜକ ସୂଚନା ଦେଇଛନ୍ତି।


ରାଉରକେଲା ବାସନ୍ତୀ ହେଲ୍‌ପଏଜ୍ ପୂଜା କମିଟି ପକ୍ଷରୁ କାଜୁ, ପିସ୍ତାବାଦାମ, ଚିନାବାଦାମ, ହଳଦିଆ ସୋରିଷ, ଅଶ୍ୱତ୍ଥ ପତ୍ର ଆଦିରେ ତିଆରି ଗଣେଶ।

## ମୋ ରାଉରକେଲା

# କୋମଳ କବିତାର ସହର


ଭବେଶ ସାହୁ, ଅଧ୍ୟକ୍ଷ, ହୃଷୀକେଶ ରାୟ ମହାବିଦ୍ୟାଳୟ, ଛେଣ୍ଡ

ପ୍ରିୟ ସହର ରାଉରକେଲାରେ ରହିଗଲିଣି ତିନୋଟି ପ୍ରାଣବନ୍ତ ଦଶନ୍ଧି। ମୋ ଜୀବନର ସବୁଠାରୁ ବଡ଼ ଘଟଣା ଓ ଅନୁଭୂତି ଏହିଠାରେ ଘଟିଛି। ମୋର ସବୁ ଅନୁକୂଳ ଓ ପ୍ରତିକୂଳ ସମୟକୁ ଆଦରି ନେଇଛି ଏହି ସହର। ବହୁତ କିଛି ପାଇଛି ଏଠୁ, ଅଳ୍ପ ହରାଇଛି। ମନରେ ଦ୍ୱିଧା ନାହିଁ। ଭାନୁମତିର ବାଘ ରାଇଜ, ଅଫୁରନ୍ତ ପ୍ରାକୃତିକ ଶୋଭାରାଜିର ଭଣ୍ଡାର, ବଣ ପାହାଡ଼ ଘେରା ଆଦିମ ସଂସ୍କୃତି ଏଇ ପୁଣ୍ୟ ପୀଠ ସମ୍ପର୍କରେ ଦିନେ ବହିରୁ ପଢ଼ିଥିଲି। ରାଉରକେଲାରେ ଦିନରାତି ଢାଳଇ ଲୁହା କେତେ ଜାତି। ମୋ ଛବି ବହିର ଏହି ପଦକ ଚିହ୍ନାଇ ଦେଇଥିଲା ରାଉରକେଲା ସହରକୁ। ଏଠିକାର ଥମ ଥମ ବର୍ଷା କାଳ, ଅସହ୍ୟ ଶୀତ ଓ ନିଦାଘ ତାତିରେ ବି ଭଲ ଲାଗିଛି ଏ ସହର। ପାରସ୍ପରିକ ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ସହାନଭୂତି ଓ ମାନବିକତାର ସହର ରାଉରକେଲା। ସାହିତ୍ୟ, ସଂସ୍କୃତି, ସଙ୍ଗୀତ, କଳା ଓ ପର୍ବପର୍ବାଣି ଏଠି ବେଶ ସମୃଦ୍ଧ। ଅଧ୍ୟାତ୍ମିକତାରେ ଭରପୂର ଜୀବନ ଏଠି ବେଶ୍ ପରିପୂର୍ଣ୍ଣ ଲାଗେ। ଅନେକ ଦରଦୀ ଓ ଆତ୍ମୀୟଙ୍କ ମେଳରେ ଲୁହାର ସହର ରାଉରକେଲା ଏବେ ମୋ ପାଇଁ କୋମଳ କବିତାର ସହର ପାଲଟି ଯାଇଛି।

# ବହୁବିଧ ଦାବି ନେଇ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ,୧୩।୯**

ଝାରସୁଗୁଡ଼ା ରେଲୱେ ଷ୍ଟେଶନ ସଂକ୍ରାନ୍ତୀୟ ବିଭିନ୍ନ ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବୁଧବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଚୌକିପଡ଼ା ରେଳ ଓଭରବ୍ରିଜ୍ ନିର୍ମାଣ, ଏସ୍କାଲେଟର କାର୍ଯ୍ୟକ୍ଷମ କରିବା, ରେଲୱେ କଲୋନୀ ପାର୍ଶ୍ୱରେ ଥିବା ଟିକଟ ବୁକିଂ କେନ୍ଦ୍ରରେ ୮ ଘଣ୍ଟା ପରିବର୍ତ୍ତେ ୨୪ ଘଣ୍ଟିଆ ସେବା ଯୋଗାଇବା, ହମସଫର ଏକ୍ସପ୍ରେସ୍ ଏବଂ ପୁରୀ–ହବିବ୍‌ଗଞ୍ଜ ଏକ୍ସପ୍ରେସ୍ ଟ୍ରେନକୁ ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଯାଏ ସମ୍ପ୍ରସାରିତ କରିବା ସହ ଏଠାରେ ଷ୍ଟପେଜ୍ ଘୋଷଣା କରିବା, ଝାରସୁଗୁଡ଼ାରୁ ବିଲାସପୁର ଦେଇ ଆହ୍ଲାବାଦକୁ ଏକ ଟ୍ରେନ୍ ଚଳାଚଳ ଆରମ୍ଭ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ସେହିପରି ବର୍ତ୍ତମାନ ଝାରସୁଗୁଡ଼ା ମୁଖ୍ୟ ଷ୍ଟେଶନ ଉପରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଭଳି ଜିଲା ନିର୍ଭରଶୀଳ। ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ ସହ ଷ୍ଟେଶନ ରୋଡ୍‌କୁ ବିକଶିତ କରିବାକୁ ଦାବି କରାଯାଇଛି। ଆଞ୍ଚଳିକ ବିକାଶ ପରିଷଦର ମନମୋହନ ପାଣ୍ଡେ, ରବୀନ୍ଦ୍ର ଦୀକ୍ଷିତ, ତ୍ରିନାଥ ଗୁଆଲ, ନିରଦାକାନ୍ତ ମିଶ୍ର, ଗଣେଶ ନାୟକଙ୍କ ସମେତ ବହୁ ସଦସ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି।


ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଇଷ୍ଟର୍ନ ଆଲୟେଜ୍‌ରେ ବୋନସ ଚୁକ୍ତିନାମା

**ରାଉରକେଲା ଅଫିସ,୧୩।୯**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗୋଇଭଙ୍ଗା ସ୍ଥିତ ଇଷ୍ଟର୍ନ ଆଲଏଜ୍ କମ୍ପାନୀ ଶ୍ରମିକଙ୍କ ବୋନସ ଚୁକ୍ତିନାମା ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ନେତୃତ୍ୱରେ ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ ଶତାଧିକ ଶ୍ରମିକ ୧୫ ପ୍ରତିଶତ ବୋନସ ପାଇବେ। ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୀନେଶ ଅଗ୍ରୱାଲ, କେ.କେ. ଓଝା, ନିର୍ମଳ ସାହୁ ରବୀନ୍ଦ୍ର ନାୟକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବାବେଳେ ୟୁନିୟନ ପକ୍ଷରୁ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲି, ସହସମ୍ପାଦକ ବିମାନ ମାଇତି, ସଦାଶିବ ବିଶ୍ୱାଳ, ଗଣେଶ ଜେନା, ଖିରୋଦ ବେହେରା, ସୀତାରାମ ରଣା, ଶିଶିର ଦାସ, ପ୍ରମୋଦ ପ୍ରଧାନ ଓ ସରୋଜ ଟିଗା ସ୍ୱାକ୍ଷର କରିଥିଲେ। ଏହି ବୋନସ ଆର୍ଥିକ ବର୍ଷ ୨୦୧୭–୧୮ ପାଇଁ ସମ୍ପାଦିତ ହୋଇଛି। ଆସନ୍ତା ଦଶହରା ପୂର୍ବରୁ ସମସ୍ତ ଶ୍ରମିକ ବୋନସ ପାଇବେ ବୋଲି ୟୁନିୟନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

# କୋଶଳ ଜନତା ଦଳର ନୂଆ କର୍ମକର୍ତ୍ତା

**ରାଉରକେଲା ଅଫିସ,୧୩।୯**

କୋଶଳ ଜନତା ଦଳ ସମଗ୍ର ପଶ୍ଚିମ ଓଡ଼ିଶାରେ ଏହାର ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବ୍ୟାପକ ପଦକ୍ଷେପ ନେଇଛି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ବିଭିନ୍ନ ସ୍ଥାନରେ ସଭା, ବୈଠକ ଆୟୋଜନ କରିଦେଇଛି। ରାଉରକେଲାରେ ଆୟୋଜିତ ଦଳର କାର୍ଯ୍ୟକାରିଣୀ ବୈଠକରେ ଏ ନେଇ ବ୍ୟାପକ ବିଚାରବିମର୍ଶ କରାଯାଇଥିଲା। ସଂଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ନୂତନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏ ନେଇ ସଭାପତି ବୈଦ୍ୟନାଥ ମିଶ୍ର ଓ ମୁଖପାତ୍ର ସୁରମା ମିଶ୍ର ସୂଚନା ଦେଇଛନ୍ତି। ଏକ ବିବୃତିରେ କୁହାଯାଇଛି ଯେ ପଶ୍ଚିମ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଆଶା ଆକାଂକ୍ଷା ପୂରଣ କରିବା ନେଇ କୋଶଳ ଜନତା ଦଳ ହିଁ ଏକମାତ୍ର ବିକଳ୍ପ। ଦୀର୍ଘବର୍ଷ ଧରି ପଶ୍ଚିମ ଓଡ଼ିଶାବାସୀ ଅନେକ ଦଳ ଓ ଏହାର ପ୍ରତିନିଧିଙ୍କୁ ଭରସା କରି ଆସିଛନ୍ତି। ଏହା ସତ୍ତ୍ୱେ ଆଞ୍ଚଳିକ ବୈଷମ୍ୟତା ଲାଗି ରହିଛି। ପଶ୍ଚିମାଞ୍ଚଳର ବିକାଶ ସାଧନ ହୋଇପାରୁନାହିଁ। ନେତା ନିଜ ସ୍ୱାର୍ଥ ପାଇଁ ମୁହଁ ଖୋଲୁନାହାନ୍ତି। ଫଳରେ ଜନତା ତଥା ଅଞ୍ଚଳର ବିକାଶ ସାଧିତ ହୋଇ ପାରୁନି। ଏଣୁ ଏକ ନୂଆ ଆଶା ଓ ଉନ୍ମାଦନା ନେଇ କୋଶଳ ଜନତା ଦଳ ଗଠନ କରାଯାଇଛି। ଏ ନେଇ ପ୍ରତ୍ୟକ ବର୍ଗ ଆଗ୍ରହ ପ୍ରକାଶ କରିବା ଦେଖାଯାଉଛି। ଏଣୁ ଦଳ ଓ ଏହାର କାର୍ଯ୍ୟକ୍ରମକୁ ବ୍ୟାପକ ରୂପ ଦେବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ମିଶ୍ର କହିଛନ୍ତି। ଏହି ଅବସରରେ ସଭାପତି ମିଶ୍ର ସୂଚନା ଦେଇ କହିଛନ୍ତି ଯେ ସଂଗଠନର ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ରୂପେ ହରିହର ସାହୁଙ୍କୁ ଚୟନ କାରାଯାଇଛି। ପଦ୍ମପୁର ଆଦିବାସୀ ନେତା ମନୋରଞ୍ଜନ ସିଂ ବରିହାଙ୍କୁ ଦଳର ଉପସଭାପତି ରୂପେ ମୋନୋନୀତ କରାଯାଇଛି। ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଳର ପୂର୍ବତନ ସରପଞ୍ଚ ମହେଶ୍ୱର ପ୍ରଧାନଙ୍କୁ ଦଳରେ ଗ୍ରହଣ କରାଯାଇଛି। ତାଙ୍କୁ ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଛି। ସେହିଭଳି ପ୍ରକାଶ ପାଢ଼ୀଙ୍କୁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଲଳିତ ବାରିକ ଓ ବିଜୟ ଦାସ ଦଳର ସଦସ୍ୟତା ଗ୍ରହଣ କରିଥିବାରୁ ସଭାପତି ମିଶ୍ର ତାଙ୍କୁ ସ୍ୱାଗତ କରିଛନ୍ତି।

## ଓଡ଼ିଶା ପୋଲିସରେ ଖାଲି ପଡ଼ିଛି ୧୪ ହଜାର ପଦବୀ

# ରାଉରକେଲାରେ ୯୩ ଏସ୍ଆଇ ପଦବୀ ଖାଲି

**ରାଉରକେଲା ଅଫିସ,୧୩।୯**

ଓଡ଼ିଶା ପୋଲିସ ବିଭାଗରେ କନଷ୍ଟେବଲଠାରୁ ଡିଜି ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ପ୍ରାୟ ୧୪ହଜାର ପଦବୀ ଖାଲି ପଡ଼ିଛି। ଏହାଛଡ଼ା ଆଉ କେତେ ପଦବୀ ଖାଲି ଅଛି ସେ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ ଚାଲିଛି। ବିଧାୟକ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ବିବରଣୀରୁ ଏହା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଦେଇଥିବା ବିବରଣୀ ଅନୁଯାୟୀ ଗତ ଅଗଷ୍ଟ ପହିଲା ସୁଦ୍ଧା ରାଜ୍ୟରେ ଆଇଜି ପାହ୍ୟାର ୪, ଡିଆଇଜି ପାହ୍ୟାର ୧୧, ଏସ୍‌ପି ପାହ୍ୟାର ୧୧, କମାଣ୍ଡାଣ୍ଟ ପାହ୍ୟାର ୧୦ ଓ ଅତିରିକ୍ତ ଏସ୍‌ପି ପାହ୍ୟାର ୨୩ ପଦବୀ ଖାଲି ପଡ଼ିଛି। ଡେପୁଟି କମାଣ୍ଡାଣ୍ଟ ପାହ୍ୟାରେ ୧୮ ଓ ଏଏସ୍‌ପି ପାହ୍ୟାରେ ୧୧, ଡିଏସ୍‌ପି ପାହ୍ୟାରେ ୧୬୪ ପଦବୀ ଖାଲି ରହିଛି। ରାଜ୍ୟରେ ଇନ୍ସପେକ୍ଟର ପାହ୍ୟାରେ ବିଭିନ୍ନ କିସମର ୧୯୯ ପଦବୀ ଖାଲି ପଡ଼ିଥିବା ବେଳେ ୭ ସୁବେଦାର ମେଜର୍ ଓ ୧୧୨ ସୁବେଦାର ପଦବୀ ମଧ୍ୟ ଖାଲି ରହିଛି। ବ୍ରାସ୍ ବ୍ୟାଣ୍ଡ, ଷ୍ଟ୍ରିଙ୍ଗ୍ ବ୍ୟାଣ୍ଡ, ଫିଟର୍, ସିଫର୍ ଆଦିରେ ୬ ଇନ୍ସପେକ୍ଟର ପାହ୍ୟାର ପଦବୀ ଖାଲି ପଡ଼ିଥିବା ବେଳେ ୩୩ ସର୍ଜେଣ୍ଟ ଓ ୧୩୩୦ ସବ୍‌ଇନ୍ସପେକ୍ଟର ପଦବୀ ମଧ୍ୟ ଖାଲି ରହିଛି। ଏହାଛଡ଼ା ଆଉ ବିଭିନ୍ନ କିସମର ୨୭୭ଟି ଏସ୍ଆଇ ପଦବୀ ମଧ୍ୟ ଖାଲି ରହିଛି। ଡେପୁଟି ସୁବେଦାର ପାହ୍ୟାରେ ୨୨୨ ପଦବୀ ଖାଲି ପଡ଼ିଥିବା ବେଳେ ୭୬୨ ଏଏସ୍ଆଇ ପଦବୀ ମଧ୍ୟ ଖାଲି ରହିଛି। ଅନ୍ୟାନ୍ୟ କିସମର ୨୮୭ ଏଏସ୍ଆଇ ପାହ୍ୟାର ପଦବୀ ମଧ୍ୟ ଖାଲି। ହାବିଲଦାର ମେଜର୍ ପାହ୍ୟାରେ ୮୦, ହାବିଲଦାର୍ ପାହ୍ୟାରେ ବିଭିନ୍ନ କିସମର ୭୨୦ ପଦବୀ ଫାଙ୍କା ରହିଛି। ଲ୍ୟାନ୍ସ ନାଏକ ପାହ୍ୟାର ୩୮୧, ପଦବୀ ଖାଲି ପଡ଼ିଥିବା ବେଳେ ୧୮୭୯ ସାଧାରଣ କନଷ୍ଟେବଲ ପଦବୀ ଖାଲି ରହିଛି। ଏହାଛଡ଼ା ବିଭିନ୍ନ କିସମର ୧୬୩୫ ଅନ୍ୟ କନଷ୍ଟେବଲ ପଦବୀ ମଧ୍ୟ ଖାଲି। ସେହିରି ୧୧୪୬ ସିପାହୀ ପଦବୀ ଖାଲି ପଡ଼ିଥିବା ବେଳେ ଅନ୍ୟାନ୍ୟ କିସମର ୧୧୬ ସିପାହୀ ପଦବୀ ମଧ୍ୟ ଖାଲି ରହିଛି। ଏସ୍‌ଓଜିରେ ୮୯୭ ସିପାହୀ ପଦବୀ ଖାଲି ପଡ଼ିଥିବା ବେଳେ ଓଏପିଏଫ୍‌ରେ ୪୭୭ କନଷ୍ଟେବଲ ପଦବୀ ଖାଲି ଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ଅଗ୍ନିଶମ, କାରାଗାର, ଗୃହରକ୍ଷୀ ଆଦି ସଂସ୍ଥାରେ କେତେ ପଦବୀ ଖାଲି ଅଛି ସେ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରାଯାଉଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରଛନ୍ତି। ରାଉରକେଲା ପୋଲିସ ଜିଲାରେ ୨ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୨ ଇନ୍ସପେକ୍ଟର, ୯୩ ସବ୍‌ଇନ୍ସପେକ୍ଟର, ୨୭ ଏଏସ୍ଆଇ, ୪୪ କନଷ୍ଟେବଲ ସମେତ ମୋଟ ୨୪୬ ପଦବୀ ଖାଲି ପଡ଼ିଛି। ସୁନ୍ଦରଗଡ଼ ପୋଲିସ ଜିଲାରେ ମଧ୍ୟ ୧୩୦ ପଦବୀ ଖାଲି ପଡ଼ିଥିବା ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟରେ ଉଲ୍ଲେଖ କରାଯାଇଛି। ସାଧାରଣ ଲୋକଙ୍କ ଧନ ଜୀବନ ସୁରକ୍ଷା ସହ ଆଇନଶୃଙ୍ଖଳା ରକ୍ଷା ପୋଲିସର ମୁଖ୍ୟ କାର୍ଯ୍ୟ ହୋଇଥିବା ବେଳେ ଅଗ୍ନିଶମ, କାରାଗାର ଓ ଗୃହରକ୍ଷୀ ସଂସ୍ଥାର ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟରେ ଉତ୍କଟ ବେକାରୀ ସମସ୍ୟା ଲାଗି ରହିଥିବା ବେଳେ ଏହିସବୁ ସଂସ୍ଥାରେ ୧୪ ହଜାରରୁ ଅଧିକ ପଦବୀ ଖାଲି ପଡ଼ିଥିବା ନେଇ ବିଧାୟକ ରାୟ ଏକ ବିବୃତ୍ତିରେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତୁରନ୍ତ ଏ ସମସ୍ତ ପଦବୀ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ଭିତ୍ତିରେ ପୂରଣ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବେଦବ୍ୟାସ, ୧୩।୯ (ଡି.ଏନ.ଏ)-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ମହୁଲଡ଼ିପାରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଡମ୍ଫର ଧକ୍କାରେ ସ୍ଥାନୀୟ ଜଣେ ପଥଚାରୀ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତିଙ୍କ ନାମ ଜମ୍ବୁଆ ଲାକ୍ରା (୪୦)। ସେ ଦଣ୍ଡିଆପାଲି ପାର୍ଶ୍ୱରୁ ଗର୍ଜନ ଆଡକୁ ଯାଉଥିଲେ। ଏହି ସମୟରେ ଏକ ଡମ୍ଫର (ଓଆର୍ ୦୯ ଇ- ୫୦୯୦) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜମ୍ବୁଆଙ୍କ ମୃତଦେହ ଆରଜିଏଚର ମର୍ଗ ହାଉସରେ ରଖା ଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ଗାଡି ଜବତ ହୋଇଛି। ଘଟଣା ସ୍ଥଳରୁ ଗାଡି ଚାଳକ ଫେରାର ହୋଇଛନ୍ତି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

### ଦୋକାନରୁ ମୋବାଇଲ ସମେତ ସାମଗ୍ରୀ ଲୁଟ୍

**ବେଦବ୍ୟାସ, ୧୩।୯ (ଡି.ଏନ.ଏ)-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସଛକସ୍ଥିତ ରୋଜି କମ୍ୟୁନିକେଶନ୍ ନାମକ ଏକ ମୋବାଇଲ ଦୋକାନରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ସମେତ ସାମଗ୍ରୀ ଲୁଟ୍ ହୋଇଛି । ବୁଧବାର ରାତିରେ ଦୁର୍ବୃତ୍ତମାନେ ଦୋକାନର କବାଟ ଭାଙ୍ଗି ବିଭିନ୍ନ କମ୍ପାନୀର ମେମୋରି କାର୍ଡ, ହେଡ୍‌ଫୋନ୍, ମୋବାଇଲ ଚାର୍ଜର, ବ୍ୟାଟେରି ଓ ମୋବାଇଲ ସେଟ୍ ଲୁଟି ନେଇଥିବା ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ, ୨୦୧୫ରୁ ବର୍ତ୍ତମାନ ଭିତରେ ଏହି ଦୋକାନରୁ ପ୍ରାୟ ୪ଥର ଲୁଟ ହେଲାଣି। ସ୍ଥାନୀୟ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି।

## ଜ୍ୟୋତି ୧୧ ଫୁଟବଲ ଲିଗ୍
# ମୁରାଦିପାଲି ଚାମ୍ପିୟନ

**କୋଲାବିରା, ୧୩।୯ (ଡି.ଏନ୍.ଏ.)**

ଜ୍ୟୋତି କ୍ଲବ ଆନୁକୂଲ୍ୟରେ ଗତ ୯ ତାରିଖରୁ କୋଲାବିରା ବ୍ଲକ କୁଲିହାମାଲ ଖେଳପଡ଼ିଆରେ ଆରମ୍ଭ ହୋଇଥିବା ଜ୍ୟୋତି ୧୧ ଫୁଟବଲ ଲିଗ୍ ଉଦ୍‌ଯାପିତ ହୋଇଛି। ତଲସରା ଏସ୍ଏସ୍ କ୍ଲବ୍ ଏବଂ ମୁରାଦିପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ମୁରାଦିପାଲି ଏସ୍ଏସ୍ କ୍ଲବକୁ ୨–୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ କମିଟି ମୁଖ୍ୟ ସୌରେନ୍ଦ୍ର ନାଏକ, କୁଲିହାମାଲ ସରପଞ୍ଚ ଅଞ୍ଜନ କୁମାର ପଟେଲ, ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ନାଏକ, ସଚ୍ଚିଦାନନ୍ଦ ମରାଇ, ପ୍ରଫୁଲ୍ଲ ପଟେଲ, ଚିତ୍ରସେନ ଲରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସଅପ୍ ଦଳ ତଥା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରାଜେଶ ପଟେଲ, କୌଶିକ ଭୋଇ, ରାଜକୁମାର ମଣ୍ଡଳ, ସନ୍ଦ୍ର କିଷାନ ଓ ତ୍ରିଲୋଚନ ମାଝି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ବିଦ୍ୟା ଲରିଆ, ଗିରିଶ ନାଏକ, ନୀଳ ନାଏକଙ୍କ ସମେତ ଜ୍ୟୋତି ୧୧ ଯୁବକସଂଘ ସଭ୍ୟମାନେ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୧୦ ଟିମ୍ ଅଂଶଗ୍ରହଣ କରିଥିଲେ।



ମ୍ୟାଚ୍ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ପ୍ରତାରଣା କରି ବିବାହିତ ପ୍ରେମିକ ଜେଲ ଗଲେ

**ଭବାନୀପାଟଣା, ୧୩।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା ପରିଆ ଗ୍ରାମର ବିବାହିତ ଯୁବକ ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରି ପରେ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ତାଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପରିଆ ଗ୍ରାମର ଜଣେ ବିବାହିତ ଯୁବକ ଗୁଣନିଧି ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଗତ ୨୦୧୮ ମେ ୧୨ ତାରିଖରେ ଉଭୟ ଗାଁରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତା ଯୁବତୀଙ୍କୁ ସାଙ୍ଗରେ ନେଇ ଗୁଣନିଧୀ ଗୁଜୁରାଟ ଚାଲିଯାଇଥିଲା। ସେଠାରୁ ଫେରି ଗୁଣନିଧୀ କେସିଙ୍ଗା ନିକଟସ୍ଥ ବ୍ରାହ୍ମଣୀ ଗାଁରେ ତାଙ୍କୁ ରଖିଥିଲେ। ପରେ ସମ୍ପୃକ୍ତା ଯୁବତୀଙ୍କୁ ଏକୁଟିଆ ଛାଡି ଗତ ୩୦ ତାରିଖରେ ଗୁଣନିଧି ଚାଲିଯାଇଥିଲା।



ନୂଆଁଖାଇ ପାଇଁ ମହିଳାମାନେ କୁରେଇ ପତ୍ରରେ ଦନା ପ୍ରସ୍ତୁତ କରୁଛନ୍ତି।

# ଆଜି ନୂଆଁଖାଇ: ପ୍ରସ୍ତୁତି ଚୂଡ଼ାନ୍ତ

**ଲଇକେରା, ୧୩।୯ (ଡି.ଏନ୍.ଏ.)**

ଶୁକ୍ରବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଥି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ନବାନ୍ନ ଭକ୍ଷଣ କରିବେ ପଶ୍ଚିମ ଓଡ଼ିଶାବାସୀ। ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେଲା ପରେ ଘରେ ଘରେ ଇଷ୍ଟ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରାଯିବ। ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ନବାନ୍ନ ଭକ୍ଷଣ କରି ପରସ୍ପରକୁ ନୂଆଁଖାଇ ଜୁହାର କରିବେ। ନୂଆଁଖାଇ ପାଇଁ ଗୁରୁବାର ଦୋକାନ ବଜାରରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଲାଗିଥିଲା। ବାହାରେ ରହୁଥିବା ଲୋକେ ଗାଁକୁ ଫେରିଛନ୍ତି। ସେହିପରି ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରୀଛାତ୍ର ବି ଘରକୁ ଫେରିଛନ୍ତି। ଘରେ ଘରେ ପିଠାପଣା ସହ କୁରେଇ ପତ୍ରରେ ଦନା ପ୍ରସ୍ତୁତିରେ ମହିଳାମାନେ ଲାଗିପଡ଼ିଛନ୍ତି।

## ଫଟୋରେ ଖବର







ଝାରସୁଗୁଡ଼ା ଅମଲିପାଲିଠାରେ ଚିହ୍ନଟ ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳରେ ଗୁରୁବାର ଭୂମିପୂଜା କରାଯାଉଛି(ବାମ)। ଝାରସୁଗୁଡ଼ା ଡବଲିଂ କଲୋନୀରେ ନିର୍ମିତ ବିଶାଳ ମୂର୍ତ୍ତି। ଏହି ମୂର୍ତ୍ତିର ଉଚ୍ଚତା ପ୍ରାୟ ୨୮ ଫୁଟ ବୋଲି ଆୟୋଜକ ସୂଚନା ଦେଇଛନ୍ତି (ମଝି)। ସୁନ୍ଦରଗଡ଼ ସୁନାରିପଡ଼ାରେ ବାଦାମରେ ପ୍ରସ୍ତୁତ ଗଣେଶଙ୍କ ପ୍ରତିମୂର୍ତ୍ତି।



ଗାଇଡେଗାରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

# କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**ବାଲିଶଙ୍କରା, ୧୩।୯ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକ ତିଲଡେଗା ପଞ୍ଚାୟତ ଗାଇଡେଗାରେ ନବ ନିର୍ମିତ କମ୍ୟୁନିଟି ସେଣ୍ଟର ଗୁରୁବାର ଉଦ୍‌ଘାଟିତ ହୋଇଛି। ତଲସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ରାଜୀବ ଭିତ୍ରିଆ, ସୁଖମନ ଭିତ୍ରିଆ, କୈଳାଶ ତନ୍ତି, ଅଶୋକ ପଟେଲ, ମଙ୍ଗଳ ପ୍ରସାଦ ଭିତ୍ରିଆ, ମହେନ୍ଦ୍ର ନାଏକ ପ୍ରମୁଖ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୁବକ ସଂଘ ସଭାପତି ବିନୋଦଚନ୍ଦ୍ର ମାଝି, ଉପସଭାପତି ଧର୍ମେନ୍ଦ୍ର ନାଏକ, କୋଷାଧ୍ୟକ୍ଷ କମଳକାନ୍ତ ରଣା, ସଂପାଦକ ନିମାଇଁ ଚରଣ ମାଝି, ଦୂବରାଜ ସେଠ, ଲିଙ୍ଗ ନାଏକ, ଗଙ୍ଗାଧର ନାଏକ, ହରିହର ନାଏକ, ଗଣେଷ ମାଝି, ହୁସେନ ମାଝି, ସନ୍ତୋଷ ଦଣ୍ଡସେନା, ଧର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମହେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ଦାୟିତ୍ୱବୋଧତା ପାଇଁ ଓସିଏଲ ପୁରସ୍କୃତ

**ରାଜଗାଙ୍ଗପୁର, ୧୩।୯ (ଡି.ଏନ.ଏ.)**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ପ୍ରମୁଖ କମ୍ପାନୀ ଓସିଏଲ ଇଣ୍ଡିଆ ଲିମିଟେଡ ସାମାଜିକ ଦାୟିତ୍ୱବୋଧତା ପାଇଁ ସିଏସଆର କମ୍ୟୁନିଟି ଇନିସିଏଟିଭସ୍ ପୁରସ୍କାର ହାସଲ କରିଛି । ଏହି ପୁରସ୍କାରକୁ ଓସିଏଲ ଇଣ୍ଡିଆ ଲିମିଟେଡର ମୁଖ୍ୟ ସିଏସଆର ଡ. ନିଳାଦ୍ରୀ ପାରହି ଓ ଡାଲମିଆ ଭାରତ ଫାଉଣ୍ଡେସନର ମୁଖ୍ୟ ବିଶାଳ ଭାରଦ୍ୱାଜ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କଠାରୁ ଗ୍ରହଣ କରିଛନ୍ତି ।




ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କଠାରୁ ଓସିଏଲ ଅଧିକାରୀ ପୁରସ୍କାର ଗ୍ରହଣ କରିଛନ୍ତି ।

# ଚାନ୍ଦା ଆଦାୟ କରି ୩ ଗିରଫ

**ସୋନପୁର, ୧୩।୯ (ନି.ପ୍ର.)**

ସୋନପୁର–ଡୁଙ୍ଗୁରିପାଲି ରାଜ୍ୟ ରାଜପଥର ବିଶାଳପାଲି ଛକ ଠାରେ ଚାନ୍ଦା ଆଦାୟ କରିବା ଅଭିଯୋଗରେ ବିନିକା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ବୁଧବାର ରାତି ସାଢେ ୧୨ଟାରୁ ଗୋଟାଏ ମଧ୍ୟରେ ବିନିକା ରଥପଡାର ମିଥୁନ ଦାନୀ(୨୫), ଧୀବରପଡାର ପପୁନ ବେହେରା(୨୩) ଓ ଡେଲି ମାର୍କେଟ୍‌ର ଅଜାମିଳ ଭୋଇ(୪୨) ବଳପୂର୍ବକ ଚାନ୍ଦା ଆଦାୟ କରୁଥିଲେ । ରାମପୁର ଅଭିମୁଖେ ଯାଉଥିବା ଏକ ପରିବା ବୋଝେଇ ୪୦୭ ଟ୍ରକ୍‌କୁ ସେମାନେ ରାସ୍ତା ମଝିରେ ଅଟକ ରଖିଥିଲେ । ସୂଚନା ପାଇ ପୋଲିସ ଚଢାଉ କରି ମିଥୁନ, ପପୁନ ଓ ଅଜାମିଳଙ୍କୁ ଗିରଫ କରିଛି।

# ପର୍ଯ୍ୟଟନସ୍ଥଳ ହେବ ଭୀମ ମଣ୍ଡଳୀ

**ରେଢ଼ାଖୋଲ, ୧୩।୯ (ଡି.ଏନ.ଏ)**

- ଚିଠି ଲେଖିଲେ ପର୍ଯ୍ୟଟନ ସଚିବ
- ବିସ୍ତୃତ ରିପୋର୍ଟ ଦେବେ ଜିଲାପାଳ
- ଜିଲା ପର୍ଯ୍ୟଟନ ଅଧିକାରୀ ବି ସର୍ଭେ ରିପୋର୍ଟ ଦେବେ
- ବିଧାୟକ ରୋହିତ ପୂଜାରୀଙ୍କ ଉଦ୍ୟମ ସଫଳ ହେବ

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡର ନାକଟିଦେଳ ବ୍ଲକ ଅଧୀନ ଭୀମ ମଣ୍ଡଳିକୁ ପର୍ଯ୍ୟଟନ ସ୍ଥଳ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଭୀମମଣ୍ଡଳିକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାକୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଲେଖି ଦାବି କରିଥିଲେ। ଏ ନେଇ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ନୀତିନ ଭାନୁଦାସ ଜାୱଲେ ଗତ ୧ ତାରିଖ ପତ୍ର ସଂଖ୍ୟା ୮୧୮୪ (ଟିଏସଏସ)ରେ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କୁ ଭୀମମଣ୍ଡଳୀକୁ ଚିହ୍ନଟ କରି ଏକ ବିସ୍ତୃତ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ମଧ୍ୟ ଭୀମ ମଣ୍ଡଳୀର ସ୍ଥାନ ଚିହ୍ନଟ ସହ ଏକ ସର୍ଭେ ରିପୋର୍ଟ ଜିଲାପାଳଙ୍କ ମାଧ୍ୟମରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରେଢ଼ାଖୋଲେରୁ ନାକଟିଦେଉଳ ଯିବା ରାସ୍ତାରେ ପ୍ରାୟ ୨୮ କି.ମି. ପରେ ପଡିବ ପେଣ୍ଠବାହାଲ ଗାଁ। ଏହି ଗାଁ ନିକଟରେ ବହିଯାଇଥିବା ଚମ୍ପାଳି ଯୋରର କଡରେ ପ୍ରାୟ ୫କି.ମି. ଯିବା ପରେ ପଡିବ ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଭୀମ ମଣ୍ଡଳି । କିମ୍ବଦନ୍ତି କହେ ପଞ୍ଚୁପାଣ୍ଡବମାନେ ଅଜ୍ଞାତ ବାସ ସମୟରେ ଏହି ସ୍ଥାନରେ ରହିଥିଲେ। ଭୀମଙ୍କ ଦ୍ୱାରା ବନ୍ଧାଯାଇଥିବା ପଥର ବନ୍ଧ ଓ ବଡ ବଡ ଗୁମ୍ଫା ଏଠାରେ ରହିଛି । ଏଠାରେ ଏକ ଗୁପ୍ତେଶ୍ୱର ମନ୍ଦିର ମଧ୍ୟ ରହିଛି। ଭୀମ ମଣ୍ଡଳିରେ ଥିବା ଗୁମ୍ଫାରେ ଛୋଟ ଛୋଟ କୋଠରି ମଧ୍ୟ ରହିଛି।



ଡୁଡାଲଗା କନ୍ୟାଶ୍ରମ ଖେଳ ପଡିଆରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର।

## ବଡଗାଁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ
# ଶତାଧିକ ଛାତ୍ରୀଛାତ୍ର କ୍ରୀଡ଼ା କୌଶଳ ଦେଖାଇଲେ

**ବଡଗାଁ, ୧୩।୯ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା କନ୍ୟାଶ୍ରମ ଖେଳ ପଡିଆରେ ମଙ୍ଗଳବାର ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ହାଇସ୍କୁଲ ସମୂହ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଏଥିରେ ଖୋଖୋ, କବାଡି ଓ ଫୁଟବଲ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୦ଟି ହାଇସ୍କୁଲର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଇଓ ସାରଙ୍ଗଧର ବରିହା, ଏବିଇଓ ବେଣୁମାଧବ ବିଶି, ଆଗୁଷ୍ଟିନ୍ ଲୁଗୁନ, ଏମ. ମଲ୍ଲିକ, ବଡଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟପ୍ରିୟ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ଏକମା ପଞ୍ଚାୟତ ହାଇସ୍କୁଲର ପିଇଟି ଗଣେଶ ବାରିକ ମଞ୍ଚ ପରିଚାଳନା କରିଥିଲେ। ଖୋଖୋ, କବାଡିରେ ୨୪୨ ଓ ଫୁଟବଲରେ ୧୪୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପିଇଟି ପ୍ରଭାତ କୁମାର ଦ୍ୱାରି, ଚିତ୍ତରଞ୍ଜନ ଡାକୁଆ, ମୁରଲୀଧର ବେହେରା, ଉଗ୍ରସେନ ବେହେରା, ସୁଲୋଚନା ନାଏକ, ସବିତା ପଟେଲ, ରେଣୁକା ମହାରଣା ଖେଳ ପରିଚାଳନା କରିଥିଲେ । ଆସନ୍ତା ୧୭ରୁ ୧୯ ତାରିଖ ବନ୍ଦପାଲି ହାଇସ୍କୁଲରେ କବାଡି, ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଗିରିଙ୍ଗକେଲା କେସିପି ହାଇସ୍କୁଲରେ ଖୋଖୋ ଏବଂ ବଣେଇରେ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ହେବ।

# ବ୍ଲକ୍ ଅଫିସ ଆଗରେ ଧାରଣା ଦେଲେ ଶିକ୍ଷକ

**ଲହୁଣୀପଡ଼ା, ୧୩।୯ (ଡି.ଏନ.ଏ)**

ଲହୁଣୀପଡ଼ା ବ୍ଲକ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ବ୍ଲକ କାର୍ଯ୍ୟାଳୟଠାରେ ଧାରଣା ଦେଇଛନ୍ତି। ଏହି ଅବସରରେ ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। କାର୍ତ୍ତିକଚନ୍ଦ୍ର ସାହୁଙ୍କ ନେତୃତ୍ୱରେ, ହରିଶ୍ଚନ୍ଦ୍ର ମହାନ୍ତ, ସୁଜିତ କୁମାର ମେଲି, ନେତ୍ରାନନ୍ଦ ପ୍ରଧାନ, ପ୍ରେମାନନ୍ଦ ମାହାନ୍ତ, ପ୍ରଶାନ୍ତ କିଶୋର ଚଇନ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବାଣେଶ୍ୱର ମାହାନ୍ତ, ଦୀପ୍ତି ମଞ୍ଜରୀ ମହାକୁଳ, ନାରାୟଣ ବାରିକ, ସନ୍ଧ୍ୟାରାଣୀ ପ୍ରଧାନ, ହଳଧର ମାହାନ୍ତ, ରଶ୍ମିତା ମାହାନ୍ତ, ଦେବରାଜ ପ୍ରଧାନ, ଦୁର୍ଯ୍ୟୋଧନ ମହାନ୍ତ, ଅର୍ଜୁନ ସିଂ, ସୁରେଶଚନ୍ଦ୍ର ନାଏକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




ଲହଣୀପଡା ବ୍ଲକ୍ ଅଫିସ ଆଗରେ ଶିକ୍ଷକମାନେ ଧାରଣାରେ ବସିଛନ୍ତି।